# ପରଜା
# ଲୋକ ସାହିତ୍ୟ





ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେ଼ମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

# ପରଜା ଲୋକ ସାହିତ୍ୟ

ନିର୍ଦ୍ଦେଶନା:

ଡ଼ଃ ଅନନ୍ତ ଚରଣ ସାହୁ

ତଥ୍ୟ ସଂଗ୍ରହ :

ଶ୍ରୀ ଯୁଧିଷ୍ଠିର ସାହୁ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ପରଜା ଲୋକ ସାହିତ୍ୟ


*ସମ୍ପାଦନା* : ଡ଼ଃ ଅନନ୍ତ ଚରଣ ସାହୁ
ନିର୍ଦ୍ଦେଶକ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଭୁବନେଶ୍ବର

*© ପ୍ରକାଶକ* : ନିର୍ଦ୍ଦେଶକ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପଡିଆ
ୟୁନିଟ୍ - ୧, ଭୁବନେଶ୍ବର - ୭୫୧ ୦୦୯

*ପ୍ରଥମ ପ୍ରକାଶ* : ଜାନୁୟାରୀ, ୨୦୦୭

ମୁଦ୍ରଣ : ଭୋଲାନାଥ ପ୍ରେସ୍
୧୨୦୧/୧୬୦୧, ବମିଖାଲ, ଭୁବନେଶ୍ବର-୧୦
ଫୋନ୍ : ୨୫୮୦୭୨୮

ମୂଲ୍ୟ : ୫୬.୦୦ ଟଙ୍କା ମାତ୍ର


## PARAJA LOKA SAHITYA


***Editor*** : **Dr. A. C. Sahoo**
Director, ATDC

***© Publisher*** : Director
Academy of Tribal Dialects & Culture
Adivasi Exhibition Ground
Unit - I, Bhubaneswar - 751 009

***First Edition*** : January,2007

Printed at : Bholanath Press
1201/1601, Bomikhal, Bhubaneswar-10
Ph. 2580728

Price : Rs. 56.00 only

# ମୁଖବନ୍ଧ

ବହୁବର୍ଣ୍ଣା ପ୍ରାକୃତିକ ପରିବେଶ ମଧ୍ୟରେ ସରଳ ତଥା ନିରାଡମ୍ବର ଜନମାନସର ସହଜ ଓ କାବ୍ୟିକ ପରିପ୍ରକାଶ ହିଁ ବାଚିକ ପରମ୍ପରା । ସେଠି ଆକଟ ନାହିଁ, ବୌଦ୍ଧିକ ଚିନ୍ତନର ଆବଶ୍ୟକତା ନାହିଁ । ଅଛି କେବଳ ସ୍ୱତଃ ସ୍ଫୁର୍ତ୍ତ ଭାବରେ ମନର ପରିପ୍ରକାଶ ଯାହା ପାହାଡ଼ି ଝରଣା ପରି ଚଳଚଞ୍ଚଳ ଓ ମନୋରମ । ପ୍ରତ୍ୟେକ ଜନଜାତି ସମାଜର ବାଚିକ ପରମ୍ପରା ଏହି ଧାରାରେ ଗତିଶୀଳ । ମୁହଁରୁ ମୁହଁ ତଥା ପିଢ଼ିରୁ ପିଢ଼ି ଏହା ମାର୍ଜିତ ହୋଇ ପ୍ରତ୍ୟେକ ପିଢ଼ିରେ କଥକ ବା ଗାୟକ/ଗାୟିକାଙ୍କର ସୃଜନଶୀଳ ଆବେଗକୁ ନେଇ ବିବର୍ତ୍ତିତ । ସଂପୃକ୍ତ ସଂସ୍କୃତିରେ କ୍ରମଃ ପୁଷ୍ଟ ହୋଇ ସେହି ବାଚିକ ବା ଲୋକ ପରମ୍ପରା କ୍ରମଶଃ ସାଂସ୍କୃତିକ ଉପାଦାନ ସବୁ ଗ୍ରହଣ କରି ସାମାଜିକ ସଂସ୍କୃତିର କର୍ମଆଧାରିତ ହୋଇଯାଏ । ଜନଜାତୀୟ ସଂସ୍କୃତିର ବାଚିକ ପରଂପରାକୁ ଅନୁଶୀଳନ କଲେ ଏହାର ଯର୍ଥାର୍ଥତା ଅନୁଭବ କରିହୁଏ । ତେଣୁ ପ୍ରଜାତିକ ସଂସ୍କୃତିର ଐତିହ୍ୟ ଏବଂ ତାହାର ଜୀବନଯାପନ ପ୍ରଣାଳୀର ବୈଚିତ୍ର୍ୟ ଆକଳନ କରିବା ଦିଗରେ ତାଙ୍କ ଭାଷାର ବାଚିକ ପରଂପରା ହେଉଛି ଏକ ନିର୍ଭରଯୋଗ୍ୟ ଉପାଦାନ । ସଂପୃକ୍ତ ଭାଷା ଗୋଷ୍ଠୀର ବାଚିକ ପରମ୍ପରା ଅର୍ଥାତ୍ ସୃଷ୍ଟିମିଥ୍, ପ୍ରଚଳିତ କିମ୍ବଦନ୍ତୀ, ଗୀତ, କାହାଣୀ, ଉକ୍ତି, ପ୍ରତ୍ୟୁକ୍ତି, ପ୍ରବଚନ, ନୃତ୍ୟ, ସଂଗୀତ ପ୍ରଭୃତିକୁ ସାମଗ୍ରୀକ ସଂସ୍କୃତିର ଏକ ମୁଖ୍ୟ ଅଂଶ ହିସାବରେ ଗ୍ରହଣ କରାଯାଏ । ଏହାକୁ ମଧ୍ୟ ତଥାକଥିତ ସରଳ ତଥା ନିରାଡମ୍ବର ଜନ ସମୁଦାୟର ମନୋରଞ୍ଜନର ଏକ ସଫଳ ମାଧ୍ୟମ ହିସାବରେ ନିଆଯାଇପାରେ ।

ଲୋକ ସଂସ୍କୃତିର ଏକ ବିଶିଷ୍ଟ ବିଭାଗ ହେଉଛି ଲୋକ ସାହିତ୍ୟ । ଏହାକୁ ରଚନା କରିବା ନିମନ୍ତେ କୌଣସି ସଚେତନ ପ୍ରୟାସର ଆବଶ୍ୟକ ନଥାଏ । ଲୋକ  ଗଳ୍ପର କଥକ ବା ଲୋକ ସଂଗୀତର ଗାୟକ କୌଣସି ନିର୍ଦ୍ଦିଷ୍ଟ ଶୈଳୀକୁ ଅନୁକରଣ କରିନଥାନ୍ତି । ଶାସ୍ୱତ ପ୍ରକୃତି କୋଳରୁ ସେମାନେ ସଂଗ୍ରହ କରିଥାନ୍ତି ଆବଶ୍ୟକ ଅନୁସାରେ କିମ୍ବଦନ୍ତୀ, ଗୀତ, ପ୍ରବଚନର ଧାରା । ସମୟାନୁକ୍ରମେ ବାସ୍ତବ ଘଟଣାର ରୂପାନ୍ତରିତ ଘଟେ । କଥକତା ଶୈଳୀରେ ତାହା ଗତି କରି ଲୋକ-ସାହିତ୍ୟର ସାମଗ୍ରୀ ହୋଇଯାଏ ।

ସଂପ୍ରତି ଜଗତିକରଣ ଓ ବସ୍ତୁ ସଂସ୍କୃତିରେ ଲୋକ ପରଂପରା ଲୋପ ପାଇଯାଉଥିବା ବେଳେ ଜନଜାତୀୟ ଲୋକ ମୌଖିକ ପରଂପରା ଯୋଗୁଁ ତାଙ୍କ ଲୋକ ମୌଖିକ ପରଂପରା ଯଦିଓ ପରିବର୍ତ୍ତିତ ତଥାପି ଅନ୍ତଃସ୍ରୋତ ଅଦ୍ୟାବଧି ପ୍ରବାହିତ । ମାତ୍ର ପୂର୍ବର ଶ୍ରୀ ଆଉ ନାହିଁ । ବିଶେଷତଃ ଯୁବପିଢ଼ୀ ଏ ପରମ୍ପରା ପ୍ରତି ବିତସ୍ପୃହ । ଗଣମାଧ୍ୟମର ବହୁଳ ପ୍ରସାର ଫଳରେ ସେମାନେ ପଥହରା । ଲୋକ ସାହିତ୍ୟର ପାରମ୍ପରିକ ଗୁରୁମାନେ ଆଜିର ପରିସ୍ଥିତିରେ ଅଲୋଡ଼ା ଅଖୋଜା । ଏହି ପରଂପରାଟି ବିଲୀନ ହୋଇଯିବା ପୂର୍ବରୁ, ତାର ଶେଷ ମଣିଷଟି ଇହଲୀଳା ସମ୍ବରଣ କରିବା ପୂର୍ବରୁ ତା'ର କଥାନକୁ ସାଉଁଟିବାର ଏହାହିଁ ହେଉଛି ମହାମୁହୂର୍ତ୍ତ ।

ଜନଜାତି ବହୁଳ ରାଜ୍ୟ ଓଡ଼ିଶାରେ ବସବାସ କରୁଥିବା ଜନଜାତିମାନଙ୍କର ମୌଖିକ ପରମ୍ପରାକୁ ସଂରକ୍ଷଣ ଓ ପ୍ରକାଶନ କରିବା ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଅନବରତ ଉଦ୍ୟମ ଜାରି ରଖିଛି । ସୀମିତ ସମ୍ବଳ ଭିତରେ ଏହି ଉଦ୍ୟମର ଅଂଶସ୍ୱରୂପ ସାନ୍ତାଳ ଲୋକ କାହାଣୀ, ବାଥୁଡ଼ି ଲୋକ ସାହିତ୍ୟ, ଗଣସଂସ୍କୃତି ଓ ଲୋକ ସାହିତ୍ୟ ପ୍ରକାଶ କରାଯାଇଛି । ଏହି ପ୍ରଭାଗରେ 'ପରଜା ଲୋକ ସାହିତ୍ୟ' ସଂକଳନ ଅନ୍ୟତମ ଉଦ୍ୟମ । ଉଭୟ ଓଡ଼ିଆ ଓ ପରଜା ଭାଷାରେ ଅନୁବାଦ ସହ ପରଜା ଲୋକକଥା, କିମ୍ବଦନ୍ତୀ, ଲୋକଗୀତ ସଂଗ୍ରହ କରାଯାଇ ଏହି ସଂକଳନକୁ ପୁଷ୍ଟ କରାଯାଇଛି । ପୁସ୍ତିକା ନିମନ୍ତେ ତଥ୍ୟ ସଂଗ୍ରହ କରିବାରେ ଶ୍ରୀ ଯୁଧିଷ୍ଠିର ସାହୁଙ୍କ ଅବଦାନ ଅନସ୍ୱିକାର୍ଯ୍ୟ । ପରଜା ଭାଷାର ପରିମାର୍ଜନ କରିଥିବାରୁ ଭଗବାନ ନାୟକ(ଛାପର, କୋରାପୁଟ)ଙ୍କ ନିକଟରେ ଏକାଡ଼େମୀ କୃତଜ୍ଞ । ସର୍ବଶେଷରେ ଏହି ସଂକଳନକୁ ପୂର୍ଣ୍ଣାଙ୍ଗ ରୂପ ଦେବାରେ କୁମୁଦିନୀ ରାୟଙ୍କ ପ୍ରଚେଷ୍ଟା ଅଭିନନ୍ଦନୀୟ । 'ପରଜା ଲୋକ ସାହିତ୍ୟ' ପ୍ରକାଶନ ଅବସରରେ ଏକାଡ଼େମୀ ତରଫରୁ ଏମାନଙ୍କୁ ଆନ୍ତରିକ ଧନ୍ୟବାଦ । ପରଜା ଜନଜାତିର ଲୋକଗୀତ, ଲୋକ କାହାଣୀ ସନ୍ନିବେଶିତ ଏହି ଗ୍ରନ୍ଥଟି ଗବେଷକ, ଛାତ୍ର ତଥା ସଂସ୍କୃତି ପ୍ରେମୀ ସୁଧୀପାଠକଙ୍କର ପାଠକୀୟ ସ୍ୱୀକୃତି ଲାଭକରିବ ବୋଲି ଆଶା କରାଯାଏ ।

ଅନନ୍ତ ଚରଣ ସାହୁ

ନିର୍ଦ୍ଦେଶକ

# ସୂଚୀପତ୍ର


| କ୍ର.ସଂ | ବିଷୟ | ପୃଷ୍ଠା |
|---|---|---|
| I. | ମୁଖବନ୍ଧ | |
| ୧. | ଉପକ୍ରମଣିକା | ୦୧-୨୦ |
| | **ଲୋକ କାହାଣୀ** | |
| ୨. | ଗଣ୍ଡା ଗଯିଲ୍ କତା (ଗଣ୍ଡା ଗୟଳ କଥା) | ୨୧-୨୬ |
| ୩. | କଲିଆ କୁକ୍ତା କତା(କଲିଆ କୁକୁଡ଼ା କଥା) | ୨୭-୩୦ |
| ୪. | ସାତ୍‌ବାଇ(ସାତଭାଇ) | ୩୧-୩୫ |
| ୫. | କାତା କତା(ଠେକୁଆ କଥା) | ୩୬-୩୮ |
| ୬. | ଛେଡିଆ ହିଲ୍ଲାର କତା(ଛେଳିଆ ପିଲାର କଥା) | ୩୯-୪୪ |
| ୭. | ବାଘ୍ ଗଇଲ୍ କାତା(ବାଘ ଓ ଗୟଳ କଥା) | ୪୫-୪୭ |
| ୮. | ବାଘ୍ କୁଆଇଁ କତା(ବାଘ କ୍ୱାଇଁ କଥା) | ୪୮-୫୫ |
| ୯. | ବିରିପିଟା(ବିରିପିଠା) | ୫୬-୫୭ |
| ୧୦. | ବୁଡାବୁଡୀର୍ କତା(ବୁଢ଼ା ବୁଢ଼ୀ କଥା) | ୫୮-୬୦ |
| ୧୧. | ବଦାମୁଦୁଲି ଚନ୍ଦାନ୍‌ଜାନୀ | ୬୧-୬୨ |
| ୧୨. | ବାଘଛେଡି କତା(ବାଘ ଛେଳି କଥା) | ୬୩-୬୬ |
| ୧୩. | ଛେଡିଆ ହିଲ୍ଲାର କତା(ଛେଳିଆ ପିଲାର କଥା) | ୬୭-୭୦ |
| ୧୪. | ମାଟି ଦେଇ୍ ଆର୍ କାତା ମାଉଶାଦ୍ (ମାଟି ପିଣ୍ଡୁଳା ଓ ଠେକୁଆ) | ୭୧-୭୨ |
| ୧୫. | ମାକଡ୍ ଆର୍ ଶବର୍(ମାଙ୍କଡ ଓ ଶବର) | ୭୩-୭୫ |
| ୧୬. | ଘୋଡା ଡିମ୍(ଘୋଡ଼ା ଡ଼ିମ୍ବ) | ୭୬-୭୮ |
| ୧୭. | ଧରମ୍ ଅଧରମ୍(ଧର୍ମ ଅଧର୍ମ) | ୭୯-୮୦ |

| କ୍ର.ସଂ | ବିଷୟ | ପୃଷ୍ଠା |
|---|---|---|
| | **ଲୋକ ଗୀତ** | |
| ୧. | ଚିକନ୍‌ପୁଚ୍‌ନୀ ଗୀତ୍(ବିବାହ ସମୟର ଗୀତ) | ୭୧ |
| ୨. | ଲୋରୀ ମାଗୁଯାତା ଗୀତ୍(ବନ୍ଦଣୀ ମାଗିଯିବା ଗୀତ) | ୮୨-୮୩ |
| ୩. | ହିଲ୍ଲା କାନ୍ଦ୍‌ଲେକ୍ ବୁଝାଉତା ଗୀତ୍ (ପିଲା କାନ୍ଦିଲେ ବୁଝାଇବା ଗୀତ) | ୮୩ |
| ୪. | ଗୁଞ୍ଜି ଗୀତ୍(ପୌଷ ପର୍ବ ସମୟର ଗୀତ) | ୮୪-୮୬ |
| ୫. | ଅବସର ବିନୋଦନ ସମୟର ଗୀତ | ୮୭-୮୮ |
| ୬. | ନାଁ ଧରାଣୀ (ଶିଶୁର ନାମଦେବା ଗୀତ) | ୮୮-୮୯ |
| ୭. | ହିଲ୍ଲା ବୁଝାଉତା ଗୀତ୍(ଶିଶୁକୁ ବୁଝାଇବା ଗୀତ) | ୮୯-୯୦ |
| ୮. | ଜନମାମୁଁ ଗୀତ୍(ଜହ୍ନମାମୁଁ ଗୀତ) | ୯୦-୯୧ |
| ୯. | ଗୁଡିଗର୍ ହୁଜା ଗୀତ୍(ପୁଷ୍ ପରବର ଠାକୁର ପୂଜା ଗୀତ) | ୯୨-୯୩ |
| ୧୦. | ଦିଆଡି ହରବ୍ ଗୀତ୍(ଦୀପାବଲୀ ପର୍ବ ଗୀତ) | ୯୩-୯୪ |
| ୧୧. | ଲନ୍ଦା କାତା ଗୀତ୍ (ଲନ୍ଦା ଖାଇବା ସମୟର ଗୀତ) | ୯୫-୯୬ |
| ୧୨. | ଲୁତୁକାଡା ଗୀତ୍(ଲୁତୁଖେଳ ଗୀତ) | ୯୭ |
| ୧୩. | ରିଞ୍ଚିଡ୍ ଗୀତ୍ | ୯୮ |
| ୧୪. | କୌତୁକ ଗୀତ୍ | ୯୮-୯୯ |
| ୧୫. | ଖେଡ଼ାଇବା ଗୀତ୍(ବାଲାଇରାଣୀକୁ ଖେଳ ମାଧମରେ ଆଦେଶ ଦେବା ଗୀତ) | ୯୯-୧୦୧ |
| ୧୬. | ଉଭ୍ରାଉରାଗୀତ୍(ମାତାଙ୍କୁ ପ୍ରକୃତିସ୍ଥ କରିବା ଗୀତ) | ୧୦୧-୧୦୫ |
| ୧୭. | ଅଲିଗୀତ୍(ଚଇତ ପରବରେ ଉଭୟ ପୁରୁଷ ଓ ନାରୀ ମିଶିକରି ବୋଲୁଥିବା ଗୀତ) | ୧୦୫-୧୦୭ |
| ୧୮. | ବଂଜଡ୍ରୀ ଗୀତ୍ | ୧୦୭ |
| ୧୯. | ପୁଷ୍ ହରବ୍ ରିଂଜତୀ ଗୀତ୍ | ୧୦୮-୧୦୯ |

| କ୍ର.ସଂ | ବିଷୟ | ପୃଷ୍ଠା |
|---|---|---|
| ୨୦. | ବୁଢୀ ନ ଯାଇଁ ଗୀତ୍ | ୧୦୯-୧୧୦ |
| ୨୧. | ଡଙ୍ଗରଡିଆଁ ଗୀତ୍ | ୧୧୦-୧୧୧ |
| ୨୨. | ନୂଆକତାର ଗୀତ୍ | ୧୧୨ |
| ୨୩. | ଲନ୍ଦି ଯାତ୍ରା ଯାତା ଗୀତ୍ | ୧୧୩-୧୧୪ |
| ୨୪. | କାମା ଗୀତ୍ (ବିବାହର କୌତୁକ ଗୀତ) | ୧୧୪-୧୨୧ |
| ୨୫. | ପୁଷ୍ ହରବ୍ ଗୀତ୍ | ୧୨୧-୧୩୪ |
| ୨୬. | ରିଞ୍ଜଡୀ ଗୀତ୍ (ପୌଷ ପୂର୍ଣ୍ଣମୀ ରାତିରେ ଉଭୟ ଧାଙ୍ଗ୍ଡା ଧାଙ୍ଗ୍ଡୀ ଗୀତ ଗାଇଥାନ୍ତି ) | ୧୩୪-୧୪୦ |
| ୨୭. | ଡେଗା ଗୀତ୍ | ୧୪୦-୧୪୯ |
| ୨୮. | ଚଇତ୍ ହରବ୍ ଗୀତ୍ (ଚୈତ୍ର ପର୍ବ ଗୀତ) | ୧୪୯-୧୫୩ |
| ୨୯. | ଧାଙ୍ଗ୍ଡା ଧଙ୍ଗ୍ଡୀ ଗୀତ୍ | ୧୫୩-୧୫୭ |
| ୩୦. | ବାଲାଇମଡା ଖେଡ୍ | ୧୫୭-୧୬୩ |
| ୩୧. | ଉପଦେଶ ଧରାଣି ଗୀତ୍ | ୧୬୪-୧୬୭ |
| ୩୨. | ମଦ୍ ଚାଡୁକେ ଗୀତ୍ | ୧୬୮-୧୭୧ |
| ୩୩. | ଖେଡ୍ ଗୀତ୍ | ୧୭୧-୧୭୩ |
| ୩୪. | ଢେମ୍‌ଶା ନାଟ୍ ଗୀତ୍ | ୧୭୪-୧୭୮ |
| ୩୫. | ସାଇଲଡୀ ଖେଡ୍ ଗୀତ୍(ସାଇଲଢ଼ି ଖେଳଗୀତ) | ୧୭୮-୧୮୦ |
| ୩୬. | ବେଣ୍ଡ୍ ଗୀତ (ଜଙ୍ଗଲକୁ ଯିବା ସମୟର ଗୀତ) | ୧୮୦-୧୮୩ |
| | ଢଗଢମାଳି | ୧୮୪-୧୮୮ |

# ଉପକ୍ରମଣିକା

ଜନମାନସର ସହଜ ଓ ସ୍ୱତଃସ୍ଫୁର୍ତ୍ତ ଅଭିବ୍ୟକ୍ତି ହିଁ ବାଚିକ /ମୌଖିକ ପରଂପରା। ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକେ ପିଢ଼ିରୁ ପିଢ଼ି ପର୍ଯ୍ୟନ୍ତ ଏହି ବାଚିକ /ମୌଖିକ ପରଂପରାକୁ ଅନୁସରଣ କରିଥାନ୍ତି। ପରଂପରା ଅନୁକ୍ରମେ ଜନମାନସରୁ ମୌଖିକ ଭାବରେ ଯେଉଁ ସାଂସ୍କୃତିକ ଉପାଦାନ ପରପିଢ଼ିରେ ଜନପ୍ରିୟତା ହାସଲ କରିଥାଏ ତାହା ଲୋକ ପରମ୍ପରାର ରୂପ ନିଏ। 'ମୌଖିକ ବା ବାଚିକ କଳା' ହିଁ ଲୋକସାହିତ୍ୟ। ଯାହାକି ଲୋକଗଳ୍ପ, କିମ୍ବଦନ୍ତୀ, ସୃଷ୍ଟିପୁରାଣ, ଲୋକଗୀତ, ମହାପୁରୁଷଙ୍କ ଜୀବନଗୀତିକା, ମହାକାବ୍ୟ, କବିତା, ପ୍ରବଚନ, ଢ଼ଗଢ଼ମାଳୀ ଇତ୍ୟାଦିର ଅନ୍ତର୍ଭୁକ୍ତ। ଏନ୍‌ସାଇକ୍ଲୋପିଡ଼ିଆ ବ୍ରିଟାନିକା ଅନୁସାରେ 'ଲୋକସାହିତ୍ୟ ଅର୍ଥ ଲୋକଶିକ୍ଷା'। ଏହାର ଅର୍ଥ ପ୍ରତ୍ୟେକ ଜ୍ଞାନ, ଯାହାକି ବାଚିକ ପରଂପରାରେ ପରିପ୍ରକାଶ ହୋଇଥାଏ। ତେଣୁ "ଗୋଟିଏ ବାଚିକ ମୌଖିକ ପରଂପରାର ପ୍ରତ୍ୟେକ ଜିନିଷ ହିଁ ଲୋକସାହିତ୍ୟ"।

ପ୍ରଥମତଃ ଏକ ଜନ ସଂପ୍ରଦାୟକୁ ବୁଝିବାକୁ ହେଲେ ପ୍ରଥମେ ତା'ର ସଂସ୍କୃତି ସହିତ ପରିଚିତ ହେବାକୁ ପଡ଼େ। ସଂସ୍କୃତି ହିଁ ବ୍ୟକ୍ତି ଓ ତତ୍‌ସଂପୃକ୍ତ ସମାଜର ସଂଯୋଜକ ସେତୁ ହିସାବରେ ବିଦ୍ୟମାନ। ପ୍ରଜାତିକ ସଂସ୍କୃତିର ମୂଳ ପରଂପରାକୁ ଖୋଜିବାକୁ ଗଲେ ତା'ର ମୌଖିକ ପରଂପରା ସହ ପରିଚିତି ଆବଶ୍ୟକ ମନେ ହୁଏ। ଲୋକ ମୌଖିକ ପରଂପରା ବା ଲୋକ ପରଂପରା ମଧ୍ୟରେ ତା'ର ସାଂସ୍କୃତିକ ଐତିହ୍ୟ ଲୁଚି ରହିଥାଏ। ତେଣୁ ପ୍ରଜାତିକ ସଂସ୍କୃତିର ଐତିହ୍ୟ ଏବଂ ତା'ର ଜୀବନଯାପନ ପ୍ରଣାଳୀର ବୈଚିତ୍ର୍ୟ ଆକଳନ କରିବା ଦିଗରେ ସଂପୃକ୍ତ ଗୋଷ୍ଠୀର ଲୋକସାହିତ୍ୟ ହେଉଛି ଏକ ନିର୍ଭରଯୋଗ୍ୟ ଉପାଦାନ। ଏହି ଲୋକସାହିତ୍ୟ ପରଂପରା ଅନୁସାରେ ପୁଷ୍ଟ ଓ ପରିବର୍ଦ୍ଧିତ। ଶିଖିବାର କୌଣସି ନିର୍ଦ୍ଦିଷ୍ଟ ତଥା ଆନୁଷ୍ଠାନିକ ଔପଚାରିକତା ନଥାଇ କାନରେ ଶୁଣି ଓ ଅଭ୍ୟାସ କରି ଧୀରେ ଧୀରେ ଲୋକରୁ ଲୋକକୁ ଏହା ପ୍ରସାରିତ ହୋଇଥାଏ। ଏଥିରେ ତା'ର ଗଠନ ପରିପାଟୀ ନେଇ କୌଣସି ନିର୍ଦ୍ଦିଷ୍ଟ ଶୈଳୀର ଆବଶ୍ୟକତା ଉପଲବଧ ହୋଇନଥାଏ  କିମ୍ବା ତାକୁ ପ୍ରକାଶ କରିବା ପାଇଁ କୌଣସି ସାଙ୍ଗୀତିକ ନିୟମ ପାଳନ କରିବାକୁ ପଡ଼ିନଥାଏ। ଅସୁମାରୀ କିମ୍ବଦନ୍ତୀର ପେଡ଼ି ଆଉ ଗୀତର ଅବିରାମ ସୁର ଲହରୀ ଏହିଧାରାକୁ ଗତିଶୀଳ କରାଏ। କାହାଣୀ, ଗୀତ, ଉକ୍ତି-ପ୍ରତ୍ୟୁକ୍ତି, ପ୍ରବଚନ, ନୃତ୍ୟ, ସଙ୍ଗୀତ, କିମ୍ବଦନ୍ତୀ ପ୍ରଭୃତିକୁ ସମଗ୍ର ଲୋକ ପରଂପରାର ଏକ ମୁଖ୍ୟ ଅଂଶ ହିସାବରେ ଗ୍ରହଣ କରାଯାଏ।

ଜନଜାତିମାନଙ୍କର ଲୋକସାହିତ୍ୟ ପରଂପରା ଖୁବ୍ ମହାନ୍ । ଲୋକସାହିତ୍ୟ ମାଧ୍ୟମରେ ସେମାନଙ୍କର ବିଶ୍ୱାସ, ବାସନା, ବ୍ୟବହାର ସର୍ବୋପରି ସାମାଜିକ ଓ ସାଂସ୍କୃତିକ ଅବବୋଧ, ଆମ ସଂସ୍କୃତିକୁ କିପରି ଋଦ୍ଧିମନ୍ତ କରିଛି, ତା'ମଧ୍ୟ ଆମେ ତାଙ୍କ ଲୋକ ସଂସ୍କୃତିରୁ ଉପଲବ୍ଧି କରିହୁଏ । ତତ୍କାଳୀନ ଲୋକମାନଙ୍କ ଜୀବନଚରିତ୍ର ସେମାନଙ୍କ ଲୋକସଂସ୍କୃତିରେ ପ୍ରସ୍ଫୁଟିତ । ଅତୀତ ମଣିଷର ଆଶା, ଆଂକାକ୍ଷା, ସ୍ୱପ୍ନ ଏବଂ ଜୀବନର ମୂଲ୍ୟବୋଧର ପ୍ରତିଫଳନରେ ଏହା ସେମାନଙ୍କ ଇତିହାସ ଭଳି ପ୍ରତ୍ୟୟ ହୋଇଥାଏ । ଏଥିରେ ସେମାନଙ୍କର ସ୍ୱପ୍ନ, ଅଭୀପ୍ସା ତଥା ଅବଚେତନ ମାନସର କାମନା-ବାସନା, ନିଃସଙ୍କୋଚ ଭାବେ ପ୍ରତିଫଳିତ ହୋଇଥାଏ । ତୁଣ୍ଡରୁ ତୁଣ୍ଡକୁ ପୁଣି ପିଢ଼ିରୁ ପିଢ଼ିକୁ ପ୍ରବାହିତ ହେବା ଫଳରେ ସମୟର ପରିବର୍ତ୍ତିତ ସ୍ୱରକୁ ମଧ୍ୟ ଲିପିବଦ୍ଧ କରିଥାଏ । ମୌଖିକ ଭାବରେ ଏକରୁ ଅନେକକୁ ପ୍ରସାରିତ ହେଉଥିବାରୁ ସାଧାରଣ ମଣିଷର ଅଧିକ ନିକଟରେ ହୋଇଥାଏ । ତେଣୁ ଲୋକସାହିତ୍ୟର ଉଦ୍ଦେଶ୍ୟ ମନୋରଂଜନ ଧର୍ମୀ ନ ହୋଇ ବିନିମୟରେ ସାମାଜିକ ତଥା ସାଂସ୍କୃତିକ ଉଦ୍ଦେଶ୍ୟ ପୂରଣ କରିବାରେ ସହାୟକ ହୋଇଥାଏ ।

ଆଦିବାସୀ ଲୋକସଂସ୍କୃତିର ପ୍ରଧାନ ଗୁଣ ହେଲା ଏକ ନିର୍ଦ୍ଦିଷ୍ଟ ଭାବର ପୁନରାବୃତ୍ତି । ଏହା ଗୀତ ହେଉ, ନୃତ୍ୟ ହେଉ, ସଙ୍ଗୀତ ହେଉ ବା ଅନ୍ୟ ଯେକୌଣସି ରୂପ ହେଉନା କାହିଁକି ଏକ ନିର୍ଦ୍ଦିଷ୍ଟ ଶୈଳୀକୁ ଆଦିବାସୀ ଲୋକ ବିଦ୍ୟାରେ ବାରମ୍ବାର ଆବୃତ୍ତି କରାଯାଇଥାଏ । ତେବେ ଏହାର ପ୍ରଧାନ ବିଭାବ ହେଲା ନମନୀୟତା । ବିଷୟବସ୍ତୁ ଏକ ହୋଇନପାରେ, କିନ୍ତୁ ଗଠନରୀତି ବା ସଂରଚନା ପ୍ରଣାଳୀ ଏକ ପ୍ରକାର । ଏହି ବିଦ୍ୟାର ଅନ୍ତର୍ଗତ ମିଥ୍, କିମ୍ବଦନ୍ତୀ, ସ୍ତୋତ୍ରର ସରଂଚନାତତ୍ତ୍ୱ ସବୁ ମନଗଢା ବା ଭିତ୍ତିହୀନ ନୁହେଁ କିମ୍ବା ପ୍ରକୃତିର ନିରୋଳ ବର୍ଣ୍ଣନା ମଧ୍ୟ ନୁହେଁ । ଏଥିରେ ମଧ୍ୟ ଏକ ଚରିତ୍ର ବର୍ଣ୍ଣନାର ଅବିରାମ ସ୍ତୋତ୍ର ସଙ୍ଗୀତ ନାହିଁ । କୌଣସି ସାଙ୍କେତିକ ଅଭିବ୍ୟକ୍ତି ମଧ୍ୟ ନାହିଁ । ଏଥିରେ କେବଳ ସୃଷ୍ଟିକର୍ତ୍ତା ପରମପୁରୁଷଙ୍କ ଅପାରଶକ୍ତି ଏବଂ ତାଙ୍କ କର୍ତ୍ତୃକ ଘଟଣାବଳୀ ବର୍ଣ୍ଣନା ରହିଛି । ଦେବଦେବୀଙ୍କ ଉପାସନା ପ୍ରକ୍ରିୟାର ବିଧିବିଧାନ ରହିଛି । ସୃଷ୍ଟି ଆରମ୍ଭରେ ଯାହା ଘଟି ଆସିଛି ଏବଂ ପରବର୍ତ୍ତୀକାଳରେ ଯାହାକୁ ନେଇ ଏକ ସାମାଜିକ ଶୃଙ୍ଖଳା ବା ପ୍ରଥା ନିର୍ଦ୍ଦିଷ୍ଟ ହୋଇଛି ତା'ର ଏକ ଏକ ବିବରଣୀ ମାତ୍ର ଏଥିରେ ବର୍ଣ୍ଣିତ ହୋଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ଏହାର ନାମକରଣ ହୋଇଛି ମିଥ୍, କିମ୍ବଦନ୍ତୀ ରୂପେ । ଗାଥା କବିତା, ଭୋଜବିଦ୍ୟା, ଆଗତଭବିଷ୍ୟ କଥା ରୂପରେ ବିଭିନ୍ନ ସାମାଜିକ ପ୍ରଥା ହିସାବରେ ମଧ୍ୟ ଏସବୁ ନାମିତ ।

ଜନଜାତୀୟ ସଂସ୍କୃତିର ଏକ ପ୍ରମୁଖ ଅଙ୍ଗ ହିସାବରେ ଲୋକସାହିତ୍ୟକୁ ଗ୍ରହଣ କରାଯାଇଥାଏ । ଜନଜାତି ସମାଜର ସାଂସ୍କୃତିକ ଅବବୋଧ ଏହା ପ୍ରତିଫଳିତ କରିବା ସହିତ ଗୋଷ୍ଠୀ ମଧ୍ୟରେ ଐକ୍ୟ, ନିର୍ଭରଶୀଳ ତଥା ସାମାଜିକ ଦାୟିତ୍ୱ ବା ପ୍ରକ୍ରିୟାର ପ୍ରବହମାନକୁ ରକ୍ଷା କରିବାରେ ଏହା ସାହାଯ୍ୟ କରିଥାଏ । ସାମୂହିକ ଭାବେ ଏହା ଧର୍ମୀୟ ଭାବନାକୁ ଜାଗ୍ରତ କରି ବିଶ୍ୱାସକୁ ଦୃଢ଼ୀଭୂତ କରିବା ସହିତ ଆଗାମୀପିଢ଼ି ପାଇଁ ଆଚାର ସଂହିତା ନିର୍ମାଣ କରିବା ନିମନ୍ତେ ବାଟ ଦେଖାଇଥାଏ ।

ଜନଜାତି ଲୋକସଂସ୍କୃତିକୁ ନିମ୍ନମତେ ବର୍ଗୀକୃତ କରାଯାଇପାରେ ।

**୧. ଲୋକସାହିତ୍ୟ :**

ମିଥ୍, କିମ୍ବଦନ୍ତୀ, ପରୀକଥା, ଗାଥା କବିତା, ଶିଶୁଗୀତ, ପ୍ରବାଦ, ପ୍ରବଚନ, ଢ଼ଗଢ଼ମାଳୀ ଇତ୍ୟାଦି ଏଥିରେ ଅନ୍ତର୍ଭୁକ୍ତ ।

**୨. ଲୋକସଙ୍ଗୀତ :**

ଲୋକଗୀତ, ଲୋକବାଦ୍ୟ, ଲୋକ ନୃତ୍ୟ, ଲୋକନାଟକ ଇତ୍ୟାଦି ଅନ୍ତର୍ଭୁକ୍ତ ।

**୩. ଲୋକ ଶିଳ୍ପ :**

ଖୋଦେଇ ଶିଳ୍ପ, ବୟନ ଶିଳ୍ପ, ଚିତ୍ରଶିଳ୍ପ, ଘରନିର୍ମାଣ କଳା ଇତ୍ୟାଦି ।

ଆଦିବାସୀ ଲୋକସାହିତ୍ୟର ସାଂସ୍କୃତିକ ଆବେଦନ ତା'ର ଆଙ୍ଗୀକ ରୂପଠାରୁ ଢ଼େର୍ ମୂଲ୍ୟବାନ । ଏହାର ରୂପ ବିନ୍ୟାସରେ ଏମାନେ ସେତେ ଅସଚେତନ ନୁହନ୍ତି । ଯେପରି ନାନାବାୟା ଗୀତ ଶିଶୁକୁ ବୁଝାଇସୁଝାଇ ଶୁଆଇବା ପାଇଁ ଉଦ୍ଦିଷ୍ଟ ଥିବାବେଳେ ପ୍ରେମାଖ୍ୟାନମୂଳକ ଗୀତ ଯୁବକ-ଯୁବତୀ ପ୍ରାଣରେ ଅନୁରାଗ ସଂଚାର କରିବାକୁ ସକ୍ଷମ ହୋଇଥାଏ । ବୟସ୍କମାନେ, ତରୁଣମାନଙ୍କୁ ପୂର୍ବପୁରୁଷ ଦେବଦେବୀଙ୍କ ଆଲୌକିକ ମହିମା ବର୍ଣ୍ଣନ କରି ଶିକ୍ଷା ଦେଉଥିବା ବେଳେ; ସାମାଜିକ ରୀତିନୀତି ସଂକ୍ରାନ୍ତୀୟ ବିଭିନ୍ନ କିମ୍ବଦନ୍ତୀ, କାହାଣୀ କହି ସଂସ୍କୃତି ସଚେତନ ହେବାକୁ ଉପଦେଶ ଦେଇଥାନ୍ତି । ତେଣୁ ଲୋକସାହିତ୍ୟ ନୂତନ ପିଢ଼ିକୁ ଦିଗ୍‌ଦର୍ଶନ, ସଂହତି, ସାମାଜିକ ସହାବସ୍ଥାନ, ସଂସ୍କୃତି ସଚେତନ ତଥା କର୍ମବାଦୀ ହେବାର ବିବିଧ ଉପାୟ ନିର୍ଦ୍ଧାରଣ କରିଥାଏ । ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ପ୍ରତ୍ୟେକ ପର୍ଯ୍ୟାୟରେ ବା ଜୀବନର ସକଳ କାର୍ଯ୍ୟରେ ଜନଜାତି ସଂପ୍ରଦାୟର ଲୋକମାନେ ସେମାନଙ୍କ ପାରଂପରିକ ଲୋକଗୀତ ସହିତ ଓତଃପ୍ରୋତଃ ଭାବେ ଜଡ଼ିତ । ଏହା ସୁଖ ଓ ଦୁଃଖ ଉଭୟ ସମୟରେ ସେମାନଙ୍କ ମନ ପ୍ରାଣକୁ ଉଲ୍ଲସିତ କରିଥାଏ ।

ଲୋକ ସଂସ୍କୃତିର ଅନ୍ୟତମ ପ୍ରମୁଖ ଅଂଶ ହେଉଛି ଲୋକସଂଗୀତ । ଗୀତ ଗାଇବା ଏବଂ କାହାଣୀ କହିବା ମଣିଷ ପରି ପ୍ରାଚୀନ । କାହାଣୀ ସହିତ ଗୀତର ଯେପରି ସମ୍ବନ୍ଧ, ସେହିପରି ନୃତ୍ୟ ଓ ଗୀତ ମଧ୍ୟ ଅଙ୍ଗାଙ୍ଗୀଭାବେ ଜଡ଼ିତ । ଏହାପୁଣି ଜନଜାତିମାନଙ୍କର ରୀତିନୀତି, ପର୍ବପର୍ବାଣୀ ସହ ସମ୍ବନ୍ଧାନ୍ୱିତ । ସେମାନଙ୍କର ସୁଖଦୁଃଖର ସାଥୀ ଏଇ ନୃତ୍ୟ ସଙ୍ଗୀତ । ଅନେକଙ୍କ ମତରେ ଗଳ୍ପ, କାହାଣୀଠୁଁ ଗୀତ ହେଉଛି ପ୍ରାଚୀନ । ଯେହେତୁ ଏଇ ଗୀତ ଜରିଆରେ ମଣିଷ ଆତ୍ମପ୍ରକାଶ କରିଥାଏ । ତେଣୁ ଗୀତ ଜନଜାତି ଜୀବନଧାରାର ମୁଖ୍ୟ ଆଧେୟ । ଶିଶୁର ଜନ୍ମୋତ୍ସବଠାରୁ ତା'ର ନାମକରଣ, କୁମାରୀ କନ୍ୟାର ବୟଃପ୍ରାପ୍ତି, ପ୍ରେମ, ବିବାହ, ମୃତ୍ୟୁ, ଏପରିକି କୃଷିକର୍ମ, ଶିକାର, ରୋଗବୈରାଗ ତଥା ଦେବଦେବୀଙ୍କ ସନ୍ତୁଷ୍ଟିବିଧାନ ଇତ୍ୟାଦି ପାଇଁ ଜନଜାତି ସଂପ୍ରଦାୟର ଲୋକମାନେ ନୃତ୍ୟ-ଗୀତର ଆୟୋଜନ କରିଥାନ୍ତି ।

ଓଡିଶାରେ ବସବାସ କରୁଥିବା ୬୨ ପ୍ରକାରର ଆଦିବାସୀଙ୍କ ମଧ୍ୟରୁ ପରଜା ହେଉଛି ଅନ୍ୟତମ ସଂସ୍କୃତି ସଂପନ୍ନ ଜନଜାତି । ଏହି ପରଜାମାନେ ମୁଖ୍ୟତଃ ଅବିଭକ୍ତ କୋରାପୁଟ ଏବଂ କଳାହାଣ୍ଡି ଜିଲ୍ଲାରେ ବହୁଳ ଭାବରେ ବସବାସ କରୁଥିଲା ବେଳେ ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ବିକ୍ଷିପ୍ତ ଭାବେ ବସବାସ କରିଆସୁଛନ୍ତି । ତେବେ ଏମାନଙ୍କର ମୁଖ୍ୟ ବସତି ରାୟଗଡା ଜିଲ୍ଲାର ଗୁଡାରି, ପଦ୍ମପୁର, ରାୟଗଡା, କୋଲନରା, କାଶୀପୁର ଓ କଲ୍ୟାଣସିଂହପୁର ବ୍ଲକ୍; କୋରାପୁଟ ଜିଲ୍ଲାର ଜୟପୁର, ବୋରିଗୁମ୍ମା, କୋଟ୍‌ପାଡ୍, ବୈପାରିଗୁଡା, କୁନ୍ଦୁରା, ପଟାଙ୍ଗୀ, ନନ୍ଦପୁର, ଦଶମନ୍ତପୁର, ଲମ୍‌ତାପୁଟ୍ , ନାରାୟଣପାଟଣା, ଲକ୍ଷ୍ମୀପୁର, ଏବଂ ବନ୍ଧୁଗାଁ ବ୍ଲକ୍, ମାଲକାନ୍‌ଗିରି ଜିଲ୍ଲାର ମାଲକାନ୍‌ଗିରି, କୋରକୁଣ୍ଡା, କାଲିମେଳା, ଏବଂ କୁଦୁମୁଲୁଗୁମା ବ୍ଲକ୍; ନବରଙ୍ଗପୁର ଜିଲ୍ଲାର ଝରିଗାଁ, ଚନ୍ଦାହାଣ୍ଡି ଏବଂ ଡାବୁଗାଁ ଅଞ୍ଚଳରେ ବହୁଳ ଭାବରେ ରହିଛନ୍ତି । ପରଜାମାନେ ମୂଳତଃ ଦ୍ରାବିଡ ଭାଷା ପରିବାର ଅନ୍ତର୍ଭୁକ୍ତ ହୋଇଥିଲେ ହେଁ ଭାଷିକ ବିବର୍ତ୍ତନରେ ସଂପ୍ରତି ଭାରତୀୟ ଆର୍ଯ୍ୟଗୋଷ୍ଠୀର ସ୍ଥାନୀୟ ଉପଭାଷାକୁ ନିଜ ମାତୃଭାଷା ହିସାବରେ ଗ୍ରହଣ କରି ନେଉଛନ୍ତି । ତଥାପି ଉଚ୍ଚାରଣ ଏବଂ ଶବ୍ଦ ସଂରଚନାରେ ଦ୍ରାବିଡ ପ୍ରଭାବର ବହୁଳତା ତାଙ୍କ ଭାଷାରେ ଉପଲବ୍ଧ । ୧୯୯୧ ଜନଗଣନା ଅନୁସାରେ ଏହି ପରଜା ଜନଗୋଷ୍ଠୀର ମୋଟ ସଂଖ୍ୟା ୩, ୫୩, ୫୩୬ (୫.୦୩%) ।

'ପରଜା' ଶବ୍ଦଟି ହେଉଛି ଏକ ଆର୍ଯ୍ୟାନୁଗ ଶବ୍ଦ । ସମୟେ ସମୟେ 'ପରଜା', ପର୍ଜା କିମ୍ବା ପୋରୋଜା ହିସାବରେ ଏହାର ଉଚ୍ଚାରଣ ଗତ ପାର୍ଥକ୍ୟ ଲକ୍ଷ୍ୟ କରାଯାଇଥାଏ ।

'ପରଜା' ଶବ୍ଦଟି ସଂସ୍କୃତ ଶବ୍ଦ 'ପ୍ରଜା'ରୁ ଆସିଅଛି । ଯାହାର ଆକ୍ଷରିକ ଅର୍ଥ ହେଉଛି 'ସାଧାରଣ ଲୋକ' । ସ୍ୱାଧୀନତା ପୂର୍ବରୁ ରାଜା କିମ୍ବା ଜମିଦାରମାନଙ୍କ ଅଧିନସ୍ଥ ନାଗରିକ ଗୋଷ୍ଠୀ ସାଧାରଣତଃ ପ୍ରଜା ହିସାବରେ କଥିତ ହେଉଥିଲେ । ଯାହା କାଳାନୁକ୍ରମେ ସେମାନେ ପରଜା ବୋଲାଇଲେ ।

ଗଣ୍ଡ, କନ୍ଧ ଏବଂ ଗଦବା ପ୍ରମୁଖ ପ୍ରଜାତି ଗୋଷ୍ଠୀ ଭଳି ପରଜା ଆଦିବାସୀ ନିଜସ୍ୱ ମୌଳିକ ପରମ୍ପରାର ଅଧିକାରୀ । କୋରାପୁଟ ଜିଲ୍ଲାରେ ଏମାନେ ଅନ୍ୟାନ୍ୟ ପ୍ରଜାତିକ ଗୋଷ୍ଠୀ ଯଥା ରଣା, ପାଇକ, ମାଳୀ, ଡମ୍ବ, ଗଦବା ଏବଂ କନ୍ଧମାନଙ୍କ ସହିତ ବସବାସ କରୁଥିବାର ଜଣାଯାଏ । ଦକ୍ଷିଣ ଓଡିଶାରେ ପରଜା ଆଦିବାସୀଙ୍କୁ ସାଧାରଣତଃ ଚାରିଭାଗରେ ବିଭକ୍ତ କରାଯାଇଥାଏ । ସେଗୁଡିକ ମଧ୍ୟରୁ

(୧) ବଡ ପରଜା ବା ସୋଡିଆ ପରଜା
(୨) ବଡ ଝୋଡିଆ ପରଜା ବା ପେଙ୍ଗୁପରଜା
(୩) ବାରେଙ୍ଗ ଝଡିଆ ପରଜା
(୪) କନ୍ଧ ପରଜା ବା ସେଲିଆ (ଛେଲିଆ) ପରଜା

ମୁଖ୍ୟତଃ ପରଜା ଆଦିବାସୀ ଦୁଇଗୋଷ୍ଠୀରେ ବିଭକ୍ତ । ଯଥା - ବଡ ପରଜା ଏବଂ ସାନ ପରଜା । ଏମାନଙ୍କ ସାଂସ୍କୃତିକ ସମାନତା ସତ୍ତ୍ୱେ ଉଭୟ ଉପଗୋଷ୍ଠୀର ରୀତିନୀତି ମଧ୍ୟରେ କେତେକ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ । ବଡ ପରଜାମାନେ ହିନ୍ଦୁ ପରଂପରାକୁ ଅନୁସରଣ କରିଥାନ୍ତି । ଗାଈ ଓ ମଇଁଷିର ମାଂସ ଭକ୍ଷଣ କରିନଥାନ୍ତି । ଏପରିକି କାହାରି ଯଦି ଗାଈ କିମ୍ବା ମଇଁଷି ମରିଯାଏ, ସେତେବେଳେ ପବିତ୍ରତାର ସହିତ ପୂଜାବିଧି ପାଳନ ପୂର୍ବକ ତାକୁ ସତ୍କାର କରୁଥିବା ବେଳେ ସାନ ପରଜାମାନେ ଗାଈ ଓ ମଇଁଷିର ମାଂସ ଭକ୍ଷଣ କରୁଥିବାର ଜଣାଯାଏ । ସାଧାରଣତଃ ସାନ ପରଜାଠାରୁ ବଡପରଜା ବିକାଶଶୀଳ ଗୋଷ୍ଠୀ ଏବଂ ଆର୍ଥିକ ଦୃଷ୍ଟିରୁ ମଧ୍ୟ ଅଗ୍ରସର । ତତ୍ କାଳୀନ ରାଜତନ୍ତ୍ରରେ ବିଭିନ୍ନ ପଦପଦବୀରେ ନିଯୁକ୍ତି ହେବା ଫଳତଃ ତାଙ୍କ ଆଦଃ କାଇଦା ରୀତିନୀତିରେ ହିନ୍ଦୁ ପରମ୍ପରାର ଅନୁପ୍ରବେଶ ଘଟିଥିବାର ଅନୁମେୟ ।

ପରଜା ଆଦିବାସୀର ବିଭିନ୍ନ ବିଭାଗ ମଧ୍ୟରେ ସେଲିଆ ବା ଛେଲିଆ ପରଜା ଅନ୍ୟମାନଙ୍କଠାରୁ ଅତି ପୁରାତନ ଆଦିବାସୀ ଗୋଷ୍ଠୀ । ସେଲିଆ ବା ଛେଲିଆ ଏକ ଆଞ୍ଚଳିକ ଶବ୍ଦ ଯାହାର ଅର୍ଥ ଛେଳି ଚରାଇ ବା ଛଳି ଜଗି ପରିପୋଷିତ ହେଉଥିବା

ବ୍ୟକ୍ତି । ପୂର୍ବେ ଏହି ଗୋଷ୍ଠୀ ଛେଳି ଜଗାରଖା କାର୍ଯ୍ୟ ସାମ୍ପାଦନ କରୁଥିବାର ଜଣାଯାଏ; ଏବେ ସେମାନେ ନିଜକୁ ଛେଳିଆ କହିବାକୁ ପସନ୍ଦ କରୁନାହାଁନ୍ତି । ଫଳତଃ କନ୍ଧ ପରଜା ହିସାବରେ ନିଜର ପରିଚୟ ଦେଉଛନ୍ତି । ୧୯୪୫ ମସିହାରେ R.C.S. Bell କୋରାପୁଟ ଜିଲ୍ଲା ଗେଜେଟିୟରରେ 'କନ୍ଧଡୋରା' ଅନ୍ୟ ଏକ ଆଦିବାସୀ ଗୋଷ୍ଠୀ ହିସାବରେ ସ୍ଥାନିତ କଲେ । କନ୍ଧଡୋରା ସମ୍ପ୍ରଦାୟ ମୂଳ ପରଜା ଆଦିବାସୀଙ୍କଠାରୁ ନିଜକୁ ଅଲଗା କରିଛନ୍ତି ।

ପରଜାମାନେ ସାଧାରଣତଃ ବଳୁଆ, ବୁଦ୍ଧିମାନ୍ ଏବଂ ପରିଶ୍ରମୀ । ଅନ୍ୟ ଆଦିବାସୀ ଗୋଷ୍ଠୀ ସହିତ ତୁଳନା କଲେ ଜଣାଯାଏ ଯେ ସ୍ୱତନ୍ତ୍ର ଭାବରେ ଅନେକ କ୍ଷେତ୍ରରେ ଏମାନଙ୍କର ସାଂସ୍କୃତିକ ଭିନ୍ନତା ପରିଲକ୍ଷିତ ହୋଇଥାଏ । ପରଜାମାନଙ୍କର ବସତି, ପୋଷାକ ପରିଚ୍ଛଦ,ଏବଂ ଅଳଙ୍କାର, ଅର୍ଥନୈତିକ ଜୀବନ, ପାରମ୍ପରିକ ବିଶ୍ୱାସ ଏବଂ ପୂଜାପଦ୍ଧତି, ଉପଚାର ପ୍ରଥା ଏବଂ ଲୋକ ପରଂପରା ଇତ୍ୟାଦି କ୍ଷେତ୍ରରେ ସାଂସ୍କୃତିକ ବିଭେଧତା ଦେଖାଯାଇଥାଏ । ସେମାନେ ଅତ୍ୟନ୍ତ ସାଧାରଣ, ଆତିଥ୍ୟ ପରାୟଣ କିନ୍ତୁ ଲଜ୍ୟାଶୀଳ । ଫଳତଃ ଅନ୍ୟ ସଂପ୍ରଦାୟ ଲୋକଙ୍କ ସହ ପ୍ରଥମ ସାକ୍ଷାତରେ ମିଳାମିଶା ଅଭାବ ପରିଲକ୍ଷିତ ହୁଏ ।

ପୁରୁଷମାନେ ସାଧାରଣତଃ କନ୍ତା ଧୋତି ଓ ଗାମୁଛା ବ୍ୟବହାର କରୁଥିଲା ବେଳେ ମହିଳାମାନେ ମୋଟା କନ୍ତା ଶାଢୀ ପରିଧାନ କରିଥାନ୍ତି । ତିନି ଚାରିବର୍ଷ ପର୍ଯ୍ୟନ୍ତ ପିଲାମାନେ ସାଧାରଣତଃ ଫୁଙ୍ଗୁଳା ରହୁଥିଲେ । ବୟସ ବୃଦ୍ଧି ସହ ସେମାନେ ଛୋଟ ଖଣ୍ଡ ଗାମୁଛା ବା ଏହାକୁ କୌପୁନି ହିସାବରେ ବ୍ୟବହାର କରିଥାନ୍ତି । ଅବସ୍ଥା ସମ୍ପନ୍ନ ଘରର ପିଲାଏ ପେଣ୍ଟ, ସାର୍ଟ ପିନ୍ଧିବାରେ ରୁଚି ରଖୁଛନ୍ତି । ଆଜିକାଲି ବାହ୍ୟ ଯୋଗାଯୋଗ ଏବଂ ବଜାର ସଭ୍ୟତାର ଅନୁପ୍ରବେଶ ଜନିତ ଆଧୁନିକ ପୋଷାକ ଯଥା, ସାର୍ଟ, ଢିଲାଗେଞ୍ଜି, ବ୍ଲାଉଜ୍, ରଙ୍ଗୀନ୍ ଶାଢୀ ଏବଂ ରିବନ୍ ଇତ୍ୟାଦି ସେମାନଙ୍କ ପରିଧାନର ଅନ୍ତର୍ଭୁକ୍ତ ହୋଇପାରିଛି । ତେବେ ଏହି ପୋଷାକପତ୍ରଗୁଡ଼ିକ ବିଶେଷତଃ ପର୍ବପର୍ବାଣୀ ଦିନମାନଙ୍କରେ କିମ୍ୱା କୌଣସି ସାଙ୍ଗସାଥୀ ବା ବନ୍ଧୁବାନ୍ଧବ ଘରକୁ ବା ହାଟ ବଜାରକୁ ଗଲେ ପିନ୍ଧିଥାନ୍ତି ।

ପରଜା ରମଣୀ ଅଳଙ୍କାର ପ୍ରିୟ । ଆଭୂଷଣ ପ୍ରତି ତାଙ୍କର ରୀତି ଅନ୍ୟ ଅପେକ୍ଷା ସ୍ୱତନ୍ତ୍ର । ସେ ପିନ୍ଧୁଥିବା ଅଳଙ୍କାର ମଧ୍ୟରେ ଚୂଡ଼ି, କଙ୍କଣ, ବାହୁଟି, ମେଖଳା / ଅଣ୍ଟାସୂତା, ହାର, ମୁଦି ଏବଂ ମୁଣ୍ଡକଣ୍ଟା ଅନ୍ୟତମ । ଏଗୁଡିକ ସାଧାରଣତଃ ରୁପା, ରସ ବା

ଆଲୁମିନିୟମ୍ ତଥା ପିତଳରେ ତିଆରି । କେହି କେହି ସୁନାରେ ମଧ୍ୟ ତିଆରି ଅଳଂକାର ପିନ୍ଧିଥାନ୍ତି । ପିତଳ ତିଆରି କାନଝରା କାନରୁ ଝୁଲାଇଥିବାବେଳେ ନାକରେ ମଧ୍ୟରେ ନାକଝରା ନାଇଥାନ୍ତି । ଯାହା ହେଉନା କାହିଁକି ଜଣେ ବିବାହିତା ମହିଳା ନିଶ୍ଚିତ ଭାବରେ ନାକଝରା ଏବଂ କାନଝରା ବ୍ୟବହାର କରିଥାନ୍ତି । ରୂପାମୁଦିରେ ପଇସା ବା ମୁଦ୍ରାକୁ ଝଲାଇ ମୁଦି ତିଆରି କରି ଆଙ୍ଗୁଠିରେ ପିନ୍ଧିବା ଏକ ସାଧାରଣ ଘଟଣା । ଯାହାକୁ ସେମାନେ 'ସାମ୍‌କା' ବୋଲି କହିଥାନ୍ତି । ପାଦ ଆଙ୍ଗୁଠିରେ ସେମାନେ ରୁପାର ମୁଦି ପିନ୍ଧିଥାନ୍ତି ଯାହା "ବାକୁଳି" ଏବଂ "ଗୁଙ୍ଗୁର" ନାମରେ ଅଭିହିତ । କାଚ କିମ୍ବା ପ୍ଲାଷ୍ଟିକ୍ ଚୂଡ଼ି ବା କଙ୍କଣ ବ୍ୟବହାର ମଧ୍ୟ ଅତି ସାଧାରଣ । ବିଭିନ୍ନ ଧାତୁନିର୍ମିତ ଚେନ୍ ଏବଂ ମାଳି ଅଳଙ୍କାରକୁ ବେକ ଏବଂ ଛାତିରେ ଝୁଲାଇଥାନ୍ତି । 'ଖାଗ୍‌ଲା' ହେଉଛି ଏକପ୍ରକାର ଓଜନିଆ ଏବଂ ମୋଟା ରୂପା ଝରା ଯାହାକୁ ବେକହାର ହିସାବରେ ଏବଂ ପତଳା ରୂପାଝରା ଯାହାକୁ ଖଡୁ ହିସାବରେ ବାହୁ ଏବଂ କହୁଣୀରେ ବ୍ୟବହାର କରିଥାନ୍ତି । ବିବାହିତା ମହିଳାଙ୍କ ପାଇଁ 'ଖାଗ୍‌ଲା' ଏବଂ ଖଡୁ ପିନ୍ଧିବା ବାଧ୍ୟତାମୂଳକ । ଏପରି ଅଳଂକରଣରୁ ବିବାହିତା, ଅବିବାହିତା ଓ ବିଧବାର ପରିଚୟ ଜାଣିବା ସହଜ ହୋଇଥାଏ ।

ଚିତାକୁଟାଇବା ହେଉଛି ପରଜା ମହିଳାମାନଙ୍କର ସହଜାତ ଅଭ୍ୟାସ । ପାଞ୍ଚବର୍ଷରୁ ଉର୍ଦ୍ଧ୍ୱ ବାଳିକାମାନେ ମୁଖରେ ଏବଂ ହାତରେ ମଧ୍ୟ ଚିତା କୁଟାଇ ନିଜକୁ ସୌନ୍ଦର୍ଯ୍ୟ ବିମଣ୍ଡିତ କରାଇଥାନ୍ତି ।

ପରଜାଙ୍କ ବସତି ବଡ କିମ୍ବା ଛୋଟ ଆକାରରେ ଦୁଇଧାଡିଆ ହୋଇଥାଏ । ଅଲଗା ହୋଇ କିମ୍ବା ଅନ୍ୟାନ୍ୟ ସଂପ୍ରଦାୟ ଯଥା ଡମ୍ବ, ରଣା, କନ୍ଧ, ଶୁଣ୍ଡି ଏବଂ ଗଉଡ ମାନଙ୍କ ଗହଣରେ ସେମାନେ ବସବାସ କରିଥାନ୍ତି । ବଡ ଗ୍ରାମମାନଙ୍କରେ ସ୍ୱତନ୍ତ୍ର ୱାର୍ଡରେ ଗ୍ରାମ ମଧ୍ୟରେ ପରଜାମାନେ ବାସ କରନ୍ତି କିମ୍ବା ଅଲଗା ହୋଇ ଗୋଟିଏ ଛୋଟ ପଡାରେ ଯାହାକି ମୁଖ୍ୟ ଗ୍ରାମଠାରୁ ଅଳ୍ପଦୂରରେ ଅବସ୍ଥିତ, ସେଠାରେ ମଧ୍ୟ ସେମାନେ ବସବାସ କରିଥାନ୍ତି । ପରଜା ଗ୍ରାମ କିମ୍ବା 'ପଡା' ସାଧାରଣତଃ ଜଙ୍ଗଲ ନିକଟରେ କିମ୍ବା ପାହାଡର ପାଦଦେଶରେ ଯେଉଁଠାରେ ସ୍ଥାୟୀଭାବରେ ଝରଣା ଏବଂ ନଦୀ ଇତ୍ୟାଦି ଜଳଉତ୍ସ ରହିଥାଏ ତଥା ବିଭିନ୍ନ ଦିଗରୁ ପାଦଚଲା ରାସ୍ତା ସହିତ ଗମନା ଗମନ ବ୍ୟବସ୍ଥା ରହିଥିବା ସ୍ଥାନ ମାନଙ୍କରେ ଗଢି ଉଠିଥାଏ । ପରଜାମାନେ ପ୍ରକୃତରେ ଯାଯାବର ନୁହଁନ୍ତି । ଅଧିକନ୍ତୁ ଅଧିକାଂଶ ସମୟ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବାପାଇଁ

ତଥା ବନ୍ୟଜନ୍ତୁଙ୍କ ଆକ୍ରମଣରୁ ନିଜକୁ ସୁରକ୍ଷିତ କରିବା ପାଇଁ ଏବଂ ଅନ୍ୟାନ୍ୟ ଦୈବ ଦୁର୍ବିପାକ ଯାହାକି ସେମାନଙ୍କ ଅର୍ଥନୈତିକ ବ୍ୟବସ୍ଥାକୁ ତଳିତଲାନ୍ତ କରି ଦେଇଥାଏ । ତେଣୁ ପରଜାମାନେ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ସ୍ଥାନାନ୍ତର ହେବାକୁ ବାଧ ହୋଇଥାନ୍ତି । ଅଧିକନ୍ତୁ ଆଦିମ ଗୋଷ୍ଠୀ ଯେଉଁମାନେ ପୋଡୁଚାଷ କରନ୍ତି , ସେମାନେ ମଧ୍ୟ ସେମାନଙ୍କର ବସତିସ୍ଥାନ ଏବଂ ପୋଡୁଚାଷ ଜମି ପରିତ୍ୟାଗ କରି ଅନ୍ୟସ୍ଥାନକୁ ସ୍ଥାନାନ୍ତରିତ ହୋଇଥାନ୍ତି । ପୋଡୁଚାଷ ପାଇଁ ପୂର୍ବରୁ ସ୍ଥାନ ନିର୍ଦ୍ଧାରିତ ହୋଇଥାଏ । ଗୋଟାଏ ପୋଡୁଜମି ତିନିଚାରିବର୍ଷ ଛାଡି ଦେବାପରେ ପୁନଃ ଚାଷକ୍ଷମ ହୋଇଥାଏ ।

ନୂତନ ଜାଗା ମନୋନୟନ ପାଇଁ ଗ୍ରାମ ପୁରୋହିତ, ଗ୍ରାମମୁଖିଆ ଏବଂ ଗୁରୁଜନମାନଙ୍କ ଆଦେଶାନୁକ୍ରମେ ସ୍ୱତନ୍ତ୍ର ଭାବରେ ପୂଜାପାଠ କରାଯାଇଥାଏ । ସଂପୃକ୍ତ ନୂତନସ୍ଥାନରେ ଗ୍ରାମମୁଖିଆ, ବୟସ୍କଲୋକେ ଏବଂ ଗ୍ରାମର ପୁରୋହିତଙ୍କ ମଧ୍ୟ ପ୍ରତ୍ୟକ୍ଷ ଉପସ୍ଥିତିରେ ପୂଜାବିଧି ଅନୁଷ୍ଠିତ ହୋଇଥାଏ ।

ଗୋଟିଏ ପରଜାଗ୍ରାମର ଗଠନ ଶୈଳୀ ଅନ୍ୟକୌଣସି ଗଠନ ଶୈଳୀକୁ ଅନୁସରଣ କରିନଥାଏ । କେତେକ ଗ୍ରାମରେ ଘରଗୁଡିକ ଏଣେ ତେଣେ ବିକ୍ଷିପ୍ତ ହୋଇ ତିଆରି ହୋଇଥିବା ବେଳେ ସାଧାରଣତଃ ପରଜା ଗ୍ରାମଗୁଡିକରେ ବ୍ୟକ୍ତି ବିଶେଷଙ୍କର ଘରଗୁଡିକ ଦିଧାଡିଆ ବା ରାସ୍ତାର ଉଭୟ ପାର୍ଶ୍ୱରେ ସମାନ୍ତରାଳ ଭାବରେ ମୁହାଁମୁହିଁ ହୋଇ ରହିଥିବାର ଦେଖାଯାଏ । ଘରଗୁଡିକ ମଧ୍ୟରେ ଥିବା ଫାଙ୍କା ଜାଗାମାନଙ୍କରେ ଗୃହପାଳିତ ପଶୁ ଯଥା ଗାଈଗୋରୁ, ମେଣ୍ଢା, ଘୁଷୁରୀ ପାଇଁ ଗୁହାଳ ଏବଂ କୁକୁଡା ଘର ତିଆରି କରାଯାଇଥାଏ । କାହାର କେମିତି ଗୃହ ସମ୍ମୁଖଭାଗରେ ଗୋଟିଏ ଛୋଟ ପରିବା ବାଡି ରହିଥାଏ । ଗ୍ରାମରେ ଦୁଇଟି ପ୍ରଧାନ ସ୍ଥାନ ହିସାବରେ 'ବେର୍‌ନା ମୁଣ୍ଡା' ଏବଂ 'ନିଶାଣ ମୁଣ୍ଡା' ରହିଥାଏ । 'ବେର୍‌ନା ମୁଣ୍ଡା' ଆସ୍ଥାନ ପାଇଁ ଗ୍ରାମର ମଧ୍ୟଭାଗରେ ଗୋଟିଏ ଗୋଲାକାର ମଣ୍ଡପ ତିଆରି କରାଯାଇଥାଏ । ଏହାର ଚତୁଃପାର୍ଶ୍ୱରେ ଗ୍ରାମର ଭଲମନ୍ଦ ବିଷୟ ବିଚାର କରିବା ପାଇଁ ଗ୍ରାମର ମୁଖିଆ, ନେତୃବର୍ଗ ଏବଂ ବୟସ୍କଲୋକେ ଏକତ୍ର ବସି ବିଭିନ୍ନ ବିଷୟ ଆଲୋଚନା କରି ନିଷ୍ପତ୍ତି ଗ୍ରହଣ କରିଥାନ୍ତି । ସମୟେ ସମୟେ ଗ୍ରାମର ମୁଖିଆଙ୍କ ଗୃହ ସମ୍ମୁଖଭାଗରେ ଏହି ମଣ୍ଡପ ତିଆରି କରାଯାଇଥାଏ, ଯାହାକୁ 'ମୁଣ୍ଡାବାଣ୍ଡ' ବୋଲି କୁହାଯାଇଥାଏ । 'ନିଶାଣି ମୁଣ୍ଡା' ଏକ ପବିତ୍ର ପୀଠ ଯେଉଁଠାରେ ଏକ ଗୋଲାକାର ପଥରକୁ ଦଣ୍ଡାୟମାନ ଅବସ୍ଥାରେ ରଖାଯାଇଥାଏ । ଏହି ସ୍ଥାନ ହେଉଛି ଗ୍ରାମଦେବତୀ 'ହୁଣ୍ଡୀ ଦେବତା'ଙ୍କ ପୀଠସ୍ଥଳୀ । ଏହିଠାରେ ଗ୍ରାମଦେବତାଙ୍କର ପୂଜାଅର୍ଚ୍ଚନା କରାଯାଇଥାଏ ।

ପରିବାରର ସାମାଜିକ, ଅର୍ଥନୈତିକ ଅବସ୍ଥାକୁ ଲକ୍ଷ୍ୟରଖି ଗୃହ ନିର୍ମାଣ ଶୈଳୀରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ । ପରଜାମାନେ ଘର ତିଆରି ପାଇଁ କେତେକ ଗୃହୋପକରଣ ବା କଞ୍ଚାମାଲ ବ୍ୟବହାର କରିଥାନ୍ତି । ସେ ଗୁଡିକ ମଧ୍ୟରେ ମାଟି କାଦୁଅ, ଗୋବର (ଲାମ୍ପି), ବାଉଁଶ, କାଠ, ନଡା (ପିରି), ଗ୍ରାମରୁ ତିଆରି ମାଟି ଟାଇଲି (ଝିକାର) ଇତ୍ୟାଦି । କୌଣସି ନୂତନ ଘରର ନିଅଁ ପକାଇବା ପାଇଁ ବା ମୂଳଦୂଆ ପାଇଁ ପରିବାରର ମୁଖ୍ୟ ଏବଂ ଗ୍ରାମ ପୁରୋହିତଙ୍କ ଦ୍ୱାରା ଦିନ ଧାର୍ଯ୍ୟ କରାଯାଇ ସ୍ୱତନ୍ତ୍ର ପୂଜାପାଠ କରାଯାଇଥାଏ । ଘରଟି ସୁରୁଖୁରୁରେ ତିଆରି ହେବା ପାଇଁ, କୌଣସି ବିଘ୍ନ ନ ଘଟିବା ପାଇଁ ତଥା ଘରର ସ୍ଥାୟୀତ୍ୱ କାମନା ତଥା . ପରିବାରର ପ୍ରତ୍ୟେକ ଲୋକଙ୍କର ମଙ୍ଗଳକାମନା ଉଦ୍ଦେଶ୍ୟରେ  ଗ୍ରାମ ଦେବତାଙ୍କ ନିକଟରେ ଘୁଷୁରୀ କିମ୍ବା କୁକୁଡାକୁ ଯଥାରୀତି ପୂଜାପାଠ କରି ଅର୍ପଣ କରାଯାଇଥାଏ । ବିଶ୍ୱାସ ଥାଏଯେ ଗ୍ରାମଦେବତା ପୂଜାରେ ସନ୍ତୁଷ୍ଟ ହୋଇ ଅଭୟପ୍ରଦାନ କରି ପରିବାରରେ ସୁଖ ସମୃଦ୍ଧି ପାଇଁ ଆଶିଷ ପ୍ରଦାନ କରିଥାନ୍ତି । ଘରର କାନ୍ଥ, ବାରଣ୍ଡା ଏବଂ ଚଟାଣକୁ ନିୟମିତ ଗୋବରରେ ଲିପାପୋଛା ହୋଇଥାଏ ଏବଂ ବିଭିନ୍ନ ପ୍ରକାର ରଙ୍ଗମାଟିରେ ଘରର କାନ୍ଥକୁ ଲିପି ସୁନ୍ଦର ଭାବରେ ସଜାଇବା ପରଜା ମାନଙ୍କର ଅନ୍ୟତମ ସୌନ୍ଦର୍ଯ୍ୟ ପ୍ରାଣତାର ନମୂନା । ଘରକୁ ରଙ୍ଗୀନ୍ କରିବା ପାଇଁ ପରଜା ଆଦିବାସୀ ନାଲି ଏବଂ ଧଳାରଙ୍ଗର ମାଟି ସହିତ ଗୋବର କିମ୍ବା ପାଉଁଶକୁ ମିଶାଇ ଲିପିଥାନ୍ତି । ବର୍ଷକରେ ଥରେ ଘରକୁ ନଡାଦ୍ୱାରା ଛପର କରାଯାଇଥାଏ । ବିଶେଷତଃ ଶସ୍ୟ ଅମଳ ପରେ ଯେତେବେଳେ ନଡା କୂଟା ପ୍ରଚୁର ମାତ୍ରାରେ ମିଳିଥାଏ, ସେହି ସମୟରେ ଘର ଛପର କରିଥାନ୍ତି । ଡଲୁଆ ଚାଳଛପରକୁ ଗାଈଗୋରୁଙ୍କ ଦାଉରୁ ରକ୍ଷା କରିବା ପାଇଁ ଘର ଚତୁଃପାର୍ଶ୍ୱରେ କଣ୍ଟାର ବାଡ ଦିଆଯାଇଥାଏ ।

କନ୍ଧ, ବାଥୁଡି, ଗଣ୍ଡ ଏବଂ ସାନ୍ତାଳମାନଙ୍କର ଗୃହ ନିର୍ମାଣ ଶୈଳୀ ଅପେକ୍ଷା ପରଜାର  ଶୈଳୀ ପୃଥକ । ପରଜାର ଗୃହ ସମ୍ମୁଖଭାଗରେ ସ୍ୱତନ୍ତ୍ରଭାବରେ ପନିପରିବା ବଗିଚା ରହିଥାଏ । ଚଟାଣ ସ୍ତରଠାରୁ ବାରଣ୍ଡା ଉଚାହୋଇ ଲମ୍ବିଥାଏ । ଘରର ଉଭୟ ପାର୍ଶ୍ୱରେ ଫାଙ୍କା ଅଗଣା ରହିଥାଏ । ବସାଉଠା କରିବା, ଗପସପ କରିବା ଏବଂ ଶୋଇବା ପାଇଁ ବାରଣ୍ଡାଟି ବ୍ୟବହୃତ ହୋଇଥାଏ । ଘରର କବାଟଗୁଡିକ ଆକାରରେ ଛୋଟ ହେଲେ ସୁଦ୍ଧା ସୁନ୍ଦର ଭାବରେ କବାଟରେ କାରୁକାର୍ଯ୍ୟ ହୋଇଥାଏ । ଘରକୁ ଚୁଲି, ନିଆଁ ପୁଇଁବା ସ୍ଥାନ, ରୋଷେଇ ଘର ଭଣ୍ଡାର ସ୍ଥାନ ଏବଂ ଶୋଇବା ପାଇଁ ଭାଗ ଭାଗ କରାଯାଇଥାଏ । ଏହା ସତ୍ତ୍ୱେ ବି ଘରର ପୂର୍ବ କୋଣରେ ଏକ ସ୍ଥାନ ନିର୍ଦ୍ଦିଷ୍ଟ ହୋଇଥାଏ

ଗୃହ ଦେବତାଙ୍କ ଆସ୍ଥାନ ଭାବେ । ଏହା ବାହାର ଲୋକମାନଙ୍କ ପାଇଁ ନିଷିଦ୍ଧ । ଗୃହଦେବତା ତଥା ପୂର୍ବପୁରୁଷଙ୍କ ପବିତ୍ର ସ୍ଥାନ ହିସାବରେ ଏହାର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଥାଏ । ଗୃହପାଳିତ ପଶୁମାନଙ୍କ ପାଇଁ ଗୃହର ଏକ ପାର୍ଶ୍ୱରେ ସ୍ୱତନ୍ତ୍ର ଭାବରେ ଗୁହାଳ ତିଆରି କରାଯାଇଥାଏ ଏବଂ ଗୃହପାଳିତ ପକ୍ଷୀମାନଙ୍କୁ ଏକ ଛୋଟ କୋଠରୀ ମଧ୍ୟରେ କିମ୍ବା ବାରଣ୍ଡାରେ ରଖାଯାଇଥାଏ ।

ପରଜା ଗୃହଗୁଡିକ ଦେଖିବାକୁ ଏକାପ୍ରକାର ମନେହୁଏ କିନ୍ତୁ ପରିବାରର ଆବଶ୍ୟକ ଏବଂ ଆର୍ଥିକ ସ୍ଥିତି ଅନୁସାରେ ଘରର ଆକାର ଏବଂ ଘରର ସଂଖ୍ୟା ଭିନ୍ନ ହୋଇଥିବାର ଜଣାଯାଏ । ଆଜିକାଲି ଆର୍ଥିକ ସ୍ୱଚ୍ଛଳ ଅବସ୍ଥା ସମ୍ପନ୍ନ ପରିବାର ଦୁଇଟିରୁ ଅଧିକ ଘର ଆକାରରେ ବଡ ଏବଂ ମଜଭୂତ ଭାବରେ ତିଆରି କରିଥାନ୍ତି । ପୋଡା ଇଟାରେ କାନ୍ଥ ତିଆରିକରି ଟାଇଲ ଛପର ଏବଂ ଗୋଟିଏ ସାଧାରଣ କବାଟ ପରିବର୍ତ୍ତେ ଏକାଧିକ କବାଟ ଘରେ ଲଗାଇ ଘରକୁ ସୁନ୍ଦର ଭାବରେ ତିଆରି କରୁଛନ୍ତି । କଳାହାଣ୍ଡି ଜିଲ୍ଲାରେ ବସବାସ କରୁଥିବା ଝଡିଆ ଏବଂ ପେଙ୍ଗ ପରଜା ଗୋଷ୍ଠୀର ଅବସ୍ଥା ସମ୍ପନ୍ନ ଜମି ମାଲିକମାନଙ୍କର ଦୁଇ ମହଲା ବିଶିଷ୍ଟ ଘର ନିର୍ମିତ ହେବାର ଅନେକ ନଜିର ରହିଛି । ଏହାକୁ ଆଂଚଳିକ ଭାଷାରେ 'ଢାବାଘର' ବୋଲି କୁହାଯାଇଥାଏ । ଏହି 'ଢାବାଘର'ର ଛାତ ଛପର ପୋଡା ଟାଇଲରେ ହୋଇଥାଏ । ଉପର ମହଲାଟି ଉଚ୍ଚତାରେ ଛୋଟ ଏବଂ ଶସ୍ୟଭଣ୍ଡାର, କୃଷି ଉପକରଣ ତଥା ଗୃହଉପକରଣ ସାଇତି ରଖିବା ପାଇଁ ବ୍ୟବହୃତ ହୋଇଥାଏ ।

ପରଜାର ସାଂସାରିକ ବା ପାର୍ଥିବ ଜୀବନ ଜନ୍ମଠାରୁ ମୃତ୍ୟୁ ପର୍ଯନ୍ତ ସୁଖଦୁଃଖ ମଧ୍ୟ ଦେଇ ଗତି କରିଥାଏ । ସେମାନଙ୍କର ନିଜର ଦର୍ଶନ ହେଉଛି "ମାନବ ଜୀବନ ମାତୃକୋଳରୁ ଆରମ୍ଭ ହୋଇ ମୃତ୍ୟୁ ମହାଶଯ୍ୟାରେ ପରିସମାପ୍ତି । ପ୍ରାପ୍ତ ବୟସର ଯୁବକ ଓ ଯୁବତୀଙ୍କ ମିଳନରୁ ପରିବାର ସଂଖ୍ୟା ବୃଦ୍ଧି ଘଟେ । ନବଜାତ ଶିଶୁର ଶୁଭାଗମନ ହିଁ ଏହା ଭଗବାନଙ୍କର ପ୍ରଛନ୍ନ ଆଶୀର୍ବାଦ ଯୋଗୁଁ ସମ୍ଭବ ହୋଇଥାଏ ବୋଲି ପରଜାମାନଙ୍କର ବିଶ୍ୱାସ । ଗର୍ଭବତୀ ମହିଳାର ମଙ୍ଗଳ ଓ ସୁଖ ପ୍ରସବ ପାଇଁ ଖାଦ୍ୟରେ ଓ ଦୈନ୍ୟଦିନ କାର୍ଯ୍ୟକଳାପରେ ଅନେକ ପାରମ୍ପରିକ ନିଷିଦ୍ଧ ବା ବାରଣ ରହିଥାଏ । ସେ ଯାହା ହେଉ ଗର୍ଭବାସ ସମୟରେ ପ୍ରସୂତି ଅବସ୍ଥା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ମିଳିତ ଭାବରେ ସଙ୍ଗୀତ ଗାନ କରିବାରେ ନିଜ ନିଜକୁ ନିୟୋଜିତ କରିଥାନ୍ତି । ଏପରି କି ପରିଶ୍ରମ କଷ୍ଟ ପଡୁଥିଲେ ମଧ୍ୟ ଗୀତ ବୋଲିବା ଏକ ପାରମ୍ପରିକ ଅଭ୍ୟାସ । ଏହା ଦ୍ୱାରା ଶିଶୁ ଚଞ୍ଚଳଞ୍ଚଳ ହେବ ବୋଲି ସେମାନଙ୍କର ବିଶ୍ୱାସ ।

ଶିଶୁ ଜନ୍ମ ସମୟରେ ମହିଳାକୁ ସ୍ୱତନ୍ତ୍ର କୋଠରୀରେ ରଖା ଯାଇଥାଏ ଏବଂ ସେଇ କୋଠରୀ ମଧ୍ୟକୁ କୌଣସି ପୁରୁଷ ପ୍ରବେଶ କରିନଥାନ୍ତି। କେବଳ ବୟସ୍କା ଓ ଅଭିଜ୍ଞ ମହିଳା ଏବଂ ପାରମ୍ପରିକ ଧାଈ ପ୍ରସୂତି ନିକଟରେ ଉପସ୍ଥିତ ରହିଥାନ୍ତି । ପ୍ରସବ ସୁରୁଖରେ ଏବଂ ସହଜରେ ହେବା ପାଇଁ ମହିଳା ପୂଜାରୁଣୀ (ଗୁରୁମାଇଁ)କୁ ଡକାଯାଇ ପୂଜାପାଠ କରାଯାଇଥାଏ। ଏହିସବୁ ଉପାୟ ବା ଯୋଜନା ସତ୍ତ୍ୱେ ଯଦି ପ୍ରସବ ଯନ୍ତ୍ରଣାପ୍ରଦ ହୋଇଥାଏ ଏବଂ ଜଟିଳତା ଉପୁଜିଥାଏ ତେବେ ରୋଗ ନିରୂପଣ ଏବଂ ଆର୍ଯ୍ୟୁବେଦିକ ପ୍ରତିକାର ପାଇଁ ଗୁଣି/ବୈଦ୍ୟକୁ ନିଶ୍ଚିନ୍ତ ଭାବରେ ଡକାଯାଇ ଉପଚାର କରାଯାଇଥାଏ। ଶିଶୁ ପ୍ରସବ ପରେ ଶିଶୁର ନାଭି ନାଡକୁ ଧାଈ କାଟିଥାଏ । ଘର ଅଗଣାରେ ଥିବା ପାଣି କୁଣ୍ଡରେ ଶିଶୁଟିକୁ ଗାଧୋଇ ଦିଆ ଯାଇଥାଏ। ନାଭି ନାଡ ଶୁଖିବା ପର୍ଯ୍ୟନ୍ତ ଶିଶୁ ଏବଂ ମା' ଅଲଗା ସୂତିକିଆ ଭାବେ ଘରର ନିର୍ଦ୍ଦିଷ୍ଟ ସ୍ଥାନରେ ରହିଥାନ୍ତି। ନାଭି ନାଡ ଶୁଖି ଝଡି ଗଲେ ସେଇ ଦିନ ଧାଈ ଶୁଖିଲା ନାଭି ନାଡକୁ ଗାତ ଭିତରେ ପୋତି ଦେଇଥାଏ। ଗର୍ତ୍ତ ନିକଟରେ ଧୂପ ଲଗାଇ ଓ ଦୀପ ଜଳାଇ ସେଇ ଗର୍ତ୍ତକୁ ମାଟି ଦ୍ୱାରା ପୋତି ଦିଆଯାଏ। ବିଘ୍ନ ଘଟାଉଥିବା ଆତ୍ମା ସନ୍ତୁଷ୍ଟି ବିଧାନ ପାଇଁ ଏଭଳି କରାଯାଇ ଥାଏ। ତା ପରେ ଶିଶୁ ଓ ମା' ଗାଧୋଇ ପରିଷ୍କାର ପରିଚ୍ଛନ୍ନ ହୋଇ ନୂତନ ବସ୍ତ୍ର ପରିଧାନ କରିଥାନ୍ତି। ନବଜାତ ଶିଶୁ ଏବଂ ପରିବାରର ମଙ୍ଗଳ ଉଦ୍ଦେଶ୍ୟରେ ଗୃହ ଦେବତାଙ୍କୁ ପୂଜା ଆରାଧାନ କରାଯାଇଥାଏ। ପ୍ରସବ ଗୃହରେ ଥିବା ମାଟିର ରୋଷେଇ ହାଣ୍ଡି/ପାତ୍ରଗୁଡିକ, ପୋଷକପତ୍ର ଏବଂ ଶେଜ / ମଶିଣାକୁ ବାହାରେ ଫିଙ୍ଗି ଦିଆଯାଏ ବଦଳରେ ନୂଆ କରି ରଖାଯାଏ। ଜନ୍ମ ଅଶୌଚରୁ ପରିବାର ଲୋକେ ସୁଚୀ ହେବା ପାଇଁ ଏକ ପୂଜାପାଠ କରିଥାନ୍ତି । ପାରିଶ୍ରମିକ/ପାଉଣା ହିସାବରେ ଧାଈକୁ ଖଣ୍ଡିଏ ନୂଆଶାଢୀ, କିଛି ଟଙ୍କା, ଚାଉଳ, ରାଗି, ହଳଦୀ, ତେଲ ଏବଂ ପନିପରିବା ଦିଆଯାଇଥାଏ । ତା' ପରେ ମା' ତା'ର ପୂର୍ବଭଳି ସମସ୍ତ କାର୍ଯ୍ୟକଳାପ କରିବା ପାଇଁ ସମର୍ଥ ହୋଇଥାଏ ।

ଶିଶୁଟିର 'ନାମକରଣ ଉତ୍ସବ' ସ୍ୱତନ୍ତ୍ର ଭାବରେ ପୂଜାପାଠ ପୂର୍ବକ ସମ୍ପାଦିତ ହୋଇଥାଏ । ଶିଶୁଟିର ପ୍ରଥମ ଚୁଟି କାଟିବା ପାଇଁ ପାରମ୍ପରିକ ଜ୍ୟୋତିଷ (ଦିଶାରୀ) ଦ୍ୱାରା ଏକ ଶୁଭ ଦିନ ଧାର୍ଯ୍ୟ କରାଯାଇ ଥାଏ । ଏହି ସବୁ ଅନୁଷ୍ଠାନରେ ମାମୁଁ ଏବଂ ଜେଜେମା' କିମ୍ବା ଅଜାଆଈଙ୍କର ପ୍ରଧାନ ଭୂମିକା ରହିଥାଏ । ଶିଶୁଟି ସାଧାରଣତଃ ଦୁଇ କିମ୍ବା ତିନି ବର୍ଷ ପର୍ଯ୍ୟନ୍ତ ମା' କ୍ଷୀର ଖାଇଥାଏ । ଯେତେବେଳେ ଶିଶୁଟିର ବାପାମାଆ କାର୍ଯ୍ୟ କରିବା ପାଇଁ ବାହାରକୁ ଯାଇଥାନ୍ତି, ସେତେବେଳେ ଜେଜେ,ଜେଜି କିମ୍ବା ତାଠାରୁ ବଡ ପିଲାମାନେ ଶିଶୁକୁ ଖେଳାଇ ବୁଲାଇ ଯତ୍ନ ନେଇଥାନ୍ତି । ଯଦି ପରିବାରରେ

ଶିଶୁଟିର ଯତ୍ନ ନେବା ପାଇଁ କେହି ନଥାନ୍ତି, ତେବେ ଶିଶୁର ମା' ନିଜେ ଶିଶୁଟିକୁ ସାଥିରେ ନେଇ କର୍ମକ୍ଷେତ୍ରକୁ ଯାଇଥାଏ। ଏକ ପୂର୍ଣ୍ଣ ଆନ୍ତିରିକତା ସ୍ନେହସିକ୍ତ ପରିବେଶରେ ଶିଶୁଟି କ୍ରମଶଃ ବଢିଥାଏ ।

ପରଜା ବାଳକ ଓ ବାଳିକାମାନଙ୍କର ସାଧାରଣତଃ ବାର ରୁ ଚଉଦ ବର୍ଷ ବୟଃପ୍ରାପ୍ତିର ସମୟ। ଯୌବନପ୍ରାପ୍ତି ହେବା ପରେ ବିବାହ ପାଇଁ ଉପଯୋଗୀ ହେଲେ ବୋଲି ଧରାଯାଏ। ରଜୋବତୀ ସମୟରେ ଝିଅଟିକୁ ସ୍ୱତନ୍ତ୍ର ଗୃହରେ ସପ୍ତାହବ୍ୟାପି ରଖାଯାଏ। ଏହି ସମୟରେ ତାକୁ କେତେକ ନିଷେଧ ବା କଟକଣା ମାନିବାକୁ ପଡିଥାଏ। ଏହି ସମୟରେ ସେ କୌଣସି ପୁରୁଷକୁ ଦେଖିବା, ଆମିଷଦ୍ରବ୍ୟ ଏବଂ ମସଲାଯୁକ୍ତ ଖାଦ୍ୟ ଖାଇବା, ଏକତ୍ର ବାହାରକୁ ଯିବା, ତେଲ, ସାବୁନ ଏବଂ ପ୍ରସାଧନ ସାମଗ୍ରୀ ବ୍ୟବହାର କରିବା ବାରଣ କରାଯାଇଥାଏ । ମାସିକ ରତୁସ୍ରାବ ପରେ ଉପରୋକ୍ତ ଶୌଚ ହେବା ପରେ ନୂତନ ବସ୍ତ୍ର ପରିଧାନ ପୂର୍ବକ ଦେବତାଙ୍କୁ ପୂଜା ଆରାଧନା କରିଥାଏ।

ପାରମ୍ପରିକ ପରଜା ସମାଜରେ ପ୍ରତ୍ୟେକ ଗ୍ରାମରେ ଯୁବାଶୟନାଗାର ବା ଧାଙ୍ଗଡା ଧାଙ୍ଗଡି ଘର ରହିଥିବା ଜଣାଯାଏ। ପଡୋଶୀ ପ୍ରଜାତିକଗୋଷ୍ଠୀ କନ୍ଧ ଭଳି ଯୁବାଶୟନ କକ୍ଷକୁ 'ବସାଘର' ବୋଲି କୁହାଯାଇଥାଏ। ଅବିବାହିତ ବାଳକ /ଯୁବକ ପାଇଁ ଗୋଟିଏ ଧାଙ୍ଗଡା ଘର ଏବଂ ଅବିବାହିତା ଝିଅ / ଯୁବତୀମାନଙ୍କ ପାଇଁ ଅଲଗା ଗୋଟିଏ ଧାଙ୍ଗଡି ଘର ରହିଥାଏ। ଯୁବକ ଓ ଯୁବତୀମାନେ ନିଜ ନିଜର ବସାଘରେ ରାତ୍ରି ଯାପନ କରିଥାନ୍ତି ତଥା ପରସ୍ପରକୁ ଜାଣିବା ବା ପରସ୍ପରର ନିକଟତର ହେବା ପାଇଁ ସ୍ୱାଧିନତା ପାଇଥାନ୍ତି । ସେମାନେ ଗ୍ରାମ ମଧ୍ୟରେ ଥିବା ସାମୁହିକ ନୃତ୍ୟ (ଏର୍‌ନାମୁଣ୍ଡା) ମାଧ୍ୟମରେ ନୃତ୍ୟ ଗୀତ ପରିବେଷଣ ପୂର୍ବକ ଆନନ୍ଦ ଉପଭୋଗ କରିଥାନ୍ତି । ଏଥିରେ ସାଧାରଣ ଭାବେ ଗୀତଗୁଡିକ ପ୍ରତିଯୋଗୀତାପୂର୍ଣ୍ଣ ହୋଇଥାଏ। ଅଧିକାଂଶ ଗୀତ ପ୍ରଶ୍ନୋତ୍ତରଧର୍ମୀ ଯାହାକି ତାଙ୍କ ଭାଷାର "ଲଗାଗୀତା" ହିସାବରେ ପରିଚିତ । ଆବେଗମୟ ପ୍ରେମ ସଙ୍ଗୀତ ମାଧ୍ୟମରେ ଯୁବକ ଏବଂ ଯୁବତୀ ଉଭୟଙ୍କର ମନର ଭାବ ଆଦାନପ୍ରଦାନ ହୋଇଥାଏ। ଗୀତନୃତ୍ୟ ଏବଂ ସଙ୍ଗୀତରେ ସେହି ସ୍ଥାନଟି ଜୀବନ୍ତ ଓ ଚିତାକର୍ଷକ ହୋଇ ଉଠେ। ପର୍ବପର୍ବାଣୀ ଦିବସରେ ଉଭୟ ଯୁବକ ଓ ଯୁବତୀ ପଡୋଶୀ ଗ୍ରାମମାନଙ୍କୁ ଯାଇ ସେଠାରେ ନୃତ୍ୟରେ ଅଂଶ ଗ୍ରହଣ କରିଥାନ୍ତି। ଏହି ନୃତ୍ୟ ଆସର ବିଭିନ୍ନ ଗ୍ରାମର ଯୁବକଯୁବତୀମାନଙ୍କର ବନ୍ଧୁତ୍ୱ ସୃଷ୍ଟିରେ ସହାୟକ ହେବା ସଙ୍ଗେ ସଙ୍ଗେ ଅନୁରାଗର ବୀଜବପନ କରିଥାଏ । ଫଳତଃ ଯୁବକ ଓ ଯୁବତୀ ନିଜ ନିଜର ଜୀବନସାଥି ମନୋନୟନ

କରିବା ଦିଗରେ ଏହା ବିଶେଷ ସହାୟକ ହୋଇଥାଏ। ସମୟେ ସମୟେ ସାରା ରାତି ନୃତ୍ୟ ପରିବେଷଣରେ ବିତି ଯାଏ । ନୃତ୍ୟ ପରାନ୍ତ ସେମାନେ କ୍ଳାନ୍ତ ଅନୁଭବ କଲେ ବିଶ୍ରାମ ନେବା ପାଇଁ ନିଜ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ତେବେ ସାମ୍ପ୍ରତିକ ବିବର୍ତ୍ତିତ ପ୍ରେକ୍ଷାଳୟରେ ପୂର୍ବର ସେ ଯୁବପ୍ରମୋଦ ଅନୁଷ୍ଠାନଆଦି କାଳଗର୍ଭରେ ଲୋପ ପାଇଗଲାଣି । ପୂର୍ବର ସେ ଉନ୍ମାଦନା ଧାଙ୍ଗଡାବସାର ଗୌରବ ଆଜି ନାହିଁ। ଏପରି କି ଅଧିକାଂଶ ପରଜା ଗ୍ରାମଗୁଡିକରୁ ଧାଙ୍ଗଡାବସାର ଅସ୍ତିତ୍ୱ ଲୋପ ପାଇଗଲାଣି ।

ବିବାହ ହେଉଛି ପରଜା ଜୀବନର ଅନ୍ୟତମ ତାତ୍ପର୍ଯ୍ୟପୂର୍ଣ୍ଣ ଘଟଣା। ପରଜା ଗ୍ରାମଗୁଡିକରେ ବିବାହ ମୁଖ୍ୟ ଉତ୍ସବ ହିସାବରେ ପରିଗଣିତ। ପରଜା ଯୁବକ ଆପାତତଃ ଅଠର ବର୍ଷ ବୟସରେ ଏବଂ ପରଜା ଯୁବତୀ ଯୌବନରେ ପଦାର୍ପଣ କଲା ମାତ୍ରେ ସେମାନେ ବିବାହ ପାଇଁ ଯୋଗ୍ୟ ହୋଇଥାନ୍ତି। ଆଗରୁ ବାଲ୍ୟ ବିବାହ ପ୍ରଥା ପରଜା ସମାଜରେ ପ୍ରଚଳିତ ଥିଲା। ମାତ୍ର ସମ୍ପ୍ରତି ବାଲ୍ୟବିବାହ ପ୍ରଥା ଲୋପ ପାଇ ଯାଇଛି।

ପରଜା ଆଦିବାସୀ ସମ୍ପ୍ରଦାୟର ସର୍ମକୀୟମାନଙ୍କ ମଧ୍ୟରେ ବିବାହ ଚଳନୀୟ କିନ୍ତୁ ବଂଶ ଏବଂ ଗ୍ରାମ ମଧ୍ୟରେ ବିବାହ ପାଇଁ ନିଷେଧ ରହିଛି । ଗୋଟିଏ ବଂଶର ଭାଇ ଓ ଭଉଣୀ ମଧ୍ୟରେ ବିବାହ ଅସମ୍ଭବ କିନ୍ତୁ ମାମୁଁ ଝିଅ ସହିତ ବିବାହ ପ୍ରଚଳିତ। ଅସବର୍ଣ୍ଣ ବିବାହ ସମାଜ ଦ୍ୱାରା ଗ୍ରହଣୀୟ ନୁହେଁ। ଉଭୟ ପରିବାରର ସଦସ୍ୟଙ୍କ ଅନୁମତିରେ ଯଦି ବିବାହ ହୋଇଥାଏ ତେବେ ପୁଅଝିଅ / ବରକନ୍ୟା ଦୀର୍ଘ ଦିନ ଧରି ସେହି ଗ୍ରାମକୁ ଆସିନଥାନ୍ତି। ମାତ୍ର ସମାଜ ଦ୍ୱାରା ଜୋରିମାନା ବା ଦଣ୍ଡବିଧାନ ପରେ ସମାଜରେ ସାମିଲ ହେବାର ନଜିର ରହିଛି। ଯେତେବେଳେ ପିଲାଟି ରୋଜଗାର କ୍ଷମ ହୋଇଥାଏ, ସେତେବେଳେ ସେ ବିବାହ ପାଇଁ ଉପଯୋଗୀ ହୋଇଥାଏ ଏବଂ ପିତାମାତା ପୁତ୍ର ନିମନ୍ତେ ଉପଯୁକ୍ତ ପାତ୍ରୀ ଅନୁସନ୍ଧାନ କରିଥାନ୍ତି । ଉତ୍ତମ ସ୍ୱାସ୍ଥ୍ୟ, ଆକର୍ଷଣୀୟ ଚେହେରା ଏବଂ ପରିଶ୍ରମୀ କନ୍ୟାପାତ୍ରୀକୁ ବିବାହ ପାଇଁ ପସନ୍ଦ କରିଥାନ୍ତି । ଯେତେବେଳେ ପିତାମାତା ଉପଯୁକ୍ତ କନ୍ୟା ସନ୍ଧାନ ପାଇଥାନ୍ତି, ସେତେବେଳେ ପ୍ରାରମ୍ଭିକ ପ୍ରସ୍ତାବ କନ୍ୟାର ପିତାମାତାଙ୍କ ଆଗରେ ଉପସ୍ଥାପିତ କରିଥାନ୍ତି। ପ୍ରଚଳିତ ପ୍ରଥାନୁସାରେ କନ୍ୟାଘରକୁ ଯିବା ଆସିବା ମାଧ୍ୟମରେ କନ୍ୟାସୂନା ସ୍ଥିର ହେବା ପରେ ଉଭୟ ପକ୍ଷର ନିର୍ବନ୍ଧ ଧାର୍ଯ୍ୟ ହୋଇଥାଏ। କିନ୍ତୁ ବିବାହ ସ୍ଥିର ହେବା ପୂର୍ବରୁ ଉଭୟ ବର ଓ କନ୍ୟାର ପିତାମାତା ସେମାନଙ୍କର ମତାମତ ବୁଝିଥାନ୍ତି । ବିବାହ କ୍ଷେତ୍ରରେ ଝିଅର ମତ ଅଧିକ ଗୁରୁତ୍ୱପୂର୍ଣ୍ଣ ହୁଏ। କାରଣ ଝିଅର ଅନିଚ୍ଛା ସତ୍ତ୍ୱେ ବିବାହ ସଂଗଠିତ ହୋଇଥିଲେ ସେ ଖୁବ୍ କମ୍ ଦିନ ମଧ୍ୟରେ

ସ୍ୱାମୀଙ୍କୁ ପରିତ୍ୟାଗ କରିବାର ସମ୍ଭାବନା ରହେ। ସ୍ୱାମୀଙ୍କୁ ଏବଂ ନିଜର ପିତାମାତାଙ୍କୁ ଅପମାନିତ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଆର୍ଥିକ କ୍ଷତି ଘଟାଇଥାଏ । ପରିଶେଷରେ ସ୍ୱାମୀଠାରୁ ଦୂରେଇ ଯାଇଥାଏ। ପରଜା ଆନୁଷ୍ଠାନିକ ବିବାହକୁ "ହରିବୋଲ" ବା "ମାଗା" ବୋଲି କହିଥାନ୍ତି। ଏହା ଏକ ଆନୁଷ୍ଠାନିକ ବିବାହ ହୋଇଥିବାରୁ ବ୍ୟୟ ବହୁଳ ଏବଂ ଏଥିରେ ଅନେକ କାର୍ଯ୍ୟସୂଚୀ ରହିଥାଏ। ଏଭଳି ବିବାହ ପାଇଁ ଅବସ୍ଥାସମ୍ପନ୍ନ ପରିବାର ହିଁ ସକ୍ଷମ ହୋଇଥାନ୍ତି। ଏହିଭଳି ବିବାହ କ୍ଷେତ୍ରରେ ପୁଅର ପିତା ବା ଅଭିବାବକ ପ୍ରଥାନୁଯାୟୀ କନ୍ୟା ଅନ୍ୱେଷଣ କରିଥାନ୍ତି । ମନୋନୀତ ବା ନିର୍ବାଚିତ ଝିଅର ପିତାମାତା /ଅଭିଭାବକଙ୍କୁ ହାଟରେ କିମ୍ବା ବଜାରରେ ଦେଖିଲେ ପାନୀୟ ପ୍ରଦାନ ପୂର୍ବକ ବିବାହ ପ୍ରସ୍ତାବ ଉପସ୍ଥାପିତ କରିଥାନ୍ତି। ପ୍ରଥାନୁଯାୟୀ ପିତାମାତା ଉଭୟ ପୁଅ ଏବଂ ଝିଅର ମତାମତ ଆଣିଥାନ୍ତି । ବିବାହ ଦିଗରେ ଅଗ୍ରସର ହେବା ପୂର୍ବରୁ ଦଶାରୀ ଉଭୟ ପୁଅ ଓ ଝିଅର ବିବାହଯୋଗ ଗଣନା କରିଥାଏ।

ବର ଗୃହରେ ବିବାହ ଉତ୍ସବ କାର୍ଯ୍ୟ ଆରମ୍ଭ ହେବାର ପୂର୍ବଦିନ ବର ସହିତ ତାର ସାଙ୍ଗସାଥି ଓ ବନ୍ଧୁବାନ୍ଧବଙ୍କ ସମେତ ବରଯାତ୍ରୀ ଦଳ କନ୍ୟାଗୃହକୁ ଯାଇଥାନ୍ତି। ସେଠାରୁ କନ୍ୟା ପାଇଁ କନ୍ୟା ସହିତ ଅନ୍ତରଙ୍ଗ ସାଙ୍ଗସାଥିଙ୍କ ଗହଣରେ ଏକ ଶୋଭାଯାତ୍ରାରେ ବରଗୃହକୁ ଆସିଥାନ୍ତି । ଏହା ପରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥାଏ ।

ଅତ୍ୟଧିକ ବ୍ୟୟ ସାଙ୍ଗକୁ ବହୁ ପରିମାଣ କନ୍ୟାସୁନା (ଝୋଲା/ପାଣି) ଏବଂ ସୁଦୀର୍ଘ ପାରମ୍ପରିକ 'ମାଗା' କିମ୍ବା 'ହରିବୋଲ' ବିବାହରେ ହୋଇଥାଏ। ଏହି ବିବାହରେ ବରପକ୍ଷର ପ୍ରଚୁର ଅର୍ଥ ବ୍ୟୟ ହୋଇଥାଏ। ଫଳତଃ ଅଧିକାଂଶ ପରଜା ଅନ୍ୟ ପ୍ରକାର ବିବାହ ଯାହାକି ସାଧାରଣ ଏବଂ କମ୍ ବ୍ୟୟ ହୋଇଥାଏ, ତାହା ସମ୍ପାଦିତ କରିବାକୁ ବାଧ୍ୟ ହୋଇଥାନ୍ତି। ପରଜା ସମାଜରେ ଅନ୍ୟାନ୍ୟ ବିବାହ ମଧ୍ୟରେ ଝିକାଟଣା ବିବାହ (ଝିଂକାଉତ୍‌ରା) ଏବଂ ଘରୁ ଧରି ପଳାଇବା ବିବାହ (ଉଦ୍‌ଲିଆ) ଅନ୍ୟତମ। ଏହା ବ୍ୟତୀତ ମାମୁଁଘର ପୁଅ/ଝିଅ ମଧ୍ୟରେ ବିବାହ ସେମାନଙ୍କ ସମାଜରେ ସ୍ୱୀକୃତ।

ବୈବାହିକ ଜୀବନରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ବିରୋଧଭାବ ସୃଷ୍ଟି ହେବା, ଖାପଖୁଆଇ ନ ଚଳିବା ଏବଂ ଅବିଶ୍ୱାସର ଶିକାର ହେବା କାରଣରୁ ଛାଡପତ୍ର ଦେବା ସମାଜରେ ସ୍ୱୀକୃତି ପାଇଛି। ଛାଡପତ୍ର ବିଷୟ ପାରମ୍ପରିକ ଗ୍ରାମସଭାରେ ବିଚାର ହୋଇଥାଏ। ଗ୍ରାମ ସଭାର ନିଷ୍ପତ୍ତି କ୍ରମେ ଜଣେ ସ୍ୱାମୀ ତାର ସ୍ତ୍ରୀର ସମସ୍ତ କ୍ଷତିପୂରଣ କରିବାକୁ ବାଧ୍ୟ ହୋଇଥାଏ। ଯଦି ଜଣେ ସ୍ତ୍ରୀ ତାର ସ୍ୱାମୀକୁ ଛାଡପତ୍ର/ପରିତ୍ୟାଗ

କରିଥାଏ, ବିବାହ ସମୟରେ ଗ୍ରହଣ କରିଥିବା ସମସ୍ତ କନ୍ୟାସୁନା ସ୍ୱାମୀକୁ ଫେରସ୍ତ କରିବାକୁ ବାଧ୍ୟ ହୋଇଥାଏ। ଯଦି ନିୟମାନୁସାରେ ଛାଡପତ୍ର ଦିଆଯାଇଥାଏ, ତେବେ ପୁରୁଷ ଓ ସ୍ତ୍ରୀ ମୁକ୍ତ ଭାବରେ ଅନ୍ୟ ସ୍ଥାନରେ ପୁନର୍ବାର ବିବାହ କରିପାରନ୍ତି।

ପରଜା ଜୀବନରେ ମୃତ୍ୟୁ ହେଉଛି ଅନ୍ୟତମ ଦୁଃଖଦ ଘଟଣା। ପରିବାରର କେହି ମରିଗଲେ ତିନି ଦିନରୁ ନଅ ଦିନ ପର୍ଯ୍ୟନ୍ତି ମୃତ୍ୟୁ କର୍ମ ପାଳନ କରାଯାଇଥାଏ। ଏହି ସମୟ ମଧ୍ୟରେ ମୃତବ୍ୟକ୍ତିର ପରିବାର ଏବଂ ରକ୍ତ ସମ୍ପର୍କୀୟ ପରିବାରର ଲୋକଙ୍କ ପାଇଁ ଖାଦ୍ୟ, ଯୌନକିୟା ଏବଂ ଦୈନ୍ୟଦିନ କାର୍ଯ୍ୟକଳାପରେ କେତେକ ନିଷେଧାଦେଶ ରହିଥାଏ। ପ୍ରଥାନୁଯାୟୀ ଶୁଦ୍ଧିକ୍ରିୟା କରାଯାଇଥାଏ ଏବଂ ଶୁଦ୍ଧିକ୍ରିୟା ପରେ ମୃତ ବ୍ୟକ୍ତିର ପରିବାର ଦ୍ୱାରା ଗ୍ରାମବାସୀଙ୍କୁ ଏକ ଭୋଜି ଦିଆଯାଇଥାଏ। ଗରିବ ଲୋକେ ବର୍ଷ ମଧ୍ୟରେ ବିଶେଷତଃ ମାଘ କିମ୍ବା ପୌଷ ମାସରେ ଶସ୍ୟ ଅମଳ ପରେ ଏହି ଭୋଜି ପ୍ରଦାନ ପୂର୍ବକ ଗ୍ରାମବାସୀମାନଙ୍କୁ ଆପ୍ୟାୟିତ କରିଥାନ୍ତି ।

ପରଜା ସମାଜରେ ପରିବାର ହୋଉଛି ସବୁଠାରୁ ନ୍ୟୁନତମ ସାମାଜିକ ଅଂଶ । ସାଧାରଣ ଭାବରେ ଏକ କେନ୍ଦ୍ରୀୟ ପରିବାର ଦେଖାଯାଉଥିବା ବେଳେ ତାଙ୍କ ସମାଜରେ ଯୌଥ ପରିବାର କ୍ୱଚିତ୍ ଦେଖାଯାଆନ୍ତି। ପରିବାର ହେଉଛି ପିତୃକେନ୍ଦ୍ରିକ ଏବଂ ମୁରୁଖା ପୁରୁଷ ହେଉଛନ୍ତି ପରଜା ପରିବାରର ମୁଖ୍ୟ।

ପରଜା ମାନେ ଋତୁଭିତ୍ତିକ ଚାଷୀ ଏବଂ କୃଷି ହେଉଛି ଏମାନଙ୍କ ଅର୍ଥନୀତିର ମୁଖ୍ୟ ଆଧାର । ଆଗରୁ ପରଜା ଆଦିବାସୀ ପୋଡୁ ଚାଷ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିଲେ । ଆଜିକାଲି ସେମାନେ ମୁଖ୍ୟତଃ ବତୁରୀ ଚାଷ ବା ଗହୀର ଜମି ଚାଷ ଉପରେ ନିର୍ଭର କରୁଥିବା ବେଳେ ପୋଡୁଚାଷକୁ ଗୌଣ ହିସାବରେ ଗ୍ରହଣ କରିଛନ୍ତି । ଆୟର ଅନ୍ୟାନ୍ୟ ଉତ୍ସଗୁଡିକ ମଧ୍ୟରେ ବନଜାତ ଦ୍ରବ୍ୟ ସଂଗ୍ରହ, ଦିନ ମଜୁରୀଆ ଏବଂ ପଶୁପାଳନ ଇତ୍ୟାଦି ।

ସାଧାରଣତଃ ଡିପ ଜମିରେ ଋଷ କରାଯାଉଥିବା ବିଭିନ୍ନ ଶସ୍ୟ ମଧ୍ୟରେ ମକା, ବାଜରା, ଛୋଟ ଧାନ, ରାଗି, ସୂଆଁ, ଜଓ୍ୱାର ଇତ୍ୟାଦି ପ୍ରଧାନ । ବର୍ତ୍ତମାନ ସେମାନ ଆଳୁ, ହରଡ, କାନ୍ଦୁଲ, ଗହମ ଏବଂ ଆଖୁଚାଷ କରୁଛନ୍ତି । ପନିପରିବା ମଧ୍ୟରେ ବନ୍ଧାକୋବି, ଫୁଲ କୋବି, ବାଇଗଣ, ବିଲାତି ଇତ୍ୟାଦି ଚାଷ ଉନ୍ନୟନ ସଂସ୍ଥା ଦ୍ୱାରା କରାଯାଇଛି । ପୋଡୁ ଚାଷ ଅଂଚଳରେ ସେମାନେ ଛୋଟ ବାଜରା, କାନ୍ଦୁଲ, ସୂଆଁ, ରାଗି, ମକା, ବିରି, ଛୋଟ ଧାନ ଇତ୍ୟାଦି ଚାଷ କରିଥାନ୍ତି ।

ଫଳ ଏବଂ ପନିପରିବା ପାଇଁ ଗୃହ ପଛରେ ଥିବା ପନିପରିବା ବଗିଚାରେ ଚାଷ କରିବା ସମେତ ଜଳସେଚିତ ତଳୁଆ ଜମିରେ ମଧ୍ୟ ଚାଷ କରୁଛନ୍ତି ।

ଚାଷ ପାଇଁ ପରଜା ଆଦିବାସୀ ସାଧାରଣତଃ ପାରମ୍ପାରିକ କୃଷି ଉପକରଣ ବ୍ୟବହାର କରିଥାଏ । ସେଗୁଡିକ ମଧ୍ୟରେ ଲଙ୍ଗଳ, କୋଡି, ଜୁଆଳି, ଟାଙ୍ଗିଆ, ଫାଉଡା ଇତ୍ୟାଦି । ଜମି ଚାଷ କରିବା, ସାର ଖତ ପ୍ରୟୋଗ କରିବା, ଶସ୍ୟ ବୁଣିବା, ଧାନ ରୋଇବା, ଧାନ କାଟିବା ଏବଂ ଶସ୍ୟ ଅମଳ କରିବା ଇତ୍ୟାଦି ଯତ୍ନର ସହିତ ଏବଂ ଧାରାବାହିକ ଭାବେ ନିର୍ବାହ କରାଯାଇଥାଏ । ଏସବୁ କର୍ମ ପୂର୍ଣ୍ଣ ସହଯୋଗ ଭିତ୍ତିରେ ସମାହିତ ହୋଇଥାଏ ।

ପଶୁ ସମ୍ପଦ ପରଜା ଆଦିବାସୀର ଅତିପ୍ରିୟ । ସେମାନେ ଗାଇ, ମଇଁଷି, ଛେଳି, ଘୁଷୁରୀ ଇତ୍ୟାଦିକୁ ଗୃହପାଳିତ ପଶୁ ହିସାବରେ ଏବଂ କୁକୁଡା, ବତକ, ଶୁଆ ଇତ୍ୟାଦିକୁ ଗୃହପାଳିତ ପକ୍ଷୀ ହିସାବରେ  ରଖିଥାନ୍ତି । ଗାଇ, ମଇଁଷି ଏବଂ ଛେଳି ଠାରୁ ଦୁଗ୍ଧ କରାଯାଇ ନଥାଏ ।

ବୟସ ଏବଂ ଲିଙ୍ଗ ଭେଦରେ ଶ୍ରମ ବିଭାଜନ ଦ୍ୱାରା ପରଜା ସମାଜ ପରିଚାଳିତ ହୋଇଥାଏ । ଛୋଟ ପୁଅଝିଅମାନଙ୍କୁ କୌଣସି କାର୍ଯ୍ୟରେ ଅନ୍ତର୍ଭୁକ୍ତ କରାଯାଏନାହିଁ । ଘର ଏବଂ ବାହାର କାର୍ଯ୍ୟରେ ବଡ ପୁଅଝିଅମାନେ ସେମାନଙ୍କର ପିତାମାତାଙ୍କୁ ପୂର୍ଣ୍ଣ ସହଯୋଗ କରିଥାନ୍ତି । ସାଧାରଣତଃ ଚାଷଭଳି କଠିନକାର୍ଯ୍ୟ ପୁରୁଷମାନେ କରିଥାନ୍ତି ଏବଂ ହାଲ୍କା ଘରକାମ ଓ କୃଷିକାର୍ଯ୍ୟ ମହିଳାମାନଙ୍କଦ୍ୱାରା ସମ୍ପାଦିତ ହୋଇଥାଏ । ପରଜା ମହିଳା ପୁରୁଷଠାରୁ ଅପେକ୍ଷାକୃତ ପରିଶ୍ରମୀ, ନମ୍ର /ସାଧାରଣ ଏବଂ ଶାନ୍ତଶିଷ୍ଟ ଭଳି ମନେହୁଏ ।

ମାଣ୍ଡିଆ ହେଉଛି ପରଜା ଆଦିବାସୀମାନଙ୍କର ମୁଖ୍ୟଖାଦ୍ୟ । ଏହାଛଡା ବାଜରା (ସୁଆଁ), ମକା ଏବଂ ବିଭିନ୍ନ ପନିପରିବା ସେମାନେ ଚାଷ କରିଥାନ୍ତି । ବିଭିନ୍ନ ଫଳ, ମୂଳ, ପତ୍ର, କନ୍ଦା ସେମାନେ ଜଙ୍ଗଲରୁ ବର୍ଷସାରା ସଂଗ୍ରହ କରିଥାନ୍ତି । ଆମିଷ, ପିଠା, ପଣା, ଏବଂ ଅନ୍ୟାନ୍ୟ ରୁଚିପୂର୍ଣ୍ଣ ଖାଦ୍ୟ ପର୍ବପର୍ବାଣୀ ସମୟରେ ସେମାନେ ଭକ୍ଷଣ କରିଥାନ୍ତି । ବିଭିନ୍ନ ନିଶାଯୁକ୍ତ ପାନୀୟ ଏବଂ ଧୂମ୍ରପାନରେ ଆସକ୍ତ ରହିଥାଏ ପରଜା ଆଦିବାସୀ । ପ୍ରତ୍ୟେକ ପର୍ବପର୍ବାଣୀ, କର୍ମକର୍ମାଣୀ ଏବଂ ଭୋଜିଭାତରେ ମଦ ହେଉଛି ସେମାନଙ୍କ ପ୍ରଚଳିତ ମୁଖ୍ୟ ପାନୀୟ । ମହୁଲୀ ମଦ, ବିଭିନ୍ନ ଲନ୍ଦାରୁ ପ୍ରସ୍ତୁତ ମଦ, ହାଣ୍ଡିଆ,ତାଡି (ସଲପ ରସ) ଇତ୍ୟାଦି ସେମାନଙ୍କର ପ୍ରିୟ ପାନୀୟ ।

ପାରମ୍ପରିକ ପରଜା ଗ୍ରାମଗୁଡିକର ଗ୍ରାମଶାସନ / ଗ୍ରାମ ସଭା ବ୍ୟବସ୍ଥା ସ୍ୱାଧୀନ ଏବଂ ସ୍ୱୟଂଚାଳିତ । ଏହି ଗ୍ରାମ ସଭାର ପାରମ୍ପରିକ କାର୍ଯ୍ୟନିର୍ବାହୀ ରହିଥାନ୍ତି ଯେଉଁମାନେ ଗ୍ରାମର ଏବଂ ଗ୍ରାମ ବାହାରର ବିଭିନ୍ନ ଦାୟିତ୍ୱ ନିର୍ବାହ କରନ୍ତି । ମୁଦୁଲି ଗ୍ରାମଶାସନର ମୁଖ୍ୟ । ତାଙ୍କୁ କାମରେ ସାହାର୍ଯ୍ୟ କରିବା ପାଇଁ ଚାଲାଣ୍ ରହିଥାଏ । ଜାନୀ ହେଉଛନ୍ତି ଯାଜକୀୟ ମୁଖ୍ୟ । ଗ୍ରାମର ପ୍ରତ୍ୟେକ ପ୍ରଧାନ କାର୍ଯ୍ୟରେ ଜାନୀଙ୍କର ଉପସ୍ଥିତି ଅପରିହାର୍ଯ୍ୟ । ତାଙ୍କ କଥାକୁ ଗ୍ରାମଲୋକମାନେ ସମ୍ମାନ ଦେଇଥାନ୍ତି । ଗ୍ରାମ ବିଚାରର ମୁଖ୍ୟ ହେଉଛନ୍ତି ମୁଦୁଲୀ । ସେ ସାଧାରଣ ଏବଂ ଅପରାଧ ମାମଲାକୁ ବିଚାର କରିବା, ଖଜଣା ବା ରାଜସ୍ୱ ଆଦାୟ କରିବା, ଆଞ୍ଚଳିକ କାର୍ଯ୍ୟକ୍ରମ ଆୟୋଜନ କରିବା, ଅତିଥିମାନଙ୍କୁ ସ୍ୱାଗତଂ କରିବା ଅନ୍ୟାନ୍ୟ କର୍ମଚାରୀଙ୍କୁ ଗ୍ରହଣ କରିବା ଏବଂ ଜଣେ ମୁଖ୍ୟ ପ୍ରବକ୍ତା ହିସାବରେ କାର୍ଯ୍ୟ କରିବା ତାଙ୍କ କାର୍ଯ୍ୟ ଅନ୍ତର୍ଭୁକ୍ତ । ଚାଲାଣ୍ ପ୍ରତ୍ୟେକ କାର୍ଯ୍ୟରେ ମୁଦୁଲି ବାବୁଙ୍କୁ ସହଯୋଗ କରିଥାନ୍ତି । ଜାନୀ ଏବଂ ମୁଦୁଲିବାବୁଙ୍କର ନିଷ୍ପତ୍ତିକୁ ଲୋକମାନଙ୍କୁ ଜଣାଇ ଦେଇଥାନ୍ତି । ଜାନୀ, ମୁଦୁଲି ଏବଂ ଚାଲାଣ ପଦପାଇଁ ବଂଶାନୁକ୍ରମିକ ସୂତ୍ରରେ ହୋଇଥାଏ ଏବଂ ସେମାନେ ଉଚ୍ଚ ସାମାଜିକ ସମ୍ମାନରେ ସମ୍ମାନିତ ହୋଇଥାନ୍ତି ।

ଗ୍ରାମ ମଧ୍ୟରେ ଯାଦୁଧର୍ମୀୟ କାର୍ଯ୍ୟନିବାହୀ ଗୁଣିଆ, ଦିଶାରୀ, ଗୁରୁମାଇଁ ଏବଂ ଭଙ୍ଗନାୟକ କାର୍ଯ୍ୟକରିଥାନ୍ତି । ଦିଶାରୀ ଗ୍ରାମର ପାରମ୍ପରିକ ଜ୍ୟୋତିଷ ହିସାବରେ କାର୍ଯ୍ୟ କରିଥାନ୍ତି । ବିବାହ ନିମିତ୍ତ ସେ ଗଣନାକରି ଶୁଭଲଗ୍ନ ଏବଂ ତିଥି ଠିକ୍ କରିଥାନ୍ତି । ଏହା ସହିତ ଆଞ୍ଚଳିକ ପର୍ବପର୍ବାଣୀ, କର୍ମକର୍ମାଣୀ ଏବଂ ଋତୁଭିତ୍ତିକ କୃଷିକାର୍ଯ୍ୟ କରିବାପାଇଁ ତିଥିବାର ସଠିକ୍ କରି ଗଣନା କରିଥାନ୍ତି । ନବଜାତ ଶିଶୁର ନାମକରଣ ଦିବସରେ ନାମ ଦେଇଥାନ୍ତି ଏବଂ ଭବିଷ୍ୟତ ବିଷୟ ଗଣନା କରି କହିଥାନ୍ତି । ଗୁରୁମାଇଁ ହେଉଛନ୍ତି ପୁରୋହିତ କାର୍ଯ୍ୟ ସହ ଡାହାଣୀକୁ ଆୟତ୍ତ କରିଥାନ୍ତି । ବିଭିନ୍ନ ପର୍ବପର୍ବାଣୀରେ ଗ୍ରାମଦେବତୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ବହୁକାଳ ରୋଗରେ ପୀଡିତ ବ୍ୟକ୍ତିଙ୍କୁ ରୋଗମୁକ୍ତ କରିଥାନ୍ତି । ପରଜା ଗ୍ରାମରେ 'ଭଙ୍ଗନାୟକ' ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ସଂପ୍ରତି ପଞ୍ଚାୟତ ବ୍ୟବସ୍ଥାର ଅନୁପ୍ରବେଶ ଫଳରେ ପାରମ୍ପରିକ ରାଜନୈତିକ ବ୍ୟବସ୍ଥା ଲୋପ ପାଇବାରେ ଲାଗିଛି ।

ପ୍ରକୃତି ଉପାସକ ପରଜା ନିଜର, ପରିବାରର ତଥା ଗ୍ରାମର ମଙ୍ଗଳ ଉଦ୍ଦେଶ୍ୟରେ ଅନେକ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ଇଷ୍ଟଦେବୀ ରୂପେ ଦାନ୍ତେଶ୍ୱରୀ, ଭାଗ୍ୟ ଏବଂ ସଂପଦର ଅଧିଷ୍ଠାତ୍ରୀ ଦେବୀ ଲକ୍ଷ୍ମୀ, ସାମାଜିକ ଜୀବନ ନିରାପଦ କାମନାର୍ଥେ

ଦେବୀ ଲାଣ୍ଡୀ, ବସୁମାତା ଝାଂକରଦେବତା, ଜଙ୍ଗଲ ଦେବତା ରୂପେ ଡଙ୍ଗର ଦେବତା, ପ୍ରଧାନ ଦେବତା ରୂପେ 'ମହାପୁରୁ' ଏବଂ ଗ୍ରାମଦେବତା ରୂପେ ନିଶାଣ ଦେବତା ପ୍ରଧାନ । ପୂର୍ବପୁରୁଷମାନଙ୍କୁ 'ଡୁମା' ବୋଲି କୁହାଯାଇଥାଏ । ପର୍ବପର୍ବାଣୀଗୁଡ଼ିକରେ ପୂର୍ବପୁରୁଷମାନଙ୍କୁ ଆରାଧନା କରାଯାଇ ପୂଜାର୍ଚ୍ଚନା କରାଯାଇଥାଏ ।

ଉତ୍ସାହ ଏବଂ ଉଦ୍ଦୀପନାର ସହିତ ପରଜା ବର୍ଷ ମଧ୍ୟରେ ବିଭିନ୍ନ ପର୍ବପର୍ବାଣୀ ପାଳନ କରିଥାଏ । ଦେବାଦେବୀ ଏବଂ ପୂର୍ବପୁରୁଷଙ୍କ ସନ୍ତୁଷ୍ଟି ବିଧାନ ସକାଶେ ବର୍ଷ ମଧ୍ୟରେ ବିଭିନ୍ନ ପର୍ବପର୍ବାଣୀ ଯଥା ଆଷାଢ଼, ନୂଆଖିଆ ପର୍ବ, ଦିଆଲୀ ପର୍ବ, ବଉଲାଣୀ, ପୁଷ୍ ଓ ଚଇତ ପର୍ବ ଇତ୍ୟାଦି ପାଳନ କରିଥାଏ ।

ଚୈତ୍ର - ବୈଶାଖ (ଏପ୍ରିଲ) ମାସରେ ପରଜାମାନଙ୍କର 'ବିହନ ଥାପ' ପର୍ବ ଅନ୍ୟତମ ବିଶିଷ୍ଟ ପର୍ବ । ନୂତନ ଶସ୍ୟ ବୁଣିବା ପାଇଁ ଅନୁକୂଳାର୍ଥେ ଏହି ପର୍ବ ପାଳନ କରାଯାଏ । ଏ ନେଇ ଦିଶାରୀ ଏକ ଶୁଭଦିନ ଘୋଷଣା କରିଥାଏ ଏବଂ ପ୍ରତ୍ୟେକ ପରିବାରରୁ ଅଳ୍ପ ପରିମାଣର ଚାଉଳ ସଂଗ୍ରହ କରିଥାଏ । ବସୁମାତା (ଝାଂକର ଦେବତା) ଙ୍କୁ ସମ୍ମାନ ଜଣାଇ ଗ୍ରାମ ଦେବତା ନିଶାଣୀମୁଣ୍ଡା ପୀଠରେ ପୂଜାବିଧି କରିଥାଏ । ଗ୍ରାମଦେବତାଙ୍କ ନିକଟରେ ଗୋଟିଏ ଘୁଷୁରୀକୁ ବଳୀ ଦେଇ ଶସ୍ୟକୁ ପବିତ୍ର କରିଥାଏ । ପୂଜା ଦିଆଯାଇଥିବା ଶସ୍ୟରୁ ଏକ ଭାଗକୁ ପ୍ରତ୍ୟେକ ପରିବାର ମଧ୍ୟରେ ବଣ୍ଟନ କରାଯାଇଥାଏ । ଏହି ପୂଜିତ ଶସ୍ୟକୁ ଘରେ ରହିଥିବା ଶସ୍ୟ ସହିତ ଏକତ୍ର ମିଶ୍ରଣ କରାଯାଇଥାଏ । ଗ୍ରାମ ଦିଶାରୀ ଦ୍ୱାରା ଗଣନା କରାଯାଇଥିବା ଏକ ଶୁଭଦିନରେ ପରଜାମାନେ କ୍ଷେତରେ ଶସ୍ୟବୁଣା କାର୍ଯ୍ୟ ଆରମ୍ଭ କରିଥାନ୍ତି ।

ଆଷାଢ଼ (ଜୁନ୍-ଜୁଲାଇ) ମାସରେ 'ଆଷାଢ଼ି ପରବ୍' ପାଳନ କରାଯାଇଥାଏ । ଗୋଟିଏ ପରେ ଗୋଟିଏ କରି ଦୁଇ ତିନିଥର ପୂଜାପାଠ ଏହି ପର୍ବରେ କରାଯାଇଥାଏ । ଶ୍ରାବଣ (ଜୁଲାଇ-ଅଗଷ୍ଟ) ମାସରେ ଲଙ୍ଗଲଧୂଆ ପୁନେଇ କିମ୍ବା 'ବନ୍ଦାପନା ପରବ୍' ପାଳନ କରାଯାଇଥାଏ । ଏହି ପର୍ବରେ ପ୍ରତ୍ୟେକ ପରଜା ପରିବାର କେତେକ କର୍ମକର୍ମାଣୀ କରିଥାନ୍ତି । କୃଷି ଉପକରଣ ସବୁ ପରିଷ୍କାର କରାଯାଇଥାଏ । ନାଲିରଙ୍ଗର ମାଟିରେ ସମସ୍ତ କୃଷି ଉପକରଣକୁ ଲିପାଯାଇ ସେଗୁଡ଼ିକ ଉପରେ ଖଣ୍ଡିଏ ନୂତନ ବସ୍ତ୍ର ଆବୃତ କରାଯାଇଥାଏ । ପିଠାପଣା କରି ଏବଂ ନୃତ୍ୟଗୀତ ମାଧ୍ୟମରେ ପର୍ବଟିକୁ ଖୁସିର ସହିତ ପାଳନ କରିଥାନ୍ତି ପରଜା ଆଦିବାସୀମାନେ ।

'ଭାଦପରବ'ବା ନାଚୁଣୀ ପରବକୁ ଭାଦ୍ରବ କିମ୍ବା ଆଶ୍ୱିନ (ସେପ୍ଟେମ୍ବର) ମାସରେ ପାଳନ କରାଯାଇଥାଏ । ଏହି ପରବରେ ନୂଆକରି ଭାତ ଖିଆଯାଇଥାଏ । ଆଲୋକର ପର୍ବ 'ଦିଆଲୀ ପରବ'କୁ ଆଶ୍ୱିନ କିମ୍ବା କାର୍ତ୍ତିକ (ସେପ୍ଟେମ୍ବର – ଅକ୍ଟୋବର) ମାସରେ ପାଳନ କରାଯାଇଥାଏ ।

ବର୍ଷ ମଧ୍ୟରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଏବଂ ଜୀବନ୍ତ ପର୍ବ ଦୁଇ ହେଉଛନ୍ତି 'ପୁଷ୍ ପରବ' ଏବଂ 'ଚଇତ୍ ପରବ' । ପୌଷ (ଜାନୁୟାରୀ) ମାସରେ ବିବିଧ ଶସ୍ୟ ଅମଳପରେ ଏହି ପୁଷ୍ ପରବକୁ ପାଳନ କରାଯାଇଥାଏ । ଚୈତ୍ର (ମାର୍ଚ୍ଚ – ଏପ୍ରିଲ୍ ) ମାସରେ ଲୋକମାନେ ଶିକାରକୁ ଯିବା ପୂର୍ବରୁ 'ଚଇତ୍ ପରବ' ପାଳନ କରିଥାନ୍ତି ।

ଚଇତ୍ ପରବ୍ ପାଳନର ନିର୍ଦ୍ଦିଷ୍ଟ ଦିବସରେ ଗ୍ରାମର ଶିକାର କ୍ଷମ ପୁରୁଷମାନେ ଶିକାର ପାଇଁ ଅଗ୍ରସର ହୋଇଥାନ୍ତି । ଯଦି କେହି ଜଣେ ପୁରୁଷ ପଛରେ ରହିଯାଏ, ସେ ଗ୍ରାମ୍ୟ ମହିଳାମାନଙ୍କଦ୍ୱାରା ଅପମାନିତ ହୋଇଥାଏ ଏବଂ ତା ଉପରେ ଅପବିତ୍ର ଗୋବରପାଣି ଫିଙ୍ଗି ତାକୁ ଗାଁରୁ ବାହାର କରି ଦିଆଯାଇଥାଏ । ସ୍ତ୍ରୀ ଲୋକେ ମଧ୍ୟ ଜଙ୍ଗଲକୁ ଯାଇ ବିଭିନ୍ନ ଫଳ, ଫୁଲ ଓ ପତ୍ର ସଂଗ୍ରହ କରିଥାନ୍ତି । ଶିକାର ଅଭିଯାନ ଦୁଇ ତିନି ଦିନ ଧରି ଅବ୍ୟାହତ ରହିଥାଏ । ଶିକାରରେ ଜୟଲାଭ କରିଲେ ପରବର୍ଷ ସୁଖ ସମୃଦ୍ଧିରେ କାଳାତିପାତ କରିପାରିବେ ବୋଲି ସେମାନଙ୍କର ବିଶ୍ୱାସ ରହିଥିବାର ଜଣାଯାଏ । ଶିକାର ପଶୁର ମାଂସକୁ ଗ୍ରାମବାସୀଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟନ କରାଯାଇଥାଏ । ମୁଖ୍ୟ ହିସାବରେ ଜାନୀ ଏବଂ ମୁଦୁଲୀ ଅଧିକ ଭାଗ ପାଇଥାନ୍ତି । ତାପରେ 'ଚଇତ୍ ପରବର' ସମାପ୍ତି ଘଟିଥାଏ ।

ନୃତ୍ୟ, ଗୀତ ଏବଂ ସଂଗୀତ ସହିତ ସବୁ ପରଜା ଜୀବନ ଓତଃପ୍ରୋତ ଭାବରେ ଜଡିତ । ଏହା ବ୍ୟତୀତ ସେମାନଙ୍କର ପାର୍ଥିବ ଜୀବନ ମୂଲ୍ୟହୀନ ବୋଲି ସେମାନେ ଅନୁଭବ କରିଥାନ୍ତି । ସେମାନେ ପ୍ରତ୍ୟେକ କଳାରେ ଧୁରୀଣ । ନୃତ୍ୟଗୀତ ମାଧ୍ୟମରେ ଜନ୍ମଗତ ନାଟକୀୟ ପାରଦର୍ଶିତା ଦେଖାଇଥାନ୍ତି । ନୃତ୍ୟ ମଧ୍ୟରେ ଢେମ୍‌ସା ନାଚ, ଢୁଣ୍ଡୁଙ୍ଗାନାଚ ଏବଂ ଇଗା ଗୀତ ଇତ୍ୟାଦି ଅନ୍ୟତମ । ପ୍ରତ୍ୟେକ ବ୍ୟକ୍ତିଙ୍କ ଏକ ପ୍ରଧାନ ଅଂଶ ଭାବରେ ନୃତ୍ୟଗୀତ ପରିବେଷଣ କରାଯାଇଥାଏ । ଏପରିକି ପ୍ରତ୍ୟେକ ଆଂଚଳିକ କାର୍ଯ୍ୟକ୍ରମ ଏବଂ ପର୍ବପର୍ବାଣୀରେ ମଧ୍ୟ ନୃତ୍ୟଗୀତକୁ ବିଶେଷତଃ ଗୁରୁତ୍ୱ ଦିଆଯାଇଥାଏ । ଏହା ସତ୍ତ୍ୱେ ବି ସେମାନେ ଇଚ୍ଛାନୁସାରେ ନୃତ୍ୟଗୀତ ମାଧ୍ୟମରେ ଜୀବନକୁ ଉପଭୋଗ

କରିଥାନ୍ତି । ଯେତେବେଳେ ପୁଅମାନେ ସେମାନଙ୍କର ବାଦ୍ୟଯନ୍ତ୍ର ବଜାଇ ଗୀତ ବୋଲିବା ଆରମ୍ଭ କରିଦିଅନ୍ତି ସେତେବେଳେ ଗ୍ରାମବାସୀ, ଯୁବକ, ବୃଦ୍ଧ ଏବଂ ବୃଦ୍ଧା ବେର୍‌ନା ମୁଣ୍ଡା ନିକଟରେ ଉପସ୍ଥିତ ହୋଇ ନୃତ୍ୟଗୀତରେ ମଜ୍ଜିଯାଇଥାନ୍ତି । ବୟସ ଅନୁପାତରେ ମହିଳାମାନେ ନୃତ୍ୟଗୀତର ଆସର ଆରମ୍ଭ କରିଥାନ୍ତି । ନୃତ୍ୟରେ ସେମାନଙ୍କର ଚାଲି ସ୍ୱତନ୍ତ୍ର । ସାପଭଳି ଅଙ୍କେଇ ବଙ୍କେଇ, ବେଙ୍ଗ ଭଳି ଡେଇଁଡେଇଁକା ବା ପକ୍ଷୀଭଳି ଡେଣାଝାଡିବା ଇତ୍ୟାଦି ଭଙ୍ଗୀରେ ନୃତ୍ୟ ହୋଇଥାଏ । ସେମାନଙ୍କର ନୃତ୍ୟ ଓ ସଂଗୀତ ବେଶ୍ ଆମୋଦ ଦାୟକ । ବୃତ୍ତାକାରରେ ଧାଙ୍ଗଡିମାନେ ପିଠିପଟେ ହାତକୁ ହାତ ଛନ୍ଦି ନୃତ୍ୟ ପରିବେଷଣ କରିଥାନ୍ତି । ନୃତ୍ୟଗୀତର ତାଳକୁ ଲକ୍ଷକରି ସ୍ୱତନ୍ତ୍ର ଦିବସ ମାନଙ୍କରେ ଗୀତ ଏବଂ ଗୀତର ସ୍ୱର ସଂରଚିତ ହୋଇଥାଏ । ସେମାନଙ୍କ ସଙ୍ଗୀତରେ ପ୍ରକୃତିର ନିଛକ ଚିତ୍ର ପରିସ୍ଫୁଟିତ ହୋଇଥାଏ । ପ୍ରକୃତିରେ ଆକାଶ, ସୂର୍ଯ୍ୟ, ଚନ୍ଦ୍ର, ତାରା, ବର୍ଷା, ପବନ, ପାହାଡ, ପର୍ବତ, ନଦନଦୀ, ଝରଣା, ବୃକ୍ଷ, ପତ୍ର, ପୁଷ୍ପ, ପଶୁପକ୍ଷୀ ଇତ୍ୟାଦି ସୁନ୍ଦରଭାବରେ ବର୍ଣ୍ଣିତ ହୋଇଥାଏ ।

ଅନ୍ୟାନ୍ୟ ଆଦିବାସୀ ଏବଂ ଅଣଆଦିବାସୀମାନଙ୍କଠାରୁ ପରଜା ଆଦିବାସୀର ଜୀବନ ଯାପନ ଶୈଳୀ ଭିନ୍ନ । ସମୟର ପରିବର୍ତ୍ତନ ସାଙ୍ଗକୁ ଆର୍ଥିକ ସ୍ଥିତି, ବିବାହ ବ୍ୟବସ୍ଥା, ବିଚାରବ୍ୟବସ୍ଥା, ଯାଦୁବିଦ୍ୟା, ଏବଂ ସର୍ବୋପରି ଲୋକସଂସ୍କୃତିରେ କିଛିଟା ପରିବର୍ତ୍ତନ ପରିଲକ୍ଷିତ ହୋଇଥିବାର ଜଣାଯାଏ । ସାଧାରଣ ଲୋକଙ୍କ ଅପେକ୍ଷା ସେମାନେ ଏପର୍ଯ୍ୟନ୍ତ ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ଅନଗ୍ରସର ।

ପ୍ରକୃତରେ ପରଜା ଆଦିବାସୀ ଅତ୍ୟନ୍ତ ସରଳ, ଅତିଥି ପରାୟଣ, କର୍ମପ୍ରବର ଏବଂ ନିରହଂକାରୀ । ଏମାନଙ୍କ ନିକଟରେ ଅତୀତର ଚେତନା ଏବଂ ଭବିଷ୍ୟତର ଚିନ୍ତା ନଥାଏ । କେବଳ ଏମାନେ ବର୍ତ୍ତମାନ ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଥାନ୍ତି । ଦୁଃଖରେ ଭାଙ୍ଗି ନ ପଡ଼ି ସର୍ବଦା ସରସ ସୁନ୍ଦର ଜୀବନଯାପନ କରିବାକୁ ପସନ୍ଦ କରିଥାନ୍ତି ।

⁂⁂⁂

# ଲୋକ କାହାଣୀ

# ଗଣ୍ଡା ଗୟିଲ୍ କତା

## (ଗଣ୍ଡା ଗୟଲ କଥା)

ବୁଡା ଗଟେକ୍ ବୁଡୀ ଗଟେକ୍ ରିଲାଇ । ସେ ବୁଡୀ କଇଲି ଅଇରେ ବୁଡା ହାଇତି ମୁଇଁ ଦେଖିଲେ ଗଣ୍ଡା ଗୟିଲ୍ ମାଡ୍ଲାର୍ ଦଖିଲେ । ତାର ଖଇ୍ ମାଡ୍ଲା ଲଗେ ଦଖିଲେ । ଅଡେକ୍ ବସ୍ ସେ ଗଣ୍ଡା ଗୟିଲ୍‌କେ କାଇ ଉଣାବସ୍ । ଅଇଲି ଆଛେକି ତୁଇ ଯାତେ ମାରି ଆଣ୍ । ତାର୍ ମାଡ୍ଲା କଛେ ଅଡେକ୍ ବସ୍ ଅଇଲି ଆଛେ । ସେ ଗଣ୍ଡା ଗୟିଲ୍ କେ ଉଣାର୍ ବସ୍ ଅଇଲି ଆଛେ କି ? ସେ ଗୟିଲ୍‌କେ ତୁଇ ମାର୍‌ତେ ଆଣ୍‌ଦେ । ବୁଡା ଗଲା ହାଁ ବୁଡୀ ମାରିନ୍ଦ୍ ଆରି ଆଣିନ୍ଦ୍ । ବାଶ ଦଣ୍ଡୁ ବନାଇନ୍‌ତା । ଦଣ୍ଡୁ ଗଟେକ୍ ଶର୍ ଗଟେକ୍ ବନାଇଲା । ମକେ ଶୋଷ୍ ଲାଡୁ ଭୁକ୍ ଲାଡୁ ବନାଉ । ମୁଇଁ ଦରିନ୍ଦର୍ ଯାଇନ୍ଦ୍ । ବଣେ ଗଟେକ୍ କଣ୍ଡା ଡକ୍‌ରୀ ଗର୍ , ସୁର ଡକ୍‌ରି ଗର୍ ଅଂଜାରଲି । ଇତି ମୁଇଁ ଡତିନ୍ଦ୍ ସଇନ୍ଦେ । ସୁରଡକ୍‌ରୀ ଉଠ୍‌ଲି । ସେ ଧଣ୍ଡୁକେ ଶରକେ ସୁରି ସବୁ କାଇଲି । ବିତ୍‌ରେ ସବୁ ସୁରି କାଇଲି । ସକାଡ୍ ହାଇଲି । ବୁଡା ଉଠ୍‌ଲା । ମୁଁକାନ୍ ଦଇଲା । ଦାତଣ୍ ହତାର୍ କଲ୍‌ଲା । ଦଣ୍ଡୁ ଶର୍‌କେ ଭେଟ୍‌ଲା । ବୁଡା ଇଣ୍ଡ୍‌ଲା। ଜାତେ ଗଣ୍ଡା ଗୟିଲ୍ ଛାଗାଏ ହଟ୍‌ଲା ଅଇଲା । ସେତିଟାଣୁ ଗଟେକ୍ ମାଟୁ ବାନ୍ଦ୍‌ଲା ଆର୍ ଜାଗ୍‌ଲା । "କେ ହିଙ୍ଗେ କେ ହିଙ୍ଗେ ଲିଲି ସରୁ ଘଣ୍ଟୁ ବାଗୁଣୀ ମାଇଁ ଅଲେ ଦିରେ ହାଣି କାଅ, ଗଣ୍ଡା ଗୟିଲ୍ ଦକ୍‌ତରିଲେକ୍ ଚନ୍ନେକ୍ ହଟାଇ ଦିଅ ।" ମୁଇଁ ହିଙ୍ଗେ ମୁଇଁ ହିଙ୍ଗେ ବାଗୁଣୀର ମାଇଁ । ବାଗୁଣୀର ମାଇଁ ଅଲେ ଦିରେ ଆଣି କାଅ । ବିସ ଚାଟ୍‌ଟୀ ଆଇଲାଇଁ । ସିଂ ସିଂ ଅନ୍‌ତେ ଆଇଲାଇଁ ପାଣି କାଉଁହ ବଲ୍‌ଲା ବଡ୍‌କେ ଘଣ୍ଟ୍ ବାଜ୍‌ଲି । "କେ ହିଙ୍ଗେ କେ ହିଙ୍ଗେ ଲିଲି ସରୁ ଘଣ୍ଟୁ । ମୁଇଁ ହିଙ୍ଗେ ମୁଇଁ ହିଙ୍ଗେ ସିତୁଡୀର ମାଇଁ । ସିତୁଡିର ମାଇଁ ଅଲେ ଦିରେ ହାଣି କାଅ । ଗଣ୍ଡା ଗୟିଲ୍ ଦକ୍‌ତରିଲେକ୍ ଚନ୍ନେକ୍ ହଟାଇ ଦିଆ ।" ସତ୍‌ଡିଚାଟି ମନ୍ ହାଣି ଖାଇଲାଇଁ । ଗଣ୍ଡା ଗୟିଲ୍ ଲଗେ ଗଲାଇଁ । ଯାତେ ନାକେ କାନେ ଗଗାଡ୍ ମୁଣ୍ଡ୍ ଚ଼ାଟିମନ୍ ଡାହି ଅଇଲାଇଁ । ଚାବ୍‌ଲାଇଁ । ଚାବ୍‌ଲାଇ, ଚାବ୍‌ଲା ବଡ୍‌କେ ସମାଡୁ ନାହାର୍‌ଲି । ଗଣ୍ଡା ଗୟିଲ୍ । ବୁସୁକରି ଉଠ୍‌ଲି ଫଁକରି ହୁଣ୍ଡ୍‌ଲି । ସେଥିଟାଣୁ ବୁଡାର୍ ମାଟୁଲଗେ ଗଲି । ବୁଡାକେ ଦଖିଲି । ଟଣ୍ଡ୍ ହାଡ଼ତେ କାଇନ୍ଦ୍ ବଲ୍‌ଲି । ବୁଡା ଦଣ୍ଡୁ କାଣ୍ଡ୍ ଜିକ୍‌ଲାର୍ ଟାଣ୍‌ଲା ବଡ୍‌କେ ଦଣ୍ଡୁବାଙ୍ଗ୍‌ଲି । ବୁଡାକେ ଦଖିଲି ଗଣ୍ଡା ଗୟିଲ୍ । ମାଟୁକେ ବସ୍‌ଡାଇଲି । ବୁଡାକେ ସିଙ୍ଗେ ଗୁତ୍‌ଲି ବୁଲାଇଲି ମାସେକି ଦୁଇମାସ୍ । ବୁଲ୍‌ଲା ବଡ୍‌କେ ସେ ତିକେ ଗରେ ହିଲ୍ଲା ଜଲମ୍

ଅଇଲା । ଜଲମ୍ ଅଇଲା ବଡ୍‌କେ ହିଲ୍ଲା ମଦାଇ ବାଡି ଖେଲୁକେ ଗଲା । ଖେଲୁ ଖେଲୁ ସବ୍‌କେ ଜିଣ୍‌ଲା । ହିଲ୍ଲାମନ୍ କଇଲାଇଁ ଏ ବାଯ । ନଇଲା ହିଲ୍ଲା ଆମ୍‌କେ ଆରାଉଁଲିସ୍ । ହିଲ୍ଲା କଇଲା କନଉଁତେ ମୁଇଁ ବାବୁ ନାଇଁ ମକେ ଜଲମ୍ କଲେ କନଉଁତେ । ସେତ୍‌ତିଟାଣୁ ହିଲ୍ଲା ଗରେ ଗଲା ମୁଣ୍ଡେ ବେଳାର୍ ଖରାକେ । ଆଇସିକେ କଇଲା ଆୟା ! ମୋକେ ହେଇ୍ ଦେ କାଇନ୍ଦେ ଭୁକ୍ ଲାଗୁଲି । ଆଇସି ହେଇ୍ ଦିଲି । କାଇଲା ହିଲ୍ଲା । ହାତ୍ ଚାଟ୍‌ଲା ଆଇସିକେ । ହଇଗୋ ଆୟା ! ଖେଲୁଜାତେର୍‌ଲେ ମୁଇଁ ମୋକେ ହିଲ୍ଲାମନ୍ ମାରହିଟ୍ କଲାଇଁ । ବାବୁ ନଇଁଲା ହିଲ୍ଲା ବଲ୍‌ଲି କଇଲାଇଁ । କାନଉତେମୋକେ ବାବୁ ନାଇଁ ଜଲମ୍ କଲେ ବେଗି କଉଁ । ବେଗି କଉଁ କୁନ୍‌ତି ଆଛେ ମୋର ଆବା ଦକାଉଦେ । ଆଇସି କଇଲି ହଇରେ ହିଲ୍ଲା ତୁଇ କଇଲେକ୍ କାଇରି କର୍‌ସିତାରେ ବା ଉବା ଦିକେ ଗଣ୍ଡା ଗୟିଲ୍ କାଇଲି । ସେଥିଟାଣୁ ଏ ଆୟା ମୋକେ ଦଣ୍ଡୁ କାଣ୍ଡ୍ ବନାଇଦେ ।

ମୁଇଁ ଗଣ୍ଡାଗୟିଲ୍ ମାରୁକେ ଯାଇଁଦେ । ଶୋଷ ଲାଡ୍ରୁ ଭୁକ୍ ଲାଡ୍ରୁ ବନ୍ନାଇଦେ । କାଇଁନ୍ଦେ ଆର୍ ଯାଇଁଦେ । ହିଲ୍ଲା କାଇଲା ଆରି ଦର୍‌ଲା ଆରି ଗଲା । କାଣ୍ଡା ଡକ୍‌ରୀ ସୁର୍ ଡକ୍‌ରୀ ଗର୍‌କେ ହଚ୍‌ଲା ବଡକେ ସଂଇ୍ ଅଇଲି । ଆଣ୍ ମୁଇଁ ସଇଁନ୍ଦେ । ସକାଡ୍ ହାଇଲେକ୍ ମୁଇଁ ଯାଇନ୍ଦେ । ହାଁରେ ବଣ୍‌ଜା ତୁଡ୍ । ଉବାଦି ତ ଶୋଇଲା ଆରି ଗଲା । ତୁଇ ହାଁ ଶୋଉ ଆରି ଯା । ହିଲ୍ଲା ଶୋଇଲା । ଶୋଇଲା ଆଛେ ମଜ୍ଝା ରାତି ଉଠ୍‌ଲି । ସୁର ଡକ୍‌ରୀ କଣ୍ଡାଡକ୍‌ରୀ ଉଠ୍‌ଲି । ଦଣ୍ଡୁ କାଣ୍ଡ୍‌କେ କାଇଁନ୍ଦ୍ ବଲ୍‌ଲି । ଯାତେ ଦଣ୍ଡୁ ଲଗେ ମାଡି ବସ୍‌ଲି । କତ୍‌ତୁରିନ୍ଦେ ବଲ୍‌ଲା ବଡ୍‌କେ ଦାତ୍ ଝଡ୍‌ଲି । ସେତ୍‌ତିଟାଣୁ ଗଣ୍ଡା ଡକ୍‌ରୀ ରିସା ଅଇଲି । ଚଣ୍ଡ୍ରବାଟ୍‌କେ ବନି ଜର୍‌ବଟ୍ ଅଉତେ ବୁଡୀ ଶୋଇଲି । ସକାଡୁ ହାଇଲି । ହିଲ୍ଲା ଉଠ୍‌ଲା । ଆଣ୍ ମୁଇଁ ଯାଇଁଦେ । ଦଣ୍ଡୁକାଣ୍ଡ୍ ଦେ । ବୁଡୀ ବେଟ୍‌ତେ ହବ୍‌ଡାଇଲି । ହିଲ୍ଲା ଭେଟ୍‌ଲା, ଦଣ୍ଡୁ କାଣ୍ଡ୍ ଇଣ୍ଡ୍‌ଲା ଉବାସୀର୍ ଜାଗାଲଗେ । ଯାତେ ଦଖ୍‌ଲା ଇତି ଆକା ଆମାର୍ ଆବାକେ ଗଣ୍ଡାଗୟିଲ୍ କାଇଲି ଜଗିନ୍ଦେଇତି । ମାଟୁ ବାନ୍ଦ୍‌ଇଲା ଆରି ହିଲ୍ଲା ଜାଗ୍‌ଲା । ଗଣ୍ଡା ଗୟିଲ୍ ଜାଗା ଲଗେ ହାଣି ଆଛେ ଘଣ୍ଟକେ ଲାମାଉତେ ସୂତା ମାଟୁଲଗେ ଆଣ୍‌ତେ ଟାଣ୍‌ଲା । ଗଣ୍ଡାଗୟିଲ୍ ଆଇଲି । ହାଣି କାଇଲି । ଦଖ୍‌ଲି ହିଲ୍ଲାକେ । ମିତାଇଲେରେ ମୋର୍ ଆବାକେ । ଆଓରେ ଶତ୍ରୁ । ହିଲ୍ଲା ଦଣ୍ଡୁ କାଣ୍ଡ୍ ଦର୍‌ଲା । ଟେକ୍‌ତେ ଜାଗ୍‌ଲା ଆଇଲି ଗଣ୍ଡାଗୟିଲ୍ ହାଣିକାଇଲି ଦଖ୍‌ଲି ହିଲ୍ଲାକେ । ହିଲ୍ଲା ଲଗେ ଗଲି । ସର୍‌କେ ଝିକ୍‌ଲା ହିଲ୍ଲା ସମୁର୍‌ତେ । ଛାଡ୍‌ଲା ଶର୍ । ଗଣ୍ଡା ଗୟିଲ୍ ଉହୁରେ ଚିଙ୍ଗିଡ୍ ଗଲି । ଗଣ୍ଡା ଗୟିଲ୍ ହବ୍‌ଡି

ଅଇଲି । ଉବାସିକେ ଶିଙ୍ଗେଟାଣୁ କାଡ଼୍ଲା । ସାତଗୋଟ୍ କଦ୍‌ଡୀ ହତାର୍ ତଡେ଼୍ ଅଙ୍ଗାଇଲା । ଉବାସିକେ ଉହୁରେ ତୁଡ଼ାଇଲା । ସାତ୍‌ଗୋଟ୍ କଦ୍‌ଡୀ ହାତର୍ ଆରି ଉହୁରେ ଡାହାଲା । ଇସ୍‌ପର୍ ପାର୍‌ବତୀକେ ରୋଦନ୍ କଲା । ସାତ୍ ରାତି ସାତ୍ ମଇଦାନ୍ ରୋଦନ୍ କଲା । ଇସ୍‌ପର୍ ପାର୍‌ବତୀ ଆଇଲାଇଁ  ବାବାଜୀ ରୁପ୍ ଧର୍‌ତେ । ହିଲ୍ଲୁକେ କଇଲାଇଁ । କାଇ ଅଇଲିରେ ହିଲ୍ଲୁ ତୁଇ ଅତେକ୍ ଦିନ୍ କାନ୍ଦୁଲିସ୍ । ନାଇଁ ବାବାଜୀ ନାଇଁ ମୋର୍ ଆବାକେ ଗଣ୍ଡା ଗୟିଲ୍ ମାର୍‌ତେ ଶିଙ୍ଗେ ଗୁତ୍‌ତେ ସୁକାଉତେର୍‌ଲୀ । ଜୀବନ୍ ଦିଆସ୍ କି ନାଇଁ । ହାଁ ହାଁ ତୁଇ କୁଦ୍‌ହେଙ୍ଗ୍ ରାନ୍ଧ୍ । ହାଁ ବାବାଜୀ ମୁଇଁ ରାନ୍ଦିନ୍‌ଦେ । ରାନ୍ଦ୍‌ଲା  ବାବାଜୀ ସାତ୍‌ତର୍ ଡାଙ୍ଗ୍ ଚୁଆଇଲା । ଉବାସୀ ଚୁଲୁବାଲୁ ଅଇଲା ଆରି ଗୋଟେକ୍ ତର୍ ଡାଙ୍ଗ୍ ଚୁଆଇଲା । ଉବାସୀ ଉଠ୍‌ଲା ଆରି ଗୋଟକ୍‌ତର୍ ଡାଙ୍ଗ୍ ଚୁଆଇଲା ବଡ୍‌କେ ଉବାସୀ ବସ୍‌ଲା ଆରି ଗୋଟ୍‌ତର୍ ଡାଙ୍ଗ୍ ଚୁଆଇଲା ବଡ୍‌କେ ଉବାସୀ ଉଠ୍‌ତେ ହଡାଇଦେ ବଲ୍‌ଲା ବଡ୍‌କେ ହିଲ୍ଲୁ ଆତେ ଦର୍‌ଲା । ଉବାସୀ କଇଲା ଭୂତ୍ କି ରାକ୍ଷାସ୍ ତୁଇ ମୋର୍ ଆତ୍‌ତେ ଡରୁଲିସ୍ । ଚାଡ୍, ନାଇଁ ନାଇଁ ଭୂତ୍‌କି ରାକ୍ଷସ୍ ନଇଁ । ତୋର୍ ହଇଦି ମୁଇଁ । ଡେଣାକେ ଡେରାକେ ଦର୍‌ତେ କୁଦୁହେଙ୍ଗୁ କାଡାଇଲା । ଉବାସୀର୍ ଚେତନା ଆଇଲି । ଆରେ ବାବୁ ତୁଇ କେ ? ମୁଇଁ ତୋର୍ ହଇଦି । ମୋକେ ବାଚାଇଲିସ୍ ଯୁବେ ଗରେ । ଗଣ୍ଡା ଗୟିଲ୍ ଲାର୍ ମାସ୍ ହୁଡେକ୍ କାଟୁ ଆର୍ ଆଇଦିକେ ନି ଦେଉଁ । ଯୁ ଇଣ୍ଠ୍‌ଲାଇ ଗରେ ଆସୁକେ । ହଚ୍‌ଲ୍ଲାଇ ଗରେ ଆଚ୍‌ସିକିରେ ?  ଆଜି; ଜଏ ଚୂଲୀ କର୍‌ଲସ୍‌କି ମାସ୍ ଆଣୁଲୁ, ରାନ୍ଧୁ, କାଉଁ । ମାସ୍ ରାନ୍ଧ୍‌ଲୁ ବାତ୍ ରାନ୍ଦ୍‌ଲୁ । ତିନ୍ ମାଇଁ ହିଲ୍ଲୁ ବସ୍‌ତେ କାଇଲୁ । ଦୁଃଖ୍ କି ସୁଖ୍ ଗୋଟେକ୍ ଅଉଁ । ମୋର୍ ହୋ ଗଟେକ୍ ଜଇମ୍ କଲା । ଗଣ୍ଡା ଗୟିଲ୍ ଟାଣୁ ମକେ ବାଚାଇଲା । ଆଜିଟାଣୁ ସୁଖ୍‌ଶାନ୍ତିଲଗେ ଦିନ୍ ସଂସାର୍ କର୍‌ତେ କାଉଁ ।

**ଓଡ଼ିଆ ଅନୁବାଦ :**

ଗୋଟିଏ ଗାଁରେ ବୁଢାଟିଏ ବୁଢୀଟିଏ ଥିଲେ । ସେ ବୁଢ଼ୀ କହିଲା ହଇରେ ବୁଢ଼ା ସେଠାରେ ମୁଁ ଦେଖିଲି ଗଣ୍ଡା ଗୟଳର ପାଦ ଚିହ୍ନଥିଲା । ତା'ର ଦେହରେ ବହୁତ ଚର୍ବିଅଛି । ତୁ ଯାଇ ଗଣ୍ଡା ଗୟଳକୁ ମାରି ଆଣ । ତାର ମଡା ଚିହ୍ନରେ ଏତେ ଚର୍ବିଅଛି । ସେହି ଗୟଳକୁ ଯାଇ ତୁହି ମାରିକି ଆଣ୍ । ବାଉଁଶର ଧନୁ ବୁଢା ତିଆରି କଲା । ଗୋଟିଏ ଧନୁ ଓ ଗୋଟିଏ ଶର ତିଆରି କଲା । ମୋ ପାଇଁ ଭୋକ ଲଡୁ ଓ ଶୋଷଲଡୁ ତିଆରି କରିବା ପାଇଁ ବୁଢ଼ୀକୁ କହିଲା । ବୁଢା ଧନୁଶର ଧରି ବଣକୁ ଯିବ । କଣ୍ଡାଡକ୍‌ରୀ ଘର ଓ

ସୁରଡକ୍‌ରୀ ଘର ପାଖରେ ଅନ୍ଧାର ହୋଇଯିବାରୁ ସେଠାରେ ସେ ଶୋଇଲା । ସୁର ଡକରୀ ଉଠିଲା । ଧନୁଶରକୁ ଉଇ ସବୁ ଖାଇଦେଲେ । ସକାଳ ହେଲା । ବୁଢା ଉଠିଲା । ମୁହଁକାନ ଧୋଇଲା । ଦାନ୍ତପତର ଘସିଲା । ଧନୁଶରକୁ ଧରି ବୁଢା ଚାଲିଲା । ଗଣ୍ଡାଗଯିଲ ରହୁଥିବା ସ୍ଥାନରେ ପହଞ୍ଚିଲା । ସେଠାରେ ଗୋଟିଏ ମଞ୍ଚା ତିଆରି କରି ଜଗିଲା । ସେହି ପିଉଳ ଘଣ୍ଟକୁ କିଏ ବଜାଉଛ ? ବାଘୁଣୀ ମାଇଁ ଆସିଲା ଧୀରେ ପାଣି ପିଇଲା । ଗଣ୍ଡା ଗୟଲକୁ ଦେଖିଲେ ଶୀଘ୍ର ମୋ ପାଖୁ ପଠାଇଦେବାପାଇଁ ବୁଢା କହିଲା । ମୁଁ ବାଘୁଣୀ ମାଇଁ ଘଣ୍ଟ ବଜାଉଛି । ବାଘୁଣୀର ମାଇଁ ହେଲେ ଧୀରେ ପାଣିପିଅ, ଗଣ୍ଡା ଗୟଲକୁ ଦେଖିଲେ ଚଞ୍ଚଳ ପଠାଇ ଦିଅ । ଜନ୍ଦା ଆସିଲା । ସିଂ ସିଂ ଶବ୍ଦ କରି ପାଣି ପିଇଲା । ପାଣି ପିଇବାରୁ ଘଣ୍ଟ ବାଜିଲା । କିଏ ଘଣ୍ଟ ବଜାଉଛି ବୋଲି ବୁଢା କହିଲା । ଜନ୍ଦାମାନେ ଘଣ୍ଟ ବଜାଉଛନ୍ତି ବୋଲି ବୁଢାକୁ କହିଲେ । "ଜନ୍ଦା ମାଇଁ ହେଲେ ଧୀରେ ପାଣିପିଅ । ଗଣ୍ଡା ଗୟଲକୁ ଦେଖିଲେ ଚଞ୍ଚଳ ପଠାଇ ଦିଅ ।" ଜନ୍ଦାଗୁଡିକ ପାଣି ପିଇଲେ । ଗଣ୍ଡା ଗୟଲ ନିକଟକୁ ଯନ୍ଦାମାନେ ଗଲେ । ଯନ୍ଦାମାନେ ଗଣ୍ଡାଗୟଲ ନିକଟକୁ ଯାଇ ଗଣ୍ଡାଗୟଲର ନାକକାନ ଆଉ ସର୍ବାଙ୍ଗରେ ଘେରି ଗଲେ । ଯନ୍ଦାମାନଙ୍କର କାମୁଡାକୁ ଗଣ୍ଡାଗୟଲ ସମ୍ଭାଳି ପାରିଲା ନାହିଁ । ଆଉ ହଠାତ୍ ଉଠିପଡି ଦୀର୍ଘ ନିଶ୍ୱାସ ନେଲା । ତାହାପରେ ବୁଢାର ଶିକାର ମଞ୍ଚା (ମାଟ୍ଟୁ ) ନିକଟକୁ ଗଣ୍ଡା ଗୟଲ ଗଲା । ବୁଢାକୁ ଦେଖି ପାଟି ମେଲାଇଲା ଏବଂ ଖାଇବ ବୋଲି କହିଲା । ବୁଢା ଯେତେବେଳେ ଶିକାର କରିବାପାଇଁ ଧନୁ ଟଙ୍କାରିଲା, ସେତିକିବେଳେ ଧନୁଟି ଭାଙ୍ଗି ଦୁଇଖଣ୍ଡ ହୋଇଗଲା । ବୁଢାକୁ ଗଣ୍ଡାଗୟଲ ରାଗରେ ଚାହିଁଲା । ବୁଢାର ଶିକାର ମଞ୍ଚା (ମାଟ୍ଟୁ) କୁ ଗଣ୍ଡାଗୟଲ ଭାଙ୍ଗିଦେଲା । ବୁଢାକୁ ଶିଙ୍ଗରେ ଭୂଷି ବହୁତ ଦିନ ସେମିତି ଜଙ୍ଗଲରେ ବୁଲାଇଲା । ବୁଲାଇଲା ସମୟରେ ବୁଢାର ଗୋଟିଏ ପୁଅ ଜନ୍ମ ହେଲା । ପିଲା ଟିକିଏ ବଡହୋଇ ସାଥୀମାନଙ୍କ ସାଙ୍ଗରେ ଧୂଳି ଖେଳିବାକୁ ଗଲା । ଖେଳୁ ଖେଳୁ ସମସ୍ତ ଖେଳରେ ଜିତିଲା । ପିଲାମାନେ କହିଲେ ହଇରେ ଅଣବାବୁଆ ପିଲା ଆମ୍ଭମାନଙ୍କୁ ତୁ ହରେଇଦେଲୁ ! ପିଲାଟି କହିଲେ ମୋର କଣ ବାପାନାହିଁ । ମୋର ଜନ୍ମ କେମିତି ହେଲା ? ତାପରେ ପିଲାଟି ଘରକୁ ଫେରିଆସି ମାଆକୁ ଖାଇବାକୁ ମାଗିଲା । ଖାଇସାରି ମାଆକୁ ପଚାରିଲା ମାଆଗୋ ! ମୁଁ ଆଜି ଖେଳିବା ପାଇଁ ଯାଇଥିଲି ଯେ ମୁଁ ଖେଳରେ ସମସ୍ତଙ୍କ ଠାରୁ ଟପିଗଲି । ଜିତିବାରୁ ମୋର ସାଙ୍ଗମାନେ ମୋତେ 'ଅଣବାବୁଆପିଲା' ସମସ୍ତଙ୍କୁ ପରାସ୍ତ ବା ହରାଇଦେଲୁ ବୋଲି କହିଲେ । ତୁ କହ, ମୋର ବାପାକିଏ ଓ ସେ କେଉଁଠି ଅଛନ୍ତି ? ହଇରେ ପୁଅ,

ତୁ ଜାଣିଲେ ଆଉ କଣ କରିବୁ ? ତୋ ବାପାକୁ ଗଣ୍ଡାଗୟଳ ଖାଇଦେଇଛି । ମାଆଠୁଁ ଏଇ କଥା ଶୁଣି ପିଲାଟି କହିଲା ମୋ ପାଇଁ ଧନୁଶର ତିଆରି କରିଦେ । ମୁଁ ଗଣ୍ଡାଗୟଳ ମାରିବାକୁ ଯିବି । ମୋ ପାଇଁ ଭୋକଲଡୁ ଓ ଶୋଷଲଡୁ ତିଆରି କରିଦେ । ମୁଁ ସାଙ୍ଗରେ ନେଇ କରିଯିବି । ପିଲାଟିର ମାଆ ଭୋକଲଡୁ ଓ ଶୋଷଲଡୁ ତିଆରି କରିଦେବାରୁ ଅଚ୍ଛଖାଇ ଆଉ ବଳକା ସାଙ୍ଗରେ ଧରି ଗଣ୍ଡା ଗୟଳକୁ ମାରିବା ପାଇଁ ଜଙ୍ଗଲକୁ ଗଲା । ପିଲାଟି ଯାଉଯାଉ ସଂଜ ହେବାରୁ ସୁର ଡକ୍ରୀ ଆଉ ଗଣ୍ଡା ଡକ୍ରୀ ଘରେ ରାତିରେ ଶୋଇଲା । ଶୋଇବା ପୂର୍ବରୁ ପିଲାଟି କହିଲା ନାନୀ (ପିଯୁସୀ) ମୋତେ ସକାଳ ହେଲେ ଉଠେଇ ଦେବ । ମୁଁ ଗଣ୍ଡାଗୟଳ ମାରିବାକୁ ଯିବି । ସୁରଡକ୍ରୀ ଆଉ ଗଣ୍ଡାଡକ୍ରୀ କହିଲେ ହଁ ରେ ପୁଅ ଶୋଇପଡ । ତୋର ବାପା ବି ଏମିତି ଏଇଠି ଶୋଇ ଥିଲା । ପିଲାଟି ଶୋଇଲା । ନିଶାର୍ଦ୍ଧରେ ସୁରଡକରୀ ଓ ଗଣ୍ଡାଡକରୀ ଉଠିପଡି ଧନୁକାଣ୍ଡକୁ କାମୁଡ଼ି ଖାଇବାକୁ ପ୍ରୟାସ କରନ୍ତେ ସେମାନଙ୍କର ଦାନ୍ତ ଝଡିଗଲା । ସେହିଠାରୁ ଗଣ୍ଡାଡକରୀ ଖୁବ୍ ରାଗିଗଲା । ଦାନ୍ତ ଝଡିଯିବାରୁ ତାର ପାଟିଯାକ ରକ୍ତାକ୍ତ ହୋଇ ଶୋଇ ପଡିଲା । ତାପରେ ସକାଳ ହେବାରୁ ପିଲାଟି ଉଠିଲା । ପିଲାଟି କହିଲା ନାନୀ ମୋର ଧନୁଶର ମୋତେ ଦିଅ, ମୁଁ ଜଙ୍ଗଲକୁ ଯିବି । ବୁଢୀ ଧନୁକାଣ୍ଡକୁ ଫୋପାଡି ଦେଲା । ପିଲାଟି ଧନୁକାଣ୍ଡ ଧରି ତାର ବାପାଙ୍କୁ ଖୋଜିବାକୁ ବାହାରିଗଲା । ଯାଉ ଯାଉ ଘଞ୍ଚ ଜଙ୍ଗଲର ଗୋଟିଏ ବିରାଟ ଗଛ ଶାଖାରେ ମଞ୍ଚା (ମାଚ୍ଚ) ତିଆରି କଲା । ଏଇଠି ଜାଗାରେ ଗଣ୍ଡାଗୟଳ ମୋର ବାପାଙ୍କୁ ଖାଇଛି ବୋଲି ଜାଣିପାରି ଗଣ୍ଡାଗୟଳକୁ ମାରିବାପାଇଁ ଜଗି ରହିଲା । ଏତିକିବେଳେ ମଞ୍ଚାପାଖରେ ଥିବା ଝରଣାକୁ ଆସି ଗଣ୍ଡାଗୟଳ ପାଣି ପିଇଲା । ପିଲାଟି ଗଣ୍ଡାଗୟଳକୁ ଦେଖି ଏଇ ମୋ ବାପାଙ୍କୁ ମାରିଛି ବୋଲି ରାଗରେ ଜଳିଗଲା । ଧନୁରେ ଶର ଯୋଖି ଭଗବାନଙ୍କ ନାମ ସ୍ମରଣକରି କାଣ୍ଡ ସହିତ ଧନୁକୁ କାନ ପର୍ଯ୍ୟନ୍ତ ଟଙ୍କାରି ଗଣ୍ଡାଗୟଳ ଉପରକୁ ନିକ୍ଷେପ କଲା । ଶର ବାଜନ୍ତେ ଗଣ୍ଡାଗୟଳ ଭୂମିରେ ଟଳିପଡିଲା । ତାପରେ ତାର ବାପାକୁ ଶିଙ୍ଗରୁ ଟାଣି ଉଦ୍ଧାର କଲା । ସାତଗୋଟି କଦଳୀ ପତରକୁ ତଳେ ବିଛାଇଲା ତା ଉପରେ ତାର ବାପାକୁ ଶୁଆଇଦେଲା । ଆଉ ସାତଗୋଟି କଦଳୀପତ୍ର ତା ବାପାଙ୍କ ଉପରେ ଢାଙ୍କିଦେଲା । ତାପରେ ଇଶ୍ୱର ପାର୍ବତୀଙ୍କୁ ସାତଦିନ ସାତରାତି ସୁମରଣା କରିବାରୁ ସ୍ୱର୍ଗରୁ ଇଶ୍ୱର ପାର୍ବତୀ ବାବାଜୀ ରୂପଧରି ଓହ୍ଲାଇ ଆସିଲେ । ଏତେଦିନ ଧରି କାନ୍ଦୁଛ କଣ ପାଇଁ ପିଲା ? କଣ ହୋଇଛି ତୋର ? ପିଲାଟି କହିଲା ହେ ବାବାଜି ! ମୋର ବାପାଙ୍କୁ ମାରି ଗଣ୍ଡାଗୟଳ ଗୁନ୍ଥି ରଖିଥିଲା । ମୋ ବାପାର ଜୀବନ

ନାହିଁ । ମୋର ବାପାର ଜୀବନ ଫେରାଇ ଦେବକି ନାହିଁ ପିଲାଟି ବାବାଜୀଙ୍କୁ ପଚାରିଲା । ବାବାଜୀ କହିଲେ ହଁ ହଁ ନିଶ୍ଚୟ ଫେରାଇଦେବି । ହେଲେ ତୁ ଖୁଦପେଜ ଶୀଘ୍ର ରାନ୍ଧି ପ୍ରସ୍ତୁତ କର । ପିଲାଟି ଖୁଦପେଜ ରାନ୍ଧିଲା ବେଳକୁ ବାବାଜୀ ଗୋଟିଏ ବାଡିରେ ପିଲାଟିର ବାପାର ଦେହକୁ ସାତଥର ଛୁଇଁଦେଲେ । ବାବାଜୀ ବାଡିରେ ଛୁଇଁବାରୁ ପିଲାଟିର ବାପା ହଲଚଲ୍ ହେଲା । ଆଉଥରେ ବାଡି ଛୁଇଁବାରୁ ବୁଢାଟି ଉଠି ବସିଲା ବୁଢାଟି ଦୌଡି ଚାଲିଯିବା ବେଳକୁ ପିଲାଟି ତାର ବାପା ହାତକୁ ଧରି ପକାଇଲା । ହାତକୁ ଧରି ପକାଇବାରୁ ବାପା ତୁ ଭୂତ ନା ପ୍ରେତ ? ଛାଡ୍ ଛାଡ୍ ମୋ ହାତକୁ ପିଲାଟି କହିଲା । ମୁଁ ଭୂତ କି ରାକ୍ଷସ ନୁହେଁ । ମୁଁ ହେଉଛି ତମର ପୁଅ । ବାପାଙ୍କର ଦୁଇ ଡେଣାକୁ ଧରି ପୁଅଟି ବାପାଙ୍କୁ ଖୁଦପେଜ ପିଆଇ ଦେଲା । ଖୁଦପେଜ ପିଇବାରୁ ତାର ବାପାଙ୍କର ଚେତା ଆସିଲା । ବୁଢାଟି ପଚାରିଲା ହେ ପୁଅ ତୁ କିଏ ? ପୁଅଟି ଉତ୍ତର ଦେଲା ମୁଁ ତୋର ପୁଅ । ପୁଅରେ ! ଗଣ୍ଡା ଗୟଳକୁ ମାରି ମୋତେ ତୁ ବଞ୍ଚାଇ ଦେଲୁ । ଏବେ ଚାଲ୍ ଗଣ୍ଡାଗୟଳ ମାଂସ ଟିକିଏ କାଟିଆଣ୍ ଘରକୁ ଯିବା । ବାପାଙ୍କ କଥାମାନି ପିଲାଟି ଗଣ୍ଡା ଗୟଳର ମାଂସ କାଟି ଧରିଲା ଏବଂ ବାପା ପୁଅ ଦୁହେଁ ମିଶି ଘରକୁ ଫେରିଲେ । ବାପା ପୁଅଙ୍କୁ ପାଇ ପିଲାଟିର ମାଆ ଖୁସିହେଲା । ଗଣ୍ଡା ଗୟଳ ମାଂସ ରାନ୍ଧି ତିନିଜଣ ଯାକ ଖାଇଲେ । ସେହିଦିନଠାରୁ ତିନିଜଣ ସୁଖରେ ଦିନ କାଟିଲେ ।

# କଲିଆ କୁକ୍‌ଡା କତା

## (କଲିଆ କୁକୁଡ଼ା କଥା)

କଲିଆ ଗଟେକ୍ ରିଲା । ସେତି କୁକୁଡା ମାଁଇ ଗୋଟ୍ ବେଜାବାଡେ ଅଲୁଣ୍ଡ୍ ତେରଲି । ବେଙ୍ଗା ଗଟେକ୍ ହାକ୍ ତେରଲି । ବେଙ୍ଗା କଇଲି କୁକୁଡାକେ ଗୁଚ୍ ଗୁଚ୍‌ରେ କୁକଡା ତୋର ମୁଣ୍ଡେ ଅଦ୍‌ରିନ୍‌ଦେ । ଅଦୂରଲେକ୍ ଅଦୂର୍ ମୋର୍ ମୁଣ୍ଡେ ମୋର୍ ହିଲ୍ଲା ଜିଲାର୍ ମୁଣ୍ଡେ ନଦୂର୍ ।  ଆରି କଇଲା ଗୁଚ୍ ଗୁଚ୍‌ରେ କୁକ୍‌ଡା ସମାଡୁକେ ନାହାରନି । ମୁଣ୍ଡେ ଅଦ୍‌ରିନ୍‌ଦେ ଗୁଚ୍ ବେଗି । 'ଅଦୂରଲେକ୍ ଅଦୂର୍ ମୋର୍ ହିଲ୍ଲା ଜିଲ୍ଲାର୍ ମୁଣ୍ଡେ ନଦୂର୍' ବଲ୍‌ଲୁ ବଲ୍‌ଲୁ ମୁଣ୍ଡେ ବେଙ୍ଗାର୍ । ବେଙ୍ଗା ଅଦୂରଲି କୁକ୍‌ଡାର୍ ମୁଣ୍ଡେ । କୁକ୍‌ଡା ଡଗାଇ ଡଗାଇ ମଲି । କଲିଆ ଦକ୍‌ତେରଲା । ସେ କୁକୁଡାମାଇଁକେ ଉଟାଇଲା ଆରି ନିଲା । ହଇରେ ନୁନୀମନ୍ ଇରି ମୋର ବେଣୀ ତୁମିମନ୍ ମୋର୍ ବଣ୍ଜା ବଣ୍ଜୀ । ମୁଇଁ ଆକେ ତହୁ ଜାଇନ୍ଦେ । ଦରଲା କଲିଆ କୁକୁଡାକେ ନିଲା । ଗୋଟେକ୍ ଆଡ୍‌କା ଲଗେ ନେତେ ହକି ବୁରଲା । ସେଥିଟାଣୁ ମାସକେ ହେଠୁରନେ କାଇଲା । ଆକ୍‌ରା ଗଡୁ ଗୋଟେକ୍ କାନେ କଛି ଅତେ ଆଇଲା । ହଇରେ ବଣ୍ଜା ବଣ୍ଜୀ ତୁମି କୁନ୍‌ତୀ ଶୋଆସ୍ । କାଇରି ଅଇଲି ମାମୁଁ । ଲାଗି ହାଟାରୁଲିସ୍ । ନାଇଁରେ ବା ଆଇଦି ତୁମା ଆସେଦ୍‌ଲାଗି ହାଟାରୁଲେ ଡ଼ିରାସ୍ ବଲ୍‌ଲୀ । ଦଖ୍‌ଲାଇ କୁକ୍‌ଡା ହଇମାମୁଁ ଅସ୍‌ରିତ ଆମାର୍ ଆୟାର୍ ଗଡ୍ । କାନେ କାଇ କରୁକେ କଚ୍‌ଲି ଆଚିସ୍ । ନାଇଁ ବଣ୍ଜୀ ଇରିଗଡ୍ କଚ୍‌ଲାର୍ ନାଇଁ ତୁମା ଡସ୍‌ଲି ଆଚେ । ରଆ ରଆ ମୁଇଁ ତୁମାକେ ଆର୍‌ତହୁ ଯାଇନ୍ଦେ । ଆଦ୍ ବାଟେ ଟାଣୁ କଲିଆ ଗଡ୍‌କେ କତୁରତେ କାଇଲା ଆରି ଆଇଲା । କୁନ୍ତି ଶୋଆସ୍  ନୁନୀମନ୍ । ମୁଇଁ ତୁମ୍‌କେ ଜାଗୁକେ ରିନ୍ଦେ । ନାଇଁ ମାମୁଁ, ଆଜି କଟ୍‌ନୀ ବଣ୍ଡିଇଁ ସଉଁଦେ କୁକୁଡାମନ୍ କଇଲାଇଁ । ହାଁ ବଲ୍‌ଲା କଲିଆ । ଚନ୍ନେକ୍ ହର୍ ଜାଗ୍‌ଲା ହରଉତେ ବାରିଗଲା କରିଆ । ତାର୍ ହାରେ ଅନ୍ଦାର୍ ଅନ୍ଦାର୍ ଉଠ୍‌ତେ ଆସୁଲା । କୁକୁଡାମନ୍‌କାର୍ ବାସ୍ ଆୟେ । କଲିଆ ଆସ୍‌ତେ ଅଗିବୁଲ୍‌ଲା କଟ୍‌ନୀ ବଣ୍ଡଇ । କୁକୁଡାମନ୍ ସେଥିନାଇଁ ।  ଯତ୍‌ତା ବଣ୍ଡ୍ ଲଗେ ଦଖ୍‌ଲା ନାଇଁ । ଯାତେ କୁକୁଡାମନ୍ ଯତ୍‌ତା କନ୍ନେ ଯାତେ ଶୋଇଲାଇଁ । ବେଡ୍ ଅଇଲି ଆଇଲା କଲିଆ । ହାଟାରଲା ବଣ୍ଜା ବଣ୍ଜୀ ମନ୍ ରାତି କୁନ୍‌ତି ଶୋଇଲାସ୍ ? ତୁମା ଆସ୍‌ତେ ରିଲି । ତୁମ୍‌କେ ଖଜିବୁଲ୍ ତେରଲି ଆଇଦି ତୁମା । ନିକ କରି ଶୋଉତାବାସା ମକେ କଉତେରିଆ ତବେ ମୁଇଁ ଆଇଦି ତୁମାକେ ମୁଇଁ କଦିନ୍ଦ୍ । ହାଁ ମାମୁଁ ରାତ୍‌କେ

ଯତ୍‌ତା କନ୍ନେ ନି ସଉଁଦେ ତୁମା ଖଦୁକେ ଆଉ ତୁଇ । କୁକୁଡା ହିଲ୍ଲାମନ୍ କଇଲାଇଁ କଲିଆ କେ ହାଁ ତବେ ସଆ ମୁଇଁ ତୁମା ଖଦୁକେ ଆସିନ୍ଦେ । ଆଇଦି ତୁମାତ୍ ବେଶୀ କଲ୍ କଲ୍ କରୁଲି । ତୁମ୍‌କେ ମୁଇଁ ନେକେଦ୍‌ଲେକ୍ ତୁମା ତୁମ୍‌କେ ଖାଇଦେ । ହାଁ ମାମୁଁ ଯା ତୁଇ । ଖା ଆରି ଆଉ । ସେଥିଟାଣୁ କଲିଆ ଗଲା । କୁନ୍‌ତି ଆର୍ ଖାଇଦ୍ ତାର୍ ବାଟେ ଚନ୍ନେକ୍ ଯାତେ ରାତି ହତେ ବସ୍‌ଲା । ବାରଟା ରାତି ଆଇଲାକେ କଲିଆ ଖଜୁଲା କୁକୁଡା ହିଲ୍ଲାମନକେ । ଦଖିଲା ଯେ ଯତ୍‌କ କନ୍ନେ ନାଇଁ । ରିସା ଅଇଲା କଲିଆ ଇ ମାଇପମନ୍ ବେଶୀ ମକେ ସାଦୁଲାଇ । ଆଜି ସବୁବାଟ୍‌କେ ଖୋଜି ଖୋଜି ଦରିନ୍ଦେ ଆର୍ କାଇନ୍ଦ୍ । ଖୋଜିଲା କଲିଆ ସବୁଜାଗ ଲଗେ । କୁନ୍‌ତିହାଁ ନାଇଁ କୁକୁଡାମନ୍ । ଦଖିଲା ଗଟେକ୍ ତୁମ୍ବା ।। ତୁମ୍ବାକେ ଯାତେ ଉଚାଇ ଦଖିଲା ବୋ ଇାଚେ ମିଡାଇଲେରେ ଶତ୍ରୁ ମନ୍‌କେ । ଆଜି ତୁମାର୍ ହାଇଟି କରିନ୍ଦେ । ସକାଡ୍ ହାଅ ତୁମ୍‌କେ ନିନ୍ଦେ ବାଟେ ଯତ୍‌ରା କରିନ୍ଦୋ ସାକାଡ୍ ହାଇଲି । କୁକୁଡାମନ୍‌କେ କଲିଆ ଉଚାଉତେ ନିଲା । କୁକୁଡାମନ କଇଲାଇ ହଇ ମାମୁଁ, ଆମ୍‌କେ ଦରିଦରି ନ କାଆ । ହକ୍‌ଣା ଲଗେ ଚେତ୍ ଆମି ମରୁନ୍ଦେ । ମଲେକ୍ ବେଛି ବେଛି କାଆ । ହାଁ, ତବେ ବଲ୍‌ଲା କଲିଆ । ହକ୍‌ଣା ଲଗେ ତୁମ୍ବାକେ ଢାଇକରି ଚେଚ୍‌ଲା । ସବ୍ କୁକ୍‌ଡା ଉଡ୍‌ତେ ହଡାଇଲାଇଁ । କଲିଆ ଅଇଲା ଖାବା । ଗଟେକ୍ ଆକା କୁକୁଡା ରିଲି ବାଉଡ଼ିରି । କୁକୁଡା କଇଲି ମାମୁଁ ମକେ ନାନାମନ୍ ଆଗାମୁତାର୍ କଲାଇତି । ହାଣିଲଗେ ଚନ୍ନେକ୍ ଦଉ । ବାଡ୍‌ମେଡା ଲଗେ ସୁକାଉମକେ ଆରି ତୁଇ ଆଉ ବାଡ୍ ତଡେ଼ ଆଖିଲୁମ୍‌ତେ ଟଣ୍ଡ ହାଡ୍‌ତେର ତୋର୍ ଟଣ୍ଡେ ମୁଇଁ ଅଦ୍‌ରିନ୍ଦେ କାଶି । କଲିଆ ବାଡ୍ ତଡେ ଯାତେ । ଯାତେ ଟଣ୍ଡ ହାଡ୍‌ତେ ଜାଗ୍‌ଲା ଆଛେ । କୁକ୍‌ଡା ସମୁର୍‌ଲି । ହାହଡ୍‌ଲି ତେଣାକେ । ଅଲେ ତବେ ମାମୁଁ ଟଣ୍ଡ ହାଡ୍‌ଲିସ୍ କି ତୋର୍ ଅବାର୍ ଅଦ୍‌ରିନ୍ଦ୍‌ବେ ମକେ ଖାଆ । ହାଁ, ତବେ ବଣ୍ଡୀ ହାଉଲେ ଟଣ୍ଡ ଅଦୂର୍ ବେଗୀ ଖାଇନ୍ଦେ । ପିଚ୍‌କରି ଆଗିଦିଲି କୁକ୍‌ଡା କଲିଆର ଟଣ୍ଡେ । କଲିଆ ଧଲ୍ଲା ପିଚିତ ଅଡେକ୍ ସୁଆଦ୍ ଚିଚି କଡେକ୍ ସୁଆଦ । ସେତ୍‌ତିଟାଣୁ କଲିଆ କୁକ୍‌ଡାର ଗୁହ୍ କାତେ ତାର୍ ଗରେ ଯାତେ ତବିର୍ ତେରଲା । କଲିଆର୍ ବାଟ୍‌କେ କଲିଆ ଗଲା ଆରି କୁକ୍‌ଡାର ବାଟ୍‌କେ କୁକ୍‌ଡା ଗଲାଇଁ ।

**ଓଡ଼ିଆ ଅନୁବାଦ :**

ବିଲୁଆ ଗୋଟିଏ ଥିଲା । ବାଇଗଣ ବାଡ଼ିରେ ବାଇଗଣ ଗଛ ମୂଳରେ ମାଈ କୁକୁଡ଼ାଟିଏ ଅଣ୍ଡା ଦଗିଥିଲା । ବାଇଗଣ ଗୋଟିଏ ପାଚୁଥିଲା । ବାଇଗଣ କହିଲା କୁକୁଡ଼ାକୁ

ତୁ ଏଠାରୁ ଚାଲିଯାଅ, ନଚେତ୍ ତୋ ମୁଣ୍ଡରେ ଖସି ପଡିବି । ମୋର ମୁଣ୍ଡରେ ଖସିପଡିଲେ ଖସିପଡ, ହେଲେ ମୋର ପିଲାମାନଙ୍କ ମୁଣ୍ଡରେ ଖସିପଡିବୁ ନାହିଁ । ଆହୁରି କହିଲା ଖୁବ୍ ଶୀଘ୍ର ଏଠାରୁ ଉଠିଯାଅ ମୋର ଆଉ ଗଛରେ ଓହଳି ରହିବାର ଶକ୍ତିନାହିଁ । ଏମତି କଥା ନ ସରୁଣୁ ବାଇଗଣଟି କୁକୁଡା ମୁଣ୍ଡରେ ଖସିପଡିଲା । କୁକୁଡା ଛଟପଟ ହୋଇ ମରି ଗଲା । ଏହି ସବୁ ଦୃଶ୍ୟ ବିଲୁଆ ଦେଖିଥିଲା । ସେ କୁକୁଡାମାଇଁକୁ ଉଠାଇ ନେଇଗଲା । ତା'ପରେ କୁକୁଡା ଛୁଆମାନଙ୍କୁ ବିଲୁଆ କହିଲା ଆରେ ପିଲାମାନେ; ଏଇଟା ହେଉଛି ମୋର ଭଉଣୀ, ଆଉ ତମେମାନେ ସବୁ ମୋର ଭଣଜା ଓ ଭାଣିଜୀ । ମୁଁ ତମ ମା'ଙ୍କୁ ପୋତିବା ପାଇଁ ନେଇ ଯାଉଛି । କୁକୁଡାକୁ ଧରି ବିଲୁଆ ଚାଲିଗଲା । ଗୋଟିଏ ଆଢୁଆଳରେ କୁକୁଡାର ପକ୍ଷୀସବୁ ବାହାର କରିଦେଲା । ସେଠାରୁ ଏକମାସ ପେଟପୁରା ଖାଇବାକୁ ଲାଗିଲା । ଶେଷରେ କୁକୁଡାର ଗୋଟିଏ ଗୋଡ କାନରେ ଖୋସି ବିଲୁଆ ଆସିଲା ଏବଂ କୁକୁଡା ଛୁଆମାନଙ୍କୁ କହିଲା, ହଇରେ ଭଣଜା ଭାଣିଜୀ ତମେମାନେ ସବୁ କେଉଁଠି ଶୋଇବ ? କଣ ହେଲା ମାମୁଁ ପଚାରୁଛୁ ଯେ ! ତାପରେ ବିଲୁଆ କହିଲା ନାଇଁରେ ପିଲାମାନେ, ତମ ମାଆର ପ୍ରେତଆତ୍ମା ଆସିବ ବୋଲି କହୁଛି । କୁକୁଡା ଛୁଆମାନେ ବିଲୁଆ କାନରେ ଖୋସିଥିବା ଗୋଡକୁ ଦେଖି କହିଲେ ମାମୁଁ; ସେ ତ ଆମ ମାଆର ଗୋଡ । କାନରେ କାହିଁକି ଖୋସିଛ ? ନାଇଁ ଭାଣୀଜିମାନେ ଏଇଟା ତମ ମାଆର ଗୋଡ ନୁହେଁ । ଏଇଟା ତମ ମାଆର ପ୍ରେତ । ମୋ କାନରେ ଲାଖି ରହୁଛି । ଗୁହ ଗୁହ ମୁଁ ପ୍ରେତକୁ ଆଉଥରେ ପୋତିବା ପାଇଁ ଯିବି । ଅଧା ବାଟରେ ବିଲୁଆ କୁକୁଡା ଗୋଡକୁ ଚୋବାଇ ଚୋବାଇ ଖାଇ ଫେରିଲା । କୁକୁଡା ଛୁଆମାନଙ୍କୁ କହିଲା କେଉଁଠି ଶୋଇବ ଭାଣିଜୀମାନେ ? ମୁଁ ତମମାନଙ୍କୁ ଜଗିବା ପାଇଁ ଆସିବି । ନାଇଁ ମାମୁଁ ଆଜି ଢିଙ୍କି କୁଟୁଣୀ ଗାତପାଖରେ ଶୋଇବୁ । କିଛି କ୍ଷଣ ଅପେକ୍ଷା କରିବାର ଅଭିନୟ କରି / ବାହାନା କରି ବିଲୁଆ ଚାଲିଗଲା । ରାତି ହେବାରୁ ବିଲୁଆ ଚୁପ୍ ଚାପ୍ ହୋଇ କୁକୁଡା ଛୁଆମାନଙ୍କୁ ଧରିନେବା ପାଇଁ କୁଟୁଣୀ ଗାତ ନିକଟରେ କୁକୁଡା ଛୁଆସବୁ ଶୋଇନଥିବାର ଦେଖିଲା । ତା'ପରେ ଘୁରୁଣା ସନ୍ଧି, ଚୁଲୀମୁଣ୍ଡ ସବୁ ଜାଗାରେ ଖୋଜିଲା । କେଉଁଠାରେ ହେଲେ ଛୁଆମାନଙ୍କୁ ପାଇଲା ନାହିଁ । ସକାଳ ହେବାରୁ ବିଲୁଆ ପହଞ୍ଚି କୁକୁଡା ଛୁଆମାନଙ୍କୁ ପଚାରିଲା କାଲି କେଉଁଠି ଶୋଇଥିଲ ଭାଣିଜୀମାନେ । କାଲି ପ୍ରେତ ଆସିଥିଲା କି ? ତୁମକୁ ରାତିରେ ଖୋଜିବୁଲୁଥିଲା କି ? ମୋତେ ଭଲକରି ତୁମ ଶୋଇବା ଜାଗାର ଠିକଣା କହିଥାଅ । ତେବେ ମୁଁ ତମ ମାଆର ପ୍ରେତକୁ (ଦୁମା) ଭଲକରି ରାମ୍ପୁଡିବି ।

ମୁଁ ନ ରାମ୍ପୁଡିଲେ ପ୍ରେତ ତୁମକୁ ଖାଇଯିବ । କୁକୁଡା ଛୁଆମାନେ କହିଲେ ହଁ ମାମୁଁ ତୁ ଯାଇକରି ଆସ । ସେଠାରୁ ବିଲୁଆ ଚାଲିଗଲା । ବିଲୁଆ ଆଉ କେଉଁଠାକୁ ଖାଇବାକୁ ଯିବ । କିଛି ଦୂରକୁ ଯାଇ ରାତି ପର୍ଯ୍ୟନ୍ତ ବସିରହିଲା । ନିଶା ଗର୍ଜିବାରୁ ବିଲୁଆ କୁକୁଡା ଛୁଆମାନଙ୍କୁ ଖାଇବା ପାଇଁ ଫେରି ଆସିଲା । ତାପରେ ବିଲୁଆ ଘୁରୁଣା କଣାରେ ଯାଇ ଛୁଆମାନଙ୍କୁ ଖୋଜିଲା ଏବଂ ଛୁଆମାନଙ୍କୁ ନ ପାଇ ବିଲୁଆ ଖୁବ୍ ରାଗିଗଲା । ମନେ ମନେ ସ୍ଥିର କଲା ଆଜିସବୁ ଜାଗାରେ ତନ୍ନ ତନ୍ନ କରି ଖୋଜିବି । କୁକୁଡା ଛୁଆମାନଙ୍କୁ ଗୋଟି ଗୋଟି କରି ଖାଇବି । ଏକଥା ମନରେ ପାଞ୍ଚି ସାମ୍ନାରେ ଥିବା ଲାଉ ତୁମ୍ବାଟି ଓଳନିଆ ଜଣାପଡୁଥିବାର ଦେଖିଲା । ଆଜି ଶତ୍ରୁମାନଙ୍କୁ ପାଇଛି ବୋଲି ଭାବି ବିଲୁଆ ଖୁସି ହେଲା ଏବଂ ସ୍ୱତଃ କହିଲା ଆଜିତୁମର ଦିନକୁ ମୋର ଦିନେ । ବିଲୁଆ ତୁମ୍ବାକୁ ଧରି ଚାଲିଲା । କୁକୁଡା ଛୁଆମାନେ କହିଲେ ହଁ ମାମୁଁ ଆମକୁ ଧରି ଧରି ଖାଅନାହିଁ । ତୁମ୍ବାଟିକୁ ପଥରରେ ଛେଚିଦିଅ । ଆମେ ସବୁ ମରିଯିବୁ ଏବଂ ତୁମେ ଗୋଟେ ଗୋଟେ ଆମକୁ ଖାଇବ । କୁକୁଡା ଛୁଆମାନଙ୍କ କଥାରେ ବିଲୁଆ ରାଜିହେଲା ଏବଂ ଯୋର୍‌ରେ ତୁମ୍ବାଟିକୁ ପଥର ଉପରେ କଚାଡି ଦେଲା । ସବୁ କୁକୁଡା ଉଡି ଚାଲିଗଲେ । ବିଲୁଆ ବୋକା ବନିଗଲା । ସବାସାନ କୁକୁଡା ଛୁଆଟି ଉଡି ନ ପାରି ସେଠାରେ ରହିଗଲା ଆଉ ଭୟରେ ଥରି ଥରି ବିଲୁଆକୁ କହିଲା ମାମୁଁ ମୋତେ ନାନୀମାନେ ଗୁହ ମୁତରେ ଘାଣ୍ଟି ଚକଟି ଦେଇଛନ୍ତି । ପାଣିରେ ମୋତେ ଟିକିଏ ଧୋଇଦିଅ । ଗୋଟିଏ ବାଡଗୁଅରେ ମୋତେ ବସାଇଦିଅ ଏବଂ ତୁମେ ପାଟି ଆଁ କରି ତଳେ ବସି ରହ । ମୁଁ ତମ ପାଟିରେ ଖସି ପଡିବି ଏବଂ ତମେ ମୋତେ ଖାଇଦେବ । ଛୁଆ କଥାରେ ବିଲୁଆ ରାଜିହୋଇ ଆଁ କରି ତଳେ ବସି ରହିଲା । ଏତିକିବେଳେ କୁକୁଡା ଛୁଆଟି ବିଲୁଆ ପାଟିରେ ପିଚ୍‌କରି ଝାଡା ଫେରିଲା । ବିଲୁଆ କହିଲା କୁକୁଡା ଛୁଆର ଝାଡା ତ ଏତେ ସୁଆଦ୍ ତାର ପରିଶ୍ରା କେତେ ସୁଆଦ ହୋଇ ନଥିବ । ସେହିଠୁଁ ବିଲୁଆ କୁକୁଡା ଛୁଆମାନଙ୍କ ପାଖକୁ ଫେରିଲା ଏବଂ ତୁମ ସାନଭଉଣୀ କାହିଁ ବୋଲି ପଚାରିଲା । ଠିକ୍ ଏତିକିବେଳେ ସାନ ଛୁଆଟି ଆସି ପହଞ୍ଚିଲା । ଆଉ ବିଲୁଆକୁ କହିଲା ମାମୁଁ ତମେ ମୋତେ ଖାଇଲ ନାଁ ମୋର ଗୁହକୁ ଖାଇଲ । ଏକଥା ଶୁଣି ବିଲୁଆ ଲାଜରେ ସେ ସ୍ଥାନ ଛାଡି ଚାଲିଗଲା । ଆଉ କେବେ କୁକୁଡା ଛୁଆମାନଙ୍କ ନିକଟକୁ ଫେରିଲା ନାହିଁ । ସେହି ଦିନଠାରୁ କୁକୁଡା ଛୁଆମାନେ ଆନନ୍ଦରେ ରହିଲେ ।

# ସାତ୍‌ବାଇ

## (ସାତଭାଇ)

ସାତ୍‌ବାଇ ରିଲାଇଁ । ବେଠ୍‌କେ ଗଲାଇଁ । ସାତ୍‌ବାଇ ବେଠ୍ ବୁଲୁ[illegible] କାୟରି ନିମିଲି । ଛେଡେ ନାଇଁ ହାଣ୍ଡ୍‌କା ନାଇଁ ଖାଇରି ହାନମିଲି । ବୁଲିବୁଲି ଥାକ୍‌ଲାଇଁ । ଘରେ ଆଇଲାଇଁ । ହେଙ୍ଗ୍ ସାଗ୍ ରାନ୍ଧ୍‌ଲାଇଁ । ଖାଇଲାଇଁ ଆର୍ ସାତ୍‌ବାଇଯାକ୍ ଶଇଲାଇଁ । ସାତ୍‌ବାଇଯାକ୍ ସକାଡ୍ ହାଇଲାଇ ଉଠ୍‌ଲାଇଁ । ଦାନ୍ତ୍ ଘସ୍‌ଲାଇଁ ହେଙ୍ଗ୍ ହାଣି ଖାଇଲାଇଁ । ସକାଡ଼ ହାଇଲିଲା ଉଠ୍‌ଲାଇଁ । ଉଠ୍‌ତେ ଦାତୁଣ୍ ହତାରା କଲାଇଁ । ବେଠ୍‌କି ଗଲାଇଁ ଆର୍ ଡଙ୍ଗୁର୍ ହର୍‌ବତ୍ ଢାକ୍ ବୁଲ୍‌ଲାଇଁ । ବୁଲୁବୁଲ୍ ଖିଛି ନି ମିଲି । ହନ୍ଛେ ସବ୍‌କାର୍ ଖୁରଂଙ୍ଗା ବାଇ ବରା ଗଟେକ୍ ମାର୍‌ଲା । ମାର୍‌ଲାକେ ବାଇମନ୍‌କେ ଛଅବାଇ ଆଶା ବରା ଗଟେ ମାର୍‌ଲେ । ମାର୍‌ଲାକେ ହଛେ ବାଇମନ୍ ସବୁ ଗୁଣ୍ଡ୍‌ଲାଇ । ଗୁଣ୍ଡ୍‌ଲାକେ ଖାଇରି କାମ୍ ଖାଇରି କାମ୍ । ଅଣ୍‌ସି ବନିସ୍ ବନ୍ ଭିତରେ ହାଣିନାଇଁ କାଂଜି ନାଇଁ  ଆମ୍‌କେ ଭୁକ୍ ଲାଗ୍‌ଲେ । ଢଏ ନିମିଲାର୍ । ନିମିଲ୍‌କେ ଢଏ କୁନ୍‌ତି ଖଜୁ ଢୁଏ ? ଯା ଖୁରୁଂଙ୍ଗା ବାଇ ଗଟଉହୁରେ ଛର୍ । ଆର୍ ଦକିଦାକ୍ ଢଏ ଯୁମ୍ ତିର୍‌ଲେଇ ଯୁନା ଢାଗାଲେଗେ ଢଏ ରିଲେକ୍ ମାଗ୍‌ତେ ଆଣୁ । ଆର୍ ବରାକେ ହଡାମ୍ କାମ୍ । ଖୁରଂଙ୍ଗା କୁରଂଙ୍ଗା ଗଛ୍ ବାଇ ଗଛେ ଚଗଲାର୍ ଦଖ୍‌ଲା ଗଟେକ୍ ଅସୁରଣୀ ଗର୍ । ବାଇମନ୍ ମୁଇଁ ଯଇ ଦଖ୍‌ଲେ ଆଣୁଛୁହା । ମୋର୍ ନାଶି ଯନ୍ ସଲ୍‌କି ଆଛେ ସେଇ ସଉକେ ଯାହା ସି ଅସୁରୁଣୀ ଲଗେ ଗଲାଇଁ । ଅସୁର୍‌ନୀ ଦଖ୍‌ଲି । ଆଇଲାସ୍ କି ହିଲାମନ୍ ବଲ୍‌ତେ କଇଲି । ଆଇଦି ସାନ୍ ମୁଇଁ ବଡ୍ ଅବି ଆଇଲାସ୍ । ଆର୍ ଗଟେ ଖୁରୁଂଙ୍ଗା ବାଇ କିଇଁ ଗଲା ଆଇଲାର୍ ନାଇଁ । ସି ଅସୁର୍‌ନୀ କି କଇଲି ଆରି ସେଇ ଟୁକିକୁ କଇଲି ଅସୁର୍‌ନୀ । ଦାଦା ଦିମନ୍ କେ ରାନ୍ଧ୍ ଦେଶ୍ । ଖୁରୁଂଙ୍ଗାବାଇ ଖାଦିହିଦି ଖାଇତା ବଡ୍ କେଟ୍‌ଲା । ଅବେ ଆଇ ଲିସ୍‌କି ବାଇ ବୋଲ୍‌ତି କଇଲି । ଯାନୁନି ହେଙ୍ଗ୍ ଛାଗ୍ ବାଟା କର୍‌ଦେସ୍ ଖାଅ ବାଇମନ୍ । ମୁଁ ସି ଟୋକି କଇଲି ହେଙ୍ଗ୍‌ଛାଗ୍ ନେ ଦେଇଁ । ତୁଇଁ ଯା ଆୟା ବାଟା କର୍‌ଦେ । ବାଟା କର୍‌ଦେଲି ଆସା ବାଇମନ୍ ହେଙ୍ଗ୍ ଖାଓ୍ୱାଁ । ହିଲାମନ୍ କେ ହାଣି ଦିଲି ଆତ୍‌ମନ୍ ଦଇଲାଇଁ । ବାଟାଇଁ ଯାତି ବସ୍‌ଲାଇଁ । ଯାଅମନା ଆଣ୍‌ଦେଶ୍ ଖାଅତ୍ । ଯାଅ ସାଗ ଖାତି ସର୍‌ଲାଇଁ । ଆତ୍‌ମନ୍ ଦଇଲାଇଁ । ଆତ୍‌ମନ୍ ଦୋଡି ସର୍‌ଲାଇଁ । ସର୍‌ଲାଇଁ ଆର୍ ଛୁଙ୍ଗାହାତାର୍ ମାଗ୍‌ଲାଇଁ ।

ଝୁଙ୍ଗା ବନାଇଲାଇଁ । ଝୁଙ୍ଗା ବନାଇଲାଇଁ ଲାଗାଇଲାଇଁ ସର୍‌ଲାଇଁ । ଟାଟିମନ୍ ଅଟାଇଲାଇଁ ଆର୍ ଶଉତାର ଶଇଲାଇଁ । ଅସୁର୍‌ନୀ ଆର ଟୋକି ଖାଦି ହିଦି ଖାଇଲାଇଁ । ଖାଇଲାଇଁ ଅସୁର୍‌ନୀମନ୍ ଶଇଲାଇଁ ଅଦ୍‌ରାତି ହଇଲାକେ ମଲାଇ କି ନାଇଁ ନୁନି ଦାକୁ ଯା । ମଲେକ୍ ସରି ଖାଉଁତାନ୍ । ଆରେକ୍ ଟୋକି କାହାଟ୍ ମାର୍‌ଲି ଦଖ୍‌ଲି ହିଣ୍ଡାଇ ସଉତେ ଗିଲାଇଁ । ସେ ଖୁରୁଂଙ୍ଗା ମଲାର୍ ନାହିଁ । ହାଂଚ୍ ବାଇ ମଲାଇଁ ଆର୍ ଦୁଇବାଇ ଜୀବନ୍ ଆତ୍‌ତି । ହାଂଚ୍ ବାଇ ମଲାକେ ଆର୍ ଦୁଇବାଇ ବିଚାର୍ କଲାଇଁ । ଦୁଇବାଇ ବିଚାର କଲାଇଁ ଆମି ସକାଡ୍ ହାଇଲେକ୍ ଆମି ହାଡାଇତୁ । କୁକ୍‌ଡା ବାସ୍‌ଲି ଲାଗେ ଦୁଇବାଇ ହାଡାଇଲାଇଁ । ସେ ଟୋକି ଉଠ୍‌ଲିଆର୍ ଦେଖୁଗଲି । ଦଖ୍‌ଲି ଆର୍ ଆଇସି କି କୁଦ୍‌ଲି ମଲାଇଁ ଗଣିଦକ୍ କତିଗଟ୍ ମଲାଇଁ । ଟୋକି ଏକ୍ ଦୁଇ ତିନ୍ ଚାର୍ ହାଂଚ୍ । ହାଂଚ୍ ଗଟ୍ ମଲାଇଁ । ଜଡେକ୍ ହଡାଇ ଲାଇଁ । ହଡାଇଲାକେ ମୁଇଁ ତିନି ଗଟ୍ କାଇଁଦବେ ତୁଇ ଜଡେ କେଖା ବାଟି ଦରାର୍ ଖଦ୍‌ଦେ ନେତେ ବାଟି ଦରାର୍ ଖା । ସେ ବୁଡୀ ଖାଇଲି ତିନିଗଟ୍ ଜିସି ଖାଇଲି ଜଡେକ୍ । ଜିସି ଗତେନିଲି ଦୁଇଲୋକେ୍‌କେ ଗତେନିଲି । ଖତ୍ ନିଲି ବାଟେ ଖେଟାଉ ନାହାର୍‌ଲି । ବାସ୍‌ନାଡା ଚାଡ୍‌ଲାଇଁ ଅସୁର୍‌ନୀର୍ ବାଟ୍ ଖଙ୍କୁ ନାହାର୍‌ଲି । ବାସ୍‌ନାଡାକେ ହେଲ୍‌ଲି ଆର୍ ଖଦ୍‌ଲି । ଆଗି ଖେଟାଇ ହାଡି ଖେଟାମ୍ ନାହାର୍‌ଲି । ହିଲାମନ୍ ଖେଟାଖେଟି ଅଇଲା ନାଇଁ ହାଣିନଡା ଗଟେ ଚାଡ୍‌ଲି । ଚାଡ୍‌ଲାକେ ଗାଡ୍ ଅଇଲି । ଅସୁରନୀ ଗାଡ୍ ହଉଁରୀ ହଉଁରୀ ଥାକ୍‌ଲି । ହିଲାମନ୍ ଗଲାଇଁ । ହିଲାମନ୍ ଗଲାଇଁ ଆର୍ ଗୋଟ୍ ରଜାଗର୍ ବିବା ଅଉଁଲି । ହିଲାମନ୍ ବିଚାର କଲାଇଁ ଇସ୍କୁଲେ ବାସା କଲାଇଁ । ଇସ୍‌କୁଲେ ମାଗ୍‌ତେ ଖାଉଁଲାଇଁ । ହିଲାମନ୍ ମାଗ୍‌ତେ ଖାଉଲାଇଁ । ହିଲାମନ୍‌କେ ଗାଓଁର ଲୋକ୍ କଉଁଲାଇଁ । ହିଲାମନ୍ ଇତି ନଶୋଓ୍ୱା ଗଏଲ୍‌ଗଣ୍ଡା ବୁଲ୍‌ଲି । ଗଏଲ୍‌ଗଣ୍ଡା ବୁଲ୍‌ଲି ଇତି ଶଉତ୍‌ଲେକ୍ ମାର୍‌ଦେ ତୁମ୍‌କେ । ନାଇଁ ଆମି ଇତି ଆକା ସଉଁଦେ ମାର୍‌ଲେ ହେ ମାର୍ ଇତି ଆକା ସଉଁଦା ଗଣ୍ଡାକେ ଯେ ମାର୍‌ଲେ ତାକେ ବିବା କର୍ ଦେଉଁଦ୍ ମୋର୍ ଟୋକିକେ । ଗଣ୍ଡାକେ ମାର୍‌ଲାକେ ହିଲାମନ୍ । ହିଲାମନ୍ ମାର୍‌ଲାଇଁ ଗଣ୍ଡାକେ । ନାସି, ଖାନ୍ ଲେଙ୍ ନାକ ଖାଟଲାଇଁ ଦରଲାଇଁ ଆତତି । କୁମାର୍ ଆଟେ ଜାଡେରିଲା ଆଣ୍ଠି କାଉଡି ନେତେଲା ଆଟେ ଗଣ୍ଡାକେ ଦଖ୍‌ଲାର୍ ହାଣ୍ଡି କାଉଡି ହାବ୍‌ଡାଇଲା । ହାବ୍‌ଡାଉତେ ଗଣ୍ଡାକେ ମାର୍‌ଲା । ଗଣ୍ଡାକେ ମାର୍‌ଲା ଉତେ ନାଶିକାନ୍ କାଟଆର୍ ଦର୍‌ଲା । ଆର୍ ରଜାଗର୍ ଗଲା ମୁଇଁ ଗଣ୍ଡା ମାର୍‌ଲେ ମୁଇଁ ରଜାର ଜିସିକେ ବିବା ଅଇଁଦେ । କୁମାର୍‌କେ କୁଦ୍‌ଲାର୍ ନିଲା ରଜା । ଗଣ୍ଡାର୍ ନାକ୍, କାନ୍, ଲେଂଙ୍ ସବ୍‌ଯାକ୍ ଦେଖାଇଲା ରାଜାକେ । ରଜାଦେଖ୍‌ଲାର୍ ଶର୍‌ଦା

ଅଇଲା । ଦେଶ୍ ଦେଶିଆ ଗଡ୍ ଗଡିଆକେ ରୁଣ୍ଡାଇଲା । ତାର୍ ଜିସିକେ ଆର୍ କୁମାରକେ ବିବା କଲା । ବିବା ଅଇଲି ଆଜେ ହିଲାମନ୍ ମାଗ୍ତେ୍ କାଇଁ କାଇଁ ବିବାଗର୍ ଗଲାଇଁ । ବିବାଗର୍ ଗଲାଇଁ ଉତେ ମାଗ୍ତେ କାତେ ରଜାକେ କାଶିକାନ୍ ସବୁ ଦଖାଇଲାଇଁ । ରଜା ଦଖ୍ଲା । ଦଖ୍ଲାକେ ହିଲାମାନ୍ କୁମାର୍କେ ଖଦ୍ଦା । କୁମାରକେ ଖଦଲାଇଁ । ହିଲାମନ୍କେ ବିବା କଲାଇଁ । ହିଲାମନ୍କେ ବିବା କରତେ ସର୍ଲାଇଁ । ବିବାସର୍ଲି ଲାଗି ହିଲାମନ୍ କି ରାଜା ଦେଶ୍ ଗୋଟେକ୍ ଦିଲା । ମେଡ୍ ମଣ୍ଡପ୍ ବନାଇଦିଲା । ରଜାକଇଲା ନିକକରି ଖାହା ଜିଓ୍ବା ବଇ୍ଲା ।

**ଓଡ଼ିଆ ଅନୁବାଦ :**

ସାତଭାଇ ଥିଲେ । ଶିକାରକୁ ଗଲେ । ସାତଭାଇ ଜଙ୍ଗଲ ବୁଲିବୁଲି କିଛି ପାଇଲେ ନାହିଁ । ଚଢେଇ କିମ୍ବା କାବତ କିଛି ଖାଇବାକୁ ମିଳିଲା ନାହିଁ । ବୁଲିବୁଲି ଥକି ଗଲେ । ଘରକୁ ଆସିଲେ । ଜାଉ ସାଗ ରାନ୍ଧି ଖାଇଲେ ଏବଂ ସାତଭାଇଯାକ ଶୋଇଲେ । ସକାଳ ହେଲାରୁ ସାତଭାଇଯାକ ଉଠିଲେ । ଦାନ୍ତପତ୍ର ଘସି ଜାଉପେଜ ଖାଇଲେ । ଜଙ୍ଗଲକୁ ପୁଣି ଶିକାର କରିବାକୁ ଗଲେ ଓ ବଣ ପର୍ବତ ବୁଲିଲେ । ବୁଲି ବୁଲି କିଛି ପାଇଲେ ନାହିଁ । ଶେଷରେ ସବୁଠାରୁ ସାନଭାଇ ବାରହା ଗୋଟିକୁ ମାରିଲା ଏବଂ ଛଅଭାଇଙ୍କୁ ଡାକିଲା । ମାଇଲା ପଛେ ଭାଇମାନେ ସବୁ ଗୁଣ୍ଡ ହେଲେ । ଗୁଣ୍ଡ ହେଲା ପରେ କଣ ଖାଇବା କଣ ଖାଇବା ? ଏ ଘଞ୍ଚ ଜଙ୍ଗଲ ଭିତରେ ପାଣି କିଛି ନାହିଁ । ଆମ୍ଭମାନଙ୍କୁ ଭୋକ ହେଲାଣି । ନିଆଁ ମିଳୁନାହିଁ । ନ ମିଳିଲେ କେଉଁଠି ଖୋଜିବା ? ଯାଅ ସାନଭାଇ ଗଛ ଉପରକୁ ଚଢ । ଦେଖ୍ ଦେଖ ନିଆଁ ଯେଉଁଠିଥିଲେ ମାଗିକରି ଆଣିବା ଏବଂ ବାରହାଟିକୁ ନିଆଁରେ ପୋଡିଖାଇବା । ସାନଭାଇ ଗଛ ଉପରେ ଚଢିଦେଖିଲା ଗୋଟିଏ ଅସୁରୁଣୀ ଘର । ଭାଇମାନଙ୍କୁ କହିଲା ମୁଁ ଯାଇ ଦେଖିଲା ପରେ ନିଆଁ ଆଣିବା ପାଇଁ ଯିବା । ମୋର ନାକ ଯେଉଁ ସିଧାରେ ଅଛି ସେହି ସିଧାକୁ ଯାଅ । ସେମାନେ ଅସୁରୁଣୀ ପାଖକୁ ଗଲେ । ଅସୁରୁଣୀ ଦେଖିଲା ଏବଂ ଆଇଲ କି ପିଲାମାନେ ବୋଲି କହିଲା । ତମ ମା' ସାନ ଏବଂ ମୁଁ ବଡ । ବର୍ତ୍ତମାନ ଆସିଲ । ଆଉ ଗୋଟିଏ ସାନଭାଇ ଦେଖିକରି ଗଲା ବୋଲି ଅସୁରୁଣୀ କହିଲା । ଦାଦାମାନଙ୍କୁ ରୋଷେଇ କରି ଖାଇବାକୁ ଦେବାପାଇଁ ଅସୁରୁଣୀ ତା ଝିଅକୁ କହିଲା । ସାନଭାଇ ଖାଇପିଇ ସାରିଲାବେଳକୁ ବଡଭାଇ ପହଞ୍ଚିଲା ଭାଇକୁ ଦେଖି ବର୍ତ୍ତମାନ ଆସିଲକି ବୋଲି ପଚାରିଲା ଯାଅ, ଭଉଣୀ ବୋଲି

ଅସୁରଣୀ ଝିଅକୁ ସାନଭାଇ କହିଲା । ସେମାନଙ୍କୁ ଖାଇବାକୁ ଦେବାପାଇଁ କହିଲା । ସେହି ଲୋଭି ଝିଅଟି କହିଲା ମୁଁ ପେଜଭାତ ଦେଇପାରିବି ନାହିଁ । ତୁ ଯାଆ ମା' ବାଢିଦେ । ବଣ୍ଟା କରିଦେଲି । ଆସ ଭାଇମାନେ ପେଜଭାତ ଖାଇବା । ପିଲାମାନଙ୍କୁ ପାଣିଦେଲା । ହାତମୁହଁ ଧୋଇଲେ । ଖାଇବାକୁ ବସିଲେ । ଭାତ ଆଣିଦିଅ, ଖାଇବେ ବୋଲି ଝିଅକୁ କହିଲେ । ଭାତ ଶାଗ ଖାଇସାରିଲେ । ହାତ ମୁହଁ ଧୋଇଲେ । ହାତ ମୁହଁ ଧୋଇସାରିଲେ ଓ ପିକ୍‌କା କରିବା ପାଇଁ ପତ୍ର ମାଗିଲେ । ପିକ୍‌କା ବନାଇଲେ ପିକ୍‌କା ବନାଇ ପିଇ ସାରିଲେ । ବିଛଣା ବିଛାଇ ଶୋଇବାକୁ ଗଲେ । ଅସୁରୁଣୀ ଓ ଝିଅ ଖାଇପିଇ ସାରିଲେ । ଖାଇସାରି ମାଆ ଓ ଝିଅ ଶୋଇଲେ । ଅଧ ରାତିବେଳକୁ ଉଠି ଅସୁରୁଣୀ ଝିଅକୁ କହିଲା – ଯାଆ ଝିଅ ଦେଖ୍ ସେମାନେ ମରିଗଲେ ସେମାନଙ୍କୁ ଖାଇବା । ଝିଅଟି କବାଟକୁ ଖୋଲିଲା ଓ ସାତଭାଇଯାକ ପିଣ୍ଡାରେ ଶୋଇଥିବାର ଦେଖିଲା । ସାନଭାଇ ମରିନାହିଁ ବୋଲି ଝିଅ ଆସି ତାର ମାକୁ କହିଲା । ଆହୁରି ଦୁଇଭାଇ ବଂଚିଛନ୍ତି ବୋଲି କହିଲା । ବଂଚିଥିବା ଦୁଇଭାଇ ବିଚାର କଲେ ରାତି ପାହିଲା କ୍ଷଣି ଆମେ ଏଠାରୁ ଚାଲିଯିବା । ରାତି ପାହିଲାକ୍ଷଣି ଦୁଇଭାଇ ସେଠାରୁ ଚାଲିଗଲେ । ଝିଅ ସକାଳୁ ଉଠିଲା ସାତଭାଇଯାକ ମଲେ କି ନାହିଁ ଦେଖିବା ପାଇଁ ମା' ତାର ଝିଅକୁ କହିଲା । ମା'ର କଥା ଶୁଣି ଝିଅ ଏକ, ଦୁଇ, ତିନ୍, ଚାର୍, ପାଞ୍ଚ୍ ଗଣି କହିଲା ପାଞ୍ଚଜଣ ମରିଗଲେ ଓ ଦୁଇଜଣ ଏଠାରୁ ପଳାଇଗଲେ । ଅସୁରୁଣୀ ତାର ଝିଅକୁ କହିଲା ଧାଇଁ ଧାଇଁ ଯା ଆ ବାଟରେ ଦେଖେ ଏବଂ ପଛେ ପଛେ ଯାଇ ସେମାନଙ୍କୁ ଯେଉଁଠି ପାଇବୁ ସେଠାରେ ମାରିଖାଇଦେବୁ । ଝିଅ ଧାଇଁ ଧାଇଁ ସେମାନଙ୍କ ପଛରେ ଗଲା ।ଅସୁରୁଣୀ ଝିଅ ସେମାନଙ୍କ ପାଖରେ ପହଞ୍ଚିଲା । ଅସୁରୁଣୀ ଝିଅର ଆସିବା ଦେଖି ସେମାନେ ବାଉଁଶ ଗଛକୁ ପଛରେ ଫିଙ୍ଗିଦେଲେ । ସେଠାରେ ବାଉଁଶ ଜଙ୍ଗଲ ହୋଇଗଲା । ଯାହା ଫଳରେ ଅସୁରୁଣୀ ଝିଅ ସେହି ବାଉଁଶ ମାଡିକୁ ଠେଲି ଠେଲି ବହୁତ କଷ୍ଟରେ ବାହାରିଲା । ସେତେବେଳକୁ ସେମାନେ ସେଠାରୁ ଅନେକ ଦୂରକୁ ଚାଲିଯାଇଥିଲେ । ପୁଣି ନିକଟତର ହେଲାବେଳକୁ ପିଲାମାନେ ନିଜେ ଧରିଥିବା ପାଣିତୁମ୍ବା ଫିଙ୍ଗିଦେବାରୁ ସେଠାରେ ଏକ ବଡ ନଦୀ ସୃଷ୍ଟିହେଲା । ସେହି ନଦୀରେ ଅସୁରଣୀର ଝିଅ ବୁଡିଗଲା । ପିଲାମାନେ ଆଗକୁ ଯାଇ ଗୋଟିଏ ଗାଁର ସ୍କୁଲରେ ରାତ୍ରିଯାପନ କରିଲେ । ସବୁଦିନେ ଭିକ୍ଷାକରି ଚଳିଲେ । ଏହାଦେଖି ଗାଁର ଲୋକେ ପିଲାମାନଙ୍କୁ ରାତ୍ରିରେ ସ୍କୁଲ ଭିତରେ ନ ଶୋଇବା ପାଁଇ କହିଲେ । କିନ୍ତୁ ପିଲାମାନେ ଏହି ସ୍କୁଲର ଶୋଇବା ପାଁଇ ଜିଦ୍ ଧରିଲେ । ଏଣୁ ଗାଁ ଲୋକମାନେ କହିଲେ ରାତିରେ ଏଠାରେ ଏକ ଗଣ୍ଡା ବୁଲୁଛି ।

ସେହି ଗଣ୍ଡା ତୁମକୁ ଦେଖିଲେ ଖାଇଦେବ । ଏଥି ସହିତେ ରାଜା ପ୍ରଚାର କରିଛନ୍ତି ଯେ ସେହି ଗଣ୍ଡାଟିକୁ ଯିଏ ମାରିପାରିବ ତା ସହିତ ରାଜାଙ୍କ ଝିଅ ବିବାହ କରିବ । ଏହାଶୁଣି ପିଲାମାନେ ସେହି ଗଣ୍ଡାଯିକୁ ମାରିବାପାଇଁ ଉପାୟ ପାଞ୍ଚିଲେ । ରାତ୍ରିରେ ପିଲାମାନେ ଗଣ୍ଡାଟିକୁ ମାରିବାପାଇଁ ଜଗି ବସିଲେ । ଗଣ୍ଡା ଆସିବାର ଦେଖି ପିଲାମାନେ ତା ପାଖକୁ ଯାଇ ଧରିଲେ । ରାତିସାରା ପିଲାମାନେ ଗଣ୍ଡାଟିକୁ ମାଡି ରଖିଲେ । ସକାଳ ହେବାରୁ ସେହି ସ୍କୁଲ ରାସ୍ତାଦେଇ ଜଣେ କୁମ୍ଭାର ହାଣ୍ଡିମାଠିଆ ଧରି ବିକ୍ରି କରିବାକୁ ଯାଉଥିଲା ଗଣ୍ଡାକୁ ପିଲାମାନେ ମାଡିଧରିଥିବାର ଦେଖି ହାଣ୍ଡିମାଠିଆ ଫିଙ୍ଗିଦେଇ ଆସି ଗଣ୍ଡାଟିକୁ ମାରିଲା । ଗଣ୍ଡାର ନାକକାନ କାଟି ନେଇ ରାଜାଙ୍କ ନିକଟରେ ଯାଇ ହାଜର୍ ହେଲା । ଗଣ୍ଡାଟିକୁ ମାରିଥିବାର ରାଜାଙ୍କୁ ଜଣାଇଲା । ଗଣ୍ଡା ମାରିଥିବା ଶୁଣି ରାଜା ବହୁତ ଆନନ୍ଦିତ ହେଲେ । ରାଜା ତାଙ୍କ ଝିଅକୁ ବାହାଦେବା ପାଇଁ ତିଥି ଠିକ୍ କରିଲେ । କୁମ୍ଭାର ଗଣ୍ଡାମରିଥିବା ବିଷୟ ସହିତ ରାଜାଙ୍କ ଝିଅ କୁମ୍ଭାର ସହିତ ବାହାଘରରେ ଉପସ୍ଥିତ ରହିବା ପାଇଁ ରାଜ୍ୟବାସୀଙ୍କୁ ଜଣାଇ ଦିଆଗଲ । ରାଜାଙ୍କ ଝିଅ ସହିତ କୁମ୍ଭାରର ବିବାହ ପାଁଇ ନିର୍ଦ୍ଦିଷ୍ଟ ତିଥି ସ୍ଥିର କରାଗଲା ।

ପିଲାଦୁଇଜଣ ଭିକ୍ଷାମାଗି ମାଗି ରାଜାଙ୍କ ଝିଅର ବାହାଘର ଭୋଜି ଖାଇବା ପାଇଁ ରାଜନଗରରେ ପହଞ୍ଚିଲେ । ସେଠାରେ ରାଜାଙ୍କୁ କହିଲେ ମଣିମା । ଗଣ୍ଡାଟିକୁ ଆମେ ଦୁଇ ଭାଇ ମାରିଚୁ । କୁମ୍ଭାର ମାରିନାହିଁ । ଏହା ଶୁଣିରାଜା ଆଶ୍ଚର୍ଯ୍ୟ ହୋଇଗଲେ । ପ୍ରମାଣ ଜାଣିବା ପାଇଁ ପିଲା ଦୁହିଁଙ୍କୁ କହିଲେ । ସାଥିରେ ନେଇଥିବା ଗଣ୍ଡାର ଲାଞ୍ଜ ଓ ଜିଭ ପିଲାମାନେ ରାଜାଙ୍କୁ ଦେଖାଇଲେ । ଏହାପରେ ରାଜା କୁମ୍ଭାରକୁ ଡକାଇ ସଠିକ୍ ପ୍ରମାଣ ପାଇ କୁମ୍ଭାରକୁ ରାଜଦଣ୍ଡରେ ଦଣ୍ଡିତ କରିବା ସହିତ ନିଜର ଝିଅକୁ ଦୁଇ ଭାଇ ମଧ୍ୟରୁ ସାନଭାଇ ସହିତ ବିବାହ କରିଦେଲେ । ଏବଂ ନିଜ ରାଜ୍ୟରୁ ଅଧେ ନିଜ ଝିଅ ଜ୍ୱାଇଁଙ୍କୁ ଦାନ କରିଲେ । ଭଲରେ ଚଳିବା ପାଇଁ ଝିଅ ଜ୍ୱାଇଁଙ୍କୁ ଉପଦେଶ ଦେଇ ନିଜ ରାଜ୍ୟରେ ରଖିଲେ । ସେହି ଦିନଠାରୁ ରାଜାଙ୍କ ଝିଅ ସହିତ ଦୁଇ ଭାଇ ରାଜ୍ୟ ଶାସନ କରି ସୁଖରେ ରହିଲେ ।

⁂⁂⁂

# କାଡା କତା

## (ଠେକୁଆ କଥା)

ଗୋଟେକ୍ ଡଙ୍ଗ୍‌ରେ ଗୋଟେକ୍ କାଡ୍‌ଡା ହିଲା ଗିଲି । ସେ ଦିନରେ ଯାଇଁ କେରି ଗଟେ ରଙ୍ଗଣି ଫକାଣେ ହାଗ୍ ଡେରଲା । ଏରକୁମ୍ କଡ୍‌ଡା ଲେଣ୍ଡି ସେତି ସେ ରଙ୍ଗ୍‌ଣି ଫକାଣେ ଗାଦି ଅଇଁରିଲି ଗଟେ ଦିନ୍ ଫାଣି ମାରତେ ମାର୍‌ଲି । ଫୁର୍ ଆଇଲି ସର୍‌ତେ କାଡ୍‌ଡା ଲେଣ୍ଡି ବଡାଇଁ ନିଲି । ପାଚେର୍ ଦିନ୍ କଡ୍‌ଡା ସେ ରଙ୍ଗ୍‌ଣି ଫକାଣେ ଆଗୁ ଗଲି । ଦେକ୍‌ଲି ସେତି ଗଟେକ୍ ବା ଲେଣ୍ଡି ନାଇଁ ତବେ ସେ ଫକାଣ କେ ପଚାର୍‌ଲି ଏତିରିଲା ମର୍ ଲେଣ୍ଡି କେଉଁ ଗଲି । ରଙ୍ଗଣି ଫକାଣ କଇଲି ଫୁର ଫାଣି ଆଇଲି ଗାଡେ ବଡାଇଁ ନିଲି । ତବେ ସେ କାଡ୍‌ଡା ଗାଡେ ଯାଇଁ ପଚ୍‌ଲି ଆର୍ କଇଲି ଏରେ ଗାଡ ମର୍ ଲେଣ୍ଡି କାଇଁତାକ୍ ବଡ଼ାଇ ଆଣ୍‌ଲିସ୍ ଆବେ ଲେଣ୍ଡି ଦେସି କି ମିମି ଦେସି କାଇଁ ବଲୁଲିସ୍ କ ବଲି ଢେଲ୍ କଲା । ତବେ ଗାଡ ନ ପାର୍‌ଲି ଆର ଗଟେକ୍ ବଡ ମାଚ୍ ଦିଲା । କଡା ସର୍‌ଦା ଅଇଁ କରି ସେ ମାଚ୍ ଦରି ଆଇଲା ଆର୍ ଗଟେକ୍ ସୁମ୍ ବୁଟାଇ ବାନ୍ଧି ଦିଲା । ଗଟେକ୍ ହିଲା ସେ ବାଟ୍ ଚେଡି ଚରାଉଁ ଆଣ୍‌ଲା ଦକ୍‌ଲା ଗଟେକ୍ ମାଚ୍ ସୁମ୍ ବୁଟାଇ ଆଚ ହିଲା ସର୍‌ଦା ଅଇଁକରି ମାଚ୍ ବେଟି ଦରିଗଲା । କଡା ଆସି ଦେକ୍‌ଲା ମାଚ୍ ନାଇଁ । ଏଟା କେ ନିଲା-ଚେଡି ଚରାଉ ହିଲାକ୍ ହିଲା । ହିଲା କାଇଁ କରେଦ୍ ମାଚ୍ ନେଇକେରି ସାଗ୍ ରାନ୍ଧି କାଇ ଦିଲାଇ । ହିଲାକ୍ କଡା କଇଲା ତୁଇଁ ଆବେ ମକ୍ ମିମି ଦେସି କି ମେମେ ଦେସି (ମିମି=ମାଛ/ ମେମେ=ଛେଳି) । ଚେଡି ଚରାଉଣ ହିଲାକ୍ ହରବର୍ କଲା ହିଲା ନ ପାରି କେରି ଗଟେ ଚେଡି ବାନ୍ଧି ଦିଲା । କାଡା ସେ ଚେଡି ଧରି ଆସି ଲକ୍ ଯାତା ଆସ୍‌ତା ବାଟେ ବାନ୍ଧି ଦିଲା । ସେ ବାଟେ ଗଟେ ଗାଉଁରଲ କନିଆଁ ନେତେ ଗିଲାଇଁ । ଦେକଲାଇ ଚେଡି ଗଟେକ୍ ବାଟେ ଆଚେ । ସେ ଲକ୍ କାଇଁ କଲାଇଁ ସେ ଚେଡିକ୍ ଦରି ଗଲାଇଁ ଆର୍ ବଜି ଟାଣେ ଚେଡି ମାରି ରାନ୍ଧି କାଇଁ ଦିଲାଇଁ । କଡା ହିଲା ପାଚେର୍ ଦିନ୍ ଆସି ଦେକ୍‌ଲା ଚେଡି ନାଇଁ । ଏଟା କେ ନିଲାଇଁ କନିଆଁ ନେତା ଲକ୍ ଆକା ନିଲାଇ । ତବେ ସେ କନିଆଁ ନିଲା ଗାଏଁ ଯାଇଁ ପଚ୍‌ଲି । କଇଲା ମର୍ ଚେଡି କାଇତାକ୍ ଆଣ୍‌ଲାସ ଦିଆ । ସେ ଲକ୍ ତ ଚେଡି ମାରି ବଜି କେରି ଦିଲାଇଁ ଆର କାଇଁ ଦେତିତା । କଡା ଢେଲ୍ କଲା ଆର୍ କଇଲା, କନିଆଁ ଦିଆସ୍ କି ମେମେ ଦିଆସ୍ । ଢେଲ୍ କେ ନ ଫାରି କେରି କନିଆଁ ଦଙ୍ଗଡି କେ ଦେଇ ଦିଲାଇଁ । କଡା କନିଆ ଦଙ୍ଗ୍‌ଡିକ୍ ଦରି ଗରେ ବାରି ଆଇଲି ।

ତାକ୍ ଦାନ ମାତୋକ୍ ପର୍ ଆରି ମୁସୁଡ୍ ଆଣିଦିଲା ଆର୍ କଇଁଲା କିଏ ଦାନ୍ କଟ୍ । କନିଆଁ ଦଙ୍ଗ୍‌ଡି ଦାନ୍ କଟ୍‌ଲି । ତେନ୍‌କା ବଡ୍ କଡା ଏ ପିଣ୍ଡାକ୍ ସେ ପିଣ୍ଡା ଡେଗାଇଁ ଡେଗାଇଁ ଗୀତ କଇଁଲି ଲେଣ୍ଡି ଦେଇଁ ଦେଇଁ ମିମି ପାଇଁଲି , ମିମି ଦେଇଁ ଦେଇଁ ମେମେ ପାଇଁଲି, "ମେମେ ଦେଇଁ ଦେଇଁ କନିଆଁ ପାଇଁଲି ଟିପ୍‌ସି ଗୁଲ୍‌ଗୁଲା" ଇ ରକୁମ୍ ଗୀତ କଇଁ କଇଁ ନାଚ୍ ତେ ରିଲା। କନିଆଁ ଦଙ୍ଗ୍‌ଡି ଦେକ୍‌ଲା, ଇ କାଡା କେନ୍‌କା ବର୍ ନ ଅଉଁଲା, ଦେକ୍‌ଲା ଦେକ୍‌ଲା ଆର୍ ଗଟେ ମୁସୁଡ୍ ମୁଣ୍ଡା କାଡାକ୍ ଅଦ୍‌ରାଇଁ ଦିଲା। କାଡା ମରିଗଲା ତେନ୍‌କାର ଅଣି ସେ ଦଙ୍ଗ୍‌ଡିକ୍ କାଡାକ୍ ପଡା ପଡି କେରି ମାସ୍ କାଟ୍ ବେଟ୍ କରି ଦରି ତାର ଆୟା ଆବା ଗରେ ବାରି ଗଲି। ଆର୍ ସୁଖେ ଜିଇଁଲି କାଇଁଲି। ମୁଇଁ ଯାଇଁରିଲେ ଲଗି ସେ ଗର୍ ଲକ୍ କଡା ପୂର୍ବେ ପୁଣି କାତିନାଇଁ ।

**ଓଡ଼ିଆ ଅନୁବାଦ:**

ଗୋଟିଏ ଜଙ୍ଗଲରେ ଗୋଟିଏ ଠେକୁଆଟିଏ ଥିଲା। ସେ ସବୁଦିନ ଯାଇ ଗୋଟିଏ ଚାଈଡା ପଥର ଉପରେ ଝାଡା ଫେରୁଥିଲା। ଏଭଳି ଝାଡା ଫେରିବା ଫଳରେ ତାର ଲେଣ୍ଡିସବୁ ସେଠାରେ ଗଦା ହୋଇ ରହିଥିଲା। ଦିନେ ବହୁତ ବର୍ଷା ହେଲା। ପାଣିସୁଅ ଆସିଲା । ଠେକୁଆ ଲେଣ୍ଡିସବୁ ପାଣି ସୁଅରେ ଭାସିଗଲା। ତା' ପର ଦିନ ଠେକୁଆ ସେ ପଥ ପାଖକୁ ଝାଡା ଗଲା । ଦେଖିଲା ସେଠାରେ ଗୋଟିଏ ହେଲେ ତାର ଲେଣ୍ଡି ନାହିଁ। ତେବେ ସେ ପଥରକୁ ପଚାରିଲା ଏଠାରେ ଥିବା ଲେଣ୍ଡିସବୁ କୁଆଡେ ଗଲା? ପଥର କହିଲା ବର୍ଷା ହେବାରୁ ସୁଅପାଣି ଭସେଇ ନେଲା। ସେଠାରୁ ସେ ଠେକୁଆ ନଦୀ ପାଖରେ ଯାଇ ପହଞ୍ଚିଲା। ନଦୀକୁ କହିଲା ଆରେ ନଦୀ ତୁ କାହିଁକି ମୋର ଲେଣ୍ଡିଗୁଡିକୁ ନେଇ ଆସିଲୁ । ବର୍ତ୍ତମାନ ମୋର ଲେଣ୍ଡି ଦେବୁ ନାଁ ମାଛ ଦେବୁ କହି ତାକୁ ବିରକ୍ତ କଲା। ତେବେ ସେ ନଦୀ ଗୋଟିଏ ବଡମାଛ ତାକୁ ଦେଲା। ଠେକୁଆ ତାହାକୁ ଧରି ଆସି ଗୋଟିଏ ପାହାଡ କଡର ଗୋଟିଏ ଜାଗାରେ ଦଉଡି ସହ ବାନ୍ଧି ଛାଡି ଦେଲା। ଗୋଟିଏ ପିଲା ସେହି ବାଟଦେଇ ଛେଳି ଚାରାଇବାକୁ ନେବାବେଳେ ମାଛ ଗୋଟିଏ ସମି ଦଉଡିରେ ବନ୍ଧା ହୋଇଥିବାର ଦେଖିଲା। ଖୁସି ହୋଇ ସେହିମାଛକୁ ନେଇଗଲା। ତା'ପର ଦିନ ଠେକୁଆ ଆସି ଦେଖେ ତ ସେଠାରେ ବନ୍ଧା ହୋଇଥବା ମାଛ ନାହିଁ। କିଏ ନେଲା ବୋଲି ଅନୁସନ୍ଧାନ କଲା। ତା'ପରେ ଛେଳି ଚରାଉଥିବା ପିଲାଟି ମାଛ ନେଇଥିବାର ଜାଣିବାକୁ ପାଇଲା। ସେହି ଛେଳି ଚରାଉଥିବା ପିଲାକୁ ଧରିପକାଇ

ପଚାରିଲା ମୋର ମାଛକୁ ତୁ କାହିଁକି ଧରି ଆସିଲୁ ? ମୋର ମାଛ ଦେ ନଚେତ୍ ତୋ ଛେଳି ଦେ। ପିଲାଟି କ'ଣ କରିବ ମାଛ ଆଣି ତରକାରି କରି ଖାଇ ଦେଇଛି। ବାଧ ହୋଇ ସେହି ପିଲା ଗୋଟିଏ ଛେଳି ଦେଲା । ଛେଳିକୁ ନେଇ ଠେକୁଆ ରାସ୍ତାକଡରେ ଦଉଡି ଦ୍ୱାରା ବାନ୍ଧି ଦେଇ ଘାସ ଖାଇବାକୁ ଛାଡିଦେଲା। ସେ ରାସ୍ତାରେ ଦଳେ ଲୋକ କନିଆକୁ ଧରି ସେମାନଙ୍କ ଗାଁକୁ ଯାଉଥିବାବେଳେ ବାଟରେ ଛେଳିଟିଏ ବନ୍ଧା ହୋଇଥିବାର ଦେଖିବାକୁ ପାଇଲେ । ଲୋକ କେହି ନଥିବାରୁ ସେମାନେ ସେହି ବନ୍ଧା ହୋଇଥିବା ଛେଳିକୁ ଧରି ସେଠାରୁ ତୁରନ୍ତ ଚାଲିଗଲେ । ତା ପର ଦିନ ଠେକୁଆ ଆସି ଦେଖେତ ରାସ୍ତା କଡରେ ବାନ୍ଧିଥିବା ଛେଳିଟି ନାହିଁ। କିଏ ନେଲା ବୋଲି ବିରକ୍ତ ହେଲା । ମନେ ମନେ ଚିନ୍ତା କଲା ସେହି ରାସ୍ତାରେ କନିଆ ନେଇ ଯାଉଥିବା ଲୋକମାନେ ନିଶ୍ଚୟ ନେଇ ଯାଇଥିବେ। ତେବେ ଯେଉଁ ଗାଁକୁ ସେହି କନିଆ ଯାଉଛି ସେହି ଗାଁରେ ଠେକୁଆ ଯାଇ ପହଞ୍ଚିଲା। ମୋର ଛେଳି କାହିଁକି ଆଣିଲ ବୋଲି ପଚାରିଲା। ମୋର ଛେଳି ମୋତେ ଦେଇ ଦିଅ। ସେମାନେ ଛେଳି ଆଣି ତାକୁ ମାରି ତାର ମାଂସକୁ ଭୋଜି କରି ଖାଇ ସାରିଛନ୍ତି । କଣ କରିବେ ଭାଳେଣୀ ପଡିଲା ? ଠେକୁଆ କିନ୍ତୁ ଛାଡିବାର ନାହିଁ। ଠେକୁଆ କହିଲା ମୋ ଛେଳି ଦେବ ନାଁ ତମ କନିଆ ଦେବ । ଶେଷରେ ସେମାନେ କନିଆକୁ ଦେଇ ଦେଲେ। ସେଠାରୁ କନିଆ ଧରି ଠେକୁଆ ନିଜ ଘରକୁ ଫେରିଲା। ତା ପରେ ସେ କନିଆକୁ ଧାନ ଡଲାଏ ଏବଂ ମୂଷଳଟିଏ ଦେଇ ଧାନ କୁଟିବା ପାଇଁ କହିଲା। ସେ କନିଆ ଧାନକୁ କୁଟଥାଏ ଏବଂ ଠେକୁଆ ଗୀତ ଗାଇ ଗାଇ ଏପଟ ସେପଟ ଡେଉଁଥାଏ। "ଲେଣ୍ଡି ଦେଇ ଦେଇ ମିମି ପାଇଲି, ମିମି ଦେଇ ଦେଇ ମେଁ ମେଁ ପାଇଲି, ମେଁ ମେଁ ଦେଇ ଦେଇ କନିଆ ପାଇଲି କହି ଖୁସିରେ ଡେଉଁଥାଏ । ଠେକୁଆ ଏଭଳି ନାଚ କରୁଥିବାର ସେ କନିଆ ଦେଖିବାକୁ ପାଇଲା। କନିଆ ଠେକୁଆକୁପାନେ ଦେବ ବୋଲି ମନେ ମନେ ଚିନ୍ତା କଲା ଏବଂ ସଙ୍ଗେ ସଙ୍ଗେ ମୂଷଳ ଦ୍ୱାରା ଠେକୁଆକୁ ଏକ ପାହାର ଦେଲା। ଠେକୁଆ ଏକା ଥରକେ ମରିଗଲା। ଶେଷରେ କନିଆ ତାର ମାଂସ କାଟି ଆଉ ଧାନ କୁଟିବା ଚାଉଳ ଧରି ତାର ବାପାମାଆ ଘରକୁ ଫେରିଗଲା। ସେଠାରେ ଯାଇ ସୁଖରେ ରହିଲା।

⁂⁂⁂

# ଛେଡିଆ ହିଲ୍ଲାର କତା

## (ଛେଳିଆ ପିଲାର କଥା)

ଗୋଟେକ୍ ଗରେ ଦୁଇ ମାଁ ହିଲା ରିଲାଇଁ । ସେ ଗାଏଁ ଗଟେକ୍ ରାଜା ରିଲା। ସେ ରାଜା ଗରେ ଏ ହିଲା ଚେଡି ଚରାଉତେ ରିଲା। ଗଟେକ୍ ଦିଡ଼୍ ସେ ଚେଡି ଚରାଉତା ବେଡେ ନାଙ୍ଗ୍, ନାଙ୍ଗ୍ନି ଏକ ଦେକ୍ଲା । ତାକେ ଜୁଆର କଲା । ନାଙ୍ଗ୍ ନାଙ୍ଗ୍ନି କଇଲାଇ କି ତୁଇଁ ଚେଡି ଚରାଇଁ ଚରାଇଁ ଆତେକ୍ ଦିନ୍ ଅଇଲି ତୁଇଁ ଆମ୍‌କେ ସେବା କର। ସେ ଦିନେର୍ ଅଣି ସବୁଦିନ୍ ସକାଡେ ଗଦ୍‌ଦାଇଁ ଦୁପ୍ ଦୁପଣି ଦେଇ ସେବା କଲା। ସକାଡ୍ ସକାଡ୍ ସେକା କରି ଛେଡି ମେଡି ନେତରେଲା। ନାଗଙ୍ଗ୍ ରାତାକେ ଖଟେକ୍ ବେରାଣ ଆଇଲି। ନାଙ୍ଗ୍ ରାଜା ପିଲାକେ କଇଲା କି ବାବୁ! ତୁଇଁ ଇ ଟାଣେ ରେ। ଗୋଟେକ୍ ଦାମ୍‌ଣା କି ଗଟେକ୍ ଡଣ୍ଡିଆ ଆଇଲେକ୍ ପୁରାଉ ନାଇଁ। କଇଲା ନାଙ୍ଗ ରାଜା ଆରି ମିଟିଙ୍ଗ୍ ବାରିଗଲା। ନାଙ୍ଗ୍ ରାଜା ବାରିଗଲା। ନାଙ୍ଗ୍‌ରାନୀ ପାକେ ଗଟେକ୍ ଡଣ୍ଡିଆ ଯାଇତେ ରିଲା ତେବେ ଡଣ୍ଡିଆ ସେ ହିଲା ଗଟେ ଡାଙ୍ଗ୍ ମାର୍‌ଲା । ତବେ ସେ ଡ଼ାଙ୍ଗ୍ ନାଙ୍ଗନି ରାନିକେ ପାଇଲା। ନାଙ୍ଗ୍ନି ରାନି ଉଟେ ନାଇଁ କି ବସେ୍ ନାଇଁ। ହିଲା ଦୁପ୍ ଦୁପଣି ଆଣି ଦିଲାକ୍ ବା କାଏ ନାଇଁ ସାଙ୍ଗ୍ ସାଙ୍ଗ୍ ନାଙ୍ଗ୍ ରାଜା ପଚ୍‌ଲା। ନାଙ୍ଗ୍ନି ରାନି କଇଲା-ତୁଇଁ ବଲ୍ ପିଲାକେ ଯାଗାଇଁ ଆଚ୍‌ସି ଗଟେ ଡାଙ୍ଗ୍ ମାରଲା। ହିଲା ଗାଦା ପାଦା ଅଇଁ କାନ୍ଦ କାନ୍ଦି ଆଇଲା। ନାଙ୍ଗ୍ ରାତା ଦେକି ପାଟାର୍‌ଲା ବାବୁ! କାଇଁ ଅଇଲିସ୍ ? ନାଇଁ ନାଙ୍ଗ୍‌ରାଜା! ମରବୁଲ୍ ଅଇଁ ଗଲି ଆଚ୍ ମକେ ଖାଇଲେ କା ମାରଲେକ୍ ମାର୍ କାଇଁ ଅଇଁଲି ଆଉ ହିଲାକ୍ କୁଦ୍‌ଲା ଆର୍ କଇଲା । ପିଲା କଇଲା ନାଇଁ ନାଙ୍ଗରାଜା ବାବା ତୁଇଁ ତ କଇଁଲିସ୍ ଗଟେକ୍ ଡମ୍‌ଣା କି ଗଟେକ୍ ଡିଣ୍ଡିଆ ଆଇଲେକ୍ ପୁରାଉ ନାଇଁ ବାଲି। ଡଣ୍ଡିଆ ଗଟେକ୍ ମାର ପାକେ ଆସ୍‌ତେ ରିଲା । ଡଣ୍ଡିଆକେ ମାରୁଲେ ବଲି ମାରଲେ ସେ ଡାଙ୍ଗ୍ ଅତପ୍ ଯାଇଁ କରି ମୁଣ୍ଡେ ପାଇଲି। ତବେ ନାଙ୍ଗରାଜା ପିଇକ୍ ଡାକ୍‌ଲା। ଆଉବେ, ମର୍‌ପାକେ ବସାପାକେ ବସାଇଲା ପିଲା ନାଙ୍ଗ୍‌ରାଜା ନାଙ୍ଗ୍ନି ରାନିକେ ଦୁପ ଦୁପଣି କାୱାଡଲା ଆର୍ ସାଦାରେ ରିଲା । ନାଗ୍ ରାଜା କଇଲା କି, ନାଇଁବାବୁ। ଆମି ଏ ରାଜି ଚାଡି ପର୍‌ରାଜି ଯାଉଁନ୍‌ବେ । ଆମ୍‌କେ ଆରି ପାଉ ନ ପାରସି । କାଲିକେ ଯାଉନ୍‌ବେ ବାବୁ। ହିଲା କଇଲା ଅଇ ଆଲେ ବଲି କଇଲା ଆର୍ ଘର ଘର ବାରିଗଲା।

ସକାଡ୍ ସକାଡ୍ ଗଦା ପାଦା ଅଇଁ କରି ଦୁପ୍ ଦୁଙ୍ଗିଆ ଦରି ଆଇଲା । ନାଙ୍ଗ୍‌ରାଜା ଗର୍ ଲକ୍ ଦେକି କରି ବଡ୍ ସର୍‌ଦା ହଇଲାଇଁ । ନାଙ୍ଗରାଜା କହିଲା ତକ୍ କାଇଁ ଦରକାର୍ ? ନାଙ୍ଗରାଜା କଇଲା ତକେ ଟାକା ଦରକାର କି ନାଇଁ, ସୁନା ଦର୍‌କାର୍ କି ନାଇଁ ? ତବେ ସେ ଛେଡିଆ ହିଲା କଇଲା କି ମକେ ଟାକା, ସୁନା କି ଦେଶ ଦର୍‌କାର୍ ନାଇଁ । ତୁମାର୍ ପଦ୍ ଗଟେକ୍ ଦେଇଁ ଯାହା । ନାଙ୍ଗ୍‌ରାଜା କଇଁଲା ତୁଇଁ ଯା ନାଙ୍ଗ୍‌ନି କେ କ ନାଙ୍ଗ୍‌ରାଜା ବର୍ ଦେଲା ବଲି । ହାଁ ବଲି ନାଙ୍ଗ୍‌ରାଜା ନାଙ୍ଗ୍‌ରାନି କେ ଗଡେ ଡୁଡି ଜୁଆର କଲା । ନାଙ୍ଗରାଜା ତାକେ ଉଟାଇଲା ତୁମା ଚୁମି କରି । ହିଲା ଗରେ ଯାଇଁନ୍ ବଲି କଇଲା । ହିଲା ଗରେ ବାରିଗଲା । ତାର୍ ଆୟାକେ କଇଲା କି ଆୟା ! ଆଙ୍ଗିମନ୍ ଦଇଁ ଆଚ୍‌ସିକି ନାଇଁ ? ମୁଇଁ ଆଜି କନ୍ନିଆ ଆଣୁକ୍ ଯାଇନ୍ । ତାର୍ ଆୟା କଇଲିକି ନାଇଁ ବାବୁ ଆମ୍‌କେ ଟକା, ସୁନା ନାଇଁ କନିଆଁ ଆଣୁ ଯାସି । ହିଲା କଇଲାକି ତୁଇଁ ଡର ନାଇ ଆୟା ମୁଇଁ ଆଚି ।

ହିଲା ଲୁଙ୍ଗି, ଆଙ୍ଗି ପିନ୍ଦ୍‌ଲା ବାରିଗଲା, ଗଟେକ୍ ଗାଉଁ ବିବା କର୍‌ତେ ରିଲାଇଁ । କନିଆ ବିବାକରତା ଟାଣ୍ ବାରିଗଲା । କିଇଲା ତୁମି-କେ-ରେ ମର୍ ମାଇଜିକେ ହାତେଦୁରୁଲାସ ? ଏତ୍‌କି କଇଁ କରି କନିଆଁ ଦଙ୍ଗ୍‌ଡିକେ ଆତେ ଦର୍‌ଲା ଝିକି ଦରିଗଲା । ଗାଉଁର ଲକ୍ ଉଟ୍‌ଲାଇଁ ଇଟା କାଇଁ ମାଗ୍‌ତିଆରେ ଆମାର୍ କନିଆଁକେ ଝିକି ନେଉଁଲା । ସବେଲକ୍ ତାକେ ମାରୁକ୍ ଉଟ୍‌ଲାଇଁ । ହିଲା କଇଁଲା ରିଆରିଆ ଅଡ୍‌ତା ରିଆ ଶାତି ଉଆ । ଶାତି କରାଇଲା ନାଙ୍ଗ୍‌ନାଙ୍ଗନି ଦେଇରିଲା ବର୍ ଇ ଲୋକାର୍ ଚୁଟୁଡ୍ ବୁଇଁ ଲଗେ ଡସିଜାଅ" ବଲି କଇଲା । ସବୁ ଲୋକାର୍ ଚୁଟୁଡ୍ ବୁଏଁ ଡସିଗଲି ହିଲାକ୍ ଆର୍ ମାରୁ ନ ପାର୍‌ଲାଇଁ । ଗାଉଁର୍ ଲକ୍ କଇଁଲାଇଁ ଯାହାରେ ଗଟେକ୍ ଦିଶାରି କୁଦ୍ ଆଣା ନଇଲେକ୍ ଆମି ଇ ବାଣିଆ ସେ ରେଉଁ ଅଇଦେ ।

ଛେଡିଆ ହିଲା କଇଲା ତାର୍ ମାଇଜି କେ; ତୁମାର୍ ଗାଉଁର ଲକ୍ ଗଟେକ୍ ଦିଶାରି ଗଟେକ୍ କୁଦି ନେଉଁଲାଇଁ । ତୁମିମିଶା କୁଦି ନିଆଁ । ଗାଉଁର ଲକ୍ ଗଲାଇଁ ଦିଶାରି କୁଦୁକ୍ । ଦିଶାରି ବାବୁ ଆଉ ଆମାର୍ ଗାଉଁ ଗଟେକ୍ କେମ୍‌ତି ଟୁରା ହିଲା ଗଟେ ଆସି ସବୁଲକ୍‌କେ ବୁଏଁ ଚୁଟୁଡ୍ ଡସାଇଁ ବାରିଗଲା । ଦିଶାରି କଇଲା କେନ୍‌କା ହିଲା ସେଟା । ନାଇଁ ଦିଶାରୀ ବାବୁ ! ସେଟା ଗଟେକ ଛେଡି ଚରାଉତା ହିଲା, ଟୁରାପର ହିଲା ବିବା କର୍‌ତେରିଲୁ କନିଆ କେ ଝିକି ଦରିଗଲା । ଦିଶାରି ଏ କାତା ଶୁଣିକେରି ଯୁ ବଲି ବାରଇଁଲା । ଦିଶାରୀ ବାଟେବାଟେ ଯାତେ ରିଲା ବନ୍ଧାଡ୍ ଲାଗ୍‌ଲା । ବାଟେ ବନ୍ଧାଡ୍

ବସ୍‌ଲା । ପାଣି ନାଇଁ କି ପକଣା ନାଇଁ । ଗଟେ ଟାଣ ଗାଈକି ପତ୍ ମାରି ରିଲାଇ । ସେ ଟାଣି ପତାର୍ ରିଲି । ସେତି ଯାଇଁ କେରି ପତରର ସଙ୍ଗ୍ ଚୁଟୁଡ୍ ପୁଚି ଅଇଁଲି ଛେଡିଆ ରିଲା କଇଲା କି ନାଙ୍ଗ୍‌ନାଙ୍ଗ୍‌ନୀ ଦେଲ ବର ତାର ଆତ୍ ଦିଶଗିର ଚୁଟୁଡ୍ ଡସିଯା । ଦିଶାଗିର ଆତ୍ ତାର ଚୁଟୁଡ୍ ଡସି ଗଲି । ଦିଶାରି କଇଲା ଇଟା କେନ୍‌କା ଗାଉଁରେ । ଗାଏଁ ପଚି ନାଇତା ଟିର୍‌କିଇଁ ଆତ୍ ଡସ୍‌ଲି । ଗାଉଁର ଲକ୍ କଇଁଲାଇଁ ନାଇରେ କୁଦି ଆଣ୍‌ତା ଦିଶାରିକ୍ ବା ଆତ୍ ଡସ୍‌ଲି ଇଟା ଅଏ ନାଇନି । ସେ ହିଲାକ୍ ଯାଇଁ କୁଦି ଆଣା । ଗାଁଏଁର ଲକ୍ ସେ ହିଲାକ୍ କୁଦି ଆଣୁକ୍ ବାରିଗଲାଇଁ । ହିଲାକ୍ ଲଡି ଲଡି ସେ ହିଲାର ଗାଏଁ ପଚ୍ ଲାଇଁ । ତେଡ୍‌କି ବୋଡାଇଁ ସେ ହିଲାର ମାଇଙ୍କି ଗାଡେ ଆସିରିଲି । ସେ କୁଦୁ ଯାତା ଲକ୍ ଦେକ୍‌ଲାଇଁ । ଆଇଟା କାଇଁକି ଆମାର ଗାଉଁର୍ ଟକି ପର୍ ଡିସୁଲି । ସେ ହିଲାର ମାଇଙ୍କି ସଙ୍ଗ୍ ତାକାର୍ ଗରେ ଗଲାଇଁ ହିଲା ସେ ଲକ୍‌ମନ୍‌କେ ଦେକି କରି ଜୁଆର୍ ବେଟ୍ ଅଇଲା । ସେ ଲକ୍ କଇଲାଇଁ-ବାବୁ ତକେ ଆକା ଜୁଆର । ହିଲା କଇଲା କାଇତାକ୍ ଆଇଲାସ୍ ବାବୁ । ସେଲ୍‌କ୍‌ମନ କଇଲାଇକି ତକେ କୁଦୁ ଆଇଲୁ ଯୁ ଆମାର୍ ଗାଉଁ ଯୁ । ତୁଇଁ କେନ୍‌କା ଜନ୍ତୁର କଲିସ୍ ସେଟା ପିଟାଇଁ ଦେସ୍ । ପିଲା ତାକାର ସଙ୍ଗ୍ ସେ ଗାଏଁ ଯାଇଁ ପଟଲି ଦେକଲି ଯେ ଲକମନ୍ନାର୍ ଚୁଟୁଡ୍ ଗୁଏଁ ଡସିଆଚ୍ । ନାଙ୍ଗ୍‌ନାଙ୍ଗ୍‌ନି ଦେଇରିଲା ମନ୍ତର୍ ଫିକି ଦିଲା ଆର୍ ବୁଇଁ ଚାଡିଦେସ୍ ବଲି କଇଲା । ଧାପରେ ସେ ମନାର୍ ଚୁଟୁଡ୍ ବୁଇଁ ଚାଡିଦିଲି । ତବେ ସେ ଗାଉଁର୍ ଲକ୍ ହିଲାର୍ ଗଡେ ଡୁଡି ଡୁଡି ଜୁଆର୍ କଲାଇଁ ତୁଇଁ ଆକା ଆମାର୍ ଆୟା, ଆବା ତୁଇଁ ଆକା ବାବୁ ଆମାର୍ ଦେବ୍‌ତା, ତୁଇଁ ଆକା ଦିଶାରି ତୁଇଁ ଆକା ଦେଶେର୍ ଦିଶାରି ସରାଇଲୁ କେବା କରୁ ନ ପାର୍‌ଲାଇଁ । ଆଜିର ଆଣି ଆମି ସବୁଲକ୍ ଗାର ବାଇବନ୍ଧୁ ବଲି ମିଶି ବିଡି ରେଉଁ ବାଏଁଲି କଇଁଲାଇଁ ।

**ଓଡ଼ିଆ ଅନୁବାଦ :**

ଗୋଟିଏ ଘରେ ମା' ପୁଅ ଦୁଇଜଣ ରହୁଥିଲେ । ସେ ଗାଁର ଜଣେ ରାଜା ଥିଲେ । ସେ ରାଜାଙ୍କ ଘରେ ଏ ପିଲାଟି ରହି ଛେଳି ଚରାଉଥିଲା । ଦିନେ ସେ ଛେଳି ଗୁଡିକୁ ଚରାଇ ନେଇଥିବା ସମୟରେ ନାଗନାଗୁଣିଙ୍କୁ ଦେଖିଲା । ତାଙ୍କୁ ନମସ୍କାର କଲା । ନାଗ ଓ ନାଗୁଣି କହିଲେ କି । ତୁ ଛେଳି ଚରାଇ ଚରାଇ ଏତେ ଦିନ ହୋଇ ଗଲାଣି ଏବେ ତୁ ଆମର ସେବା କର । ସେହି ଦିନଠାରୁ ସେ ସକାଳୁ ଉଠି ଗାଧୁଆ ପାଧୁଆ କରି ଧୁପଦୀପ ଦେଇ ସେବାକଲା ଓ ପରେ ଛେଳି ଚରାଇବାକୁ ନେଉଥିଲା । ନାଗ ରାଜାଙ୍କୁ

ଦିନେ ସଭାକୁ ଡକାଗଲା । ନାଗରାଜା ପିଲାଟିକୁ କହିଲା କି ତୁ ବାବୁ ଏଠାରେ ରହିବୁ। ଏଠାକୁ ଗୋଟିଏ ଢମଣା କି ଧଣ୍ଡ ସାପ ଆସିଲେ ମଧ୍ୟ ପୂରାଇ ଦେବୁ ନାହିଁ । ତାପରେ ସେ ସଭାକୁ ଚାଲିଗଲା। ଘରେ ନାଗୁଣୀ ରାଣୀ ଥିଲା । ଦିନେ ନାଗୁଣୀ ପାଖକୁ ଗୋଟିଏ ଧଣ୍ଡ ସାପ ଯାଉଥିଲା । ତାହା ଦେଖି ପାରି ପିଲାଟି ଧଣ୍ଡସାପକୁ ମାରିବା ପାଇଁ ବାଡିଟିଏ ଫିଙ୍ଗିଲା। ସେ ବାଟିଡି ଧଣ୍ଡସାପ ଦେହରେ ନ ବାଜି ନାଗୁଣୀଠାରେ ବାଜିଗଲା, ହେଲେ ନାଗୁଣୀ ଉଠୁନାହିଁ କି ବସୁନାହିଁ। ପିଲାଟି ଧୂପ ଧୂପଣୀ ଆଣିଦେବାରୁ ମଧ୍ୟ ନାଗୁଣୀ ଗ୍ରହଣ କଲା ନାହିଁ । ସଙ୍ଗେ ସଙ୍ଗେ ନାଗରାଜା ଆସି ପହଞ୍ଚିଲେ। ନାଗୁଣୀ ସବୁକଥା କହିଲା। ରାଗିକରି କହିଲା ତମେ ଭଲ ପିଲାଟିଏ ଜଗାଇଛ। ମୋତେ ଶେଷରେ ଗୋଟିଏ ବାଡି ଫିଙ୍ଗିଲା। ଏହି ସମୟରେ ପିଲାଟି ଗାଧୁଆ ପାଧୁଆ କରି କାନ୍ଦି କାନ୍ଦି ଆଇଲା। ପିଲାଟି କାନ୍ଦିକାନ୍ଦି ଆସୁଥିବାର ଦେଖି ନାଗରାଜା ପଚାରିଲେ କଣ ହେଲାରେ ବାବୁ ? ତାପରେ ପିଲାଟି କହିଲା ନାଇଁ ନାଗରାଜା ମୋର ଭୁଲ ହୋଇଗଲା । ତୁମେ ମୋତେ ମାରିଲେ ମାର ନଚେତ୍ ଖାଇଲେ ଖାଅ। ନାଗରାଜା ପିଲାଟିକୁ ପାଖକୁ ଡାକି କହିଲେ କଣ ହେଲା ? ପିଲାଟି କହିଲା ନାଇଁ ନାଗରାଜା। ତମେତ କହିଲ ଗୋଟିଏ ହେଲେ ଢମଣା କି ଧଣ୍ଡ ପାଖକୁ ଆସିଲେ ପାଖରେ ପୁରାଇ ଦେବୁ ନାହିଁ । ଧଣ୍ଡଟିଏ ମାର ପାଖକୁ ଆସୁଥିଲା। ଧଣ୍ଡଟିକୁ ବାଡିରେ ମାରୁ ମାରୁ ସେ ବାଡି ଯାଇ ମାଆଙ୍କ ମୁଣ୍ଡରେ ସାମାନ୍ୟ ବାଜିଗଲା। ତେବେ ନାଗରାଜା ପିଲାଟିକୁ ଡାକିଲେ ଆ – ମୋ ପାଖରେ ବସ। ପିଲାଟି ବସିଲା। ନାଗ ନାଗୁଣୀଙ୍କୁ ଧୂପ ଦୀପ ଦେଇ ଆପ୍ୟାୟିତ କଲା ଏବଂ ଖୁସିହେଲା।

ତା'ପରେ ନାଗ ରାଜା କହିଲେ ନାହିଁରେ ବାବୁ। ଆମେ ଆଉ ଏଠାରେ ରହିବୁ ନାହିଁ। ରାଜ୍ୟ ଛାଡି ଅନ୍ୟ ରାଜ୍ୟକୁ ଚାଲିଯିବୁ । ଆଉ ଆମକୁ ତୁ ପାଇ ପାରିବୁ ନାହିଁ। କାଲିକୁ ଆସେ ବାହାରି ଯିବୁ। ଏକଥା ଜାଣିପାରି ପିଲାଟି ନିଜ ଘରକୁ ବାହାରିଗଲା। ତା ପରଦିନ ସକାଳୁ ସକାଳୁ ଉଠି ଗାଧୁଆ ପାଧୁଆ କରି ଧୂପଦୀପ ଧରି ଆସିଲା । ପିଲାକୁ ନାଗ ନାଗୁଣୀ ଦେଖି ଖୁସି ହେଲେ। ତା'ପରେ ନାଗରାଜା କହିଲେ ତୋର କଣ ଦରକାର ? ଟଙ୍କା, ସୁନା କି ଦେଶ ଦରକାର ? କହ। ସେ ଛେଳିଆ ପିଲାଟି କହିଲା ମୋର କିଛି ଦରକାର ନାହିଁ । କେବଳ ତମର ଗୋଟିଏ ପଦ(ମନ୍ତ୍ର) ଦେଇ ଯାଅ। ନାଗରାଜା କହିଲା ତୁ ଯା ନାଗୁଣୀକୁ କହିବୁ ନାଗରାଜା ମୋତେ ବର ଦେଲା ବୋଲି ପିଲାଟି ହଁ କରି ନାଗନାଗୁଣୀର ପାଦତଳେ ସାଷ୍ଟାଙ୍ଗ ପ୍ରଣିପାତ କଲା। ନାଗରାଜା ପିଲାକୁ ଉଠାଇ ଚୁମ୍ବନ ଦେଲେ । ପିଲାଟି ବିଦାୟ ମାଗି ଘରକୁ ବାହାରିଗଲା।

ଘରେ ଯାଇ ତାର ମାକୁ କହିଲ, ମୋର ଲୁଗାପଟା ସଫା କରିଛୁ କି ନାହିଁ? ମୁଁ ଆଜି କନିଆ ଗୋଟିଏ ଆଣିବାକୁ ଯଦି ତାର ମା କହିଲା ହେଇବେ ବାବୁ ଟଙ୍କା ନାହିଁ କି ସୁନା ନାହିଁ ତୁ କନିଆଁ ଆଣିବାକୁ ଯିବୁ? ପିଲାଟି କହିଲା ତୁ ଡର ନା ମୁଁ ଅଛି।

ତା' ପରେ ପିଲାଟି ଲୁଗାପଟା ପିନ୍ଧି ବାହାରିଗଲା । ଏପରି ଯାଉ ଯାଉ ଗୋଟିଏ ଗାଁରେ ବିବାହ ଚାଲୁଥିବାର ଦେଖିଲା । ତାପରେ ସେ ବିବାହ କରୁଥିବା ଜାଗାକୁ ଚାଲିଯାଇ କହିଲା ତମେ ସବୁ କିଏରେ ମୋର ସ୍ତ୍ରୀକୁ ହାତ ଧରିଲା ବାଲା । ଏତିକି କହି କନିଆଁର ହାତକୁ ଧରି ଝିଙ୍କି ନେଲା । ଗାଁ ଲୋକେ ଉଠି କହିଲେ ଏଟା କେଉଁଠିକାର ଭିକାରୀ ଟୋକା ଆମର କନିଆକୁ ଟାଣି ନେଇଯାଉଛି ? ସମସ୍ତେ ତାକୁ ମାରି ଗୋଡେଇଲେ ପିଲାଟି କହିଲା- ରୁହ, ରହ, ଟିକିଏ ରୁହ ଶାନ୍ତି ହୁଅ । ଶାନ୍ତି କରାଇଲା ନାଗ୍‌ନାଗୁଣୀ ଦେଇଥିବା ମନ୍ତ୍ରପାଠ କରିବାରୁ ସମସ୍ତଙ୍କ ପିଚା ଭୂମିରେ ଲାଗିଗଲା । ସେମାନେ ଆଉ ପିଲାଟିକୁ ମାର ଧର କରି ପାରିଲେ ନାହିଁ । ସେଠାରୁ ପିଲାଟି କନିଆ ଧରି ଚାଲିଗଲା।

ଗାଁର ଲୋକେ ବିଚାର କଲେ ଓ କହିଲେ ଯାଅ ଗୋଟିଏ ଗୁଣିଆକୁ ଡାକି ଆଣ; ନହେଲେ ଆମେ ସମସ୍ତେ ଏମିତ ରହିବା। ଗୁଣିଆକୁ ଡାକୁ ଆଣିବା ପାଇଁ ଗାଁ ଲୋକେ ବାହାରି ଗଲେ। ଗୁଣିଆ ପାଖରେ ପହଞ୍ଚି ସବୁକଥା କହିଲେ । କେଉଁଠୁ ଗୋଟିଏ ଛେଉଣ୍ଡ ପିଲା ଆସି ସବୁ ଲୋକଙ୍କୁ ଭୂମିରେ ବସାଇ ଦେଇ ଚାଲିଗଲା। ଗୁଣିଆ ବାହାସ୍ଫୋଟ ମାରି କହିଲା ସେଇଟା କିମିତିଆ ଟୋକା ମୁଁ ଦେଖିବି ବୋଲି କହି ଗାଁ ଲୋକଙ୍କ ସାଙ୍ଗରେ ବାହାରିଲା। ବାଟରେ ଯାଉ ଯାଉ ଗୁଣିଆକୁ ଝାଡା ଲାଗିଲା ବାଟରେ ସେ ଝାଡା ବସିଲା । ପାଣି ନାହିଁ କି ପତର ନାହିଁ କଣ କରିବ ? ସେ ପାଖରେ ଗାଇ କି ମଇଁଷି କାଟି ଥିଲେ ସାଠାରେ ପତର ପଡିଥିଲା। ସେ ପତ୍ରରେ ଝାଡା ପୋଛିଲା ବେଳକୁ ଛେଳିଆ ପିଲାଟି ଦେଖି ଦେଲା ଓ କହିଲା ନାଗ ନାଗୁଣି ଦେଲ ବର ତା ହାତ ତା ପିଚାରେ ଲାଗିଯାଉ। ସାଙ୍ଗେ ସାଙ୍ଗେ ତାର ହାତ ଲାଗିଗଲା। ସେଇଠୁ ଗୁଣିଆ କହିଲା ଏଇଟା କିମିତିକିଆ ଗାଆଁ ଗାଁରେ ନପହଞ୍ଚୁଣୁ ପିଚାରେ ହାତ ଲାଗିଲଲା। ଗାଁ ଲୋକେ କହିଲେ ଡାକି ଆଣିଥିବା ଗୁଣିଆର ମଧ ହାତ ଲାଗିଗଲା ନାଇଁ ନାଇଁ ସେ ପିଲାକୁ ହିଁ ଯାଇ ଡାକି ଆଣ। ସେଇଠୁ ଗାଁ ଲୋକେ ସେ ପିଲାକୁ ଡାକି ଆଣିବାକୁ ବାହାରି ଗଲେ। ପିଲାଟିକୁ ଖୋଜି ଖୋଜି ପିଲାର ଗାଆଁରେ ଯାଇ ପହଞ୍ଚିଲେ । ସେହି ସମୟକୁ ସେ ପିଲାଟିର ସ୍ତ୍ରୀ ନଦୀକୁ ପାଣି ପାଇଁ ଯାଉଥିଲା ।

ସେ ଡାକିଯିବା ଲୋକ ଦେଖି କହିଲେ ଏଇ ପରା ଆମ ଗାଆଁର ଝିଅ ପରି ଭଳି ଯାଉଛି । ତା' ପରେ ଝିଅଟିକୁ ଚିହ୍ନିପାରି ସେ ଝିଅ ସାଥିରେ ଯାଇ ପିଲାଟିର ଘରେ ପହଞ୍ଚିଲେ। ପିଲାଟି ଲୋକଙ୍କୁ ଦେଖି ଜୁହାର ହେଲା । ସେମାନେ କହିଲେ ବାବୁ ତତେ ଏକା ଜୁହାର। ତତେ ଆମ ଡାକିବାକୁ ଆସିଲୁ। ଆସ ଆମ ଗାଅଁକୁ ଯିବା ତୁ କି ମନ୍ତ୍ର କଲୁଯେ ତାହା ଟିକିଏ ଫିଟାଇ ଦେଇ ଆସିବୁ। ପିଲାଟି ତାଙ୍କ ସାଙ୍ଗରେ ଗଲା ସେ ଗାଁରେ ପହଞ୍ଚିଲା ଦେଖିଲା ଲୋକମାନଙ୍କର ପିଚା ଭୂଇଁରେ ଲାଗିଛି । ନାଗ ନାଗୁଣୀ ଦେଇଥିବା ମନ୍ତ୍ର ଫୁଙ୍କି ଦେଲା ଓ ଭୂମିକୁ ଛାଡିଦେ ବୋଲି କହିବା ମାତ୍ରେ ସେମାନେ ସାଙ୍ଗେ ସାଙ୍ଗେ ଭୂମି ଛାଡି ଉଠି ବସିଲେ। ତେବେ ସେ ଗାଁର ଲୋକମାନେ ପିଲାଟିର ଗୋଡ ତଳେ ପଡ଼ିଲେ ଓ କହିଲେ ତୁ ଆମର ବାପା, ମା ତୁ ଆମର ଦେବତା ଓ ତୁ ଗୁଣୁଆ। ଦୁନିଆ ସାରା ଗୁଣିଆଙ୍କୁ କହିଲୁ କେହି ପାରିଲେ ନାହିଁ। ଆଜିଠାରୁ ଆମେ ସବୁ ଗାଁର ଲୋକେଭାଇ ବନ୍ଧୁ ପରି ମିଳିମିଶି ଚଳିବା କହି ପିଲାଟିକୁ ସାଷ୍ଟାଙ୍ଗ ପ୍ରଣିପାତ ଜଣାଇଲେ।

***

# ବାଘ୍ ଗଇଲ୍ କାତା

## (ବାଘ ଓ ଗୟଲ କଥା)

ବନ୍ ବିତ୍‌ରେ ଗଟେକ୍ ବନ୍ଧ ରିଲି। ସେ ଟାଣେ ଗଟେକ୍ ବାଗ୍ ଆର୍ ଗଇଲ ରିଲାଇଁ ସେ ଦୁ ଲକ୍ ବଡେ ସଙ୍ଗ୍। ଗଇଲ୍ କେ ସବୁଦିନ୍ କଣ୍ଡା ଚାରା ମିଡେଦ୍। ସେଟାର ଅଣି ଗଇଲ୍ ଚିକ୍‌ଣା ଆରି ଦୁମା ହୋଇ ରିଲି। ବାଗ୍‌କେ ସବୁଦିନ୍ କାଉଁକ୍ ମିଡେ ନାଇଁ ସେଟାର ଅଣି ବାଗ୍ କଣ୍ଡେକ୍ ନାଦାର୍ ଫର୍। ବାଗ୍ ସେମ୍‌ତି ଦକି ଦକି ରିଲି। ବାଗ୍ କଇଲା ମର୍ ସଙ୍ଗ୍‌କେ କାଉଁକ୍ ବେଶି ମିଡୁଲି ମକେ ମିଡେ ନାଇଁ ମର୍ ସାଙ୍ଗ୍‌କେ ମୁଇଁ କାଇନ୍। ଗଇଲ୍ କଇଲା କାଇଁ ବଲୁଲିସ୍ ସାଙ୍ଗ୍। ବାଗ୍ କଇଲା କାଇଁବା କଇଁ ନାଇଁ। ମକେ ତୁଇଁ କାଇ ଦେଶ୍ ତକେ ତ ନକ୍ ଆଚେ, ଦାନ୍ତ୍ ବା ଆଚ୍। ତୁଇଁ ଆରି ମୁଇଁ ମାଡ୍ ଅଉଁ। ବାଗ୍ କଇଲା ହଁ। ଗଇଲ୍ ବସ୍‌ଲି, ବାଗ୍ ଲେଞ୍ଜ ଗିଞ୍ଜାରାଇଲି। ଲେଞ୍ଜ ଗିଞ୍ଜାରାଇଁ ଗିଞ୍ଜାରାଇଁ ମାରିଲା ଗଇଲ୍ ଅଡପ୍‌ବା ଆଲେ ନାଇଁ କି ଯାଏ ନାଇଁ। ଗଇଲ କଇଲି ତୁଇଁ ବସ୍। ସେ ବାଗ୍ ବସ୍‌ଲି ଗଇଲ ଲେଞ୍ଜ ଗିଞ୍ଜାରାଇଲା ଗଟେତର୍ ମାରଲା ବାଗ୍ ଏକ୍ ଦୁଇ ତିନ୍ ଉଦେକ୍ ମାରଲେକ୍ ମରିଯାଇନ୍ ବାଗ୍ ଉଟ୍‌ଲା ଇ ବାଟ୍ ଦେକ୍‌ଲା ଗଇଲ ଲଗେ ମୁଇଁ ଆରି ଗଲେ ବଇଲା। ଗଟେ ହିଲା ସେ ଲଗେ ଗରୁ ଚରାଉତେ ରିଲା। ସେ ପିଲା ଦେ କି ଆଚ୍ ମାଡ ହଣ ଗଟା। ବାଗ୍ ସେ ହିଲାର୍ ଲଗେ ଗଲା ପିଲାକେ ବାଗ୍ ଯାଇଁ କଇଲି ଏ ପିଲା, ଏକାତା କାକେ ବା କ ନାଇଁ ମୁଇଁ ଗଇଲ ସଙ୍ଗ୍ ହାରିଗଲେ ବଲି। ନଇଲେକ ତକେ ଟିଆ ଟିଆ କାଇନ୍ଦ୍ ଆରି ଟିଆ ଟିଆ ହାଗିନ୍ଦ୍। ବାଗ୍ ବାରି ଗଲି। ଆରିଗଟେ ଦିନ୍ ସେ ଡଙ୍ଗରେ ହିଲାମନ୍ ଗରୁ ନେଇ ରିଲାଇଁ। ସେ ହିଲା ବାଗ୍‌କେ ଦେକ୍‌ତେ ରିଲା ନିଚଡ୍ ତେରିଲା। ତାର ସଙ୍ଗ୍ ମନ୍ କଇଁଲାଇଁ କାଇଁ ତାକ୍ ରେ ନିଚଡୁଲିସ୍ କ। ହିଲା କଇଲା ନାଇଁରେ ଏଟା କଇଁ ନଏ। ଏଟା ଗଟେକ୍ ଆରା ଢିତା କାତ୍‌ତା। ନାଇଁରେ ବାଗ୍ ଆରି ଗଇଲ୍, ସେ ବନ୍ଧେ ବଡେ ସଙ୍ଗ ଅଇଁ ରିଲାଇ। ବାଗ୍ କଇଁଲି ମର୍ ସାଙ୍ଗ୍‌କେ କାଇନ୍‌ବେ ତବେ୍ ବାଗ୍ ଆରି ଗଇଲ୍ ମାଡ୍ ଅଇଲାଇ। ଗଇଲ୍ ଲେଞ୍ଜ୍ କିନ୍ଦ୍‌ରାଇଁ କରି ବାଗ୍‌କେ ମାର୍‌ଲା। ବାଗ୍ କଇଲା ଏକ୍ ଦୁଇ ତିନ୍ ଉଦେକ ମାର୍‌ଲେ ମରି ଯାଇତିକ୍। ହିଲା କଇଲାକେ ବାଗ୍ ବାରି ଆଇଲି। ଢଡେକ୍ ହିଲା ପଡାଇଁ ଲାଇଁ। କଇଲା ହିଲା ହିଲା। କାଇଁରେ ପିଲା କାଇଁତାକ୍ କଇଁଲିସ୍ କାକେ କ ନାଇଁ ବଲି କଇଁରିଲେ ତକେ।

ତବେ ସେ ହିଲା କଇଲା ମୁଇଁ ତ ଦଶ୍ କଲେ ମକେ କାଇ ଦେସ୍ ବାଗ୍ ବିଘର୍ କଲା ମୁଣ୍ଡ୍ ବାଟେ କାଇଲେକ୍ ଦାପେ ମରେଦ୍ ଗଡ୍ ବାଟେର୍ ଅଣି କାଇନ୍ ସେମିତି କାଇଁକାଇଁ ନେତେରିଲା ତାର ପଚ୍ ବାଟେ ଗଇଲ୍ ଲେଞ୍ଜରିଲି । ବାଗ୍ ପଚାରିଲା ଏ ହିଲା ସେଟା କାଇଁ ଗଟେକ୍‌ରେ । ହିଲା କଇଲା ସେଟା ଆକା ଗଇଲର୍ ସାନ୍ ବାଇସି । ତବେ ସେ ବାଗ୍ କଇଲା ସେ ଗଇଲ୍‌କେ ସଏ ଜୁଆର ବାବୁ ଦଲି କଇଁ ସେ ହିଲାକେ ଚାଡି ପଡାଇଲି । ସେ ହିଲା ବଚଲି ।

**ଓଡିଆ ଅନୁବାଦ :**

ଗୋଟିଏ ବଣ ଭିତରେ ପୋଖରୀଟିଏ ଥିଲା । ସେଠାରେ ଗୋଟିଏ ବାଘ ଓ ଗୋଟିଏ ଗୟଳ ବାସ କରୁଥିଲେ । ସେମାନେ ବଡ ସାଙ୍ଗ ଥିଲେ । ଗୟଳକୁ ସବୁଦିନ ଖାଇବାକୁ ଚାରା ମିଳୁଥିଲା । ସେଥିପାଇଁ ଗୟଳ ସୁସ୍ଥ ଓ ଚିକ୍‌କଣ ଥିଲା । ବାଘକୁ ସବୁଦିନ (ଖାଇବାକୁ)ମିଳୁ ନ ଥିଲା । ଏଣୁ ବାଘ ଟିକିଏ ଦୁର୍ବଳ ଥିଲା । ବାଘ ସେମିତି ଗୟଳକୁ ଦେଖି ଦେଖି ରହୁଥିଲା । ଦିନେ ବାଘ କହିଲା ମୋର ସାଙ୍ଗକୁ ତ ଭଲ ଖାଇବାକୁ ମିଳୁଛି ହେଲେ ମୋତେ ମିଳୁନାହିଁ । ମୋର ସାଙ୍ଗକୁ ମୁଁ ଖାଇବି । ଗୟଳ କହିଲା କ'ଣ କହୁଛୁ ସାଙ୍ଗ । ବାଘ କହିଲା ନା ତ ମୁଁ କିଛି କହିନାହିଁ । ଗୟଳ କହିଲା ତୁ ମୋତେ ଖାଇଦେ ତୋର ନଖ ଅଛି ଆଉ ଦାନ୍ତ ଅଛି । ତେବେ ତୋର ମୋର ମାଡ଼ଗୋଳ ଲାଗିବ । ଗୟଳ କଥାରେ ବାଘରାଜି ହୋଇଗଲା । ଗୟଳ ବସିଲା, ବାଘ ତାର ଲାଞ୍ଜ ଘୁରାଇ ଘୁରାଇ ମାରିଲା ଗୟଳ ଟିକିଏ ହେଲେ ବି ହଲଚଲ ହେଲା ନାହିଁ ଏପରିକି ବାଘକୁ ଖାତିର କଲା ନାହିଁ । ତା ପରେ ବାଘ ବସିଲା; ଗୟଳ ତାର ଲାଞ୍ଜକୁ ଘୁରାଇ ଘୁରାଇ ମାରିଲା । ବାଘ କିନ୍ତୁ ସମ୍ଭାଳି ପାରିଲା ନାହିଁ । ଏକ, ଦୁଇ ତିନି ଆଉ ଥରେ ମାରିଲେ ମରିଯାଇଥାନ୍ତି ବୋଲି ବାଘ କହିଲା । ବାଘ ଉଠିଲା, ଏପଟ ସେପଟ ଦେଖିଲା ଏବଂ କହିଲା ମୁଁ ହାରିଗଲି ବାଘକୁ ଭାରି ଲାଜ ଲାଗିଲା । ଗୟଳ ନିକଟରେ ସେ ପାଖରେ ଗୋଟିଏ ପିଲା ଗାଈ ଚରାଉଥିବାର ଦେଖିଲା । ସେ ପିଲା ପାଖକୁ ବାଘ ଯାଇ କହିଲା – ରେ ପିଲା ମୁଁ ଗୟଳ ଠାରୁ ହାରି ଗଲି ବୋଲି ଯଦି କହିବୁ ତୋତେ ମୁଁ ଠିଆ ଠିଆ ଖାଇ ଦେବି । ବାଘର କଥାଶୁଣି ପିଲାଟି ଡରିଗଲା । ଆଉ ଗୋଟିଏ ଦିନ ପିଲାମାନେ ଗୋରାଇବାକୁ ବଣକୁ ଯାଇଥିଲେ । ସେ ପିଲାଟି ବାଘକୁ ଦେଖି ହସିଲା । ତାର ସାଙ୍ଗ ପିଲାମାନେ ହସିବାର କାରଣ ପଚାରିବାରୁ ପିଲାଟି କହିଲା ନାଇଁରେ ନାଇଁ ଏ କଥା କହି

ହେବ ନାହିଁ। ତଥାପି କହୁଛି ଏହା ଗୋଟିଏ ହାର ଜିତ୍ କଥା। ଗୋଟିଏ ବାଘ ଓ ଗୋଟିଏ ଗୟଳ ଭାରି ସାଙ୍ଗ ହୋଇଥିଲେ । ବାଘ କହିଲା ତା'ର ସାଙ୍ଗ ଗୟଳକୁ ଖାଇବ। ତେଣୁ ବାଘ ଓ ଗୟଳ ମଧ୍ୟରେ ମାଡଗୋଳ ଲାଗିଲେ। ଗୟଳ ତାର ଲାଞ୍ଜ ଘୁରାଇ ବାଘକୁ ମାରିଲା। ଏକ, ଦୁଇ ତିନି ଆହୁରି ଥରେ ମାରିଲେ ମରିଯାଇଥାନ୍ତି ବୋଲି ବାଘ କହିଲା। ବାଘ ହାରିଲା ଏକଥା କହିବାରୁ ବାଘଟି ପିଲା ପାଖକୁ ଆସିଲା। ବାଘ ଆସିବାରୁ ଦୁଇଟି ପିଲା ଡରି ପଳାଇଲେ। ଯେଉଁ ପିଲା କହିଥିଲା ସେ ସେଠାରେ ରହିଲା। ତାକୁ ବାଘ କହିଲା କିରେ ପିଲା ତୋତେ ମନା କରିଥିଲି ତୁ କାହିଁକି ଏକଥା ଅନ୍ୟମାନଙ୍କୁ କହିଲୁ। ସେ ପିଲା କହିଲା ମୋର ଭୁଲ ହୋଇଗଲା। ମୋତେ କ୍ଷମା କରିଦେ ନଚେତ୍ ମୋତେ ତୁ ଖାଇଦେ। ବାଘ ବିଚାର କଲା ଯାକୁ ମୁଣ୍ଡ ପଟରୁ ଖାଇଲେ ଶୀଘ୍ର ମରିଯିବ। ଏଣୁ ଯାକୁ ଗୋଡ଼ପଟୁ ଖାଇଦେବି । ଏପରି ଗୋଡ ପଟୁ ଧିରେ ଧିରେ ଖାଇବାକୁ ବସିଲା। ପିଲାଟି ପଛପଟେ ଗୟଳର ଲାଞ୍ଜ ପରି ଗୋଟିଏ ଜିନିଷ ଥିଲା। ବାଘ ପଚାରିଲା ଆରେ ପିଲା ତୋର ଏଟା କଣ ? ପିଲାଟି କହିଲା ଏଇଟି ଗୟଳର ସାନ ଭାଇ, ବୁଝିଲୁ। ବାଘ ଏ କଥା ଶୁଣି ମନରେ ଭୟ ଜାତ ହେଲା। ବାଘ କହିଲା ସେ ଗୟଳକୁ ଶହେ ଜୁହାର ବାବୁ। ସେ ପିଲାକୁ ଛାଡି ପଳାଇଲା। ପିଲାଟି ଅଳ୍ପକେ ବଞ୍ଚିଗଲା।

⁂⁂⁂

# ବାଘ୍ ଜୁଆଇଁ କତା

## (ବାଘ ଜ୍ୱାଇଁ କଥା)

ସେ କାଲେ, ସେ ଯୁଗେ ଦୁଇ ବୁଡାବୁଡୀ ରିଲାଇଁ। ସେ ଦୁଇ ବୁଢାବୁଢୀ ଲଢି ମିଲାଇଁ ଖଡେ ଝିଅଡେ ରିଲାଇଁ। ଗୋଟ୍ ଦିନ ବୁଡିଛାଡି ବେଟୁକେ ଯାଇଁ ରିଲି। ବୁଲି ବୁଲି ବୁଲି ଛାତିବା ମିଲ୍‌ଲି ନାଇଁ। ମାତର୍ ବୁଲୁବୁଲୁ ଗୋଟେକ୍ ଜାଗାଏଁ ବେଶି ଛାତି ମିଲ୍‌ଲି। ଅନ୍‌କା ଛାତି ମିଲ୍‌ଲି ଯେ, ଡଲୋକ୍ ମସେ ଡକ୍ରି ବୁଇଁକେ ନ୍ ପାର୍‌ଲି । ଆର୍ କନ୍ କରି  ବଏନ୍ ବେ ବୋଲି ଭାବ୍‌ଲି। ସେ ଲଗେ ଟିକ୍ କଲାଇଁ । ନେରେ ଭାଇ ଟକ୍‌ରୁଲୁସ୍ ବୋଲି କେଇଲି । କୁକୁଡା ପଡ଼ାଇଁ ରାନ୍ଧି ବାଡ୍‌କରି ଦିଲାଇଁ। ଆସ୍ ସେ ବଡା ଡିଇଁ କଇଲି ଆସ୍ ଟଣେକ୍ ଆସି ବଡାଇ ଦିନ୍ଦିଆ ମୋର ଝି ଅଇଲେ ଜ୍ୱାଇଁ କର୍‌ନିକ୍ ଆର 'ପ' ଅଏଲେକ୍ ମଇତ୍‌ର ବନ୍ଧାଇବକ୍ ବଲ୍‌ଲୀ।

ସେ ପାଖେ ଗୋଟେକ୍ ବାଘ୍ ଦଙ୍ଗ୍‌ଡା ଶୁଣ୍‌ଡେ ରିଲା । ଆର୍ ସେ ବାଘ୍ ଦ୍‌ଙ୍ଗଡା ଆସି ସେ ଡ଼କ୍ରୀକେ ପାଚାର୍‌ଲା କାଇଁ ବଲ୍‌ଲି କଲିସ୍ ଆଡାଙ୍କ ସେ ଡ଼କ୍ରୀ କଇଲି କାଇଁବା ବଲ୍‌ଲି କଇଁ ନାଇଁ ବାବୁ .. । ବାଘ ଦଙ୍ଗ୍‌ଡା ଆକା କଇଲା, କାଇଁକି ବୋଲି କଇଲିଶ୍ ବୋଲି ଧରି ବଙ୍ଗ୍‌ଲା ଡ଼ିକ୍ରି ଆକାଳା କଇଲି ନାଇଁକାଯଁ ବାବୁ, ଇ ଛାତି ଡଲା ଡଲା ବୋଉଁ ନଉଁଲି, ଡଙ୍କା ଅଣି କେବା ବଆଡି ଦିଲେକ୍ ଝି ଆଇଲେକ୍ ଜ୍ୱାଇଁ କର୍‌ଲିକ୍ ଆର୍‌ପ ଆଇଲେକ୍ ମଇତର ବନ୍ଧାଇ ଟିକ୍ ବୋଲି କଉଁଲେ ।

ସେ ବାଘ୍ ଦ୍‌ଙ୍ଗଡା ଆକା କଇଲା ଆଲେ ଆଡା ଦଆଡି ଦିଏନେ ଅଲ୍‌ବା। ସେ ଡକ୍ରୀ କଇଲି ଇଁ ବଆଡି ଦେ । ତବେ ସେ ବାଘ୍ ଦ୍‌ଙ୍ଗଡା ଦଆଡି ଦିଲା । ସେ ଛାତି ଡଲା ବଆଡି ଦିଲା ଅର୍ ବାଘ୍ ଦଙ୍ଗ୍‌ଡା ଆକା ପାଛ ପାଛ୍ ଘରେ ବର ପାଶ୍‌ଡି ବାରି ଆୟଲା। ଡକ୍ରୀର୍ ତା ସାତ୍ ଗୋଟ୍ ଝିଇସି ରିଲାଏଁ । ତଙ୍କା ଅଣି ସେ ବାଘ୍ ଦିଙ୍ଗ୍‌ଡା ନିଇଦେ ବେ ବୋଲି ସୁବ ଟୋକି  ଝିଇସି ମନ୍‌କେ ଗୋଟେକ୍ ଘରେ କ୍‌ପାଟ୍ ଡାକି କରି ଲୁକାଇଲି। ସେ ଲୁକାଇଲା ବଲ୍ ଗୋଟେକ୍ ଝିଇବି କେ ବାଘ୍ ଦଙ୍ଗ୍‌ଡା ଦିଖ୍ ଦିଲା। ଆର କଇଲା ଆନ୍ଧେରେ ଆଡା ଝିଇବି ମନ ଆଚଡି ନଇଁ ବୋଲି ମନ୍‌କେ ବାଘ୍ ଦଙ୍ଗ୍‌ଡା ଦଖ୍‌ଲାକେ, କାଇଁ ଆର କୁର ଆଚ୍‌ବଣୀ କତାତ ଆରି ଗଲି ଆଚେ। ତଙ୍କା ଆଣି ଗୋଟେକ୍ ଝିଇସି କେ ବାଘ୍ ଦ୍‌ଙ୍ଗଡା ସଙ୍ଗ୍ ବିବାହ କରି ଦିଲାଇଁ। ବିବାଉ କରି ଦିଲାକ୍ ଗୋଟେକ୍ ବଡ୍

ଝିଇସି ସଂଗ୍ ବାରିଗଲାଏଁ । କ୍‌ତି ଦିନ୍ ତନ୍‌କାର କାଉଁ କାଉଁ ଝିଉଁ ଝିଉଁ ସେ ତକୁର୍ ସିକେ ବାଘ୍ ଦିଙ୍ଗଡା ଧରି ଗିଳି ଦିଲା । ଆର୍ ସେ ସତ୍‌ରା ସତର୍‌ସ ଘର୍ ଆଇଲା ଆର୍ କଇଲା ନାଇଁ କାଇଁ ଆତା ଝିଇଦିକେ ଢର, ତେଉଁ ପୁଣି କ୍‌ବାଡ୍ କର୍‌ତା ଲୋକ୍ କେବା ନାଇଁ । କବାଡ୍ କ୍‌ରୁକେ ଗୋଟେଲୋକେ ପଟାଉ । ଅନ୍ ବୋଲି କଇଲାକେ ସତ୍‌ସେ ବୋଲି ସତୁର୍‌ସି ଆର୍ ଗୋଟେକ୍ ଝିଇସି କେ ବାଘ୍ କ୍ୱାଇସି ସଂଗ୍ ପଟାଇଲି । ତନ୍‌କାର ସେ କ୍‌ତି ଦିନ ବିତ୍‌ରେ ସେ ଶାଢିସି କେ ବା ଧରି ଖାଇଁ ଦିଲା ।

ଅନ୍‌କାର ପନ୍ଧିକରି କରି, ଝିଇସି ମନ୍‌କେ କୁଦି ନିଇଁକରି ଛଅ ଗୋଟ୍ ଝିଇସିକେ କାଇଁ ସରାଉତା ବଲ୍ ଆର୍ ଗୋଟେକ୍ ସାନ୍ ଝିଇସି କେ କୁଦୁ ଆଇଲା । ନାଇ କାଇଁ ଆତା ବେଶି କବାଡ କିଇଦି ମନ୍‌କେ ସବୁ ଲୋକ ବେଶି କ୍ୱର । କାମାଭଣି ଅଣି ପାଇଟି କର୍‌ତା ଲୋକ୍ କେବା ନାଇଁ ସାନ୍‌ଶାଢିକେ ଅଲ୍‌ପ୍ ପଟାଉବେ, ବୋଲ୍‌ଲା ଆଇସି ଡକ୍ରୀ ସାନ ଟୋକିକେ ପଟାଇଲି ।

ସାନ୍ ଶଢିସି କେ କୁଦି ଧରିଗଲା ଆର୍ ଡଲେକ୍ ଧାନ ବେଟ୍‌ଲା ଆର୍‌କଟୁକେ ଦିଲା । ସେ ସାନ୍‌ଶାଢସି ଧାନ୍ କୁଟୁକେ ଆୟବାପ୍ଲୁ ଅଇଁଗଲି । ଲଗି ଢଙ୍କାବଲ୍ ସେ ମଝିଆ ବେଣିସିକେ ଗିଲୁକେ ଆରାମ୍ କଲା । ଗୋଡ୍ ବାଟ୍ ଗିଲୁକେ ଆରାମ୍ କଲା, ଲଗି ନୁନିସି ସେ ସାନ୍ ବେଣିସିକେ, ଗୀତେ ଆକା ଛାଡି ପଡାଅ ବେ ବୋଲି କଇଲି :-

(୧) ପାଦ ସନ୍ଧି ସନ୍ଧି ଗିଲିଲା ନିଲା<br>
ଝୁମୁକି ମସଲ ପାକା ବେ ନିଲା<br>
ବେନ୍ଧରି କୁଲା ସେ ପାକା ବେ ନିଲା<br>
ମା'ର ନଗଂଲେ ଯା'ରେ......ନିଲା<br>
ବାପାର ନଗଂଲେ ଯା............. ।

(୨) ମାଣ୍ଡି ସନ୍ଧି ସନ୍ଧି ଗିଲିଲା ନିଲା<br>
ଝୁମୁକି ମସଲ ପାକା ବେ ନିଲା<br>
ବେନ୍ଧରୀ କୁଲା ସେ ପାକା ବେ ନିଲା<br>
ମା'ର ନଗଂଲେ ଯା'ରେ......ନିଲା<br>
ବାପାର ନଗଂଲେ ଯା............. ।

(୩) ଝଂଘ ସନ୍ଧି ସନ୍ଧି ଗିଲିଲା ନିଲା
ଝୁମୁକି ମସଲ ପାକା ବେ ନିଲା
ବେନ୍ଧରୀ କୁଲା ସେ ପାକା ବେ ନିଲା
ମା'ର ନଗଂଲେ ଯା'ରେ......ନିଲା
ବାପାର ନଗଂଲେ ଯା............. ।
ଏନ୍‌କାର ଯତେକ୍ କଇଲେକ୍ ବା ମୁଡ୍‌କେ ଶୁଣେ ବା ନାଇଁ
କଟୁକେ ସେ ଆୟ୍ ବାୟ୍ ଅଇଁ ଗଲିଆ ଛେ ।
ଲଗି ଆର୍ ଗୀତେ ସେ କଇଦେ :

(୪) ଆଟା ସନ୍ଧି ସନ୍ଧି ଗିଲିଲା ନିଲା
ଝୁମୁକି ମସଲ ପାକା ବେ ନିଲା
ବେନ୍ଧରୀ କୁଲା ସେ ପାକା ବେ ନିଲା
ମା'ର ନଗଂଲେ ଯା'ରେ......ନିଲା
ବାପାର ନଗଂଲେ ଯା............. ।

(୫) ପେଟ ସନ୍ଧି ସନ୍ଧି ଗିଲିଲା ନିଲା
ଝୁମୁକି ମସଲ ପାକା ବେ ନିଲା
ବେନ୍ଧରୀ କୁଲା ସେ ପାକା ବେ ନିଲା
ମା'ର ନଗଂଲେ ଯା'ରେ......ନିଲା
ବାପାର ନଗଂଲେ ଯା............. ।

(୬) ଭୁକୁ ସନ୍ଧି ସନ୍ଧି ଗିଲିଲା ନିଲା
ଝୁମୁକି ମସଲ ପାକା ବେ ନିଲା
ବେନ୍ଧରୀ କୁଲା ସେ ପାକା ବେ ନିଲା
ମା'ର ନଗଂଲେ ଯା'ରେ......ନିଲା
ବାପାର ନଗଂଲେ ଯା............. ।

(୭) କନ୍ଧ୍ ସନ୍ଧି ସନ୍ଧି ଗିଲିଲା ନିଲା
ଝୁମୁକି ମସଲ ପାକା ବେ ନିଲା
ବେନ୍ଧରୀ କୁଲା ସେ ପାକା ବେ ନିଲା
ମା'ର ନଗଂଲେ ଯା'ରେ......ନିଲା
ବାପାର ନଗଂଲେ ଯା............ ।

(୮) ସକ୍ ସନ୍ଧି ସନ୍ଧି ଗିଲିଲା ନିଲା
ଝୁମୁକି ମସଲ ପାକା ବେ ନିଲା
ବେନ୍ଧରୀ କୁଲା ସେ ପାକା ବେ ନିଲା
ମା'ର ନଗଂଲେ ଯା'ରେ......ନିଲା
ବାପାର ନଗଂଲେ ଯା............ ।

(୯) ଟଣ୍ଡ୍ ସନ୍ଧି ସନ୍ଧି ଗିଲିଲା ନିଲା
ଝୁମୁକି ମସଲ ପାକା ବେ ନିଲା
ବେନ୍ଧରୀ କୁଲା ସେ ପାକା ବେ ନିଲା
ମା'ର ନଗଂଲେ ଯା'ରେ......ନିଲା
ବାପାର ନଗଂଲେ ଯା............ ।

(୧୦) ନାଲା ସନ୍ଧି ସନ୍ଧି ଗିଲିଲା ନିଲା
ଝୁମୁକି ମସଲ ପାକା ବେ ନିଲା
ବେନ୍ଧରୀ କୁଲା ସେ ପାକା ବେ ନିଲା
ମା'ର ନଗଂଲେ ଯା'ରେ......ନିଲା
ବାପାର ନଗଂଲେ ଯା............ ।

(୧୧) କାନ ସନ୍ଧି ସନ୍ଧି ଗିଲିଲା ନିଲା
ଝୁମୁକି ମସଲ ପାକା ବେ ନିଲା
ବେନ୍ଧରୀ କୁଲା ସେ ପାକା ବେ ନିଲା
ମା'ର ନଗଂଲେ ଯା'ରେ......ନିଲା
ବାପାର ନଗଂଲେ ଯା............ ।

(୧୨) ଆଖି ସନ୍ଧି ସନ୍ଧି ଗିଲିଲା ନିଲା
ଝୁମୁକି ମସଲ ପାକା ବେ ନିଲା
ବେନ୍ଧରୀ କୁଲା ସେ ପାକା ବେ ନିଲା
ମା'ର ନଗଂଲେ ଯା'ରେ......ନିଲା
ବାପାର ନଗଂଲେ ଯା............ ।

(୧୩) କପାଡ ସନ୍ଧି ସନ୍ଧି ଗିଲିଲା ନିଲା
ଝୁମୁକି ମସଲ ପାକା ବେ ନିଲା
ବେନ୍ଧରୀ କୁଲା ସେ ପାକା ବେ ନିଲା
ମା'ର ନଗଂଲେ ଯା'ରେ......ନିଲା
ବାପାର ନଗଂଲେ ଯା............ ।

(୧୪) ମୁଣ୍ଡ ସନ୍ଧି ସନ୍ଧି ଗିଲିଲା ନିଲା
ଝୁମୁକି ମସଲ ପାକା ବେ ନିଲା
ବେନ୍ଧରୀ କୁଲା ସେ ପାକା ବେ ନିଲା
ମା'ର ନଗଂଲେ ଯା'ରେ......ନିଲା
ବାପାର ନଗଂଲେ ଯା............ ।

ଅନ୍‌କା ବଲ୍ ଆକା ଆଟୁ ଉପରେ ନୁନିସିକେ ଗିଲ୍‌ତାଟା ଦଖି ଦିଇଦେ । ଆର୍ ମେଦର କୁଲା ଝମକ୍ ମଶତ୍ ପକାଇଁ କରି ଘର ଧଇଁ ସଇଁ ଅଇଁ ମରିନ୍ ବେ ସରିନ୍ ବେ ବୋଲି ଘରେ ପଳାଇଁ ଆସେବେ । ଘରେ ପଳାଇଁ ଆସି କରି ଆଇସି, ଆର୍ ଆବାସିକେ କଇଦେ ବଡ ନିକା କାଇଁ ଲୁଆଃଇଁ ଦିକେ ଦିଲାସ୍ ଆଟାସ୍ । ସବୁ ନୁନୀ ମନ୍‌କେ ଗିଳି ଗିଳି ମାଇ ଆଙ୍‌ଠି ଆଟୁଉଁ ଅଡାଇଲା ଆଚେ ଇ କତା ଶୁଣିକରି ତା, ଆବାସି ବେଶି ରିସ୍ ଅଇଲା ଆର୍ ।

ଚଣକ୍ ରେୟୁଁରେୟୁଁ ଆକା ସେ ଢାଉଁରସି ଘରେ କେଟି ସର୍‌ଲା ଆର ସତୁର୍‌ସିକେ କଇଲା, କାଇଁତାକେ ଆତା ଟୋକି ପଳାଇଁ ଆଇଲି । ମକେ କୟେ ବା ନାଇକି । ବୋଲାକ୍, ଆଣସି (ସତୁରସି) କଇଲି କାଇଁତାକ୍ ଅଲେ ବାୟ୍ ଆଇସି ଜସ୍ କାଭା କରି ଯାତ୍‌ବେ । ତବଲି ସତୁରସି କଇଲି, ସତ୍‌ରାସି କାଇଁବା ବ୍‌ଲି କଏ ନାଇଁ ।

ତାରପାଛେ ସତୁରସି କୁକ୍ଡା ମାରି ଜାଉ ରାନ୍ଧି ଖାଉଆଁଡ୍, ପିଉଁଆଡ କଲି । ସତ୍‌ରାସି ଆକା ଟାଙ୍ଗି ବେଟି ଆଣି ନଣ୍ ସଂଗ୍ ନିଶି କରି ଟାଙ୍ଗିକେ ଲାଗୁଣ୍ କଲା । କାଉଡା ପିଉଆଡା କରି ସରି, ଯୁ ବେ ଢାଉଁଆଇଁ ବଲି ସତ୍‌ରାସି କଇଲା । ବାଟେ କେଟାଉଁ ନିଇଁ କରି, ଗଟେକ୍ ଗାଡ୍ କଣ୍ଡିଇଁ ନିଇଲକରି ଟାଙ୍ଗି ସଂଗ୍ ଟଟେକେକ୍ କରି ବାଘ୍ ଢାଉଁ ଆଇଁସି କେପୂଢି ମାରି ପକାଇଁ ଢିଲା । ଘରେ ଆସି ଡକ୍ରା, ଡକ୍ରୀ ଆର ଗୋଟେକ୍ ଝିଇସି, ଆଇ ବୋଲି ଝିଇଲାଇଁ କାଇଲାଇଁ ।

**ଓଡ଼ିଆ ଅନୁବାଦ :**

ସେ କାଳ ସେ ଯୁଗରେ ଦୁଇ ବୁଢା ବୁଢୀ ଥିଲେ । ସେ ଦୁଇ ବୁଢା ବୁଢୀ ଖୋଳାଲୋଡା କରି ଖାଉଥିଲେ । ଗୋଟିଏ ଦିନ ବୁଢୀ ଛତୁ ଗୋଟାଇବାକୁ ଯାଇଥିଲା । ବୁଲି ବୁଲି ହାଲିଆ ହୋଇଗଲା ହେଲେ ଗୋଟିଏ ଛତୁ ପାଇଲାନାହିଁ । ମାତ୍ର ବୁଲୁବୁଲୁ ଗୋଟିଏ ଯାଗାରେ ବହୁତ ଛତୁ ଫୁଟିଥିଲା । ଏମିତି ଛତୁ ଫୁଟିଥିଲା ଯେ ଗୋଟିଏ ଡାଲାରେ ଡାଲାଏ ହେବ ହେଲା । ସେ ବୁଡୀ ମୁଣ୍ଡରେ ବୋହି ଆଣି ପାରିଲା ନାହିଁ । କଣ କରିବ କିଛି ବୁଝି ପାରିଲା ନାହିଁ । ତେବେ ସେ କହିଲା ଆସରେ ଆସ କିଏ ହେଲେ ମୋତେ ସାହାଯ୍ୟ କର । ସହଯୋଗ କରିଥିଲେ ମୋ ଝିଅର ବ୍ୱାଇଁ କରିବି ଓ ପୁଅ ହେଲେ ସଙ୍ଗାତ ବସାଇବି ।

ସେ ପାଖରେ ଗୋଟିଏ ବାଘ ଯୁବକ ଏକଥା ଶୁଣୁଥିଲା । ସେ ଯୁବକ ବାଘଟି ଆସି ବୁଢୀକୁ ପଚାରିଲା କଣ ବୋଲି କହୁଛୁ ନାନୀ (ପିଇସି) । ତେବେ ସେ ବୁଢୀ କହିଲା କିଛି କହି ନାହିଁରେ ବାବୁ ! ତା'ପରେ ସେ ଯୁବକ ବାଘଟି କହିଲା କଣ କହିଲୁ କହ ବୋଲି ବୁଢୀକୁ ଧରି ପକେଇଲେ। । ତେବେ ବୁଢୀଟି କହିଲା ନାଇଁରେ ବାବୁ ଏ ଛତୁ ଡାଲା ବୋହି ହେଉ ନାହିଁ ତ ଯିଏ ସାହାଯ୍ୟ କରିବ ମୋର ଝିଅର ବ୍ୱାଇଁ କରିବି ଓ ପୁଅ ହେଲେ ସଙ୍ଗାତ ବସାଇବି ବୋଲି କହୁଛି ।

ତା'ପରେ ସେ ବାଘ ଯୁବକ କହିଲା ହଉ ତେବେ ବୁଢୀକୁ ସହଯୋଗ କଲା । ଛତୁ ଡାଲାଟି ଟେକି ଦେଇ ବାଘ ଯୁବକ ବର ବେଶରେ ବୁଢୀର ପଛେ ପଛେ ଯାଇ ତାଙ୍କ ଘରେ ପହଞ୍ଚିଲା । ବୁଢୀର ସାତ ଗୋଟି ଝିଅ ଥିଲେ । ଗୋଟିଏ ଘରେ ସମସ୍ତଙ୍କୁ ଲୁଚାଇ କବାଟ ବନ୍ଦ କରି ଦେଲା । ସେ ଲୁଚାଇବା ସମୟରେ ବାଘ ଯୁବକ ଗୋଟିଏ ଝିଅକୁ ଦେଖି ଦେଲା । ହେଇଟି ନାନୀ ଝିଅମାନେ ଅଛନ୍ତି ପରା, ନାହିଁ ବୋଲି କହୁଛୁ ।

ଝିଅକୁ ତ ବାଘ ଯୁବକ ଦେଖି ଦେଲାଣି କ'ଣ କରିବି ? ଆଗରୁ ତ ତାକୁ କଥା ଦେଇଛି । ଗୋଟିଏ ଝିଅକୁ ଆଣି ବାଘ ଯୁବକ ସହିତ ବିବାହ କରି ଦେଲା । ବିବାହ କରି ଦେବାରୁ ଝିଅଟିକୁ ଧରି ବାଘ ଯୁବକ ଚାଲିଗଲା । ଏମିତି କେତେ ଦିନ ଭଲରେ ରହିଲେ । ତା'ପରେ ଦିନେ ସେ ବାଘ ଯୁବକ ତାର ସ୍ତ୍ରୀ (ସେ ଝିଅଟି)କୁ ଧରି ଗିଳିଦେଲା । ତା ପରେ ଶାଶୁ ଶଶୁର ଘରକୁ ଆସିଲା ଓ କହିଲା ନାନୀ ତୋର ଝିଅକୁ ଜ୍ୱର, ସେଥିପାଇଁ କାମଧାମ କରିବାକୁ ଲୋକ ନାହାନ୍ତି । କାମ କରିବା ପାଇଁ ଜଣକୁ ପଠାଅ । ଏପରି କହିବାରୁ ସତ ବୋଲି ଭାବି ଶାଶୁ ଆଉ ଗୋଟିଏ ଝିଅକୁ ବାଘ ଜ୍ୱାଇଁ ସାଙ୍ଗରେ ପଠାଇ ଦେଲା । ସେମିତି କିଛିଦିନ ପରେ ବାଘ ତାକୁ ମଧ ଖାଇ ଦେଲା ।

ଏପରି ଫନ୍ଦିକରି ଗୋଟି ଗୋଟି କରି ଛଅଗୋଟି ଝିଅକୁ ଡାକି ନେଲା । ସବା ଶେଷରେ ସାନ ଝିଅକୁ ଡାକିବାକୁ ଆସିଲା ଓ କହିଲା ନାନୀ କାମଧାମ ବେଣି ପଡିରହିଛି । ସବୁ ଝିଅଙ୍କୁ ତ ଜର । ସେଥିପାଇଁ ସାନ ଝିଅକୁ ଟିକିଏ ନ ପଠାଇଲେ ଅସୁବିଧା ହେବ । ଜ୍ୱାଇଁ କଥା ଶୁଣି ବୁଢୀ ସବା ସାନ ଝିଅକୁ ବାଘ ଜ୍ୱାଇଁ ସାଙ୍ଗରେ ପଠାଇ ଦେଲା ।

ବାଘ ସବା ସାନ ଝିଅଟିକୁ ଡାକି ନେଇଗଲା । ଗୋଟିଏ ଡଲାରେ ଡଲାଏ ଧାନ ଦେଇ କୁଟିବାକୁ କହିଲା । ସାନ ଶାଳୀଟି ଧାନ କୁଟିକୁଟି ଧଇଁ ସଇଁ ହୋଇଗଲା । ସେତିକି ବେଳେ ବାଘ ମଝିଆ ଭଉଣୀକୁ ଗୋଡପଟେ ଗିଳିବାକୁ ଆରମ୍ଭ କଲା । ସେହି ସମୟରେ ସାନ ମଝିଆଁ ଭଉଣୀ ସାନ ଭଉଣୀକୁ ଘରଛାଡି ପଳା ବୋଲି ଗୀତ ଆକାରରେ କହିଲା ।

(୧) ପାଦ ପର୍ଯ୍ୟନ୍ତ ଗିଳିଲା ନୀଳା
ଝୁମୁକି ମୁସଳ ପକାରେ ନୀଳା
ମେଦିରି କୁଲା ପକାଲୋ ନୀଳା
ମାର ଲଙ୍ଗଳରେ ଯାରେ-------
ବାପାର ଲଙ୍ଗଳରେ ଯା------

(୨) ଆଣ୍ଠୁ ପର୍ଯ୍ୟନ୍ତ ଗିଳିଲା ନୀଳା
ଝୁମୁକି ମୁସଳ ପକାରେ ନୀଳା
ମେଦିରିକୁଲା ପକାରେ ନୀଳା
ମାର ଲଙ୍ଗଳରେ ଯାରେ ନୀଳା
ବାପାର ଲଙ୍ଗଳରେ ଯାରେ ନୀଳା

ଏହିପରି ଅଣ୍ଟା,ପେଟ, ଛାତି,ବେକ, ଶଙ୍କି, ପାଟି, ଆଖି ଓ ମୁଣ୍ଡ ଗିଳିବା ପର୍ଯ୍ୟନ୍ତ ଏପରି ପାଟି କରୁଥାଏ ।

ସେତିକି ବେଳେ ଆଟୁ ଉପରେ ନାନୀକୁ ଗିଳିବା ଦେଖି ମେଦରିଗୁଲା,ଝୁମକି ମୁସଳ ଛାଡିଦେଇ ମରିଗଲି ସରିଗଲି କହି ଘରକୁ ଦୌଡି ଗଲା । ଘରେ ପହଞ୍ଚି ବାପା ମା'ଙ୍କୁ ରାଗି ବଡ ସୁନ୍ଦର ଜ୍ୱାଇଁକୁ ଦେଇଛ ବୋଲି କହିଲା । ସବୁ ନାନୀମାନଙ୍କୁ ଗିଳିଦେଲା ଓ ବୁଢା ଆଙ୍ଗୁଠି ଗୁଡିକୁ ଆଟୁ ଉପରେ ଓହଳାଇ ରଖିଛି । ଏ କଥା ଶୁଣି ତାର ବାପା ବହୁତ ରାଗିଗଲେ ।

ଟିକିଏ ଯାଇଛି କି ନାହିଁ ବାଘ ଜ୍ୱାଇଁ ଘରେ ଆସି ହାଜର । ଆଉ ଶାଶୁକୁ କହିଲା ମୋତେ କିଛି ନାନୀ ନ କହି କାହିଁକି ଝିଅ ଘରକୁ ପଳାଇ ଆସିଲା ? ତେବେ ଶାଶୁବୁଢୀ କହିଲା କାହିଁକି ଆସିଲା ? ବସ ବାବୁ ବସ୍ କିଛି ଖାଇ କରି ହେଲେ ଯାଅ । କିନ୍ତୁ ଶଶୁର କିଛି କହିଲା ନାହିଁ ।

ତା' ପରେ ଶାଶୁ କୁକୁଡା ମାରି ମାଂସ ରାନ୍ଧି ଖାଇବାକୁ ଦେଲା ।ତେଣେ ଶଶୁର କ'ଣ କଲା ନା ଟାଙ୍ଗି ଏକ ଲମ୍ବା ଫାର୍ସା ଆଣି ଲୁଣ ଦେଇ ଘସି ଘସି ଧାର କଲା । ଖାଇ ସାରିବା ପରେ ବାଘ ଜ୍ୱାଇଁକୁ ବାଟ ପର୍ଯ୍ୟନ୍ତ ଛାଡିବାକୁ ଗଲା ଶଶୁରବୁଢା । ନଦୀ ତଟରେ ଧାରୁଆ ଫାର୍ସାରେ ଗୋଟାଏ ଚୋଟରେ ବାଘ ଜ୍ୱାଇଁକୁ ହାଣି ଦେଲା । ଘରେ ଆସି ବୁଢା, ବୁଢୀ ଆଉ ଗୋଟିଏ ଝିଅ ଭଲ କରି ଖାଇପିଇ ସୁଖରେ ରହିଲେ ।

⁂⁂⁂

# ବିରିପିଙ୍ଗା

## (ବିରିପିଠା)

ଗୋଟେକ୍ ଗାଁ ଲଗେ ବୁଡା ଆରି ବୁଡୀ ରିଲାଇଁ ହୁଣି । ଇ ଦୁଇ ବୁଡା ବୁଡୀ ମାଗିଯାଚି ଆଦି ପେଟପସ୍ତି ରେତି । ଦିନେକ୍ ବୁଡା ବୁଡୀକେ କଇଲି ଆଜି ମକେ ପିଙ୍ଗା ଖାଇବାକେ ମନ୍ ଲାଗ୍ଲା ବି କେମତ୍ କରୁ ବୁଡୀ । ଆଜି ମାଗି ଯାନ ଆନ୍ ରାତିକେ ପିଙ୍ଗା କରି ଦେଇସ୍ । ସେ ଗାଁ ଲଗେ ଗୋଟେକ୍ ପରବ୍ ହେଲା । ବୁଡୀ କାଇଲା ବୁଡା ତୁଇ ଯା କୁନ୍ ଗାଁ ମାଗ୍‌ବାକେ । ବୁଡାଗଲା ଗୋଟେକ୍ ଗାଁ ତାନେ । ସେ ଗାଁ ତାନେ ଗୋଟେକ୍ ଘର୍ ଗଲାକେ ଗୁଡ୍ ଖଣ୍ଡେକ୍ ଦିଲାଇ । ଆରି ଗୋଟେକ୍ ଘର୍ ଗଲାକେ ଚାଉଡ୍ ପୁଞ୍ଜେକ୍ ଦିଲାଇ । ଆରି ଗଟେକ୍ ଘର ଗଲାକେ ବିରି ପୁଞ୍ଜେକ୍ ଦିଲାଇ । ଗିନେ ବୁଡା ଆରି ଉଟି ଆଇଲା । ଘରେ ଆଇଲା ଗିନେ ବୁଡୀ ବିରି ଆରି ଚାଉଲ୍‌କେ ବାଟ୍‌ଲା ଆରି ପିଠା ତିଆର୍ କଲା ତିନ୍‌ଟା । ବୁଡା କଇଲାଇଁ ମାଗି ଆଣ୍‌ଲେ ମୁଇଁ ଦୁଇଟା କାଇନ୍ଦ୍ । ବୁଡୀ କଇଲାଇ ମୁଇଁ ପିଟା ବନାଇଲି ମୁଇଁ କାଇନ୍ଦେ ଦୁଇଟା । ଏମତ୍ ବୁଡାବୁଡୀ ଦୁଇ ଲୋକ୍ ବିତ୍‌ରେ ଝିକାଟନା ହିଲାଏ ହୁଣୀ । ବୁଡା କଇଲା ଯେ ବେଲ୍‌କି ହିଲାଇ ସେ ଗୋଟେକ୍ ପିଠା ଖାଇସି ବଲ୍‌ଲି କଇଲା । ଏମତ୍ କଥାବାର୍ତ୍ତା ହିଲାଇ ହୁଣି । ଗିନେ ଛିମ୍‌ରା ହିଲାଇ ଆରି ତୁନ୍ ପଡି ଶଇଲାଇ । ପରବ୍ ସର୍‌ଲା । ଏନେ ରାତିପାହି ସକାଡ୍ ହେଲାନି । କେ ହେଲେ ଉଟିବାକେ ନାଇଁ । ଗାଁ ଲୋକମନ୍ କୁଲୀବୁତି ଡାଲାଇ । ଗାଁ ଲଗେ ତିନ୍ ଲୋଗ୍ ରିଲାଇ । ସେ ତିନି ଲୋକମନ୍ କଇଲାଇଁ ଯେ ବୁଡାବୁଡୀ କେମତ୍ ହେଲାଏ ବୋଲି ଘରେ ଯାଇ ଉଠାଇଲାଏ । ହେଲେ ମିଶା ଉଟ୍‌ବାକେ ନାଇଁ । ବୁଡାବୁଡୀ ମଲାଏ ବଲି ମଶାନେ ଯାଇ ଖାଲ୍ ମାର୍‌ଲାଏ । ତପ୍‌ବା ପାଏ ଆଗେ ବୁଡାକେ ବଲ୍ ନେଇକରି ଆରି ତଳେ କାଠ ଢାଲାଇ ଖାଲେ ଅଦ୍‌ରାଲାଏ । ତାର ପଛେ ବୁଡୀକେ ବୁଡାର ହୁପ୍‌ରେ ଅଦ୍‌ରାଲାଏ । କାଠ ଲେଦ୍‌ଲାଇ । ଏତ୍‌କି ଦାଏ ବୁଡା ମରିଗଲା ବୋଲି ରାଟୁକଲା । ସେତ୍‌କିଦାଏ ବୁଡୀ କଇଲା ମୁଇଁ ଦୁଇଟା ଖାଇନ୍ଦ୍ । ଏନେ ଗାଁର ଲୋକ୍ ଡୁମା ଭାର୍‌ଲା ବୋଲି ପଲାଇ ରିଲାଇ । ପଲାଇଲାଇ ଘରେ ଆସି ଦେଖ୍‌ଲା ବେଡ୍‌କେ ବିଲାଇ ଖାଇରେଲା ।

**ଓଡିଆ ଅନୁବାଦ:**

ଗୋଟିଏ ଗାଆଁରେ ବୁଢାଟିଏ ଓ ବୁଢୀଟିଏ ରହୁଥିଲେ । ଏହି ଦୁଇ ବୁଢାବୁଢୀ ମାଗି ଯାଚି ପେଟ ପୋଷୁଥିଲେ । ଦିନେ ବୁଢା ବୁଢୀକୁ କହିଲା ଆଜି ମୋର ପିଠା

ଖାଇବାକୁ ମନ ହେଉଛି । ଯେମିତି ହେଲେ ତୁ ପିଠାକିର ମୋତେ ଦେ । ସେ ଗାଆଁପାଖରେ ଗୋଟିଏ ପରବ ହେଲା । ବୁଢ଼ୀ କହିଲା ବୁଢ଼ାକୁ ତୁହି ଆଜି କେଉଁଗାଁଆକୁ ଯାଇ ମାଗିକରି ଆଣ୍ । ମୁଁ ରାତିରେ ପିଠା କରିଦେବି ତମେ ଖାଇବ । ବୁଢ଼ୀ କଥା ନ ସରୁଣୁ ବୁଢ଼ା ଗୋଟିଏ ଗାଁକୁ ଗଲା । ବୁଢ଼ାର ତ ପିଠା ଖାଇବାରେ ଭାରି ମନ । ସେହି ଗାଆଁର ଜଣଙ୍କ ଘରେ ଯାଇ ପହଞ୍ଚିଲା । ସେହି ଘରଲୋକ ବୁଢ଼ାକୁ ଗୁଡ଼ ଅଳପ ଦେଲେ । ତା ପରେ ଆଉ ଏକ ଘରକୁ ବୁଢ଼ା ଚାଲିଲା । ସେଠାରୁ ଚାଉଳ କିଛି ଆଣିଲା । ସେଠାରୁ ଚାଉଳ ଆଣିସାରି ବୁଢ଼ା ଆଉ ଗୋଟିଏ ଘରକୁ ଗଲା । ସେହି ଘରଲୋକ ବୁଢ଼ାକୁ କିଛି ବିରି ଦେଲେ । ଏତକ ମାଗିକରି ବୁଢ଼ା ଘରକୁ ଫେରିଲା । ବୁଢ଼ୀ ଦେଖି ବହୁତ ଖୁସି ହୋଇଗଲା । ବିରି ଚାଉଳରେ ପାଣି ଦେଇ ବାଟିଲା ବୁଢ଼ୀ । ବାଟି ସାରିଲା ପରେ ବୁଢ଼ୀ ଚୂଲିପାଖରେ ବସି ପଲମରେ ତିନିଟା ପିଠା ତିଆରି କଲା । ପିଠା କରିସାରିଲା ପରେ ବୁଢ଼ା କହିଲା- ମୁଁ ଗାଁର ଲୋକଙ୍କ ଠାରୁ ବିରିଚାଉଳ ମାଗିଆଣିଛି ତେଣୁ ମୁଁ ଦୁଇଟା ପିଠା ଖାଇବି । ବୁଢ଼ା କଥା ଶୁଣି ବୁଢ଼ୀ କହିଲା ମୁଁ ବିରି ଚାଉଳ ଧୋଇ ତାକୁ ବାଟି ପିଠା ତିଆରି କରିଛି ତେଣୁ ମୁଁ ଦୁଇଟା ପିଠା ଖାଇବି । ଏମିତି ଭାବରେ ବୁଢ଼ାବୁଢ଼ୀ ଦୁହିଁଙ୍କ ମଧ୍ୟରେ ଝିକାଟଣା ଲାଗିଲା । ବୁଢ଼ାକୁ ଭୋକ ଲାଗିବାରୁ ସେ ଗୋଟିଏ ପିଠା ଖାଇବ ବୋଲି କହିଲା । ଏମିତି କଥାବାର୍ତ୍ତା ହେଲେ । ଟିକିଏ ଝଗଡା ହେଲା । ବୁଢ଼ାବୁଢ଼ୀ ତୁନି ହୋଇ ଶୋଇଗଲେ । ଇଆଡେ ରାତିପାହି ସକାଳ ହେଲାଣି । କେହିହେଲେ ଶେଜରୁ ଉଠିବାର ନାହିଁ । ପରବ ସରିଲା । ଗାଁ ଲୋକମାନେ କୁଲି ମଜୁରୀ ପାଇଁ ବାହାରି ପଡିଲେ । ଗାଁର ତିନିଲୋକ କହିଲେ ଯେ ବୁଢ଼ାବୁଢ଼ୀଙ୍କର କଣ ହେଲା କି । ଏ ପର୍ଯ୍ୟନ୍ତ ଉଠିନାହାନ୍ତି । ବୁଢ଼ାବୁଢ଼ୀ ମରିଗଲେ ନା କ'ଣ ? ତାପରେ ଗାଁର ଲୋକେ ବୁଢ଼ାକୁ ଉଠାଇନେଇ ମଶାଣୀକୁ ନେଲେ । ତା ପରେ ବୁଢ଼ୀକୁ ନେଇ ବୁଢ଼ାର ଉପରେ ଶୁଆଇ ଦେଲେ । କାଠ ଲଦିଦେଲେ । ମରିଗଲି ମରିଗଲି ବୋଲି ବୁଢ଼ା ଚିତ୍କାର କଲା । ଏତିକିବେଳେ ବୁଢ଼ୀ କହିଲା ମୁଁ ଦୁଇଟା ଖାଇବି । ଭୂତ ବାହାରିଲା ମନେକରି ଗାଁର ଲୋକେ ସେ ସ୍ଥାନ ଛାଡ଼ି ପଳାଇ ଆସିଲେ । ତା' ପରେ ବୁଢ଼ାବୁଢ଼ୀ ସେଠାରୁ ଘରକୁ ଆସି ଦେଖିଲା ବେଳକୁ ପିଠାକୁ ବିଲେଇ ଖାଇ ଦେଇଛି । ବୁଢ଼ାବୁଢ଼ୀଙ୍କ କଥା ସରିଲା ।

# ବୁଡାବୁଡୀର୍ କତା

## (ବୁଢା ବୁଢୀ କଥା)

ବୁଡା ବୁଡୀ ଗଟେ ଗାଁଏ ରିଲାଇଁ ହୁଣି । ଡକୁର୍ସି ହୁଣି ବଡେ ନିସ୍ତାଇ । କୁନ୍ତିକେ ନ ଜାତାର ଖାଇ ଖାଇ ଘରେ ନି ସବୁଦିନ ରେତାର୍ ହନ୍‌ଖାଇ ଖାଇ ରେତାର୍ ଲାଗି । ଗାଁର ଲକ୍‌ମନ୍ ଜେସେ ଡକ୍ରାସିକ୍ କଇଲା ଡକୁର୍‌ଦି କୁତନା ଘରେନି ଆଛେ । କୁନ୍ତିଟିକ୍ ହାଇଟି ନଜାଇ ବଲ୍‌ତେ ଝେସେ କଇଲ୍। । ସେଦିନଟାଣୁ ହୁଣି ଡକୃସିକେ କଇଲା ଡଙ୍ଗରେ ଦାରୁଆଣୁ ଜୁବଲ୍‌ତେ କଇଲା । ଡକୃସି କଇଲି ମୁଇଁ ଡଙ୍‌ରେ ଦାରୁଆଣୁ ଆସୁନାହାରି ବଲ୍‌ତେ କଇଲି । ଡକ୍ରାସି ରିସା ଅଇଲା ଆର ଡଙ୍ଗରେ ନାଇଁଲେକ୍ ସରି ମୁଇଁ ଡ଼ଙ୍ଗରେ ଆର ଅସିନ୍ ଆଇଲେକ୍ ତକେବଳ ନେକରି । ହନବାଲାକ୍ ସରି ଡକୃସି କାନ୍ଧି କାନ୍ଧି ଡ଼ଙ୍ଗରେ ଗଲି । ଡକ୍ରାସି ହଛ ହଛହଛେ ଡଙ୍‌ରେ ଗଲି କେଟ୍‌ଲା ଦୁଇଲକ୍ । ଡକ୍ରାସି ଦାରୁ ଗନ୍ଧ ଲାକେ । ଡକୃସି କାନ୍ଧି କାନ୍ଧି ଗଟେକ୍ ଗଛ ତଳେ ବସ୍ତେରି ନିସ୍ତାରଲକ୍ ଆର୍ ଡକ୍ରାସି ଦାରୁ ଗନ୍ଧଲା ଆର ଡର୍‌ମାଳ ଆନ୍‌ଲା ବାନ୍ଧ୍ ବୁନ୍ଧ୍ କଲା । ଡକ୍ରାସି ବସ୍ତେ ଅକା ରିଲି । ଡକ୍ରାସି ଦାରୁ ବାନ୍ଧୁସରଲା ଆର୍  ଡକୃସିକେ କୁଦଲ୍। ଆଉ ଦାରୁ ବାନ୍ଧ୍ ଦିଲୋ ଆଛି । ବଡାର୍‌ଦିନ୍ ଦର ବଲତେ କଇଲା । ଡକୃସି ତାର ଲଗେ ଗଲି ତାର୍‌ଲଗେ ଗଲାକ୍‌ସରି ଡକ୍ରାସି ଦାରୁ ହେଣ୍ଡା ବଡାଇଲା ଡକୃସିକେ । ବଡହେଣ୍ଡା ବାନ୍ଧ୍ ଦେତେରିଲା ଡକୃସିକତ୍ ବଙ୍ ଛହାଇଲି ଝବର୍ ବାନ୍ଧ୍‌ଦେ ତେରିଲା ଆର୍ କନ୍ଧି କାନ୍ଧ୍ ସେ ଘରେ ସେ ହାରି ନହାରି କରି କରି କେଟାଇଲି । ଡକ୍ରାସି ଆଉ ସବୁଦିନ୍ କେଉନା ଏତେ କୋଉତେରିଲା । ସେଉସାସେ ଘରେ କେଟାଇଲା ହଛେ ବୁଡା ବୁଡୀ ସଙ୍ଗେ ଘରେ କେଟ୍‌ଲାଇ । ବୁଡା କଇଲା ହଇରେ ବୁଡୀ ତୁଇ ସବୁଦିନ୍ ଜର୍‌ଆସଲି ବଲତେ ମକେ ତୁଇ ଟକ୍‌ତାର ସେତାର୍ ହାଇଁ । ଆଜିତକେ ଡଙ୍ଗରେ ଦାରୁ ଆଣୁ ଝୁ ବଲତେ କଇଲୋ ସବୁଦିନ୍ କାଇ କାଇ ଘରେ ରେତାର୍‌ଝେ । ତ୍‌ବାରହାଇଁ ସବୁଲକ୍ ମକେ କଉଁତାର ମୁଇଁ ଆଜି ସିନା ତର୍ କତାରଲାଗି ତୁଇ ମକେ ଟକ୍‌ସି ଉହରେ ଉଡ୍‌ତେ ବୁଲତା ଛେଡେର ହେଟ ଦୁ କାତମୁଇଁ ଜାଣି ତୁଇ କାଇଗିରି ମକେଟକ୍‌ସି । ବଲ୍‌ତେ ଡକୃସିକ୍ କଇଲା । ସେ ଦିନଟାଣୁ ଡକୃସି ନାଇରେ ଜାଣ୍‌ଲା । ବଳିଆର ସେଦିନ ଟାଣୁ ହାଇଟି କବାଲ୍ କଳି । ଦିନରାଜି କରତେ କାଇଲା ଛିଡଳିବେ ।

## ଓଡ଼ିଆ ଅନୁବାଦ :

ଗୋଟିଏ ଗାଁରେ ବୁଢା ଓ ବୁଢୀ ଦୁଇ ଜଣ ଥିଲେ। ବୁଢା ବାଡି କାମଦାମ କରୁଥିଲା। କିନ୍ତୁ ବୁଢୀ କେବେହେଲେ ଗୋଟିଏ କାମ କରୁନଥିଲା। ସବୁବେଳେ ପାଲି ଜ୍ୱର ହେଉଛି ବୋଲି ବୁଢାକୁ କହିଲା । ବୁଢୀକୁ କିନ୍ତୁ ସତରେ ଜ୍ୱର ହେଉଥିବ ବୋଲି ବୁଢା ଭାବିଲା। କିନ୍ତୁ ବୁଢୀ ମିଛରେ ଜ୍ୱର ହେଉଛି ବୋଲି ବୁଢାକୁ କହିଲା। ସେମିତି ହେଉ ହେଉ ଦିନେ ସାଇପଡିସାର ଲୋକେ ବୁଢାକୁ ପଚାରିଲେ। ବୁଢାବାବୁ! କଣ ତମର ସ୍ତ୍ରୀ ସବୁବେଳେ ଘରେ ରହି ଯାଉଛି। ବୁଢା କହିଲା ତାଙ୍କର ଦେହ ଭଲ ରହୁ ନଥିବାରୁ ଘରେ ରହୁଛନ୍ତି। ସାଇର ଜଣେ ଲୋକ ବୁଢାକୁ କହିଲା ସେମିତି କିଛି ନାହିଁ। ତମେ ଥିଲେ ଜ୍ୱର ହୋଇଛି ବୋଲି ବିଛଣାରେ ମିଛରେ ଶୋଇଯାଉଛି । କିଛି ହେଲେ କାମ କରୁ ନାହିଁ। ତମେ କୁଆଡେ ଗଲେ ସେ ନିଜେ ରୋଷେଇବାସ କରି ଖାଇ ଦେଉଛି। ତାହା ପରେ ତମର ଆସିବା ବେଳହେଲେ ସେ ଆରାମରେ ବିଛଣାରେ ଶୋଇ ଯାଉଛି। ଆମେ ସବୁ ଦିନ ଏହି ଭଳି ଦେଖୁଛୁ । ବୁଢା ପଡୋଶୀମାନଙ୍କ କଥାରେ ବିଶ୍ୱାସ କରି ଗୋଟିଏ ଦିନ ଲୁଚି ରହି ଦେଖୁଥିଲା ସତକୁ ସତ ବୁଢା ଘରୁ ବାହାରିଲା ପରେ ବିଛଣାରୁ ଉଠି ଦୁଇ ଚାରିଟା କାମ କରି ଦେଇ ରୋଷେଇବାସ କରିବାକୁ ଆରମ୍ଭ କରିଦେଲା। ବୁଢା ଲୁଚି ରହି ବୁଢୀକୁ ଦେଖୁଥାଏ। ବୁଢୀ ରୋଷେଇ କାମ ସାରି ଖାଇବାକୁ ଆରମ୍ଭ କରିଦେଲା। ତାହା ପରେ ବୁଢାର ଆସିବା ସମୟ ହୋଇ ଯିବାରୁ ବୁଢୀ ବିଛଣାରେ ଶୋଇବାକୁ ଆରମ୍ଭ କଲା । ବୁଢା ସେଦି ଦିନଠାରୁ ଭାବିଲା ଯେ ସାଇ ପଡିସାର ଲୋକେ ସତ କହୁଛନ୍ତି। ଆରେ ମୁଁ ତାଙ୍କ କଥାରେ ବିଶ୍ୱାସ କରୁନଥିଲି। ହଉ ଏଥର ଜାଣିଲି। ବୁଢା ଦିନେ କାଠ ଆଣିବା ପାଇଁ କହିଲା ବୁଢୀକୁ । ବୁଢୀ କହିଲା ମୋତେ ଜ୍ୱର ହେଉଛି ମୁଁ ଜଙ୍ଗଲକୁ ଯାଇ ପାରିବି ନାହିଁ। ବୁଢା କହିଲା କଣ ପାଇଁ ଯାଇ ପାରିବ ନାହିଁ ? ଚାଲ ଜଙ୍ଗଲକୁ କାଠ ଆଣିବାକୁ ଯିବା। ତମକୁ ସୁବଦିନ ଜ୍ୱର ହେଉଛି ନା କଣ ? ବୁଢା କହିଲା ଯଦି ଜଙ୍ଗଲକୁ ନଯିବ ନାହିଁ ତାହେଲେ ତମେ ମୋ ଘର ଛାଡି ଚାଲିଯାଅ। ସେତିକି କହିବାରୁ ବୁଢୀ କାନ୍ଦି କାନ୍ଦି ବୁଢା ସହିତ ଜଙ୍ଗଲକୁ କାଠ ଆଣିବା ପାଇଁ ବାହାରିଲା। ବୁଢା କାଠ ହାଣିବା ସମୟରେ ବୁଢୀ ଗଛର ଛାଇ ତଳେ ବସିରହିଲା। ବୁଢା କାଠ ହାଣି ସାରିବା ପରେ କାଠ ବାନ୍ଧିବା ଆରମ୍ଭ କଲା। କାଠ ବାନ୍ଧିସାରି ବୁଢୀକୁ ଡାକି କହିଲା ତମେ ଏହି କାଠ ଧରିବ। କାଠ ନ ଧରିଗଲେ ତମକୁ ଏଇଠି ମାରିଦେବି।

ବୁଢା କଥାରେ ବୁଢୀ କାନ୍ଦି କାନ୍ଦି ମୁଣ୍ଡରେ କାଠ ମୁଣ୍ଡାଇଲା। ବୁଢା ବୁଢୀପାଇଁ ବେଶୀ କାଠ ବାନ୍ଧି ଦେଇଥିଲା। ବୁଢୀକୁ ହାତୀ ଓଜନ  ଭଳି ଲାଗୁଥାଏ। ବୁଢା କିନ୍ତୁ ସବୁଦିନ ଓଜନର କାଠ ଆଣୁଥିଲା। ତାହା ପରେ ବୁଢା ଓ ବୁଢୀ ଦହେଁ ମିଶି ଘରେ ପହଞ୍ଚିଲେ। ଘରେ ପହଞ୍ଚ ସାରିଲା ପରେ ବୁଢା କହିଲା ତମେ ମୋତେ ସବୁଦିନ ଠକୁଥିଲ। ମୁଁ ତମର ଠକାମି  ଆଜିଠୁ ଜାଣିଲି। ମୁଁ ତ ଉଠିଯିବା ଚଢେଇର ପେଟ ବ୍ୟାଥା ଜାଣିପାରେ। ହେଲେ, ତମେ କଣ ଠକିବ ? ବୁଢା ମୋର ଠକାମି ଜାଣି ପାରିଲା ବୋଲି ଆଉ ବୁଢୀ ଠକାମି କରିଲା ନାହିଁ। ସେହିଦିନଠାରୁ ବୁଢା ଓ ବୁଢୀ ଦୁଇଜଣ ପୂର୍ବଭଳି ଖୁସିରେ ରହିଲେ।

⁂⁂⁂

# ବଦାମୁଦୁଲି ଚନ୍ଦାନ୍‌ଜାନୀ

ବଦାମୁଦୁଲି ଚନ୍ଦାନ୍ ଜାନୀ ରିଲାଇଁ । ଡକୁରୁସି ରିଲାଇ ହୁଣି, ଡେଙ୍ଗୀ ଚମାରି, ଚିଲି ଚମାରି, ଡାଲ ନୋଉଡି ଜିସି । ସେ ଦେଶେ ଆଟ୍‌ତି ସାଜ୍ ହୁଲ ବିଜା ହୁଲ୍ ଆଟେ ଡାର ଡକୁରଶି ଓଢଦି ଗୁଣ୍ଡି ବେଶର୍ ଗୁଣ୍ଡି ଶିରେ ଲାଟି ମଶ୍‌କେ ଲାଟି ଓଢଦି ଗୁଣ୍ଡିର୍ ହଇଶି ଉଡାଣ ଗଡା, ହବୁନ୍ ଗଡା ଶିରେ ଲାଟି ମଶ୍‌କେ ଲାଟି ଘଡାଇଁ ବସ୍ତେ ବୁଲେଦେ ଡାଜ୍ ନେଆଡି ଯାଁଏ କଜମାଁ ଗରଜାଇଁ ଆଇଲା ଆଟେ । ଡାଜ ନେଆଡି କୁଇଁ ନେଆଡି ବନ୍ଧେ ହାଣି ଗଧମଲି ଶିରେ ଲାଟି ମଶ୍‌କେ ଲାଟି ଗଡାଇଁଆଲା ଡାଜ୍ ନେଆଡି କେ ହାଣି ଗଦାଉଁ ତାରି ଦକୁଲା ହାଣି ଗଦାରତେ ଶରଲି ଘରେ ଗଲି । ଶିରେ ଲାଟି ମଶ୍‌କେ ଲାଟି ଲୁକ୍‌ତେ ଦକୁଲା କାର ଘର ଜାଇଦେ ବଲ୍‌ତେ ଶିରେ ଲାଟି ମଶ୍‌କଲାଟି ଢାକାର ଘରେ ଗଲାଇଁ । ଶିରେ ଲାଟି ମଶ୍‌କେ ଲାଟି ଚେଙ୍ଗି କୁଡିଆଇଁ ହୁର୍ଲା । ମାକ୍‌ନୀ ବୁଡୀ ଚେଡ଼ି କଦତେ ଆଣିଲି । ସେ ହିଲାକେ ଦକ୍‌ତେ ଚେଡିମନ୍ ହଡାତେ ବୁଲାଇଁ କାଇରି ଆଁଟେ ବଲ୍‌ତେ ମାଲନୀ ବୁଡୀ କୁଡିଆଇଁ ହୁରୁ ଗଲି ଅଡେକ୍ ରଜାଘର ହଇସି ଚେଙ୍ଗି କୁଡିଆଇ କାଇ ତାକେ, ହୁରୁଲି ଆସି ମାଲନୀ ବୁଢୀ କଇଲା ଅଲ୍‌ଦି ଗୁଣ୍ଡି ବେଶର ଗୁଣ୍ଡିକେ କତା ଖରା ଉଦେ କତା କଲେକ୍ ଦେଶ୍ ମାଡେତେ ଦେଇନ୍ଦେ ବଲ୍‌ଲି ମାଲ୍‌ନୀ ବୁଡୀ ଦେଶ, କାଇଁ କରିନ୍ଦେ ।

**ଓଡ଼ିଆ ଅନୁବାଦ :**

ବଦାମୁଦୁଲି ଓ ଚନ୍ଦନ୍‌ଜାନୀ ଗୋଟିଏ ଗାଁରେ । ସେମାନଙ୍କ ସ୍ତ୍ରୀ ସହିତ ରହୁଥିଲେ । ଡେଙ୍ଗା ଚମାରୀ, ଚିଲ୍ଲୀ ଚମାରୀ ଓ ଡାଲ୍ ନେଉଳୀ ସେମାନଙ୍କର ଝିଅଥିଲେ । ସେହି ଦେଶରେ ସାଜଫୁଲ, ପିଆଶାଳଫୁଲ ନାମକ ଦୁଇ ବ୍ୟକ୍ତି ଥିଲେ । ଏମାନଙ୍କର ଦୁଇ ସ୍ତ୍ରୀ ଥିଲେ । ସେମାନଙ୍କର ନାମ ହଳଦୀଗୁଣ୍ଡି ଓ ବେଶର ଗୁଣ୍ଡି । ସିରେଲାଟି ଓ ମ୍ସ୍‌କେ ଲାଟି ଦୁଇଜଣ ପୁଅ ଥିଲେ । ମସ୍‌କେଲାଟି ସବୁବେଳେ ଘୋଡାରେ ଚଢି ବୁଲୁଥିଲା । ଡାଲନେଉଳୀଙ୍କୁ ବିବାହ କରିବା ପାଇଁ କଡବା ନାମକ ଜଣେ ପୁଅ ଘରଜ୍ୱାଇଁଆ ଭାବେ ତାଙ୍କ ଘରେ ରହୁଥିଲା । ଚିଲ୍ଲୀ ଚମାରୀ ନଦୀକୁ ଗାଧୋଇବାକୁ ଯାଇଥିଲା । ଏହି ସମୟରେ ଶିରେଲାଟି ଓ ମସ୍‌କେ ଲାଟି ଚିଲ୍ଲୀ ଚମାରୀ ଗାଧୋଉଥିବାର ଦେଖିଲେ ଓ ତାହାଘରକୁ

ଯିବ ସେହି ଝିଅ- ଏହା ଜାଣିବା ପାଇଁ ଲୁଚି ରହିଲେ । ଚିଲ୍ଲୀଚମାରୀ ତାଙ୍କ ଘରକୁ ଯିବାର ଦେଖି ଲୁଚି ରହିଥିବା ପୁଅମାନେ (ଶିରେଲାଟି ଓ ମସ୍କେ ଲାଟି) ତାଙ୍କ ଘରକୁ ଯାଇ ତାଙ୍କ ଛେଳିଗୁହାଳେ ଲୁଚିରହିଲେ । ସଂନ୍ଧ୍ୟାହେବାରୁ ଯେତେବେଳେ ଛେଳିଗୁଡିକ ଗହାଳରେ ରହିବା ପାଇଁ ଗଲେ, ଗୁହାଳ ଭିତରେ ଦୁଇ ଯୁବକଙ୍କୁ ଦେଖି ବାହାରକୁ ଦୌଡି ପଳାଇଗଲେ । ଏହାପରେ ଛେଳି ଜଗୁଆଳୀ ଗଉଡୁଣୀ ବୁଢୀ ଛେଳିଗୁହାଳଭିତରେ ଦୁଇଜଣ ଯୁବକ ଲୁଚିରହିଥିବାର ଦେଖିଲା । ସେମାନଙ୍କୁ ଦେଖି ପଚାରିଲା ଏଠାରେ ତୁମେ ଦୁହେଁ କଣ ପାଇଁ ଲୁଚିରହିଛ ? ଉତ୍ତରରେ ସେମାନେ ଚିଲ୍ଲୀଚମାରୀ ଓ ଡେଙ୍ଗା ଚମାରୀ ଝିଅଦୁହିଁଙ୍କୁ ବିବାହ କରିବେ ବୋଲି କହିଲେ । ବୁଢୀକୁ କହିଲେ ତମେ ଆମ ଦୁହିଁଙ୍କୁ ଟିକିଏ ସାହାଯ୍ୟ କର । ଯେମିତି କି ଆମେ ଦୁହେଁ ସେହି ଝିଅ ଦୁହିଁଏ ଏଠାରୁ ଧରି ଚାଲିଯିବୁ । ଏହାପରେ ସେ ବୁଢ଼ୀ ଯାଇଁ ଗୁପ୍ତଭାବରେ ଯୁବକ ଦୁଇଜଣ ବିବାହ ଉଦ୍ଦେଶ୍ୟରେ ଆସିଥିବାର ସେ ଝିଅଦୁହିଁଙ୍କୁ କହିଲା । ଝିଅଦୁହିଁଙ୍କୁ ଡାକିଆଣି ଯୁବକଦୁହିଁଙ୍କ ପାଖରେ ପହଞ୍ଚାଇ ଦେଲା । ଏହାପରେ ବୁଡୀକୁ ପୁଅମାନେ କିଛି ପାଉଣା ଦେଇ ଅଜାଣତରେ ଦୁଇଝିଅଙ୍କୁ ଧରି ସେଠାରୁ ପଳାୟନ କଲେ । ସେହିଦିନଠାରୁ ଆଜିଯାଏ ଆଦିବାସୀ ପରଜା ସମାଜରେ ପୁଅଝିଅ ଏକମତ ହେଲେ ପିତାମାତାଙ୍କର ଅଜାଣତରେ ପୁଅଝିଅମାନେ ବିବାହ ପାଇଁ ପଳାୟନ କରିଥିବାର ଚଳିଆସୁଛି ।

❀❀❀

# ବାଘ୍‌ଛେଡି କତା

## (ବାଘ ଛେଳି କଥା)

ଗୋଟେକ୍ ଗାଁଏ ହୁଣି । ଗୋଟେକ୍ ଗାଇ ଗୌଡ ଆଇଲା ହୁଣି । ସେ ହୁଣି ସବୁଦିନ୍ ଗାଈ ଚରାଉତା ସାଉକାର୍ ମନକାର୍ ଗୋଟେକ୍ ଦିନ ହୁଣି ଗାଇ ଛେଡି ମିଶାଉତା ଡ଼ଙ୍ଗରେ ଛଗାଇଲା । ଦିନ ଯାକାର୍ ଡଙ୍ଗ୍‌ରେ ଚୁରାଇଲା ଗାଇ ଗୋରୁ । ସଞ୍ଜ ଅଇଲିହୁଣି ଡଙ୍ଗରେ ଟାଣୁ ତଡେ ଉତ୍‌ରାଇଲା ସବୁଗାଈ ଗୋରୁ ଛେଡିମେଣ୍ଢୀ ଆଛତି ଗୋଟେକ୍ ମେଲ୍‌ଚା ଛେଡିନାଇଁ । ନିଜେ କୋଜ୍‌ତେ ବୁଲାଲା । ଡଙ୍ଗ୍‌ର ଯାକ ବୁଲୁଲା । କୁନ୍‌ତି ମିସା ନି ମିଡାଇଲା । ସଞ୍ଜ ଅଇଲି ଗାଇ ଗୋରୁ ଛେଡିମେଣ୍ଢୀ ମିଶାଉଣ ଘରେ ଆଣ୍‌ଲା । ସାଉକାର୍‌ସି କଇଲା କେନଉତେ ମୋର୍ ଛେଡି ନାଇଁ । ନାଇଁନା ସାଉକାର ଆଜି ଡଙ୍ଗ୍‌ରେ ଛଗାଉତା ଗିଲେ । ସବୁ ଛେଡିମେଣ୍ଢୀ ଆଇଲା । ତୋର ଛେଡିକେ ନଇଲି । ସକାଡ୍‌କେ କଲୁ ଜୁତନ୍ । ସେ ଛେଡି ରାତି ଅଇଲି । ବଡହେ କଣା ଉହୁରେ ଛଗ୍‌ଲିଆର୍ ଶଇଲି । ଯୁମ୍‌ଯୁମ୍ ସଉତେ ଗିଲି ହୁଣି । ଗୋଟେକ୍ କାଣା ବାଘ୍ ହୁଣି ଲାଇଟ୍ ଉଜାଡ୍ ହର୍ ଆଖି କଜାଉତ୍ ଆଇଲି ଛେଡି ଲଗେ । ଛେଡି ଡ଼ିର୍ ଆର୍ ମାଡ଼େ ତରତରି ଜାମ୍‌ଳି । କାଣାବାଘ୍ ହୁଣି ଛେଡିକେ ହଚାରିଲି ତୁଇକେ, ଛେଡି କଇଲି ହୁଣି ମୁଇଁ ବଣ୍ ବିତ୍‌ରେ ମୁଇଁ ମାଣିକ୍ ରଜା । ବଣ୍ ବିତ୍‌ରେ ବୁଲିନ୍ଦ୍ ଗଜାଗଜା । ବାଘଦକ୍‌ଲେ ଆଗତ୍ରୁ ଖାଇଦାତୁର ବଲେ ଆଇଲିସ୍ । ମୁଇଁ ଆର କୋଜ୍‌ତେ ବୁଲ୍ ଡେର୍‌ଲେ ଖାଇଦେ ତୋକେ । ଛେଡିକଇଲାର ଶୁଣ୍‌ଲି ଆର କାଣାବାଘ୍ ସୁସାରେ ହାତ୍‌ଗୁଡ଼ିଗୁଡ଼ି ଗୁଛି, ହଡାଇଲି ତା'ର ଘରେ ।

କାଣାବାଘାର୍ ବାଇମ କଇଲାଇଁ ହଇରେ କାଣା କେନଉତେ ଅଇଲିସ୍ ? ହଡାଉତେ ଆସୁଲେ ବୋଲି ହଚାରଲାକେ କାଣା କମ ନ ହାର୍‌ଲା । କାଣା ହଡାଉତେ ଯାତେ ଜବର୍ ଡାକ୍‌ଲା ଆଛେ । କନ୍‌କରି କୟଦେ ହଛେ ସୁସ୍ତା ଅଇଲା ଆର୍ ହୁଣି କଇଲାଇଁ, ନାଇଁନା ବାଇମନ୍ ହାଇ ବନ୍ ବିତ୍‌ରେ ଗୋଟେକ୍ ଅଇମାଣିକ୍ ରଜା ଆଇଲା ଆଡେ । ବାଘାମନ୍‌କେ ହୁଣି ଦରିଦଇକାଇନ୍ଦ୍ । କନ୍‌କାର୍ ହର୍ ଅଇମାଣିକ୍ ରଜା ଦକୁ ଯୁନା କାଣା ବଲାଇ ହୁଣି । କାଣାହୁଣି ଡିରି ଡିରି ହଛେ ଅଇଲା । ତାକ୍ ମନ ହୁଣି ଆଗତ୍ରୁ

ଅଇଲାଇଁ ହୁଣି । ଛେଡି ଲଗେ ବାରି ଗଲାଇଁ । ଛେଡିହୁଣି ବିଚାର କେଲି ଗୋଟେକ୍ ବାଘ୍‌କେ ସିନା ଡିରାଇଲି ଏବେତ ବୁଡେକ୍ ଆଇଲାଇଁ । ହଉକାଇଲେକ କାଥ ତନାଇଁ କଇଲି । ବାଘ୍‌ମନ୍ ହୁଣି ଡିରି ଡିରି ଛେଡି ଲଗେ ଗଲାଇ ହୁଣି । ବାଘ୍‌ମନ୍ ହୁଣି ହଟାର୍ ଲାଇ ଆଞ୍ଚା ତକେ ଯୁଆର୍ ଲାଗ୍ । ତୁଇ କନ୍ତିଟାଣୁ ଆଇଲିସ୍ ଅମାର୍ ବଣ୍ ବିତ୍‌ରେ ତୁଇ କାଇ ରଜା ବାଲାଇ ଅଇଲିସ୍ କଉଁ । ଛେଡି କଇଲି ହୁଣି ଜୁଲୁଜୁଲି କଡିଆମୁଇଁ ଆକ୍‌କି କାଜଳ ଶିଙ୍ଗ ଯଡେକ୍ ଗେଙ୍ଗାଗେଙ୍ଗା । ମୁଇଁ ବଣ୍ ବିତ୍‌ରେ ବୁଲ୍‌ତେରିନ୍ ଗଙ୍ଗାଗଙ୍ଗା । ଦିନ୍‌କେ ମୁଇଁ ହୁଞ୍ଜେକ୍ ବାଘ ଖାଇନ୍ଦେ । ତୁମିମନ୍ କେତେ୍ ଲୋକ୍ ଆଇଲାସ୍ ଆଟାସ୍ ମକେ କେତେକ୍ ଦିନ୍ ଯାଇନ୍ଦ୍ । ହେନ୍ କଲାହୁଣି ତ ବାଘ୍ ମନ୍ ଆର୍ ରେଡିଡା, ସବ୍‌ଲୋକେ୍ ଯାରବାଟ୍ ସେ ହଡାଇଲାଇଁ । ହଛେଡାକାର୍ ଘରେ କେଟଲାଇଁ । ଘରେ କେଟୁକେଟୁ କଡା ଗୋଟେକ୍ ବେଟ୍ ଅଇଲି । କଡା ହଛାରିଲି ହୁଣି ମାମୁଁ ମାମୁଁ କୁନ୍ତି ଯାତେରିଲି ଏତେକ୍ ତନ୍ଦ୍ରାରେ ଆସୁଲାସ୍ । ନାଇଁ ବଣ୍‌ଜା ହାଇ ବଣ୍ ବିତ୍‌ରେ ଗୋଟେକ୍ ଅଇମାଣିକ ରଜା ଆଇଲା ଆଛେ । ସେ ବାଘ୍ ବାଲୁ ମନ୍‌କେ ସବ୍‌କେ କାଇନ୍ଦ୍ ବଲୁଲା । ସେ ଟାରହାଇଁ ହଡାଡ୍ ଆସୁଲୁ । ତୁମି ଏଡେକ୍ ସେ ବକୁଆକି ମାମୁଁ ? ତୁମିତ ବଣ୍ ବିତ୍‌ରେ ରଜା ତୁମାର ଟାଣୁଆର୍ କେ ରଜା ଆଛତି ? ସେ କଇଲା ହୁଣି ବଲି ତୁମି ତାର୍ କେଡାଦେର୍‌ତେ ହଡାଉତେ ଆଇଲାସ୍ । ତୁମି ଏଡେକ୍‌ସେ ବକୁଆ ? ଯୁତ ମୁଇଁ ତାକେ ବିଡ୍ ଗାଇନ୍ଦେ ତାକେ । ବାଘମନ୍ କଇଲାଇଁ ନାଇ ବଣ୍‌ଜା ଅମି ନା ଆସୁ । କଡା କଇଲି ହୁଣି ଯୁକ୍‌କିନା ମାମୁଁ । ମୁଇଁ ଆଗତୁ ଅଇନ୍ଦେ । ଆମାର ହାଚେ୍‌ହାଚେ୍ ତୁମି ଆସା । ଆଗତୁ ମୁଇଁ ଅଇନ୍ଦ । ମୋର୍ ଲେଞ୍ଜେ ତୁମି ବାନ୍ଧିଉଆ ବଲ୍‌ତେ କଇଲି । କଡାରକଡା ଦେର୍‌ତେ ସବୁ ବାଗୀ ମନ୍ ଲେଞ୍ଜେ ବାନ୍ଧା ବାନ୍ଧି ଅଇଲାଇଁ ଆର୍ ଅଇମାଣିକ ରଜାଲଗେ ଗଲାଇଁ । ଛେଡିହୁଣି, ବାଘମନ୍‌କେ ଦକ୍‌ତେ ତେର୍‌ତେରି ଯାମୁଲାଇଁ । ଦୁଇ ଆର୍‌ସିନା ଡିରାଇଲେ । ଏତର୍ ମୋକେ କାତିବେ ବଲୁଲି । ହଛେ ଛେଡିହୁଣି ରିସା କର୍‌ତେ କଇଲିହୁଣି । କଡାହୁଣି ଛେଡ଼ିଲଗେ କେଟ୍‌ଲିଏତର୍ କଡା ତକେ କଡେ ମୋଡ୍ ବାଘ୍‌କେ ଦର୍‌ତେ ଆଣ୍ ବଲତେ କଇଲାଇଁ କଇଁ । ମୁଇଁ ଇରି କଡେଦିନ୍ କାଇନ୍ଦେ ବଲ୍‌ତେ ଛେଡି କଇଲି ହଛେ ଆର୍ ବାଘ୍‌ମନ୍ତରେ ତିଣ ଯାର୍ ବାଟ୍‌ସେ ହଡାଇଲାଇ । ଲେଞ୍ଜେଡ୍ ବାନ୍ଧା ବାନ୍ଧି ଅଉତେ ଗିଲାଇ । ବାଘମନ୍ତ ହଡାଇ ଲାକେ କଡାକେତ ଆଡ ଗୋଡି ନିଲାଇ ବାଘ୍ ଛେଡିର୍ ସର୍‌ଲି ।

ଓଡିଆ ଅନୁବାଦ:

ଗୋଟିଏ ଗାଁରେ ଜଣେ ଦରିଦ୍ର ଲୋକଥିଲା । ସେ ସବୁବେଳେ ଲୋକମାନଙ୍କର ଗୋରୁ ଗାଈ, ମେଣ୍ଢା ଓ ଛେଳି ଚରାଉଥିଲା । ତାଙ୍କୁ ସାଉକାର ମାନେ ଖାଇବାପାଇଁ ଦେଉଥିଲେ ଏବଂ ବର୍ଷକୁଥରେ ତାଙ୍କୁ ପାଉଣା ଦେଉଥିଲେ । ସେ ଦରିଦ୍ର ଲୋକ ସବୁବେଳେ ପର୍ବତ ଉପରେ ଗାଈ, ଗୋରୁ, ଛେଳିମେଣ୍ଢାକୁ ଚରାଉଥିଲା ଏବଂ ସଂନ୍ଧ୍ୟାହେଲେ ଘରକୁ ଫେରୁଥିଲା । ସେମିତି ହେଉ ହେଉ ଦିନେ କଣ ହେଲାନା ଗୋଟିଏ ଛେଳି ଜଙ୍ଗଲରୁ ଘରକୁ ଆସିଲା ନାହିଁ । ବଣାହୋଇ ଜଙ୍ଗଲରେ ରହିଗଲା । ସାଉକାର ପଚାରିଲା କିରେ ଗଉଡିଆ ମୋର ମେଲ୍ଛା ଛେଳିକୁ କେଉଁଠି ଛାଡିଲୁ ? ଗଉଡିଆ କହିଲା କାଲି ପର୍ବତ ଉପରେ ଗାଈ ଚରାଉଥିଲି । ସମସ୍ତଙ୍କର ଛେଳି ମେଣ୍ଢା ଆସିଲେ । ତୁମର ମେଲ୍ଛା ଛେଳି ଆସିଲା ନାହିଁ । ମୁଁ କ'ଣ କରିବି ? ତାହାପରେ ରାତି ପାହିବାରୁ ଖୋଜିବାକୁ ବାହାରିଲେ । ରାତିହେବାରୁ ଛେଳି ଜଙ୍ଗଲରେ ରହିଲା । ଆଉ ସେ ଘରକୁ ଆସି ପାରିଲା ନାହିଁ । କିଟି କିଟି ରାତି ମାଡିଆସିବାରୁ ଛେଳିକୁ ଭୟ ଲାଗିଲା । ଯାହାହେଉ ଭୟ ଲାଗୁଥିଲେ ମଧ ସାହାସ ବାନ୍ଧି ଏଇଠି ରହିବାକୁ ପଡିବ ବୋଲି ମନେ ମନେ ଭାବିଲା । ତାହାପରେ ଗୋଟିଏ ଜୁଳୁ ଜୁଳିଆ ପୋକ ଭଳିଆ ଗୋଟିଏ ହୁଙ୍କା ଦେଖାଯାଉଥାଏ । ଛେଳିକୁ ତ ଡରମାଡୁଥାଏ । କିଛି ସମୟ ପରେ ଗୋଟିଏ କଣାବାଘ ଛେଳିପାଖରେ ପହଞ୍ଚିଲା । ଛେଳିର ତ ଆଉ ପିଳାହି ପାଣି ହୋଇଗଲା । ଯାହାହେଉ, ସାହାସ ବାନ୍ଧି ଛେଳି ରହିଲା । କଣାବାଘ ଛେଳିକୁ ପଚାରିଲା ଆପଣ କିଏ ? କ'ଣ ପାଇଁ ଏଠାରେ ଅଛନ୍ତି ? ଛେଳି ଉତ୍ତର ଦେଲା ମୁଁ ହେଉଛି ସ୍ୱୟଂ ମାଣିକରାଜା, ବଣ ଭିତରେ ବୁଲୁଥାଏ, ଗଜା ଗଜା ବାଘ ଦେଖିଲେ ଆଗଖାଏ । ଛେଳି ସେତିକି କହିବାରୁ କଣାବାଘ ଧିରେ ଧିରେ ପଛଘୁଞ୍ଚା ଦେଇ ଘରକୁ ଧାଇଁଲା । କଣାର ଭାଇମାନେ ଦେଖି କଣାକୁ ପଚାରିଲେ କଣ ହେଲାରେ ? କଣା କଥା କହିପାରୁନଥାଏ । ଧାଇଁ ଧାଇଁ ହାଲିଆ ହୋଇଥିବାରୁ । କିଛି ସମୟ ଗଲାପରେ କହିଲା । ଆରେ ଭାଇମାନେ ବଣ ଭିତରେ ସ୍ୱୟଂ ମାଣିକରାଜା ବିଜେ ହୋଇଛନ୍ତି । ବାଘ ଦେଖିଲେ ଆଗ ଖାଆନ୍ତି । ଚାଲଯିବା ଦେଖିବା କେମିତିକା ସ୍ୱୟଂ ମାଣିକରାଜା । କଣା କହିଲା ମୁଁ ଆଉ ଯିବି ନାହିଁ ତାର ଭାଇମାନେ କହିଲେ ଆମେ ଆଗରେ ଯିବୁ ତାହାପରେ ତମେ ପଛରେ ଥିବ । ତାହାର ଭାଇମାନେ ଆଗରେ ଚାଲିଲେ ଓ ପଛରେ କଣା ଚାଲିଲା । ଆଗପଛ ହୋଇ କୋଡିଏ ବାଘ

ଚାଲିଲେ । କିଛି ସମୟ ପରେ ଛେଳି ପାଖରେ ପହଞ୍ଚିଲେ । କୋଡିଏ ବାଘକୁ ଦେଖି ଛେଳିର ପିଳାହି ପାଣି ହୋଇଗଲା । ଛେଳି ଭାବିଲା ଯାହାହେଉ ଆତ୍ମରକ୍ଷା କରିବାକୁ ପଡିବ । କେତେଜଣ ଆସିଲ ବୋଲି ଛେଳି କଣାବାଘକୁ ପଚାରିଲା । ବାଘମାନେ ଛେଳିକୁ ଡରି କହିଲେ ଆଜ୍ଞା ମଣିମାଙ୍କର ଜୟହେଉ । ଛେଳି କହିଲା ମୁଁ ହେଉଛି ସ୍ୱୟଂ ମାଣିକରାଜା ବଣ ବିତରେ ବୁଲୁଥାଏ ଗଜା ଗଜା, ଦିନକୁ ମୁଁ ପୁଞ୍ଜେ ବାଘ ଜଳଖିଆ କରେ । ମୁଁ ଦାଢିରେ ବାନ୍ଧି ଶିଙ୍ଗରେ ଚାଳ ଉପରେ ମାଂସ ଖାଏ । ଏତିକି କହିବାରୁ ବାଘମାନେ ଆଉ ସେଠାରେ ରହିଲେ ନାହିଁ । ଗୋଟିଏ ଚିତ୍କାର କରି କିଏ କୁଆଡେ ଚାଲିଗଲେ । ବାଘମାନେ ଯାଉ ଯାଉ ଗୋଟିଏ ଠେକୁଆକୁ ରାସ୍ତାରେ ଠିଆ ହୋଇ ଥିବାର ଦେଖିଲେ । ବାଘମାନେ ଧାଇଁ ଧାଇଁ ଆସୁ ଥିବାର ଦେଖି ଠେକୁଆ ନିରବରେ ରହିଲା । ବାଘମାନେ ଠେକୁଆ ପାଖରେ ପହଞ୍ଚିଲେ । ଠେକୁଆ ପଚାରିଲା ମାମୁଁ ମାମୁଁ । ତୁମେମାନେ ସମସ୍ତେ ଧାଉଁଛ ? ଧାଇଁ ଧାଇଁ ଥକିଯାଇଥିବାରୁ ଠିକ୍ ଭାବରେ କହି ପାରିଲେ ନାହିଁ । କିଛି ସମୟ ପରେ କହିଲେ ଭଣଜା ବଣରେ ସ୍ୱୟଂ ମାଣିକ ରାଜା ବିଜେ ହୋଇଛନ୍ତି । ଦିନକୁ ପୁଞ୍ଜେ ବାଘ ଜଳଖିଆ କରୁଛନ୍ତି । ଠେକୁଆଟିକେ ହସିଦେଇ କହିଲା ଆରେ ମୂର୍ଖ ସେ କଣ କହିଦେଲା ବୋଲି ତୁମେ ମାନେ ଧାଉଁଛ ? ଚାଲ ସମସ୍ତେ ଆଉଥରେ ଦେଖିବା । ବାଘମାନେ କହିଲେ ଆମେ ଆଉ ଯିବୁ ନାହିଁ । ଠେକୁଆ କହିଲା ଚାଲ ମୁଁ ଅଛି କଣ ହେବ ? ଠେକୁଆ କଥାରେ ରାଜିହୋଇ ବାଘମାନେ ଠେକୁଆ ପଛେ ପଛେ ଚାଲିଲେ । କିଛି ସମୟ ପରେ ଛେଳି ପାଖରେ ପହଞ୍ଚିଲେ । ଛେଳିକହିଲା ଆରେ ଠେକୁଆ ତତେ କୋଡିଏ ଜଣ ବାଘକୁ ମୋ ପାଖକୁ ଆଣିବା ପାଇଁ କହିଥିଲି । କେତେଜଣକୁ ସଙ୍ଗରେ ଆଣିଛୁ ? ଖାଦ୍ୟପାଇଁ ମୋର କେତେ ଦିନ ଯିବ ? ତତେ ଆଗ ଖାଇବି । ଏତିକି କହିବାରୁ ବାଘମାନେ ସେଠାରୁ ଛାଡ଼ି ପଳାଇଲେ । ଠେକୁଆର ଲାଞ୍ଜରେ ତ ବାଘମାନେ ବନ୍ଧା ହୋଇଥିଲେ । ତେଣୁ ବାଘମାନେ ଦୌଡିବାରୁ ଠେକୁଆ ଘୋଷାଡି ହୋଇ ମରିଗଲା ।

❋❋❋

# ଛେଡିଆ ହିଲ୍ଲାର କତା

## (ଛେଳିଆ ପିଲାର କଥା)

ଗଟେକ୍ ଗାଁ ରିଲି । ସେଥି ଗଟ୍ ସାଉକର୍ ରିଲା । ସାଉକାର୍ ଗର୍ ଛେଡିଆ ହିଲା ଗୋଟି ରିଲା । ଛେଡି ସବୁଦିନ୍ ଚରାଇଁ ନେତାର୍ । ଚରାଉ ନେତେ ସବୁଦିନ୍ ଲୋକ୍‌କେ ଟକ୍‌ତାର୍ । ଟକ୍‌ତେରିଲା ଗୋଟ୍‌ଦିନ୍ ବାଘ୍ ଗୋଟେକ୍ ଆଇଲି । ସେ ଛେଡିମକେ ଦରି ଦରି ଖାଇଲି । ହିଲ୍ଲା ଡିର୍‌ତେ ହଡାଇଲା ଗରେ । ସବୁଛେଡି ମେଣ୍ଢା ମଲାଇ । ଗୋଟେକ୍ ମେଣ୍ଢି ରିଲି । ସେ ମେଣ୍ଢି ଉଠ୍‌ତେ ଆଇଲି । ଆର୍ ଗୋଟେକ୍ ବେଡାଇମି ଲଗେ ଚର୍‌ତେ ରିଲି । ସେ ବାଠୁଣୀ ବାଘ୍ ଗୋଟେକ୍ ଆଇଲି । ମୁଣ୍ଡା ମୁଣ୍ଡା ଆଇଲି । ସେଥିଟାଣୁ ବାଘ୍ ଆଇଲି । ଦଖ୍‌ଲି ମେଣ୍ଢି ବାଘ୍ ଆସୁଲି । ହାଇରି ବାଘ୍ ମକେ ଖାଇଦ୍‌ବେ । ତାକେ କନ୍ କରିନ୍ଦ୍ ମୁଇଁ ? ହେଲେର୍ ଗଟ୍ ହାଇଟ କରିନ୍ଦ୍ । ମୁଣ୍ଡା ତଡେ ଶଇନ୍ଦେ । ମୁଣ୍ଡା ତଡେ ଶିଇଲି । ଗୋଡକେ ଠିଆ କଲି ଆର୍ ଶଇଲି । ବାଘ୍ ମୁଣ୍ଡା ମୁଣ୍ଡା ଆଇଲି । ଦଖ୍‌ଲି ବାଘ୍‌କେ ମେଣ୍ଢି ହଇରେ । ତୁଇ କେରେ ବାଘ୍ ବଲ୍‌ଲା । ମେଁଣ୍ଢୀ କଇଲା ମକେ ନ ଜାଣ୍‌ସି କିରେ ? ମୁଇଁ ତ ବାଘ୍‌ଖାଉ ଜନ୍ତୁ । ବାଘ୍ ଖଣ୍ଡେକ୍ ଡିର୍‌ଲି । ଡିର୍‌ତେ ହଇବାଟ୍ ଗୁଚ୍‌ଲି । ଗୁଚ୍‌ତେ ହଡାଇଲି । ହଡାଇଲା ବଡକେ ବିଲାଇ ଦଖ୍‌ତେରିଲି । ସେଥିଟାଣୁ ବିଲାଇ ବାଘ୍ ଲଗେ ଗଲି । ହଇରେ ବାଘ୍ ତୁଇ କେଉଁ ହଡାଇଲିସ୍ ? ହାଇରିତ ମେଣ୍ଢୀ । ତୁଇ କାଇକରୁ କେ ଡିରୁଲିସ୍ ? ଯୁଉ ତାକେ କାଉଁ ନାଇଁରେ ବିଲାଇ ମୁଇଁ ନାଆସି ବାଘ ବଲ୍‌ଲି ବିଲାଇକେ । ସେତ ବାଘ୍‌କିଆ ଜନ୍ତୁ ବଲ୍‌ଲି ମକେ ଡିରାଇଲି । ସେ ତି ମୁଇଁ ନାଆସି । ଗଲେକ୍ ମକେ କାଇଦେ । ବିଲାଇ କଇଲା ନଇଁ ନା ନଇଁ ମେଣ୍ଢୀ ହାଇରି । ବାଘ୍‌କେ ନକାଇ ହାଇ ମେଣ୍ଢୀ ତୁଇ ଦର୍ ମେଣ୍ଢୀକେ ଆମି କାଉଁ । ଯୁନା ବଲ୍‌ଲାକେ କଇଲି ନାଇଁ ନାଆଁସି ମକେ ବଡେ ଡିର୍ ଲାଗୁଲି । ମାରାଣ୍ ନା ନିଡିର୍ ତୁଇ ଯୁ ଆଇରି ମେଣ୍ଢୀ ବନର୍ ଜନ୍ତୁକେ ତ ତୁଇ କାଉଁଲିସ୍ । ତକେ କାଟ୍‌ତା ଜନ୍ତୁ କୁଣ୍ଡରୀ ଆଛେ ? ଆଯୁ ଯଦି ତୁଇ ବିଶ୍ୱାସ ନେ କେରୁଲି ଅଲେ ତୋର୍ ଲେଞ୍ଜ ମୋର ଲେଞ୍ଜ ଜଡାଜଡି କରୁ । ସେଥିଟାଣୁ

ବିଲାଇ ଆର୍ ବାଘ୍ ଲେଞ୍ଜ୍‌କେ ଗଟ୍‌ଠି ବାନ୍ଧ୍‌ଲାଇ । ତୁଇ ଗୁତ୍‌ତେ ଆଉ ଗୁଚିଗୁଚିଆଉ ମୁଇଁ ଯିକି ଯିକି ନିନ୍ଦେ । ସେଥିଟାଣୁ ଗଲା ବଡ୍‌କେ ମେଣ୍ଢୀ ଚରୁଲି । ଦଖିଲି ମେଣ୍ଢୀ । ଆରେ ବିଲାଇ ଯାତେ ବାଘ୍‌କେ କୁଦ୍‌ତେ ଆଣୁଲି ମକେ କାତିବେ । କନ୍ କରିନ୍ଦେ ବିଚାର କଲି ମୁଣ୍ଡାତଡ଼େ ଆର୍ ଏକ୍ ଶଇଲି । ଜିକି ଜିକି ନେଉଲି ବିଲାଇ । ଇତତ ଗିଲନା ବଲ୍‌ରେ କଉଁଲି ବିଲାଇ । ମେଣ୍ଢୀ ଲଗେ ବିଲାଇ ବାଘ୍‌କେ ଝିକ୍‌ତେ ନିଲି ମୁଣ୍ଡା ଉହୁରେ । ମେଣ୍ଢୀ ଦଖିଲି । ହଇରେ ବିଲାଇ ମୁଣ୍ଡାତଡ଼େ ଆର୍ ଏକ୍ ଶଇଲି । ଜିକି ଜିକି ନେଉଲି ବିଲାଇ । ଇତତ ଗିଲନା ବଲ୍‌ଲେ କଉଁଲି ବିଲାଇ । ହାଇନ୍‌କା ହାଇନ୍‌ା ବାଘ୍ ଚାରି ଗଟ୍‌କେ ଦରିଆଣ୍ ବଲ୍‌ଲେ । ତୁଇ ଗୋଟେକ୍ କେନି ଦରି ଆଣଲିସ୍ କି । ସେଥିଟାଣୁ ବାଘ୍ ଡିର୍‌ଲା । ଆରି ଡିର୍‌କେ ଡଗାଇଲା । ଡଗାଇଲାକେ ବିଲାଇର୍ ଲେଞ୍ଜ୍ ଆର ବାଘାର୍ ଲେଞ୍ଜ୍ ଛିଡ୍‌ଲି । ଛିଡ୍‌ଲାକେ ବିଲାଇ ମଲି, ବାଘମଲି । ମେଣ୍ଢୀ ଉଠ୍‌ତି ତାର୍ ଗରେ ଗଲି । ଗରେ ଯାତେ ତାର୍ ମନ୍ଦା ଲଗେ ମିଶ୍‌ଲି । ମିଶ୍‌ତେ ସବୁଦିନ୍ ହାଇଁ ଜୀଇଁଲି କାଇଲି ।

ଓଡିଆ ଅନୁବାଦ:

ଗୋଟିଏ ଗାଆଁ ଥିଲା । ସେହି ଗାଆଁରେ ଜଣେ ସାହୁକାର ଥିଲା । ସେହି ସାହୁକାର ଘରେ ଛେଳିଆ ପିଲା ଗୋଟି ଥିଲା । ସେହିପିଲାଟି ସବୁଦିନ ଛେଳି ଚରାଇ ନେଉଥିଲା । ଛେଳି ଚରାଇ ନେଇ ସବୁଦିନ ଲୋକଙ୍କୁ ଡରାଉଥିଲା । ଦିନେ ବାଘ ଗୋଟିଏ ଆସିଲା । ସେହି ବାଘ ଛେଳିଗୁଡିକୁ ଧରି ଖାଇଲା । ସେହି ଛେଳିଆ ପିଲାଟି ଡରିକରି ଘରକୁ ପଳାଇଲା । ସବୁ ଛେଳି ମେଣ୍ଢା ମରିଗଲେ । ଗୋଟିଏ ମେଣ୍ଢୀ ରହିଲା । ସେ ମେଣ୍ଢୀ ଉଠି ଆସି ଗୋଟିଏ ଜମିର ହୁଡା ନିକଟରେ ଚରୁଥିଲା । ସେହି ବାଟରେ ବାଘଟିଏ ପାଦ ପକାଇ ପକାଇ ଆସିଲା । ବାଘ ଆସୁଥିବାର ମେଣ୍ଢୀ ଦେଖିଲା । ହାଏରେ ବାଘ ମୋତେ ଖାଇଦେବ, ମୁଁ କଣ କରିବି ବୋଲି ମେଣ୍ଢୀ ଚିନ୍ତା କଲା । ମେଣ୍ଢୀ ଗୋଟିଏ ଉପାୟ ପାଞ୍ଚିଲା । ସେହି ଜମିର ମୁଣ୍ଡାହୁଡା ତଳେ ଶୋଇ ପଡିଲା । ଶୋଇପଡି ତାର ଗୋଡ ଗୁଡିକୁ ଉପରକୁ ଠିଆକରି ଶୋଇଲା । ବାଘ ସେହି ମୁଣ୍ଡା ହୁଡା ଦେଇ ଆସିଲା । ସେହିବାଟେ ବାଘ ଆସୁଥିବାର ମେଣ୍ଢୀ ଦେଖିବାକୁ

ପାଇଲା । ମେଣ୍ଢାକୁ ଦେଖି ବାଘ କହିଲା ହଇରେ ତୁ କିଏ କିରେ ? ମେଣ୍ଢା କହିଲା ମୁଁ କିଏ ବୋଲି ତୁ ଜାଣିନାହୁଁ ? ମୁଁ ହେଉଛି ବାଘଖିଆ ପଶୁ । ବାଘ ଟିକେ ଡରିଗଲା । ଡରିକରି ପଛକୁ ପଛକୁ ଘୁଞ୍ଚିଯାଇ ପଳାଇଲା । ବାଘ ଫେରି ଆସିବା ବେଳକୁ ବାଟରେ ଗୋଟିଏ ବିଲେଇ ବାଘକୁ ଦେଖିଲା । ବାଘକୁ ଦେଖି ବିଲେଇ ତା'ର ପାଖକୁ ଗଲା । ପାଖକୁ ଯାଇ କହିଲା ହଇରେ ବାଘ ତୁ କାହିଁକି ଫେରି ଆସିଲୁ ? ସେଇଟାତ ଗୋଟିଏ ମେଣ୍ଢା । ତୁ କାହିଁପାଇଁ ତାକୁ ଡରି ପଳାଇ ଆସିଲୁ ? ଯା ତାକୁ ଖାଇବୁ । ନାଇଁ ନାଇଁ ମୁଁ ଯିବି ନାହିଁ ବୋଲି ବାଘ ବିଲେଇକୁ କହିଲା । ସେତ ବାଘଖିଆ ପଶୁ କହି ମୋତେ ଡରାଇଲା । ମୁଁ ଗଲେ ମତେ ଖାଇଦେବ । ନାଇଁ ମୁଁ ଯିବିନାହିଁ । ବିଲେଇ କହିଲା ନାଇଁରେ, ନାଇଁ ନାଇଁ ସେଟା ଗୋଟିଏ ମେଣ୍ଢାଟେ । ବାଘକୁ ସେ ଖାଇ ପାରିବ ନାହିଁ । ତୁ ମେଣ୍ଢାକୁ ଧର ମୁଁ ଖାଇବି ବୋଲି ବିଲେଇ କହିଲା । ନାଇଁ ମୁଁ ଯିବିନାହିଁ ମୋତେ ଡରଲାଗୁଛି । ବିଲେଇ କହିଲା ମା ରାଣ ତୁନ ଡରି ମେଣ୍ଢା ପାଖକୁ ଯାଆ । ମେଣ୍ଢାତ ଗୋଟିଏ ବଣର ଜନ୍ତୁ ତୁ ତାକୁ ଖାଇବୁ । ତତେ କେଉଁ ପଶୁ ଅଜଣା ଅଛି ବୋଲି ବିଲେଇ ବାଘକୁ କହିଲା । ଆସ ଯିବା ଯଦି ତୁ ମୋ କଥାରେ ବିଶ୍ୱାସ ନ କରୁ ତେବେ ତୋ ଲାଞ୍ଜ ସହିତ ମୋ ଲାଞ୍ଜକୁ ଭିଡି ଦେବା ବୋଲି ବିଲେଇ ବାଘକୁ କହିଲା । ତା ପରେ ବିଲେଇ ଆଉ ବାଘ ଉଭୟ ଲାଞ୍ଜରେ ଗଣ୍ଠି ପକାଇଲେ । ତତେ ମୁଁ ଟାଣି ଟାଣି ନେବି ଆଉ ତୁ ମୋ ପଛେ ପଛେ ଆସିବୁ ବୋଲି ବିଲେଇ ବାଘକୁ କହିଲା । ବାଘକୁ ଟାଣି ଟାଣି ଆଣିବା ବାଟରେ ମେଣ୍ଢାଟି ଚରୁଥିବାର ଦେଖିବାକୁ ପାଇଲେ । ବାଘକୁ ବିଲେଇ ଟାଣି ଟାଣି ଆଣୁଥିବାର ମେଣ୍ଢା ମଧ୍ୟ ଦେଖିବାକୁ ପାଇଲା । ଆରେ ! ବିଲେଇ ତ ଯାଇ ବାଘକୁ ଡାକିଆଣିଲା, ମୋତେ ଖାଇଦେବେ ନା କଣ ? କ'ଣ କରିବ ବୋଲି ମେଣ୍ଢା ମନେ ମନେ ଚିନ୍ତା କଲା । ସେହିଭଳି ଜମିହୁଡା ତଳେ ମେଣ୍ଢାଟି ଶୋଇ ରହିଲା । ବିଲେଇ ବାଘକୁ ଟାଣି ଟାଣି ଆଣିଲା । ଏଠାରେ ତ ମେଣ୍ଢା ଥିଲା; କୁଆଡେ ଗଲାବୋଲି ବିଲେଇ କହିଲା । ସେହି ମୁଣ୍ଡା ହୁଡାରେ ବିଲେଇ ବାଘକୁ ଟାଣି ଟାଣି ଆଣୁଥିବାର ମେଣ୍ଢା ଦେଖିବାକୁ ପାଇଲା । ହଇରେ ବିଲେଇ ବୋଲି ମେଣ୍ଢା ଡାକିଲା । ତୁ କେଉଁଠି ଅଛୁ ବୋଲି ବିଲେଇ ମେଣ୍ଢାକୁ କହିଲା । ଏହି ଭଳିଆ ବାଘ ଚାରିଗୋଟି ଧରିଆଣ ବୋଲି ମେଣ୍ଢା ବିଲେଇକୁ

କହିଲା । ତୁ ଗୋଟେ କଣ ବାଘ ସାଥିରେ ଧରି ଆସିଛୁ ? ମେଣ୍ଢାର କଥାଶୁଣି ବାଘ ଡରିଗଲା । ବାଘ ଡରିଯାଇ ଡେଇଁବାକୁ ଲାଗିଲା । ବାଘ ଡେଇଁବାରୁ ବିଲେଇ ଓ ବାଘ ଦୁହିଁଙ୍କର ଲାଞ୍ଜ ଛିଡିଗଲା । ଲାଞ୍ଜ ଛିଡିଯିବାରୁ ବିଲେଇ ଓ ବାଘ ଉଭୟେ ମରିଗଲେ । ଠିକ୍ ଏତିକି ବେଳେ ମେଣ୍ଢା ଜମି ହୁଡାତଳୁ ଉଠିଲା । ତା ପରେ ମେଣ୍ଢା ଘରକୁ ଗଲା । ଘରକୁ ଯାଇ ମେଣ୍ଢା ଗୋଠ ସହିତ ମିଶିଲା । ମେଣ୍ଢା ସବୁଦିନ ପାଇଁ ଖୁସିରେ ରହିଲା ।

***

# ମାଟି ଦେଲ୍ ଆର୍ କାଡା ମଶାଦ୍
## (ମାଟି ପିଣ୍ଡୁଲା ଓ ଠେକୁଆ)

କାଡା ଆର୍ ମାଟି ଡେଲ୍ ମଶାଦ୍ ବାନ୍ଧଲାଇ । ଗଦାମ୍ କେ ଯୁବଲରି ଲାଇଁ । କଡା କେ ଯା ମଶାଦ୍ ଆଗୁତୁ ଯା ହାଣି ଗଦାଉ । କଡା ଗଲି ହୁଣି । ହାଣି ଦିତ୍‌ରେ ଗଲି ଆର୍ ବାର୍‌ଲି ଡେଲ୍ ଗୁଡ୍ ଗୁଡ୍‌ତେ ହାଣି ଲୋଗ୍ ଗଲି। ମାଟି ଦେଲ୍ ଦୁଲି କାଟୀ ଜାଗି ଜାଗି ଡାକି ରୋଲି ଆର୍ ମାଚ୍ ଗୋଟେକ୍ ମାଗ୍‌ତେ ଆଣ୍‌ଲି। ଆର୍ ଚାଟି ବିଲେ ସଙ୍ଗାଇଲି। ସଙ୍ଗାତେ ମନ୍ ସବୁ କାଇଲାଇଁ। ଆଇଲା ଆର୍ ଚାଟି ମନ୍‌କେ ତବେ ଚାଟି ଗଟେକ୍ ଦିଲାଇଁ।

ଚାଟି କେ ନିଲା ଆର୍ ଶୀତ୍‌ଡା ଜଗାଇ ସଙ୍ଗାଇଲା । ବୁଡା ଦାରୁ ପୁଟାଇ ପୁଟାଇ ଡାକ୍‌ଲା। ଆର୍ ସିତ୍‌ଡାଇ ଜାତେ ବସଲା। ଚାଟି ଚୁତୁଡେ ଚାବିଲି। ରମୁନ୍ତେ ହକାଇଲା। କାଡା ବୁଲ୍‌ତେ ଆଇଁଲା। ଇତିର୍ ଚାଟି ଜେ ଦାଦି ହଟାଇଲା। କାଡା ହଙ୍କେ ଚାଟି ଦେଶକି ଦାରୁ ଦେଖି ଦାରୁ ଦିଲା।

କାଡା ନିଲା। ଆର୍ ହିଠା ରାନ୍ତଣ ଟାଣେ ଧାରୁ ସଙ୍ଗାଇଲା। ସେବୁଡୀ ଧାରୁ ହିଟା ରାନ୍ଧ୍‌ଲି ସବୁଯାକ୍। କାଡା ଆଇଲା ଆର ଧାରୁ ଦେଶିକି ହିଠା ଦେଖି ହିଠା ଦିଲି। ହିଠା ନିଲା ଦଙ୍ଗ୍‌ଡୀ ରାସ ଲଗେ ଆର୍ ବୁଲୁ ଗଲା। ସେ ହିଠାକେ ଦଙ୍ଗଡୀ ରାଶି ସବୁ କାଇଲାଇଁ। କାଡା ଆଇଲା ଇତିର୍ ହିଠାକେ ଦଙ୍ଗଡ଼ୀ ରାସି ସବୁ ଆମି କାଇଲା ନାଇଁ। ଦଙ୍ଗ୍‌ଡୀ କେ ଧର୍‌ତେ ଦିଲାଇଁ ଧର୍‌ତେ ନିଲା।

**ଓଡ଼ିଆ ଅନୁବାଦ :**

ଠେକୁଆ ଓ ମାଟିଢେଲା ଦୁଇଜଣ ସଙ୍ଗାତ ବସିଲେ। ଦିନେ ଦୁଇ ସଙ୍ଗାତ ମିଶି ଗାଧୋଇବା ପାଇଁ ଗଡିଆକୁ ଗଲେ । ମାଟିଢେଲା ଠେକୁଆକୁ କହିଲା ହେ ସାଙ୍ଗ ତମେ ପ୍ରଥମେ ଗାଧାଅ ମୁଁ ତା ପରେ ଗାଧୋଇବି। ମାଟି ଢେଲାର କଥା ଶୁଣି ଠେକୁଆ ପାଣି ଭିତରେ ଟୁବ୍‌କିନା ବୁଡି ପାଣିରୁ ବାହାରି ପଡିଲା। ଏହାପରେ ସଙ୍ଗାତ ମାଟି ଢେଲା ଗଡି ଗଡି ଯାଇ ପାଣିରେ ପଡିଗଲା। କିଛି ସମୟ ପରେ ମାଟିଢେଲାଟି ପାଣିରେ ମିଳାଇଗଲା। କିନ୍ତୁ ମାଟିଢେଲାକୁ ଅପେକ୍ଷା ପରେ ମଧ୍ୟ ମାଟି ଢେଲା ପାଣି ଭିତରୁ ବାହାରକୁ ନ ଆସିବାରୁ ଠେକୁଆ ବିରକ୍ତି ହେଲା । ଠେକୁଆ ନିଜେ ପୋଖରୀର ପାଣି ନିକଟକୁ ଯାଇ

ପୋଖରୀରୁ ମାଛ ଗୋଟିଏ ଧରି ଆଣିଲା । ସେହି ମାଛକୁ ନେଇ ଉଈ ହୁଙ୍କା ପାଖରେ ରଖିଦେଲା ଟିକିଏ ବୁଲିବାକୁ ଗଲା । କିଛି ସମୟ ପରେ ଉଈ ହୁଙ୍କା ପାଖକୁ ଆସି ଦେଖେତ ମାଛଟିକୁ ଉଈ ସବୁ ଖାଇଦେଇଛନ୍ତି । ଉଈଗୁଡ଼ିକୁ ମାଛ ମାଗିବାରୁ ସେମାନେ ଗୋଟିଏ ଉଈକୁ ଦେଲେ । ସେହି ଉଈଟିକୁ ଠେକୁଆ ଗଛ ଛାଇରେ ରଖିଦେଲା । ପାଖରେ ଏକ ବୁଢା କାଠ ହାଣୁଥିଲା । ହାଲିଆ ହୋଇ ସେହି ଗଛ ଛାଇରେ ବିଶ୍ରାମ ନେବା ସମୟରେ ପିମ୍ପୁଡି ଉଈଟି ବୁଢାର ଗୋଡ଼ଟିକୁ କାମୁଡ଼ି ଦେଲା । କାମୁଡିବାରୁ ବୁଢାଟି ମାରି ଫିଙ୍ଗିଦେଲା । କିଛିସମୟ ପରେ ଠେକୁଆ ଆସି ଉଈଟିକୁ ମାରିଥିବା ଜାଣି ବୁଢାଟିକୁ ଉଈ ନଚେତ୍ କାଠ ଦେବାପାଇଁ ଧମକ୍ ଦେଲା । ଏହା ପରେ ବୁଢାଟି ନିରୂପାୟ ହୋଇ କାଠ ଗୋଛାଟିକୁ ଠେକୁଆକୁ ଦେଇ ଦେଲା । ଠୋକୁଆ କାଠ ଗୋଛାଟିକୁ ନେଇ ଗୁଡିଆ ଦୋକାନ ପାଖରେ ରଖିଦେଲା । ଗୁଡ଼ିଆଣୀ ସେହିକାଠକୁ ଜଳାଇ ମିଠା ତିଆରି କଲା । କିଛି ସମୟ ପରେ ଠେକୁଆ ଆସି କାଠ ନଥିବାର ଦେଖିବାକୁ ପାଇଲା । ଗୁଡିଆଣୀଟି କାଠ ଜଳାଇଥିବାର ଜାଣି କାଠ ନଚେତ୍ ମିଠା ଦେବାପାଇଁ କହିଲା । ଏହାପରେ ଗୁଡିଆଣି ମିଠା ଦେଲା । ସେହି ମିଠାକୁ ନେଇ ଝିଅମାନେ ରହୁଥିବା ସ୍ଥାନରେ ରଖି ଦେଲା । ବୁଲିବାକୁ ଅନ୍ୟତ୍ର ଚାଲିଗଲା । କିଛି ସମୟ ପରେ ଆସି ଦେଖେତ ମିଠା ନାହିଁ । ଝିଅମାନେ ମିଠା ଖାଇଥିବା ଜାଣିପାରି ଝିଅମାନଙ୍କୁ ମିଠା କିମ୍ବା ସେମାନଙ୍କ ମଧ୍ୟରୁ ଜଣକୁ ମୋ ସହିତ ଯିବାପାଇଁ କହିଲା । ଶେଷରେ ଝିଅମାନଙ୍କ ମଧ୍ୟରୁ ଜଣେ ଠେକୁଆ ସହିତ ଜଙ୍ଗଲକୁ ଚାଲିଗଲା । ଠେକୁଆ ଝିଅ ସହିତ ସାଙ୍ଗ ହୋଇ ରହିଲା । ମାଟି ଢେଲା ସଙ୍ଗାତକୁ ହରାଇ ଝିଅକୁ ସାଙ୍ଗ ହିସାବରେ ପାଇଲା ।

***

# ମାକଡ୍ ଆର୍ ଶବର୍

## (ମାଙ୍କଡ ଓ ଶବର)

ଗଟେକ୍ ଗାଓ ଖଣ୍ଡିଲଗେ ବଡେ ବର ଗଛ ଗଟେକ୍ ଗିଂଲା ହୁଣି । ଗାଡ୍ ଢିତ୍ରେ ଗୋଟେକ୍ ମଙ୍ଗର୍ ଦରା ବିତ୍ରେ ରେଏଦ୍ ହୁଣି । ଲକ୍ମନେ ଗାଡେ ପାନି ଖାଇବାକେ ଗଲେ ମଙ୍ଗର୍ ଲୋକର୍ ଗଡ୍କେ ଧରି ପାନି ବିତ୍ରେ ଝିକେଦ୍ ଆଇରି ଆଖି ଡିମା ଆଇରି ରକତ ଖାଇ କରି ବଡ ମଜାଏ ରେଏଦ୍ ହୁଣି। ଏନ୍ତି ଯେତେକ୍ ଲକ୍ ପାନି ଖାଇ ଗଲେ ଆଇରି ବାଆଡ୍ ବାକେ ନ ଦେଡି। ଇକାତ୍ତା ମାକଡ୍ ଜାନ୍ଲା ଆଇରି ଲକ୍ମନ୍କେ ଗାଡର୍ ପାନି ଖାଇବାକେ ମନା କଲା। ମଙ୍ଗର୍ ମାକଡ୍ କେ ରିସା ହେଲା। ମାକଡ୍ ମକେ ମରାଇଲା। ଲକ ମନେ ପାନି ଖାଇ ନ ଆସିଲେ ତ ମକେ ଖାଦି ନ ମିଲେ ମୁଇଁ ହେଁ ମଲି। ମଙ୍ଗର ମନେ ମନେ ଚିନ୍ତା କଲା ଆଇରି କଇଲା ମୋର ଥାନ୍ନୁ ମାକଡ୍ ଏଡେକ୍ ଗଲାକି କି ତାକେ ମୁଇ ଗୋଟେକ୍ କଥା କହିବି। ମୋର୍ ଲଗର୍ ହାଏ ସୁନାମାଲି ମାକଡ୍କେ ଦେବି। ଦେଲେ ସେ ଆରି ଲକ୍ ମନ୍କେ ପାନି ଖାଇ ଆସ୍ଲେ ନ ମନା କରେନି, ମୋକେ ସୁବିଧା ହେସି। ମଙ୍ଗର୍ ମାକଡ୍କେ ସୁନା ମାଲି ଦେଇ କଇଲା ମାକଡ୍ ଭାଇ ତୁଇ ମୋର ଖାଦି ବନ୍ଦ୍ ନ କରନି ତୁଇ ବନ୍ଦ୍ କଲେ ମୁଇଁ ମଲି। ତୁଇ ଏଇ ସୁନାର ମାଲି ନେ ଆର୍ ପିନ୍ଦ୍। ମାକଡ୍ ସନା ମାଲି ପିନ୍ଧ୍ଲା ଆଇରି ସର୍ଦା ହେଲା। ଆଇରି ଲୋକ ମନ୍କେ ମିସା ନ କଇଲା ନି, ଏନ୍ତି କେତେକ୍ ଦିନ୍ ଗଲା ଗୋଟେକ୍ ଶବର୍ ବେଟ୍ କରଦାକେ ବୁଲାତେ ହେଲା ସି ଦିନର ମାନ୍କେ ତାକେ ବିଲ୍କୁଲ୍ ବେଟ୍ ନ ଦୁସୁଲା। ବିର୍ ବିଘା ହିଲାହୁଣି। ଗାଡେ ଗାଦାଉମ୍କେ ବିଚାର୍ କାଲା ଆଇରି ଧନୁ ଶର୍ ଆରି ହାଡ଼ିଆ ହଟା ବରଗଛ ଲଗେ ବୁଡାଇଲା। ଏନ୍ତି ଦେଲେ ବରଗଚ୍ ହୁପ୍ରେ ମାକଡ୍ ଗୋଟେକ୍ ସୁନାମାଲି ପିନ୍ଧ୍ବାର୍ ଦେଖିଲା। ଆରି ଚିନ୍ତା କଲା ଏ ମାକଡ୍ କେ ମାର୍ଲେ ହାଏ ସୁନା ମାଲି ଦେଡି। ଏମତ୍ ବିଚାର୍ କର୍କେ ଧନୁ ଆରି ଶର ମାକଡ୍କେ ଦିଖାଇଲା। ମାକଡ୍ ଡର୍ମାଡେ ସେ ପିନ୍ଧିବା ସୁନା ମାଲିକେ ଶବର ହୁପ୍ରେ ହିଙ୍ଗି ଦେଲା। ଶବର୍ ଶାର୍ଦା ଅଇଲା। ଶବର୍ ଆରି ଧନୁ ଦିଖାଇଲା। ମାକଡ ଜୁହାର୍ କରି କଇଲା ହୁଣି ଶବର ଭାଏ ମକେ ଆର ନ ମାର୍ନି। ମୁଇଁ ତକେ ସୁନା ରିବା ଜାଗା ଦିଖାଇ ଦେଏନ୍ଦ୍। ଶବରେ କଇଲା

ହୁଣି ଆର୍ ତବେ ଦିଖାଇଦେ । ମାକଡ ମଙ୍ଗର୍ ରେବେ ଦରା ବିତ୍‌ରେ ଆତେ ବୋଲି ଦିଖାଇ ଦିଲା । ଶବର ପାଣି ବିତ୍‌ରେ ଦେବ୍‌ଡି ଗଲା । ମଙ୍ଗର୍ ଗଡ୍‌କେ ଧରି ତେଙ୍ଗ୍ ପାନି ଥାନେ ଝିକି ନେଇ ମାରଲା ।

ଓଡ଼ିଆ ଅନୁବାଦ :

ଗୋଟିଏ ନଦୀକୂଳରେ ବରଗଛଟିଏ ଥିଲା । ସେହି ନଦୀରେ ଗୋଟିଏ କୁମ୍ଭୀର ରହୁଥିଲା । ଲୋକମାନେ ସେହି ନଦୀରୁ ପାଣି ଆଣୁଥିଲେ । ପାଣି ଆଣିବାକୁ ଗଲାବେଳେ କୁମ୍ଭୀର ଲୋକଙ୍କର ଗୋଡକୁଧରି ଗଭୀର ପାଣି ଭିତରକୁ ଟାଣି ନେଉଥିଲା । ଆଖି ଡିମା ଡିମା କରି ଲୋକଙ୍କୁ ମାରି ସେମାନଙ୍କର ରକ୍ତ ପିଇ ବଡ ଖୁସିରେ ରହୁଥିଲା । ଏପରିକି ଯିଏ ଯେତେବେଳେ ସେହି ନଦୀକୁ ପାଣି ପାଇଁ ଯାଉଥିଲେ ସେହି କୁମ୍ଭୀର କହାରିକୁ ଛାଡୁ ନଥିଲା । କିଛିଦିନ ପରେ ଏଇ କଥା ମାଙ୍କଡ ଜାଣିଲା । ନଦୀରୁ ପାଣି ଖାଇବାପାଇଁ ଲୋକମାନଙ୍କୁ ମନା କରିଦେଲା । କୁମ୍ଭୀର ମାଙ୍କଡ ଉପରେ ରାଗିଗଲା ଏବଂ ମନେ ଭାବିଲା ସବିଶ୍ ଏଇ ମାଙ୍କଡ ମୋତେ ମାରିଲା । ଯଦି ଲୋକମାନେ ନଦୀକୁ ପାଣି ପାଇଁ ନ ଆସିବେ ତେବେ ମୋତେ ତ ଖାଇବାକୁ ମିଳିବନି । କ'ଣ କରିବି ? ହେ ମୁଁ ମଲି କ'ଣ କରିବି ? ଏହି ଭଳି କୁମ୍ଭୀର ଭାବିଲା ଏବଂ କହିଲା ମୋ ଠାରୁ କ'ଣ ମାଙ୍କଡ ଏତେ ଚାଲାକି ! ତାକୁ ମୁଁ ଗୋଟିଏ କଥା କହିବି ବୋଲି ମନେ ମନେ କୁମ୍ଭୀର ଚିନ୍ତାକଲା । କୁମ୍ଭୀର ତା ନିଜ ପାଖରେ ଥିବା ସୁନାହାରଟି ମାଙ୍କଡକୁ ଦେବାପାଇଁ ସ୍ଥିର କଲା । ସୁନା ହାରଟି ମାଙ୍କଡକୁ ଦେଲେ ନଦୀରୁ ପାଣି ପାଇଁ ଆସିବାକୁ ଲୋକମାନଙ୍କୁ ମନା କରିବ ନାହିଁ । ମୋତେ ସୁବିଧା ହେବ ବୋଲି କୁମ୍ଭାର ଭାବିଲା । କୁମ୍ଭୀର ମାଙ୍କଡକୁ ସୁନାହାର ଦେଇ କହିଲା ମାଙ୍କଡ ଭାଇ ତୁମେମୋର ଖାଦ୍ୟ ବନ୍ଦ କରନାହିଁ । ତୁମେ ମୋର ଖାଦ୍ୟ ବନ୍ଦ କରିଦେଲେ ମୁଁ ମରିଯିବି । ତୁମେ ଏଇ ସୁନାହାରଟି ନେଇ ପିନ୍ଧ । ମାଙ୍କଡ ସୁନାହାରଟି ପିନ୍ଧିବାରୁ ବହୁତ ଖୁସିହେଲା । ଆଉ ତାର ଲୋକମାନଙ୍କ ସହିତ ମିଶିବା ହେଲା ନାହିଁ । ଏମିତି କେତେଦିନ ବିତିଗଲା । ଦିନେ ଜଣେ ଶବର ଶିକାର କରିବା ପାଇଁ ବୁଲୁଥିଲା । ସେହିଦିନ ସେ ବୁଲି ବୁଲି କିଛି ଶିକାର ପାଇଲା ନାହିଁ । ବହୁତ ବିରକ୍ତ ହେଲା ଶବର । ନଦୀକୁ ଗାଧୋଇଯିବା ପାଇଁ ସ୍ଥିର କଲା । ହାତରେ ଧନୁ ଓ ତୀରଧରି ନଦୀକୂଳରେ ଥିବା ବରଗଛ ଆଡକୁ ମୁହେଁଇଲା । ଠିକ୍ ଏତିକି ବେଳେ ମାଙ୍କଡଟି ଗୋଟିଏ ବରଗଛରେ

ବସି ସୁନାହାର ପିନ୍ଧିଥିବାର ଶବର ଦେଖିବାକୁ ପାଇଲା। ଶବର ମନେ ମନେ ଚିନ୍ତା କଲା ମାଙ୍କଡକୁ ମାରିଦେଲେ ତା ନିକଟରୁ ସୁନାହାରଟି ପାଇଯିବି। ଶବର ଧରିଥିବା ଧନୁଶରକୁ ମାଙ୍କଡ ଆଡକୁ ଯୋଖିବାକୁ ପ୍ରୟାସ କରିବା ସମୟରେ ମାଙ୍କଡ ପିନ୍ଧିଥିବା ସୁନାହାରଟିକୁ ଶବର ଉପରକୁ ଫିଙ୍ଗିଦେଲା । ସୁନାହାରଟି ପାଇ ଶବର ବହୁତ ଖୁସିଥିଲା। ଆହୁରି ମଧ୍ୟ ଶବର ମାଙ୍କଡ ଆଡକୁ ଧନୁ ଓ ତୀର ଦେଖାଇଲା। ଶବରକୁ ଦେଖି ମାଙ୍କଡ ହାତଯୋଡି ଅନୁନୟବିନୟ ହୋଇ କହିଲା ହେ ଶବର ଭାଇ! ମୋତେ ଆଉ ମାର ନାହିଁ। ମୁଁ ମରିଯିବି। ଯେଉଁ ସ୍ଥାନରେ ସୁନା ଅଛି ତୁମକୁ ସେ ଜାଗାଟି ଦେଖାଇଦେବି ବୋଲି ମାଙ୍କଡ କହିଲା। ଖୁବ୍‌ଶୀଘ୍ର ସେହି ସୁନା ଥିବା ସ୍ଥାନଟି ଦେଖାଇ ଦେବାକୁ ଶବର କହିଲା। ମାଙ୍କଡ କୁମ୍ଭୀର ରହୁଥିବା ସ୍ଥାନରେ ବହୁତ ସୁନା ଅଛି ବୋଲି, ସେହି ଜାଗାଟିକୁ ଦେଖାଇଦେଲା। ମାଙ୍କଡ ସେହି ସ୍ଥାନଟି ଦେଖାଇଦେବାରୁ ହଠାତ୍ ଶବର ସେହି ନଦୀ ପାଣିରେ ପଶିଲା। ପାଣିଭିତରେ ପଶିଲା ବେଳକୁ କୁମ୍ଭୀର ଶବରର ଗୋଡକୁ ଯୋରରେ ଧରି ଗଭୀର ଜଳ ମଧ୍ୟକୁ ନେଇଗଲା। ଶବରକୁ ମାରି ତାର ରକ୍ତ ମାଂସଖାଇ କୁମ୍ଭୀର ଖୁସିରେ ରହିଲା ଏବଂ ମାଙ୍କଡ ମଧ୍ୟ ସେହି ବରଗଛରେ ଖୁସିରେ ରହିଲା ।

***

# ଘୋଡା ଡିମ୍

## (ଘୋଡ଼ା ଡ଼ିମ୍ବ)

ଗୋଟେକ୍ ଗାଏଁ ଧବା ଧବନି ରିଲାଇଁ ହୁଣି । ତାକର୍ ଗଟେକ୍ ବୋଲି ବାବୁ ରିଲା ହୁଣି । ସବୁଦିନ୍ ଧବା ଆରି ଧବ୍‌ନି ଗାଁର ଲୁଗା ପାଟ୍‌ଡି ମନ୍‌କେ ମାଗି ଆନି କରି ଗାଡେ ନେଇଁ କରି ସବୁଦିନ୍ ଧଇ୍‌କାର ସବୁଦିନ୍ ଲୁଗା ପାଟ୍‌ଡି ବଇ ଦେଇ କରି ଗାଡେ ଯିବାଟା ବହିଲାକେ ବଡେ କଷ୍ଟ ଲାଗଲା । ଦିନେକ୍ ହିଲା ତାର ଆବାକେ କଇଲା ଆବା । ସବୁ ଦିନେ ଲୁଗାପାଟ୍‌ଡି ଗାଡେ ବଇ ନେବାଟା ମତ ବାଦା ଲାଗଲାନି । ଏବେ ଆମେ ଘୋଡା ଗୋଟେକ୍ ଘେନୁ । ବାବା କଇଲା ବାବୁ ଆମର୍ ତ ଏତେକ୍ ଡ଼ାବୁ ନାଇଁ କେନ୍‌ତାକରି ଆମେ ଘୋଡା ଘେନବା ପିଲା କଇଲା ନାଇ ଆବା ଆମେ ଗୋଟେକ୍ ଘୋଡା ଡିମ୍ ଘେନୁ । ଇଟା ଦୁଇଟା ପରା ଡାବୁ ଲାଗିସି । ଇକତ୍‌ତା ତାର ବୁଆକେ ଭାରି ଭଲ୍ ଲାଗ୍‌ଲା । ତାର ହିଲାର କଥା ଧରି ବସ୍ତି ଜାଗାଏ ଯାଇ ଘୋଡା ଡିମ୍ ଖଇ୍‌ବାକେ ଗଲା । ଦୁକାନ୍ ମନ୍‌କେ ପଚାରି ବୁଲ୍‌ଲା । ବାବୁ ଘୋଡା ଡିମ୍ ଅଛେକି ? କେତେକ୍ ଦୁକାନି ବକୁଆଟା ବଲି ନାଇଁ ନାଇଁ କଇଲାଏ । ସି ବିତ୍‌ରେ ଗୋଟେକ୍ ଚାଲାକି ଦୁକାନି ରେଲାହୁଣି ଦୁକାନ୍‌ଗର ପ୍ରଥମ କରି ଆରମ୍ କଲା ବେଲେ ଗୋଟେକ୍ କଖାରୁ ସିକାସନେ ଦୁକାନି ମୁଣ୍ଡ ଅଲାଏ ରେଲା । ଦୁକାନି ଧବାକେ କଇଲା ଏରେ ମରଥାନେ ଗୋଟେକ୍ ଘୋଡା ଡିମ୍ ଅଛେ । ତିନିଶ ଟଙ୍କା ଡ଼ାବୁ ଦେଲେ ଦେବି । ଧବା ଭାରି ସର୍‌ଦା ହେଲା ଆରି ଦେବାକୁ ଦେ ବାଲି କଇଲା । ଦୁକାନି ଜାଗରତ୍ କରି କଇଲା କଖାରୁ କେ ସୁସାରେ ବେଟି ଆନି କରି ଧବାକେ ଦେଲା । ଧବାକେ କଇଲା ସୁସାରେ ଦେବୁସ୍ ଆଜିକି କାଲିକେ ଏ ଡିମ୍ ଘୋଡା ହିଲା ଫୁଟାଇସି । ଧବା ସର୍‌ଦା ଅଇଲି । ଏମିତି ଧୀରେ ଧୀରେ ନେଉଁ ନେଉଁ ବେଡା ବିତ୍‌ରେ କଲିଆ ଗଟେକ୍ କଙ୍କଡା ଧରଗା ପାଇଁ ଲେଞ୍ଜ୍‌କେ କକ୍‌ଡା ବିଲେ ପୁରାଇ ଦେଇ ଜଗି ରିଲା । ଏତିକି ବେଲେ ଧବା ଝୁଟାଇ ହେଇକରି ପାନି ବିତ୍‌ରେ

ତବଡ଼ାବ୍ ଅଦ୍‌ରିର୍ କରି କଖାରୁ ସଙ୍ଗେ ଅଦେରଲା । ଇ ଗବଦ୍ ଶୁନିକରି କଲିଆ ବିଡ୍ ବାଡ୍ କରି ପଲାଇଲା । ଧବା କରିଆକେ ଦେଖି କରି ଆଦେ ଘୋଡା ହିଲା ପଲାଇଲା ବାଲି ତାର ପଛ୍ ପଛ୍ ଧବା ମିସା ଦବଲା ଘୋଡା ହିଲା ଧରବା ପାଏଁ ।

ଓଡିଆ ଅନୁବାଦ :

ଗୋଟିଏ ଗାଆଁରେ ଧୋବା ଧୋବଣୀ ବାସ କରୁଥିଲେ । ସେମାନଙ୍କର ଗୋଟିଏ ବୋଲି ପୁଅ ଥିଲା । ସବୁଦିନେ ଧୋବା ଆଉ ଧୋବଣୀ ଗାଆଁ ଲୋକମାନଙ୍କର ଲୁଗାଆଣି ସଫାକରିବାକୁ ପୋଖରୀକୁ ଯାଆନ୍ତି । ସେମାନଙ୍କ ସହିତ ଏକମାତ୍ର ପୁଅ ମଧ୍ଯ ଲୁଗା ଗଣ୍ଠିଲି ଧରି ପୋଖରୀକୁ ଯାଏ । ସବୁଦିନ ଲୁଗା ଗଣ୍ଠିଲି ଧରି ପୋଖରୀକୁ ଯିବାକୁ ପିଲାକୁ ବହୁତ କଷ୍ଟଲାଗିଲା । ଦିନେ ସେ ତା'ର ବାପାଙ୍କୁ କହିଲା ବାପା ସବୁଦିନ ଲୁଗା ଗଣ୍ଠିଲିଧରି ପୋଖରୀକୁ ଯିବାଟା ବହୁତ କଷ୍ଟ ଲାଗୁଛି । ତେଣୁ ଏବେ ଆମକୁ ଗୋଟିଏ ଘୋଡା କିଣିବାକୁ ହେବ। ତା'ର ବାପା କହିଲା ଆରେ ପୁଅ ଘୋଡା କିଣିବାକୁ ଆମର ତ ଏତେ ଗୁଡିଏ ଟଙ୍କା ଆସିବ କେଉଁଠୁ ? ପୁଅ କହିଲା ନାଇଁ ବାପା ଆମେ ଗୋଟିଏ ଘୋଡା ଅଣ୍ଡା କିଣିବା । ଏଇଟା ଦୁଇ ଟଙ୍କା ପଡିବ । ଏକଥା ଶୁଣି ତା'ର ବାପା ଅତ୍ୟନ୍ତ ଖୁସି ହୋଇଗଲେ । ତା'ର ପୁଅକୁ ଧରି ଘୋଡା ଅଣ୍ଡା କିଣିବା ପାଇଁ ଗୋଟିଏ ବଜାରକୁ ଗଲେ । ସବୁ ଦୋକାନରେ ଯାଇ ପଚାରିଲେ । କହିଲେ ବାବୁ ତମ ଦୋକାନରେ ଘୋଡା ଅଣ୍ଡା ଅଛି କି ? କେତେକ ଦୋକାନୀ ସେମାନଙ୍କୁ ବୋକା ବୋଲି କହିଲେ ଏବଂ ମନା କରିଦେଲେ । ସେମାନଙ୍କ ଭିତରେ ଜଣେ ଚାଲାକି ଦୋକାନୀ ଥିଲା । ଦୋକାନ ଘର ପ୍ରଥମ କରି ଆରମ୍ଭ କରିଥିବା ସମୟରେ ଗୋଟିଏ କଖାରୁ ଗିକା ଉପରେ ଥିଲେ । ତାକୁ ଦେଖି ଦୋକାନୀ ଘୋଡା ଅଣ୍ଡା ଅଛି ବୋଲି କହିଲା । ଦୋକାନୀ ଧୋବାକୁ କହିଲା ଆରେ ମୋ ପାଖରେ ଗୋଟିଏ ଘୋଡା ଅଣ୍ଡା ଅଛି । ତିନି ଶହ ଟଙ୍କା ଦେଲେ ମୁଁ ତୋତେ ସେ ଘୋଡା ଅଣ୍ଡା ଦେବି । ଧୋବାଟି ଭାରି ଖୁସି ହୋଇ ଘୋଡା ଅଣ୍ଡାକୁ ଦେବାକୁ କହିଲା । ଦୋକାନୀ ତାକୁ ଧିରେ ଧିରେ କହିଲା କଖାରୁକୁ ଆସ୍ତେ ଆସ୍ତେ ଧରିକରି ନେବୁ ଆଜି କାଲି

ଭିତରେ ଏହା ଭିତରେ ଥିବା ଅଣ୍ଡାଟି ଘୋଡା ଜନ୍ମ କରିବ । ଧୋବା ଜଣକ ଭାରି ଖୁସି ହେଲା । ଏମିତି ଧିରେ ଧିରେ ଯାଉ ଯାଉ ବିଲ ମଝିରେ ପହଞ୍ଚିଲା । ବିଲ ମଝିରେ ପହଞ୍ଚିଲା ବେଳକୁ ଗୋଟିଏ ବିଲୁଆ କଙ୍କଡା ଧରିବା ପାଇଁ ଗାତ ନିକଟରେ ଜଗି ବସିଥିଲା । ଠିକ୍ ଏତିକି ବେଳେ ଧୋବା ବଳହୁଡାରେ ଝୁଣ୍ଟିପଡି ବିଲ ମଧ୍ୟରେ ପଡିଗଲା । ପଡିଯିବା ସଙ୍ଗେ ସଙ୍ଗେ ଧୋବା ଧରିଥିବା କଖାରୁଟି ମଧ୍ୟ ପଡିଗଲା । ଏହି ପଡିବା ଶବ୍ଦ ଶୁଣି ବିଲୁଆଟ୍ ଦୌଡିକରି ପଳାଇଲା । ଧୋବା ବିଲୁଆକୁ ଦେଖି ଘୋଡା ଛୁଆଳ ପଳାଇଲା ମନେକରି ତାକୁ ଧରିବା ପାଇଁ ତାର ପଛେ ପଛେ ଦୌଡିଲା ।

❋❋❋

# ଧରମ୍ ଅଧରମ୍
## (ଧର୍ମ ଅଧର୍ମ)

ଗୋଟିକ୍ ଦିନ୍ ଗଟ୍‌ଲକ୍ ବନ୍ ବିତ୍‌ରେ ସରଗି ବେଟି ବୁଲା ବେଲେ । ଗୋଟେକ୍ ବାଗ୍ ଝଲା ବିତ୍‌ରେ ଅଦ୍‌ରି କରି ପକନା ଚେପାଏ ହି ରେଲାହୁଣି ଆର୍ ବାଗ୍ ମକେ ଇ ଥାନନୁ ଉଧାର୍ କରା ବୋଲି ରାଟୁକରତ ଗିଲି । ଇ ଲୋକ କାକୁ ଗୁତି ସମ୍ଭାଲି ନ ପାରି ପକଦାକେ ଗୁଚାଇ ବାଗ୍ କେ ଝିଲା ଭିତରନୁ ବେଟ୍‌ଲା । ଏତିକି ବେଲେ ବାଗ୍ ଲୋକ୍‌କେ କଇଲା । ମୁଁ ସୁଇଁ ସାତ୍ ଦିନ୍ ହେଲା ଅରନ୍ ପାନି ଖାଇଲାର୍ ନାଏ । ମୁଇଁ ଆଜି ତକେ ଖାଇବି । ଲୋକ୍ ବଲ୍‌ଲା ଇଟା ଗଟେକ୍ କାଏ ଅଧରମ୍ ମୁଇଁ ତକେ ଖାଲନୁ ବେଟ୍‌ଲି । ବାଗ୍ କଇଲା ଦେମତା ମିସା ହୋ ମୋକେ ଭୋକ୍ ଲାଗ୍‌ଲା ବିତକେ କାଇବି । ସେ ବାଟେ ଗଟେକ୍ ବଲଦ ଆସ୍‌ଲା । ବଲଦ୍‌କେ ପଚାରୁ ବଲି କଇଲାଏ ଆରି ବଲଦ୍ କେ ପଚାରଲାଏ, ବଲଦ କହିଲା ନରଲୋକ୍‌କେ ବିଶ୍ୱାସ ନାଏଁ ଦେଖୁସ୍‌ନାଏଁ ମକେ ଭେଣ୍ଡିଆ ହେଲା ବେଲେ ହଲ ଗଗଡ୍ ବାନ୍ଧ୍‌ଲା ବୁଢା ହେଲି ବୋଲି ମକେ ଖାଇବାକେ ନ ଦେଇ ଏବେ ବନେ ଚାଡି ଦିଲା । ଇଟା ଧରମ୍ କି ? ସେଥିଟାଣୁ ଇଟା ହେଲା ନାଇଁ ବୋଲି ଗୋଟେକ୍ ଚେଲି କେ ପଚାରିଲା । ସେମିତି ବଲ୍‌ଲା ଏବେ ସି ବାଟେ ଗୋଟେକ୍ ବାବାଜି ଯାଏତେ ରେଲା । ବାଗ୍ ଆରି ଲାକ୍ ବାବାଜି କେ ପଚାର୍‌ଲାଏ ବାବାଜି କଇଲା ମୁଇଁତ ଦୁଇ ଜୁନ୍ ଥାନେ କେନ୍ତା ରେଲ୍‌ସୁ ଦେଖ୍‌ଲାର୍ ନାଇଁ ମୁଇଁ ସବୁ କଥା ଦେଖ୍‌ଲେ ତମର୍ ବିଚାର୍ କରିବି ବୋଲି ବାବଜି କହିଲା । ସଙ୍ଗେ ସଙ୍ଗେ ବାଗ୍ ଝାଲା ବିତ୍‌ରେ ଗଲା । ଲାକ୍ ବାଗ୍‌କେ ବଡ୍ ପକ୍‌ନା ଚେପାଏ ଦେଲା । ବାଗ୍ ମଲି ମଲି ରାଟୁ କର୍‌ତେ ରେଲି । ବାବାଜି ଲକ୍‌କେ କଇଲି ଆରେ ବନୁଆ ମାଂସ ଖିଆ ଜନ୍ତୁ ସଙ୍ଗେ ବିଶ୍ୱାସ ନ କରବେ ଜୀବନ ଜାଏତାକ୍ ବେ । ଏବେ ତୁଇ ଗରେ ପଳାଅ ।

**ଓଡିଆ ଅନୁବାଦ :**

ଦିନେ ଗୋଟିଏ ଲୋକ ଜଙ୍ଗଲ ଭିତରେ ବୁଲୁଥିବା ସମୟରେ ହଠାତ୍ ଗୋଟିଏ ବାଘ ଗୁମ୍ଫା ଭିତରୁ ବାହାରି ପୁଡି ଲୋକଟି ଆଡକୁ ମାଡି ଆସିଲା । ଲୋକଟି ପ୍ରାର୍ଥନା କରି କହିଲା ହେ ବାଘମାମୁଁ ଏଇ ଜାଗାରୁ ଉଦ୍ଧାର କର । ସେହି ଲୋକଟିର କାକୁତିମିନତି ସହ୍ୟ

କରି ନ ପାରି ବାଘଟି ପଛକୁ ଘୁଞ୍ଚି ଗୁମ୍ଫା ଭିତରକୁ ଗଲା । ଏତିକି ବେଳେ ବାଘ ଲୋକଟିକୁ କହିଲା ମୁହିଁ ସାତଦିନ ହେଲା ଅନ୍ନ ଜଳ ସ୍ପର୍ଶ କରି ନାହିଁ । ମୁଁ ଆଜି ତୋତେ ଖାଇବି । ଲୋକଟି କହିଲା ଏଇଟା ତମର ଅଧର୍ମ ହେବ । ମୁଁ ତୁମ ପାଖକୁ କାଲି ଆସିବି । ବାଘ କହିଲା ଏଇଟା ମିଛ କଥା । ମୋତେ ପ୍ରବଳ ଭୋକ ଲାଗିଲାଣି । ମୁଁ ତୋତେ ଖାଇବି । ସେହି ବାଟରେ ଏତିକି ବେଳେ ଗୋଟିଏ ବଳଦ ଆସିଲା । ବଳଦଟିକୁ ଦେଖି ପଚାରିଲା ଏଇଟା ଧର୍ମ ନା ଅଧର୍ମ । ବଳଦ କହିଲା ମନୁଷ୍ୟକୁ ବିଶ୍ୱାସ କର ନାହିଁ । ଦେଖୁଛ ଦାମୁଡି ଥିବା ବେଳେ ମୋତେ ହଳ କରିବାରେ, ଶଗଡ ଟାଣିବାରେ ଲଗାଇ କାମକଲା ହେଲେ ବୁଢ଼ା ବେଳକୁ ମୋତେ ଖାଇବାକୁ ନ ଦେଇ ବଣକୁ ତଡି ଦେଲା । ଏଇଟା କ'ଣ ଧର୍ମ ? ଏଇଟା ହେଲା ନାହିଁ ବୋଲି କହି ଗୋଟିଏ ଛେଳିକୁ ପଚାରିଲା । ଛେଳି ମଧ ଠିକ୍ ଏକା ଉତର ଦେଲା । ସେହି ବାଟରେ ଜଣେ ବାବାଜୀ ଯାଉଥିଲେ । ବାବାଜୀକୁ ଦେଖି ବାଘ ଓ ସେହି ଲୋକ ଜଣଙ୍କ ପଚାରିବାରୁ ବାବାଜୀ କହିଲେ ନାଇଁ ମୁଁ ସବୁ କଥା ଜାଣି ଯାଇ ତୁମ ଦୁହିଁଙ୍କର କଥା ବିଚାର କରିବି । ସାଙ୍ଗେ ସାଙ୍ଗେ ବାଘ ଗୁମ୍ଫା ମଧକୁ ଗଲା । ଲୋକଟି ବାଘ ଉପରକୁ ଏକ ବଡ ପଥର ଫିଙ୍ଗି ଦେଲା । ବାଘ ମରିଗଲି ମରିଗଲି ବୋଲି ଚିତ୍କାର କଲା । ବାବାଜୀ କହିଲେ ଆରେ ବୋକା ମାଂସ ଖିଆ ଜନ୍ତୁକୁ ବିଶ୍ୱାସ କରନାହିଁ । ବିଶ୍ୱାସ କରିଥିଲେ ତୋର ଜୀବନ ଯାଇଥାନ୍ତା । ଏବେ ତୁହି ଘରକୁ ପଳାଇ ଯାଅ ବୋଲି ବାବାଜୀ ସେହି ଲୋକକୁ କହିଲେ ।

❋❋❋

# ଲୋକ ଗୀତ

# ଚିକନ୍‌ପୁଚ୍‌ନୀ ଗୀତ୍

## (ବିବାହ ସମୟର ଗୀତ)

କାର୍‌ନାତୀ ବିବାରେ ହଇସି
କାରନାତି ଟିକାରେ ହଇସି ।
କାର୍‌ଘରା ହଇସି ଅଲେ
କାର୍ ଘର୍‌ରାର୍ ନାତିସି ଅଲେ ।
କାର୍‌ରୁ ନାତି ହାଦେ
କାର୍‌ରୁ ବିବାହଲ୍‌ଲୁ ହାଦେ !
କାର୍ ଘର ନାତି ଅଲେ
କାର୍‌ରୁ ଘରା ହୁଡି ଅଲେ ।
ତଲେ ବେଦୀ କଲାଇଁ ଉପ୍‌ରେ ଚ୍‌ମଣ୍ଡା କଲାଇଁ
କାର୍‌ରୁ ନାତିଘରାର୍ ବିବ୍‌ବା
କାର୍‌ରୁ ହଇସି ଘରାର୍ ବିବ୍‌ବା

**ଓଡ଼ିଆ ଅନୁବାଦ:**

କାହାର ନାନୀ ବିବାହ ହେବ
କାହାର ନାତିକୁ ବନ୍ଧାଯିବ
କାହାର ଘରର ପୁଅ ଅବା
କାହାଘରର ନାତି ।
କାହା ଘରର ନାତି ସିଏ
କାହାକୁ ବାହା ହେଉଛି
କାହା ଘରର ନାତି ଅବା
କାହାଘରର ଅଣନାତି ବାହା ହେଉଛି ।
ତଲେ ବେଦୀ ତିଆରି କରି
ଉପରେ ଛାମୁଣ୍ଡିଆ କରି
କାହା ନାତିର ବିବାହ ହେଉଛି
ଅବା କାହା ପୁଅର ବିବାହ ହେଉଛି ॥

***

# ଲୋରୀ ମାଗୁଯାତା ଗୀତ୍

## (ବନ୍ଦଣୀ ମାଗିଯିବା ଗୀତ)

ବାରଉ ବାରଉ ସୀତା କନିଆ
ବାରଉ ବାରଉ ଲକ୍ଷ୍ମୀ କନିଆ
ମୁଣ୍ଡେ ଅଡ଼ୁଣୀ ଦେଇ ବାରଉ
ଗଡେ କଟାଉ ମାଡି ବାରାଉ
ଖୁଟେ ଦର୍‌ଲେ ଦରିନ୍ଦେ
ସିଲେ ମାଡ୍‌ଲେ ଦରିନ୍ଦେ ।
ସୀତା କନିଆ ବିବା ହୋଇଲା
ଲକ୍ଷ୍ମୀ କନିଆ ବିବାହୋଇଲା ।
ଚିନ୍ଦି କି ଚିନ୍ଦି ଦୁଇ ମୁଣ୍ଡି ଚିନ୍ଦି
ଜାନୀ ବାବୁକେ ଚିଙ୍ଗୁଲୁତେ ବିନ୍ଦୁ
ମୁଦୁଲି ବୀନ୍ଦୁଲା କାଣ୍ଡୁ –
ଜାନୀବାବୁକେ ଦନ୍ଦୁଲା କାଣ୍ଡା ।
ନାରଙ୍ଗୀ ମାଟି ଜାଇ ହଡବେ
ଚନ୍ଦ୍ରାଇ ମାଟି ଜାଇ ହଡବେ ।

ଓଡ଼ିଆ ଅନୁବାଦ :

ବାହାର ବାହାର ସୀତା କନିଆ
ବାହାର ବାହାର ଲକ୍ଷ୍ମୀ କନିଆ
ମୁଣ୍ଡରେ ଓଡଣୀ ଦେଇ ବାହାର,
ଗୋଡରେ କଠଉ ପିନ୍ଧି ବାହାର ।
ଖୁଣ୍ଟରେ ଜୁଣ୍ଟିଲେ ଧରିବି
ପଥରେ ଝୁଣ୍ଟିଲେ ଧରିବ ।
ସୀତା କନିଆ ବାହା ହୋଇଲେ
ଲକ୍ଷ୍ମୀ କନିଆ ବାହା ହୋଇଲେ
ଚିନ୍ଧିକି ଚିନ୍ଧି ଦୁଇ ମୁଣ୍ଡିଆ ଚିନ୍ଧି
ଜାନୀ ବାବୁକୁ ଗଳି ଗଲାପରି ବିନ୍ଧି

ଢାନୀ ବାବୁକୁ ବିନ୍ଧିଲା ଶର
ମୁଦୁଲି ବାବୁକୁ ବିନ୍ଧିଲା ଶର
ନାରଙ୍ଗୀ ମାଟି ଉପରେ ଯାଇଗଡୁ
ଧୂସର ମାଟିଉପରେ ଯାଇ ଗଡୁ ॥

⁂⁂

# ହିଲ୍ଲା କାନ୍ଦ୍‌ଲେକ୍ ବୁଝାଉତା ଗୀତ୍
## (ପିଲା କାନ୍ଦିଲେ ବୁଝାଇବା ଗୀତ)

ଜନ୍ ଦାଦୀ ଜନ୍ ଦାଦି
କଣ୍ଡି ତୁଲାଇଦେ ।
କଣ୍ଡି ତୁଲାଇ ନ ଦେଲେ
ତର୍ ହିଲ୍ଲାକେ ଦେ ।
ଜନ୍ ମାମୁଁ ଜନ୍ ମାମୁଁ
କଣ୍ଡି ତୁଲାଇ ଦେ
କଣ୍ଡି ତୁଲାଇ ନ ଦେଲେ
ତର ନୁନୀ କେ ଦେ ।

**ଓଡ଼ିଆ ଅନୁବାଦ :**

ଜହ୍ନ ମାମୁଁ ଜହ୍ନ ମାମୁଁ
କଳସୀ ତିଆରୀ କରିଦିଅ
କଳସୀ ତିଆରୀ କରିନଦେଲେ
ତୋର ପୁଅ, ଝିଅକୁ ଦିଅ ॥
ଜହ୍ନ ମାମୁଁ ଜହ୍ନ ମାମୁଁ
କଳସୀ ତିଆରି କରିଦିଅ
କଳସୀ ତିଆରୀ କରିନଦେଲେ
ତୋର ଝିଅକୁ ଦେ ।

⁂⁂

# ରୁଞ୍ଜି ଗୀତ୍
## (ପୌଷ ପର୍ବ ସମୟର ଗୀତ)

ଡାକୁଲାଇ ଦୂଃଖୀ ଦିନାରୀ
ଗୁଣ୍ଠୁଲାଇ ଦୂଃଖୀ ଦିନାରୀ
ଚାରି ତୁଡମୀ ଗୁଣ୍ଠୁଲାଇ
କାଇଗିନେ ଡାକି ଦିଲାହୋ ।
କାଇ ଗିନେ କୁଦି ଦଲା
ହାଉ ମାଡି ହାଉ ଡିଗୁଲାଇ
ହାଉ ମାଡି ହାଉ ଡିଗୁଲାଇ
ହନ୍ଦୁଲାଇ ଦୂଃଖୀ ଦିନାରୀ ॥
କେଟୁଲାଇ ଚାରି ତୁଡୁମୀ
କାଇତାକେ ବାବୁ କୁଦାଇଲି
କାଇତାକେ ସନା ଡାକାଇଲିସ୍
ହାଉ ମାଡି ହାଉ ଡ଼ିଗୁଲାଇ
ଲେଗେ ଯାଇ ଜୁଆର କଲାଇ
ଦୁରିକ୍ ଯାଇ ବସୁଲାଇ ।
ଦୂରେ ଯାଇସନା ବସୁଲାଇ
ବାବୁରେ ବଦାମୁଦୁଲି
ଦୂରେ ଯାଇ ସନା ବସୁଲାଇ
କାଇବା ଲଡା ହଡ଼ଲି
କାଇନା ବିସି ଅଇଲି
କାଇନା ଇଡା ଅଇଲି
ନାଇଁ ନାଇଁ ଦୁଃଖୀ ଦିନାରୀ
ନାଇଁ ନାଇଁ ତାଙ୍କି ତୁଡୁମୀ
ଗୋଟେକ କତା କହିଁଦେ ।
ଗୋଟେକ୍ ହଦୁ କହିଦେ୍
ଶୁଣା ବାଇମାନୁ ।
ଶୁଣାକାଇ ଦାଦା ମନୁ
ଧାଙ୍ଗୁଳିର ଧଲୁ ବଡୁଲାଇ ।

ଧାଙ୍ଗୁଡ଼ାର ଧଲୁ ବାଡୁଲାଇ
ଦେଶକେ ନ ମାନୁଲି ।
ନମାନୁଲି ଜଗା ଭିତୁରେ
ହର୍‌ବୁ ଗୋଟେକ୍ ଖାଉଁବେ ।
ବୋଲୁଲା ବଦା ମୁଦୁଲି
ଶୁଣାକାଇ ଦୁଃଖୀ ଦିନାରୀ
ଶୁଣାକାଇ ଚାରି ତୁଡୁମୀ
ହର୍‌ବୁ ଗୋଟେକ୍ କାଇଲେକ୍
ହୁଣ୍ଡିବାଇ ଗୋଟେକ୍ ଖାଇଲେକ୍
ଆଛାବାଇମାନ୍ ମାନ୍ ତାକ୍
ବଲୁ ସବା ସବି ଯାଇତାକ୍
ବଲୁଲା ବଦା ମୁଦୁଲି
କଇଲା ଚନ୍ଦନ ଜାନୀ
ହା ତବେ ବାବୁ ବଲୁଲା ।
କଲାଇ ଚନ୍ଦନ ଚନ୍ଦନ୍ ଜାନୀ
ହରବ୍ ଧନୀ କାଉଁକାଇ
କଇଲା ଦୁଃଖୀ ଦିନାରୀ
ଯାରଘରେ ସେ ଯାଉଁଲାଇ ॥

ଓଡିଆ ଅନୁବାଦ :

ଡାକିଲେ ଦୁଃଖୀ ରଙ୍କିଙ୍କୁ
ଦୁଃଖୀରଙ୍କି ଗୁଣ୍ଡହେଲେ ।
ଚାରିକୁଟୁମ୍ବ ଗୁଣ୍ଡ ହେଲେ
କାହିଁପାଇଁ ଡକାଇଲେ ବୋଇଲେ ।
କାହିଁ ପାଇଁ ଡାକିଲେ
ପାଦେ ମାଡି ପାଦେ ଡରୁଛନ୍ତି ।
ପାଦେମାଡି (ପଖାରୀ) ପାଦେ ଡରୁଛନ୍ତି
ପହଞ୍ଚିଲେ ଦୁଃଖୀ ରଙ୍କି
ପହଞ୍ଚିଲେ ଚାରି କୁଟୁମ୍ବ
କାହିଁପାଇଁ ବାବୁ ଡକାଇଲ ?
କାହିଁପାଇଁ ସୁନା ଡକାଇଲ ?
ପାଦେ ପକାଇ ପାଦେ ଡରୁଚନ୍ତି ।

# ରୁଞ୍ଜି ଗୀତ୍
## (ପୌଷ ପର୍ବ ସମୟର ଗୀତ)

ଡାକୁଲାଇ ଦୁଃଖୀ ଦିନାରୀ
ଗୁଣ୍ଡୁଲାଇ ଦୁଃଖୀ ଦିନାରୀ
ଚାରି ତୁଡମୀ ଗୁଣ୍ଡୁଲାଇ
କାଇଗିନେ ଡାକି ଦିଲାହୋ ।
କାଇ ଗିନେ କୁଦି ଦଲା
ହାଉ ମାଡି ହାଉ ଡିରୁଲାଇ
ହାଉ ମାଡି ହାଉ ଡିରୁଲାଇ
ହନ୍ଧୁଲାଇ ଦୁଃଖୀ ଦିନାରୀ ॥
କେଟୁଲାଇ ଚାରି ତୁଡୁମୀ
କାଇତାକେ ବାବୁ କୁଦାଇଲି
କାଇତାକେ ସନା ଡାକାଇଲିସ୍
ହାଉ ମାଡି ହାଉ ଡ଼ିରୁଲାଇ
ଲେଗେ ଯାଇ କୁଆର କଲାଇ
ଦୁରିକ୍ ଯାଇ ବସୁଲାଇ ।
ଦୂରେ ଯାଇସନା ବସୁଲାଇ
ବାବୁରେ ବଦାମୁଦୁଲି
ଦୂରେ ଯାଇ ସନା ବସୁଲାଇ
କାଇବା ଲଡା ହଡ଼ୁଲି
କାଇନା ବିସି ଅଇଲି
କାଇନା ଲଡା ଅଇଲି
ନାଇଁ ନାଇଁ ଦୁଃଖୀ ଦିନାରୀ
ନାଇଁ ନାଇଁ ତାଲି ତୁଡୁମୀ
ଗୋଟେକ କତା କହିଁଦେ ।
ଗୋଟେକ୍ ହଦୁ କହିଦେ୍
ଶୁଣା ବାଇମାନୁ ।
ଶୁଣାକାଇ ଦାଦା ମନୁ
ଧାଙ୍ଗୁଳିର ଧଲୁ ବଡୁଲାଇ ।

ଧାଙ୍ଗୁଳାର ଧଲୁ ବାତୁଲାଇ
ଦେଶକେ ନ ମାନୁଲି ।
ନମାନୁଲି ଜଗା ଭିତୁରେ
ହର୍‌ବୁ ଗୋଟେକ୍ ଖାଉଁବେ ।
ବୋଲୁଲା ବଦା ମୁଦୁଲି
ଶୁଣାକାଇ ଦୁଃଖୀ ଦିନାରୀ
ଶୁଣାକାଇ ଚାରି ତୁତୁମୀ
ହର୍‌ବୁ ଗୋଟେକ୍ କାଇଲେକ୍
ହୁଣ୍ଡିବାଇ ଗୋଟେକ୍ ଖାଇଲେକ୍
ଆଛାବାଇମାନ୍ ମାନ୍ ତାକ୍
ବଲୁ ସବା ସବି ଯାଇତାକ୍
ବଲୁଲା ବଦା ମୁଦୁଲି
କଇଲା ଚନ୍ଦନ ଜାନୀ
ହା ତବେ ବାବୁ ବଲୁଲା ।
କଲାଇ ଚନ୍ଦନ ଚନ୍ଦନ୍ ଜାନୀ
ହରବ୍ ଧନୀ କାଉଁକାଇ
କଇଲା ଦୁଃଖୀ ଦିନାରୀ
ଯାରଘରେ ସେ ଯାଉଁଲାଇ ॥

**ଓଡିଆ ଅନୁବାଦ :**

ଡାକିଲେ ଦୁଃଖୀ ରଙ୍କିଙ୍କୁ
ଦୁଃଖୀରଙ୍କି ଗୁଣ୍ଡହେଲେ ।
ଚାରିକୁଟୁମ୍ବ ଗୁଣ୍ଡ ହେଲେ
କାହିଁପାଇଁ ଡକାଇଲେ ବୋଇଲେ ।
କାହିଁ ପାଇଁ ଡାକିଲେ
ପାଦେ ମାଡି ପାଦେ ଡରୁଛନ୍ତି ।
ପାଦେମାଡି (ପଖାରୀ) ପାଦେ ଡରୁଛନ୍ତି
ପହଞ୍ଚିଲେ ଦୁଃଖୀ ରଙ୍କି
ପହଞ୍ଚିଲେ ଚାରି କୁଟୁମ୍ବ
କାହିଁପାଇଁ ବାବୁ ଡକାଇଲ ?
କାହିଁପାଇଁ ସୁନା ଡକାଇଲ ?
ପାଦେ ପକାଇ ପାଦେ ଡରୁଚନ୍ତି ।

ପାଖରେ ଯାଇ ନମସ୍କାର କଲେ
ଦୂରରେ ଯାଇ ସଭିଏଁ ବସିଲେ ।
ଦୂରରେ ଯାଇ ବସିଲେ
ବାବୁରେ ଗଦା ମୁଦୁଲି ।
ଦୂରେ ଯାଇ ବସିଲେ
କ'ଣ ଲୋଡା ପଡିଲା କହିଲେ ?
ନାହିଁ ନାହିଁ ଦୁଃଖୀ ରଙ୍କି
ନାହିଁ ନାହିଁ ଚାରି କୁଟୁମ୍ବ ।
ଗୋଟିଏ କଥା କହିବି ଗୋଟିଏ ପଦ କହିବି ।
ଶୁଣ ହେ ମୋର ଭାଇମାନେ ।
ଶୁଣ ହେ ମୋର ଦାଦା ମାନେ
କିଶୋରୀମାନେ ବଢିଲେ ।
କିଶୋରୀଦଳ ବଢିଲେ
ଦେଶକୁ ଶୋଭାପାଉନାହିଁ ଭଲେ
ଜାଗାକୁ ପାଉନାହିଁ ଶୋଭା
ପରବ ଗୋଟିଏ ଆମେ ପାଳିବା
ବୋଲି ଗଦା ମୁଦୁଲି କହିଲା
ସବୁଦୁଃଖୀ ରଂକିଶୁଣ
ହେ ଚାରି କୁଟୁମ୍ବ ଭାଇଭଉଣୀ ହେ ଶୁଣ
ପରବ ଗୋଟିଏ କଲେ ପାଳନ
ଆହୁରି ଭଲ ହୁଅନ୍ତା ସଭାଜନେ
ପୁନେଇ ଗୋଟିଏ କଲେ ପାଳନ
ଭଲ ହୁଅନ୍ତା ଭାଇ ହେ
କହିଲା ଗଦା ମୁଦୁଲି ।
କହିଲା ଚନ୍ଦନ ଜାନୀ
ହଁ ତେବେ ବାବୁ କହିଲା ।
କହିଲା ଚନ୍ଦନ ଜାନୀ
ପରବ ଧନ ପାଳନ କରିବା ।
ସବୁଦୁଃଖୀ ରଙ୍କିକୁ ବୋଇଲେ
ସଭିଏଁ ଯେଝା ଘରକୁ ଗଲେ
***

# ଅବସର ବିନୋଦନ ସମୟର ଗୀତ୍

କମାର କମାରୁଣୀ ରେଲାଇକାଇଁ
ପବନ ସାଙ୍ଗରେ ନୁନୀ ଯାଇତେ ରେଲାଇ କାଇଁ
ବୀଜ ଅଦୁର୍ତେ ନୁନୀ ସାଙ୍ଗେ କାଏରେଲୁ
ପବନ ସାଙ୍ଗରେ ନୁନି ବଡାସାପକାଇଁ ଦବୁଡ୍ତେ ଆଇଲି
ବନେ କଟୁରା ମକୁର୍ ଦବୁଡୁତେ ଅଇଲି କାଇଁ ନୁନୀ
ଖୀରୁପାଣି କାଡାଇ କାଡାଇ ନୁନୀ
ତୋକେ ବଡାଇ ଦେବି ତୋକେ ବଡାଇଦେବି
ଛହ ସାତ ମାସ ହାଦେ କାଇନୁନି
ହିଲା ବାଡିଲା ହାଦେ
ହିଟୁତେ ହିଟୁତେ ନବୁଲେ ହାଁଦେ
ଗାଓଁର ହିଲାମନକର ସାଙ୍ଗେ
ବୁଲିବୁଲି ମୁଇ ରିଇନ୍ଦେ
ବାଟି ଖେଲିଲାବେଲେ କାଇନୁନି
ବାଟିଖେଲିଲା ବେଲେ
ବାଟି ଭଉଁରା ସାଙ୍ଗେ ଖେଲିଲା ବେଲେ କାଇନୁନି
ବାଟି ଭଉଁରା ସାଙ୍ଗେ
ଛହ, ସାତ ମାସ ତଲେ ଆମେ ଖେଲୁ ତେରେଲୁକାଇଁ
ଆମେ ଖେଲୁତେରେଲୁ ଆମେ ଖେଲୁତେରେଲୁ
ଆଜି ଆସୁତେରେ ନୁନୀ
ତୁହି ହୁଟାଇ ଦେଲୁସ୍ କାଇଁ
ଅବାରୁ ହିଲା ତୁଇ ଆସିକାଇ ନୁନୀ
ହୁଟାଇତେ ଦେଲୁସ୍

**ଓଡିଆ ଅନୁବାଦ :**

କମାର କମାରୁଣୀ ଥିଲେହେ
ପବନ ସାଙ୍ଗରେ ଝିଅ ଯାଉଥିଲେ ହେ ।
ବିଜୁଳି ମାରିବା ସମୟେ ଝିଅ ସାଙ୍ଗରେ ଥିଲୁହେ ।
ପବନ ସାଙ୍ଗରେ ଝିଅ ବଡସାପ ଧାଇଁ ଧାଇଁ ଆସିଲା ।

ବନର କୁଟୁରା, ମୟୂର ଧାଇଁ ଆସଲେ ଝିଅ ହେ ।
କ୍ଷୀରପାଣି ଖୁଆଇ ପିଆଇ ଝିଅ ବଡକରି ଦେବି ।
ଛଅ ସାତମାସ ସମୟ ହୋଇଥିଲା ସେତେବେଳେ ହେ ।
ପିଲା ବଡିଲା ହେ ଚାଲିବୁଲି ନପାରେ ହେ ।
ଗାଁ ପିଲାମାନଙ୍କ ସାଙ୍ଗରେ ବୁଲୁ ଥିଲି ହେ ।
ବାଟି ଖେଳିଲାବେଳେ ହେ ଝିଅ,
ବାଟି ଖେଳିଲା ବେଳେ
ବାଟି, ନଟୁ ସାଙ୍ଗରେ ଖେଳିବା ସମୟରେ ଝିଅ ହେ
ଛଅ ସାତ ମାସ ତଳେ ଆମେ ଖେଳୁଥିଲୁ ।
ଆମେ ଖେଳୁଥିଲୁ ଆମେ ଖେଳୁଥିଲୁ ।
ଆଜି ଆସିକି ଝିଅ ଉଜ୍ୱଳ କରି ଦେଲୁ ହେ ।
ଉଜ୍ୱଳ କରି ଦେଲୁ ।

***

## ନାଁ ଧରାଣୀ
## (ଶିଶୁର ନାମଦେବା ଗୀତ)

ନାଁଉ ଧରାଣୀ ବେଳ ଆସୁଲି ନାଉଁ କୁଦୁବେ
କେରିଲେ ଟୁକି ଦୁଇଟଙ୍କା ଡାବୁ ଦେତିବେ
ଧାଙ୍ଗଡା ଧାଙ୍ଗଡୀ ଦୁଇଟଙ୍କା ଡାବୁ ଦେତିବେ
ବୁଢାବୁଢୀ ଟୋକିମନ୍ ସବୁ ଜମୁଲେ
ତାରୁ ତୁମା ମନ୍‌କେ ସବୁକୁଦୁ
ସବୁ ଲୋକ୍‌କେ କୁଦୁ
କଡିଆ କୁକୁଡା ମନ୍‌କେ ସବୁକୁଦୁ
ତୁମା ଦେବତା ମନ୍‌କେ ସବୁକୁଦୁ ସବୁକେ କୁଦୁ
ମଦୁଲଂଦା ସଙ୍ଗେ ଦର୍‌ତେ ଆଣ୍
ଦୁହୁନି ଚକନି ସଙ୍ଗେ ସବୁଜମାଉତେ ଆଣ
ସବ୍‌ଦାର୍‌ତେ ଆଣ୍ ହୁଜା କର୍‌ବେ
ଦିଶାରୀ କୁଣିଆ କୁଦୁବେ ॥

ଓଡ଼ିଆ ଅନୁବାଦ :

ନାମ ଧରାବେଳ ହୋଇଗଲା ନାମ ଡାକିବା,
କେ ଥିଲେ ଝିଅ ଦୁଇଟଙ୍କା ପଇସା ଦେବ ।
ଧାଙ୍ଗଡା ଧାଙ୍ଗଡି ଦୁଇଟଙ୍କା ପଇସା ଦେବେ ।
ବୁଢାବୁଢୀ ଝିଅମାନେ ସବୁ ମିଳିଲେ ।
ତାର ଆତ୍ମୀୟଜନଙ୍କୁ ଡାକିବା
ସବୁ ଲୋକଙ୍କୁ ଡାକିବା ।
କାଳିଆ କୁକୁଡାମାନଙ୍କୁ ସବୁ ଡାକିବା ।
ଦେବାଦେବୀମାନଙ୍କୁ ଆମେ ଡାକିବା
ମହୁଲୀ ହାଣ୍ଡିଆ ସାଙ୍ଗରେ ଆଣ
ଧୂପ ଚଉପତି ସବୁ ଧରି ଆଣ
ସବୁଧରି ଆସ ପୂଜା କରିବା
ପୁରୋହିତଙ୍କୁ ଆମେ ଡାକିବା ॥

⁂⁂⁂

# ହିଲ୍ମା ବୁଝାଉତା ଗୀତ୍
## (ଶିଶୁକୁ ବୁଝାଇବା ଗୀତ)

ହୋ ହୋ ହୋରେ ବାବୁ ହୋ ହୋ ହୋ ହୋ
ଦୁଦୁ ହାନୁଲିରେ ବାଇ ଦୁଦୁ ହାନୁଲି
କେ କାଡାଉତା ବଡେରେ ବାଇ
କେ କାଡାଉତା ବଡେ
ଦୁଦୁ କାଡାଇ ଦେଇନ୍ଦେରେ ବାଇ
ଦୁଦୁ କାଡାଇ ଦେଇନ୍ଦେ
ତୁଇ ଟେଁଏଁରୁ ଟେଁଏଁରୁ ବାଇ
କାଇକରୁ କାନ୍ଦୁଲୁସ୍ ତୁଇ
ନନ କାଡାଇ ଦେଇନ୍ଦେର୍ ବାଇ
ଡୋ ଡୋରେ ବାବୁ ଡୋ ଡୋ
ହେଟୁ ଚେକି ଦେଇଦେର୍ ବାଇ
ଡୋକେ ହେଟୁ ଚେକି ଦେଇନ୍ଦେ

ଜଡ଼ାଅତ୍‌ଦା ଚିକଣ୍ ସଙ୍ଗେ

ହେଟ୍ ଚେକିଦେଇନ୍ଦ୍ ତୋକେ

ଡୋଡୋ ଡୋରେ ଦାବୁ ଡୋ ଡୋ

ଓଡିଆ ଅନୁବାଦ :

ହୋ ହୋ ହୋ ରେ ବାବୁ ହୋ ହୋ ହୋ

କ୍ଷୀର ଆଣିଲି ବାବୁରେ ମୁହିଁ କ୍ଷୀର ଆଣିଲି

କିଏ ପିଆଇ ଦେବରେ କିଏ ଦେବ ପିଆଇ

କ୍ଷୀର ପିଆଇ ଦେବିରେ ବାବୁ

କ୍ଷୀର ପିଆଇ ଦେବି

କଇଁ କଇଁ ହୋଇ କାହିଁ କାନ୍ଦୁଛୁରେ ତୁହି

ନ କାନ୍ଦ ! ମୁଁ କ୍ଷୀର ଦେବି ପିଆଇ

ଡୋ ଡୋରେ ବାବୁ ଡୋ ଡୋ,

ପେଟ ସେକି ଦେବିରେ ବାବୁ

ତୋର ପେଟ ସେକି ଦେବି ।

ହଳଦୀକୁ ଜଡା ତେଲେ ମିଶାଇ

ତୋର ଦେହେ ଲଗାଇଦେବି

ଡୋ ଡୋ-ରେ ବାବୁ ଡୋ ।

⁂

# ଜନମାମୁଁ ଗୀତ୍

## (ଜହ୍ନମାମୁଁ ଗୀତ)

ଆସାନୀ ଜନମାମୁଁ କେଲୁ କେଲୁ

ଆସାରେ ଜନମାମୁଁ ଡାଣ୍ଡେ ଖେଲୁଛୁ

ବାରାନୀ ବାଇମନ୍ ଡାଣ୍ଡେ ଖେଲୁଛୁ

ଆସୁଲୁ ନୁନୀମନ୍ ଡାଣ୍ଡେ ଖେଲୁଛୁ ।

ଜନୁଗୀତୁ ଆମିକଉଁବେ

ଜନୁଗୀତୁ ଆମିକଉଁବେ

ଆକି ମାରାମାରି ନାଟ କରୁବେ
ଆକି ମାରାମାରି ନାଟ କରୁବେ
ବୁଡାବୁଡୀମନ୍‌କେ ସବ୍‌କେ ବସାଉଁବେ
ଢାକେ ଗୀତ୍ତୁମନ୍‌କେ ଆଇଲେ ସବ୍‌କେ ଶୁଣାଇଁବେ
ମନ୍‌କେ ଆଇଲା ଗୀତ୍ତୁ ସବୁ କଉଁବେ
ମାମୁଁ ଦାଦୀ ମନୁକେ ସବୁକେ ହାଙ୍କେର୍ ମାଗୁବେ
ଦାଙ୍ଗ୍‌ଡା ଦାଙ୍ଗ୍‌ଡୀ ଦାଦୀରେ ଆକି ମାରାମାରି
ସାଙ୍ଗଗଛେ ଟେକେର୍ ଦାଦି ବାଟେ ବାଣାନେକେର୍
ଟୁକୁଲି ଟୁକୁଲି ବାଟେ ବାଣାନେକେର୍
ଚିଙ୍ଗିଡିବାଜା ବାଜାଉ ନୁନୀ ସାଙ୍ଗେ ନାଟ୍ କରୁ ।

**ଓଡିଆ ଅନୁବାଦ :**

ଆସହେ ଜହ୍ନ ମାମୁଁ ଖେଳିବାକୁ ଯିବା
ଆସହେ ଜହ୍ନମାମୁଁ ଦାଣ୍ଡରେ ଖେଳିବା
ବାହାର ହେ ଭାଇମାନେ ଦାଣ୍ଡେ ଖେଳିଯିବା ।
ଆସହେ ଝିଅମାନେ ଦାଣ୍ଡେ ଖେଳିଯିବା ।
ଯେଉଁଗୀତ ଆମେ ଗାଇବା
ଭଲକରି ଆମେ ଗାଇବା
ଆଖି ଠରାଠରି ହୋଇ ନାଚ କରିବା
ଆଖି ଠରାଠରି ହୋଇ ନାଚ କରିବା
ବୁଢାବୁଢୀ ସଭିଙ୍କୁ ଆମେ ବସାଇବା
ମନ ଖୋଲା ଗୀତ ଆମେ ଶୁଣାଇବା
ମନକୁ ପସନ୍ଦହେଲେ ସବୁ ଗୀତ ଗାଇବା
ମାମୁଁ ଦାଦା ସଭିଙ୍କୁ ମୁଦି ଆମେ ମାଗିବା
ଯୁବକ ଯୁବତୀ ଦାଦାହେ ଆଖି ଠରାଠରି ।
ସାଙ୍ଗଗଛ ନିକଟେ ଦାଦା ବାଟ ବଣା ହୁଅ ନାହିଁ
ଛୋଟ ଛୋଟ ବାଟ ଦେଖି ବଣା ହୁଅ ନାହିଁ
ଚିଙ୍ଗୁଡି ବାଜା ବଜାଇ ଝିଅଙ୍କ ସଙ୍ଗେ ନାଚିବା ।

⁂⁂⁂

# ଗୁଡିଗର୍ ହୁଜା ଗୀତ୍
## (ପୁଷ୍ ପରବର ଠାକୁର ପୂଜା ଗୀତ)

ମେଣ୍ଡା ହୁଲୁ କାନ୍ ହିନ୍‌ତେ
ମଙ୍ଗଲବାର ଆଟ୍‌ଲୁ
ମଦୁ ଲଂଦା କାତେ
ବାୟା ନଉଁବେ ତୁଇ
ହୁସୁରାଇ ହୁସୁରାଇ ନେସିବେ ମକେ
ଡାଣ୍ଡେର ଲୋକ୍‌ବାକୁ ଜାଣୁତି ଆଜି
ହୁଲୁମାଳା ହିନ୍ଦୁତେ ଡଣ୍ଡେ ବାରୁବେ
ଇଡିଗଟା କୁକୁଡା ହିଲା କଚ୍‌ରା କୁଆରେ
ଡାଣ୍ଡେ ବାଟେରେ ନୁନୀ ଚାରୁ ନ ଜାଣେ
ଗଡେ ଅକରୁଲେଗ୍ ନୁନୀ ଆଙ୍ଗ୍‌ଟି ଦୁକେଦ୍‌ବେ
କଜି ଇଡିକାଇ ନୁନୀ କାଉଁବ୍ ଧୀରେ ଧୀରେ
ଡଙ୍ଗୁର୍ ଟିକ୍‌ରା ମାର୍‌ତେ ବୁଡିକୁଲୀ କର୍‌ତେ କାଉଁ
କୁକୁଡା ଡାକେରେ ଦାଦା ତୁଇ ଉଟ୍‌ବେ
ଦାତୁଣ୍ଣୁ ହତାରୁ କରୁବେ ବେଗି
ସକାଡୁ ସକାଡୁ ଯୁବେ ଡଙ୍ଗୁରେ
ଗତା କଣ୍ଡିଆ ବେଡା ଆସୁବେ ଗରେ ।

ଓଡିଆ ଅନୁବାଦ :

ମଙ୍ଗଳବାର ହାଟକୁ ଯିବା
କାନରେ ଖୋସି ଗେଣ୍ଡୁଫୁଲ
ମହୁଲି ହାଣ୍ଡିଆ ପିଇକରି
ତମେ ନହୁଅ ପାଗଳ
ଫସେଇ ଫସେଇ ନେଇଯିବ ମୋତେ
ଜାଣିଯିବେ ଆଜି ଦାଣ୍ଡରଲୋକେ

ଫୁଲହାର ପକାଇ ବାହାରିବା ଦାଣ୍ଡେ
କୁକୁଡ଼ା ଛୁଆଟି ଅଛି ଅଳିଆର ଗଦେ
ଦାଣ୍ଡ ଦୁଆରେ ଝିଅ ଚାଲି ନଜାଣିବ
ବାଟରେ ଝୁଣ୍ଟିଲେ ଝିଅ ଆଙ୍ଗୁଠି କାଟିବ
ଖୋଜି ଲୋଡ଼ି ଝିଅ ଧୀରେ ଧୀରେ ଖାଇବା
ବିଲରେ କୁଲି ମଜୁରି କରି ଆମେ ଚଳିବା
ରାତି ପାହାନ୍ତାରେ ଦାଦା ତମେ ଉଠିଯାଅ
ସଅଳ ସଅଳ ତମେ ଦାନ୍ତ ଘସିଥାଅ
ସକାଳୁ ସକାଳୁ ଆମେ ପାହାଡ଼କୁ ଯିବା
ସୂର୍ଯ୍ୟାସ୍ତ ପୂର୍ବରୁ ଆମେ ଘରକୁ ଫେରିବା

⁂⁂⁂

# ଦିଆଡ଼ି ହରବ୍ ଗୀତ୍
## (ଦୀପାବଳୀ ପର୍ବ ଗୀତ)

ଗରେ ଯାତେରେ ଦାଦା ଆଣିନ୍‌ବେ ହାଣି
ବାବୁ ମଡୁଆ ଆଣ୍ଡରା ଆଇଲେକ୍ ମକେ ଉଡେଦ୍‌ବେ
ମଦୁ କାତେ ଆଇଲେକ୍ ଟେଙ୍ଗ୍ ଧରତେ ଆସେତ୍
ସାଗୁ ଡାଡୁ ରାନ୍ଧିଲାର୍ ନାଇଁ କାଇ ନୁନୀ
ବାବୁ ମଡାହିଲା ଟେଉଁର୍ ଯେଉଁର୍ କାନ୍ଦିଲାଗେଦ୍
ଚିମ୍ବୁରା ଚିମ୍ବୁରାଉ ବଲେ ନଉଁଲା ସେ
ଉବାଦି ଆଣ୍ଲା କାଜା ଆଚେ ମାଡାଇଁ
କଜି ଦାକିନ୍‌ତା ହିଲା ହିଲାକ୍ ବୁଜାଇନ୍‌ବେ
ବାଗୁ ମଡାବିଲାଇ ଆଜି କାଇଲିବେ
ଉବାଦି ଆଇଲେକ୍ ସାରି ମକେ ମାରେଦ୍‌ବେ
ମଦୁ ଲନ୍ଦା କାତେ ହିଲା ଆସିଦ୍‌ବେ ଗରେ
ଲାତ୍‌ତୁ ବିଦା ମାରାଉସିବେ ମକେ
ଉବାଦି ଆଇଲେ ଖିଲା ନକଉବେ ତାକେ
ଚିମ୍‌ରାଉ ବଲେ ହିଲା ନଉଁଲିସ୍‌ରେ ତୁଇ

ଆରି ଗଟ୍‌ଦିନ୍‌ରେ ହିଲା ନକଉବେ କାକେ

ଲାନ୍ଦା ମାଣ୍ଡିଆ ହିଲା କୋଟୁଲେ ମୁଇଁ

ଦିଆଡି ହରବ୍ ଦିନୁ ଦିନୁକେଟୁଲି

ବୁଦୁବାର ଦିନୁ ଲନ୍ଦା କାଉଁବେ

ଦବୁଡା କୁକ୍‌ଡା ଗାଇ କାଡାଉଡା

ବାଡ଼ା ହୁଡା କରୁବେ

ଓଡିଆ ଅନୁବାଦ :

ଘରକୁ ଗଲେ ଦାଦହେ ଆଣିବି ପାଣି

ମଦୁଆ ସ୍ୱାମୀ ଆସିଲେ କରିବେ ଗାଳି

ମଦପିଇ ଠେଙ୍ଗା ଧରି ଆସିବେ

ସାଗ୍‌ପେଜ ରାନ୍ଧିନାହିଁ ଝିଅ ହେ

ବାଘମତା ପିଲା କାନ୍ଦୁଥିବ କଇଁ କଇଁ

ଚୁପ୍‌କର୍ କହିଲେ ମଧ ଚୁପ୍ ହେଉନାହିଁ

ତୋ ବାପ ଆଣିଲେ ଖଜା ଅଛି ହାଣ୍ଡିରେ

ଖୋଜି ଦେଖିବି ଯାଉଛି ବୁଲାଇ ନେବି ତୋତେରେ

ବାଘମତା ବିଲେଇ ଖାଇଦେଲା ଖଜାକୁ ଆଜି

ତୋ ବାପ ଆସିଲେ ମାରିଦେବ ମୋତେ ଆଜି

ବାବୁ ଆସିବେ ଘରକୁ ହାଣ୍ଡିଆ ମହୁଲୀ ପିଇ

ମାରିଦେବ ମୋତେ ଗୋଇଠା ଚାପୁଡା ଦେଇ

ଆଉ ଏକ ଦିନେ ବାବୁ କାହାକୁ କୁହନାହିଁ

ହାଣ୍ଡିଆ ତିଆରି ପାଇଁ ମାଣ୍ଡିଆ କୁଟୁଛି ମୁହିଁ

ପାଖେଇ ଆସିଲା ତ ଦୀପାବଳୀ ପରବ

ବୁଧବାର ଦିନ ବାବୁହେ ପାଳିବା ପରବ

ଗାଈଗୋରୁଙ୍କୁ ଖୁଆଇବା ବେଳେ ଆମେ

ଧଳା କୁକୁଡା ସାଥେ ପୂଜା କରିବା ଆମେ ।

***

# ଲନ୍ଦା କାତା ଗୀତ୍
## (ଲନ୍ଦା ଖାଇବା ସମୟର ଗୀତ)

ବୁଡାବୁଡୀକେ ସବ୍‌କେ କୁତ୍‌ତେ ଆଣୁବେ
ଲନ୍ଦା ଚକୁନି ବୁଡୀମନ୍ ତୁନ୍‌ଲସ୍ କି ନାଇଁ ତୁମି

ଆସାରେ ହିଲା ଟୋକି ଲାନ୍ଦାବୁଲାଓ୍ଵା ତୁମି
ଲାଜୁ ନ ଲାଗେ ଟୋକି ଲାନ୍ଦା ବୁଲାଉଲିସ୍

ଦାଙ୍ଗୁଡା ହିଲାରିଲେକ୍ ଟୋକି ଲାଜ୍ ନ ଲାଗେକି ତୋକେ
ଡାଣ୍ଡାରୁହିଲା ଟୋକି ଜାନ୍‌ରେ କାଇ ବୋଲ୍‌ତି ତୋକେ

ଲାନ୍ଦାକାତା ଚକୁନି ଯାଆଁଲି ତରତର
କାନ୍‌କା ଟୋକି ତୋକେ ନିଦ୍‌ବେ ତୋକେ କାଇଁ
ହିଲା ଟୋକି ଆଇଲେ, ହସୁସି କନ୍‌କରି

ଲାନ୍ଦା ଚକୁନି ସିଉଁ ନ ଜାଣୁଲିସ୍
ନିକକରି ଟୋକି ସିଉଁକ୍ ନ ଜାଣୁଲିସ୍

ତରତର ତବ୍‌ଲା ଜାଉଁଲି
ଅଟିହଟି ସୁବ ବିଜି ଜାଉଁଲି

ଜୁନରି ତୁନ୍‌ଲେକ୍ ମୁକେ ବାକଣ୍ଲିସ୍
ସିଆଡି ହାତାରାଣ୍‌ତେ କିତ୍‌କା କଜୁଜାଇଁଣ୍‌ତା

ବାଉଁଶ୍ ଗଟେ ଆଣ୍‌ତେ ନିକକରି ହୁଟାଉକାଇଁ
ବାଉଁଶ୍ ଗଟି ମହିନେର ଉବୁଡା

ଆବ୍‌ବେ ଦକ୍‌ତେରେର୍ ବୁଡୀ କିଡ଼ିକା ଇଟାଇଁନ୍‌ବେ
ଆବେ କାଇଁଦକ୍‌ରେ ବୁଡୀ ଗଟେ ତବୁଲା ଲନ୍ଦା

ଆବେ ଦକ୍‌ରେ ବୁଡୀ ଗଟେ ଉବୁଲା ଲନ୍ଦା,
ବେଜା ଆର୍ ଚିଙ୍ଗିଡି ହୁଗ୍‌ଡା କାଅଁବେ

ଗର୍ ଯାକର ଲୋଗ୍ ଆମି ମାତି ଗଲୁବେ
ସତ୍‌ରାସତ୍‌ରୀ ଆଇଲା ବଡ୍ ଉତାଉଡି ନଉଁବେ ।

ଓଡିଆ ଅନୁବାଦ :

ବୁଢାବୁଢୀ ସମସ୍ତଙ୍କୁ ଆଣିବା ଡାକି
ହାଣ୍ଡିଆପିଇ ଚଉପଡି ତିଆର କଲକି
ଆସ ସବୁ ପୁଅଝିଅ ହାଣ୍ଡିଆ ବାଣ୍ଟିକରି ନିଅ
ଲାଜ ଲାଗିବ ନାହିଁ ହଣ୍ଡିଆ ବାଣ୍ଟିଲେ ଝିଅ
ଯୁବକମାନେ ଅଛନ୍ତି ଲାଜ ନାହିଁ କି ତୋତେ
ଦାଣ୍ଡର ଯୁବତୀ ଜାଣିଲେ କ'ଣ ଭାବିବେ ତୋତେ
ସଭିଏଁ ହାଣ୍ଡିଆ ପିଇବା ପାଇଁ
ଦୋନାରୁ ଗଳୁଛି ଟପ୍ ଟପ୍ ହୋଇ
କେମିତି କା ପୁଅ ତୋତେ ବାହା ଯେ ହେବ
ପିଲାପିଲି ହେଲେ କିପରି ଚଳାଇବ
ହାଣ୍ଡିଆ ପିଇବା ପାଇଁ ଚଉପଦୀ ସିଲେଇ
ଭଲରେ ତିଆରି ନ ଜାଣୁ ତୁହି
ଟପ୍ ଟପ୍ ହୋଇ ହାଣ୍ଡିଆ ଚଉପଦୀରୁ ଗଳୁଛି
ଲୁଗାପଟା ସବୁ ଆମର ଭିଜି ଯାଉଛି ।
ଯେନରି ସିଲେଇ କଲେବି ତମ କନ ପାଉନି
ଯାଉଛି ସିଆଳୀ ପତ୍ର ଓ କଡିକା ଖୋଜି ଆଣିବା ପାଇଁ
ବାଉଁଶଟିଏ ଆଣିଣ ଭଲକରି ଫାଳ କରିବ
ଆଣିବା ବାଉଁଶ ମଧ୍ୟରେ ଗୋଟି ମଞ୍ଜି ନ ଥିବ
ଖଡିକା ତିଆରି କରି ଦେଉଛି ଦେଖରେ ବୁଢୀ
ଏକ ଦୋନା ହାଣ୍ଡିଆ ପିଇ ଦେଖ ହେ ବୁଢୀ
ଏବେ ଦେଖ୍ରେ ବୁଢୀ ଏକ ଚଉପଦୀ ହାଣ୍ଡିଆ ସଙ୍ଗେ
ବାଇଗଣ ଆଉ ଚିଙ୍ଗୁଡିଭଜା ଖାଇବା ବେଗେ
ଘର ସାରା ଲୋକ ଆମେ ମାତି ଗଲୁଣି
ଶାଶୁ ଶ୍ୱଶୁର ଆସଲେ କଳିଆ କରିବା ନାହିଁ ।

# ଲୁତୁକୀଡା ଗୀତ୍

## (ଲୁତୁଖେଳ ଗୀତ)

ଏ ଅଡିଆ ବାଇ ! ଇବାଟ୍‌କେ ଆଲିକି ନାଇଁ

ନାଇଁ ନାଇଁରେ ଲୁତୁକୀଡା ଆମିଦଖ୍‌ଲାର୍ ନାଇଁ

ଏ ଦୁଇ ଅଡିଆବାଇ ! ଇବାଟ୍‌କେ ଗଲିକି ନାଇଁ

ନାଇ ନାଇଁରେ ଲୁତୁକୀଡା ଆମି ଚଲିଲାର୍ ନାଇଁ

ଏ ତିନ୍ ତନ୍ ଅଡିଆ ବାଇ ! ବାଟ୍‌କେ ନରଦଗଡ଼ି ଗଲେକି ନାହିଁ

ନାଇଁ ନାଇଁରେ ଲୁତୁକୀଡା ଆମି ଦକ୍‌ଲାର୍ ନାଇଁ

ଏ ଚାର୍ ଅଡିଆ ବାଇ ! ଇବାଟ୍‌କେ ନର୍ ଦାଗ୍‌ଡି ଗଲିକିନାଇଁ

ନାଇଁ ନାଇଁରେ ଲୁତୁକୀଡା ଆମିଦଖ୍‌ଲାର୍ ନାଇଁ

ଏ ହାଥ୍ ଅଡିଆ ବାଇ ! ଇବାଟ୍‌କେ ନର୍ ଦାଗ୍‌ଡି ଗଲିକି ନାହିଁ

ନାଇଁ ନାଇଁରେ ଲୁତୁକୀଡା ଆମି ଦକଲାର୍ ନାଇଁ

**ଓଡିଆ ଅନୁବାଦ:**

ହେ ଓଡିଆ ଭାଇ ! ଏ ପଟେ ଆସିଲ କି ନାହିଁ

ନାହିଁ ନାହିଁରେ ଲୁତୁକୀଡା ଆମ୍ଭେ ଦେଖି ନାହୁଁ

ଏ ଦୁଇ ଓଡିଆ ଭାଇ ! ଏ ପଟେ ଗଲେ କି ନାହିଁ

ନାହିଁ ନାହିଁରେ ଲୁତୁକୀଡା ଆମ୍ଭେ ଦେଖି ନାହୁଁ

ହେ ତିନି ଓଡିଆ ଭାଇ ! ଏ ପଟେ ଝିଅଟି ଗଲାକି ନାହିଁ

ନାହିଁ ନାହିଁରେ ଲୁତୁକିଡା ଆମ୍ଭେ ଦେଖି ନାହୁଁ

ହେ ଚାରି ଓଡିଆ ଭାଇ ! ଏ ପଟେ ଯୁବତୀଟି ଗଲାକିନାହିଁ

ନାହିଁ ନାହିଁରେ ଲୁତୁକୀଡା ଆମ୍ଭେ ଦେଖି ନାହୁଁ

ହେ ପାଞ୍ଚ ଓଡିଆ ଭାଇ ! ଏପଟେ ଯୁବତୀ ଜଣକ ଗଲାକି ନାହିଁ

ନାହିଁ ନାହିଁରେ ଲୁତୁକୀଡା ଆମ୍ଭେ ଦେଖି ନାହୁଁ ।

(ଲୁତୁକୀଡା - ମାଟି ଭିତରେ ଥିବା ଏକ ଛୋଟ ପୋକ)

❋❋❋

## ରିଞ୍ଜିଡ୍ ଗୀତ୍

ଜୁଆରୁ ଜୁଆରୁ ଜାନୀ ଜାକେରୁ
ଜୁଆରୁ ଜୁଆରୁ ଜାନୀ ନିଶାଣୁ
କୁଉଡି ହାଣି ମାରୁଲିରେ ବଞ୍ଜୁଡା
କୁହୁଲି କେନ୍ଦାଇଁ ମରଡିକିଆ
ବଞ୍ଜୁ ଡାହିଲା ଆତୁ ଆସୁଲା
କଣ୍ଡାମଲକାଇଁ ବଞ୍ଜୁଡି ଟାଙ୍ଗି ମଲକାଇଁ

ଓଡିଆ ଅନୁବାଦ:

ନମସ୍ତେ ନମସ୍ତେ ଜାନୀ ଜାକେରୁ
ନମସ୍ତେ ନମସ୍ତେ ଜାନୀ ନିଶାଣୁ ।
ଅଳ୍ପ ଅଳ୍ପ ବର୍ଷା ହେଉଛି ହେ ବଞ୍ଜାଡା,
କହୁଛି କେଉଁଠି ମରୁଡି କିଆଁ
ବଞ୍ଜୁ ଡାକିଲା ଆସୁଛନ୍ତି ମାଇଁ
କଣ୍ଡା ବୁଲାଇ ବଞ୍ଜୁଡି ଟାଙ୍ଗିଆ ବୁଲାଇ ।

❁❁❁

## କୌତୁକ ଗୀତ

କୁସୁମ୍ ଗଛେ ମାରିଲି ଟିଙ୍ଗିଆ
ଛିଡ଼ିପା ଉଦ୍‌ଲି ଗଲିକି
କାଇଁ ଟାଲାକି ଟାଲାକି
ବାଇଦି ଆସ୍‌ତେ ରିଲାକି
କକ ହଡାଇ ଦିଲିସ୍ କି
ବାବା ରାନ୍ଧ୍‌ତେ ଦିଲିସ୍ କି
ବାନା ତୁତୁ ଦିଲିସ୍ କି
ତୁର୍‌ରେ ତୁ ହାଣ୍ଡୁକା ତୁର୍

ଓଡିଆ ଅନୁବାଦ:

କୁସୁମ ଗଛକୁ ହାଣିଲି ଟାଙ୍ଗିଆରେ
ଛିଲିପା ବାହାରି ଗଲାକି ?

କି ଚାଲାକି ମୋ ପାଖରେ ଦେଖାଉଛୁ
ତୋ ଭାଇ ଆସି ଥିଲା କି ନାହିଁ
କୁକୁଡ଼ା ମାରି ଦେଲୁକି ନାହିଁ ?
ରଙ୍ଗୀନ୍ ନୂଆ ଲୁଗା ଦେଲୁ କି ନାହିଁ ?

❋❋❋

# ଖେଡ଼୍ଡାଇବା ଗୀତ୍

## (ବାଲାଇରାଣୀକୁ ଖେଳ ମାଧ୍ୟମରେ ଆଦେଶ ଦେବା ଗୀତ)

ମୋର ବାଲାଇ ତ ନାଚେଦ୍ ବେ
ଛୋଟି ଛୋଟି ଇଣ୍ଡେଦ୍‌ବେ
ହାଣ୍ଡ୍‌କା ଘୁରା ଘୁରେଦ୍‌ବେ ମୋର ବାଲାଇରାଣୀ
ସାପ୍ ରଙ୍ଗାରଙ୍ଗେଦ୍‌ବେ ମୋର ବାଲାଇରାଣୀ
ଆଇସି କଡେ ଧରାଇଦ୍‌ବେ ମୋର ବାଲାଇରାଣୀ
ହିଲ୍ଲାକେ ଅଲେ ଧରାଇଦ୍‌ବେ ମୋର ବାଲାଇରାଣୀ
ଉବାସୀର୍ ଉକ୍‌ଡେ ହିଲ୍ଲାକେ ଅଲେ ଧରାଇଦ୍‌ବେ ମୋର ବାଲାଇରାଣୀ
ମଣ୍ଡିଆ ଅଲେ ଘୁରେଦ୍‌ବେ ମୋର ବାଲାଇରାଣୀ
ଧାନ୍ ଅଲେ କୋଟେଦ୍‌ବେ ମୋର ବାଲାଇରାଣୀ
ଝଉଡ୍ ଅଲେ ହୁଣେଦ୍‌ବେ ମୋର ବାଲାଇରାଣୀ
ଚୂଲି ଅଲେ ବୁନାୟଦ୍‌ବେ ମୋର ବାଲାଇରାଣୀ
ହାଣି ଅଲେ ଆଣୁଯାଏଦ୍‌ବେ ମୋର ବାଲାଇରାଣୀ
ଗାଡେ ଅଲେ ଯାଏଦ୍‌ବେ ମୋର ବାଲାଇରାଣୀ
ଅଦାଣ୍ ଅଲେ ବସାଇଦ୍‌ବେ ମୋର ବାଲାଇରାଣୀ
ଚାଉଲ୍ ଅଲେ ଲାଗାଇଦ୍‌ବେ ମୋର ବାଲାଇରାଣୀ
ଛୋଟୁ ଅଲେ ଲୋଡ଼େଦ୍‌ବେ ମୋର ବାଲାଇ ରାଣୀ
ଭାତ୍‌ଘାଟି ଦେକେଦ୍‌ବେ ମୋର ବାଲାଇ ରାଣୀ
ଜାରି ଅଲେ ଦେକେଦ୍‌ବେ ମୋର ବାଲାଇ ରାଣୀ

ଉତ୍‌ରାଇ ଅଲେ ଦେଇଦ୍‌ବେ ମୋର ବାଲାଇରାଣୀ

ବାଟାକରି ଦେଇଦ୍‌ବେ ମୋର ବାଲାଇରାଣୀ

ଖେଲୁ କେ ଯାଇଦ୍‌ବେ ମୋର ବାଲାଇରାଣୀ

ତାର ଭଇନ୍‌ଲୋକ୍‌କେ କୁଦ୍‌ଯାଇଦ୍‌ବେ ମୋର ବାଲାଇ ରାଣୀ

ଢେମ୍‌ସା ଅଲେ ନାଚେଦ୍‌ବେ ମୋର ବାଲାଇରାଣୀ

ଗୁଣ୍ଡୁରୀ ଗୁରା ଘୁରେଦ୍‌ବେ ମୋର ବାଲାଇରାଣୀ

ବାଗ୍ ଡ଼ଗାଇଲା ହର୍ ଡ଼ଗାଇଦ୍‌ବେ ମୋର ବାଲାଇରାଣୀ

ବାଲୁ କନ୍ଦଲହର୍ କାନ୍ଦେଦ୍‌ବେ ମୋର ବାଲାଇରାଣୀ

ରାଇ ଶାଗ ଭେକା ଭେକା

ମୋର୍ ବାଲାଇର୍ ବାଙ୍ଗ୍‌ଲା ଅଣ୍ଡା

ଓଡ଼ିଆ ଅନୁବାଦ :

ମୋର ବାଲାଇରାଣୀ ତ ନାଚିବ

ଛୋଟି ଛୋଟି ହୋଇ ଚାଲିବ

କାପ୍ତା ପକ୍ଷୀଭଳି ରାବିବ ମୋର ବାଲାଇରାଣୀ

ସାପଭଳି ଘୁଷୁରିବ ମୋର ବାଲାଇରାଣୀ

ମାଆ କୋଳରେ ଧରିବ ମୋର ବାଲାଇରାଣୀ

ଶିଶୁଟିକୁ ଧରିବ ମୋର ବାଲାଇରାଣୀ

ବାପାର କୋଳେ ଶିଶୁକୁ ଧରିବ ମୋର ବାଲାଇରାଣୀ

ମାଣ୍ଡିଆକୁ ପେଶିବ ମୋର ବାଲାଇରାଣୀ

ଧାନକୁ କୁଟିବ ମୋର ବାଲାଇରାଣୀ

ଚାଉଳକୁ ପାଛୁଡିବ ମୋର ବାଲାଇରାଣୀ

ଚୁଲୀକୁ ଗଢିଦେବ ମୋର ବାଲାଇରାଣୀ

ପାଣି ଆଣିବାକୁ ଯିବ ମୋର ବାଲାଇରାଣୀ

ନଈକୁ ଯିବ ମୋର ବାଲାଇରାଣୀ

ରୋଷେଇ ପାଇଁ ପାଣିହାଣ୍ଡି ବସାଇବ ମୋର ବାଲାଇରାଣୀ

ହାଣ୍ଡିରେ ଚାଉଳ ପକାଇବ ମୋର ବାଲାଇରାଣୀ

ଚଟୁକୁ ଖୋଜିବ ମୋର ବାଲାଇରାଣୀ

ଭାତକୁ ଘାଣ୍ଟି ଦେଖିବ ମୋର ବାଲାଇରାଣୀ

ଭାତରୁ ପେଜ ନିଗାଡିବ ମୋର ବାଲାଇରାଣୀ

ଚୁଲୀରୁ ହାଣ୍ଡି ଓହ୍ଲାଇବ ମୋର ବାଲାଇରାଣୀ

ବାଣ୍ଟକରି ଦେଇଦେବ ମୋର ବାଲାଇରାଣୀ

ଖେଳିବାକୁ ଯିବ ମୋର ବାଲାଇ ରାଣୀ

ତାର ଭଉଣୀକୁ ଡାକିଯିବ ମୋର ବାଲାଇ ରାଣୀ

ଡେମ୍‌ଶାନାଚ ନାଚିବ ମୋର ବାଲାଇରାଣୀ

ଗୁଣ୍ଡୁରୀ ଭଳି ରାବିବ ମୋର ବାଲାଇରାଣୀ

ବାଘଭଳି ଡେଇଁବ ମୋର ବାଲାଇ ରାଣୀ

ଭାଲୁଭଳି କାନ୍ଦିବ ମୋର ବାଲାଇରାଣୀ

ଶୋରିଷ ଶାଗ ଗୋଛା ଗୋଛା

ମୋର ବାଲାଇରାଣୀର ଭାଙ୍ଗିଲା ଅଣ୍ଟା ।

❋❋❋

## ଉତ୍‌ରାଉତାଗୀତ୍

### (ମାତାଲକୁ ପ୍ରକୃତିସ୍ଥ କରିବା ଗୀତ)

ଉତୁର୍ ଉତୁର୍ ବାଲାଇରାଣୀ

କୁମ୍‌ଡାହୁଲେ ଉତୁର୍

ସର୍ଗିହୁଲେ ଉତୁର୍

ତୋର୍ ଅୟାର କଡେ ଉତୁର୍

ତୋର୍ ଆବାର୍ କଡେ ଉତୁର୍

ତୋର୍ ନାନାର୍ କଡେ ଉତୁର୍

ତୋର ବାଇଦିରି କଡେ ଉତୁର୍

ତୋର୍ କୋକିଦିର୍ କଡେ ଉତ୍ରୁର୍
ତୋର ବୋଉଦିର୍ କଡେ ଉତ୍ରୁର୍
ତୋର ବଣ୍ଜାଦି କଡେ ଉତ୍ରୁର୍
ମୋର ବାଲାଇରାଣୀ
ଉତ୍ରୁର୍ ଉତ୍ରୁର୍ ବାଲାଇରାଣୀ
ଆମ୍ ହୁଲେ ଉତ୍ରୁର୍ ଚେମି ହୁଲେ ଉତ୍ରୁର୍
କାକ୍ଡି ହୁଲେ ଉତ୍ରୁର୍ ମଲ୍ଲୀହୁଲେ ଉତ୍ରୁର୍
ଲାଉ ହୁଲେ ଉତ୍ରୁର୍ ବାତ୍ରୀ ହୁଲେ ଉତ୍ରୁର୍
ତୋର୍ ଆୟାର୍ କଡେ ଉତ୍ରୁର୍
ତୋର ଆବାର୍ କଡେ ଉତ୍ରୁର୍
ତୋର ନାନାର୍ କଡେ ଉତ୍ରୁର୍
ତୋର୍ ବାଇଦିର୍ କଡେ ଉତ୍ରୁର୍
ତୋର୍ କୋକିଦିର୍ କଡେ ଉତ୍ରୁର୍
ତୋର ବୋଉଦିର କଡେ ଉତ୍ରୁର୍
ତୋର ବଣଜାଦି କଡେ ଉତ୍ରୁର୍
ମୋର ବାଲାଇରାଣୀ
ଉତ୍ରୁର୍ ଉତ୍ରୁର୍ ବାଲାଇରାଣୀ
ଚମ୍ପା ହୁଲେ ଉତ୍ରୁର୍ ଚାଉଲଧୁଆ ହୁଲେ ଉତ୍ରୁର୍
ମଣ୍ଡା ହୁଲେ ଉତ୍ରୁର୍ ମନ୍ଦାର୍ ହୁଲେ ଉତ୍ରୁର୍
କରୁଣା ହୁଲେ ଉତ୍ରୁର୍ ପଣସ ହୁଲେ ଉତ୍ରୁର୍
ବଦ୍ଲୀ ହୁଲେ ଉତ୍ରୁର୍
କଦ୍ଳୀ ହୁଲେ ଉତ୍ରୁର୍
ତୋର୍ ଆୟାର୍ କଡେ ଉତ୍ରୁର୍
ତୋର୍ ଆବାର୍ କଡେ ଉତ୍ରୁର୍
ତୋର୍ ନାନାର କଡେ ଉତ୍ରୁର୍
ତୋର ବାଇଦିର୍ କଡେ ଉତ୍ରୁର୍
ତୋର୍ କୋକିଦିର୍ କଡେ ଉତ୍ରୁର୍
ତୋର ବୋଉଦିର କଡେ ଉତ୍ରୁର୍

ତୋର୍ ବଣଜାଦି କଡେ ଉତୁର୍
ମୋର୍ ବାଲାଇରାଣୀ
ଉତୁର୍ ଉତୁର୍ ବାଲାଇରାଣୀ
ଝାମ୍ପରା ହୁଲେ ଉତୁର୍
ଗନ୍ଦରୀ ହୁଲେ ଉତୁର୍ ଧାନ ହୁଲେ ଉତୁର୍
ଅଲସ ହୁଲେ ଉତୁର୍ ଝୁଡୁଙ୍ଗ୍ ହୁଲେ ଉତୁର୍
କାସନ୍ ହୁଲେ ଉତୁର୍ ଗଞ୍ଜାଇ ହୁଲେ ଉତୁର୍
ମିରିଚ୍ ହୁଲେ ଉତୁର୍
ତୋର୍ ଆୟାର୍ କଡେ ଉତୁର୍
ତୋର ଆବାର୍ କଡ଼େ ଉତୁର୍
ତୋର୍ ନନାର୍ କଡେ ଉତୁର୍
ତୋର୍ ବାଇଦିର୍ କଡେ ଉତୁର୍
ତୋର କୋକିଦିର୍ କଡେ ଉତୁର୍
ତୋର୍ ବୋଉଦିର୍ କଡେ ଉତୁର୍
ତୋର୍ ବଣଜାଦି କଡେ ଉତୁର୍
ସବୁ ହୁଲେ ଉତୁର୍ ମୋର ବାଲାଇରାଣୀ

**ଓଡ଼ିଆ ଅନୁବାଦ :**

ଓହ୍ଲାଅ ଓହ୍ଲାଅ ବାଲାଇରାଣୀ
କଖାରୁଫୁଲକୁ ଓହ୍ଲାଅ
ତୋର୍ ମାଆ କୋଳକୁ ଓହ୍ଲାଅ
ତୋର ବାପା କୋଳକୁ ଓହ୍ଲାଅ
ତୋର୍ ସାନ୍‌ମାଆ କୋଳକୁ ଓହ୍ଲାଅ
ତୋର୍ ଭାଉଜ କୋଳକୁ ଓହ୍ଲାଅ
ତୋର୍ ଭଣଜା କୋଳକୁ ଓହ୍ଲାଅ
ଓହ୍ଲାଅ ମୋର ବାଲାଇରାଣୀ....॥୧॥
ଓହ୍ଲାଅ ଓହ୍ଲାଅ ବାଲାଇରାଣୀ
ଆମ୍ବ ଫୁଲକୁ ଓହ୍ଲାଅ ଶିମ୍ବଫୁଲକୁ ଓହ୍ଲାଅ
କାକୁଡି ଫୁଲକୁ ଓହ୍ଲାଅ
ମଲ୍ଲୀ ଫୁଲକୁ ଓହ୍ଲାଅ

ଲାଉ ଫୁଲକୁ ଓହ୍ଲାଅ

ବାଓରୀ ଫୁଲକୁ ଓହ୍ଲାଅ

ତୋର୍ ମାଆ କୋଳକୁ ଓହ୍ଲାଅ

ତୋର ଭାଇକୋଳକୁ ଓହ୍ଲାଅ

ତୋର ସାନମାଆ କୋଳକୁ ଓହ୍ଲାଅ

ତୋର ଭାଉଜ କୋଳକୁ ଓହ୍ଲାଅ

ତୋର ଭଣଜା କୋଳକୁ ଓହ୍ଲାଅ

ମୋର ବାଲାଇରାଣୀ....॥୨॥

ଓହ୍ଲାଅ ଓହ୍ଲାଅ ବାଲାଇରାଣୀ

ଚମ୍ପାଫୁଲକୁ ଓହ୍ଲାଅ ଚାଉଳଧୂଆ ଫୁଲକୁ ଓହ୍ଲାଅ

ଗେଣ୍ଡୁଫୁଲକୁ ଓହ୍ଲାଅ ମନ୍ଦାର ଫୁଲକୁ ଓହ୍ଲାଅ

କରୁଣା ଫୁଲକୁ ଓହ୍ଲାଅ ପଣସ ଫୁଲକୁ ଓହ୍ଲାଅ

ବଦ୍‌ଲୀ ଫୁଲକୁ ଓହ୍ଲାଅ

କଦଲୀ ଫୁଲକୁ ଓହ୍ଲାଅ

ତୋର ମାଆକୋଳକୁ ଓହ୍ଲାଅ

ତୋର ବାପା କୋଳକୁ ଓହ୍ଲାଅ

ତୋର ନାନୀ କୋଳକୁ ଓହ୍ଲାଅ

ତୋର ଭାଇକୋଳକୁ ଓହ୍ଲାଅ

ତୋର ସାନମାଆ କେଳକୁ ଓହ୍ଲାଅ

ତୋର ଭାଉଜ କୋଳକୁ ଓହ୍ଲାଅ

ତୋର ଭଣଜାକୋଳକୁ ଓହ୍ଲାଅ

ମୋର ବାଲାଇରାଣୀ...॥ ୩ ॥

ଓହ୍ଲାଅ ଓହ୍ଲାଅ ବାଲାଇରାଣୀ

ଝାମରା ଫୁଲକୁ ଓହ୍ଲାଅ

ଗନ୍ଧୀ ଫୁଲକୁ ଓହ୍ଲାଅ ଧାନ ଫୁଲକୁ ଓହ୍ଲାଅ

ଅଳସୀ ଫୁଲକୁ ଓହ୍ଲାଅ ଝୁଡୁଙ୍ଗ ଫୁଲକୁ ଓହ୍ଲାଅ

କୁସୁମ ଫୁଲକୁ ଓହ୍ଲାଅ ଗଙ୍ଗାଇଫୁଲକୁ ଓହ୍ଲାଅ

ଲଙ୍କା ଫୁଲକୁ ଓହ୍ଲାଅ

ତୋର ମାଆ କୋଳକୁ ଓହ୍ଲାଅ
ତୋର ବାପା କୋଳକୁ ଓହ୍ଲାଅ
ତୋର ନାନୀ କୋଳକୁ ଓହ୍ଲାଅ
ତୋର ଭାଇ କୋଳକୁ ଓହ୍ଲାଅ
ତୋର ସାନମାଆ କୋଳକୁ ଓହ୍ଲାଅ
ତୋର ଭାଉଜ କୋଳକୁ ଓହ୍ଲାଅ
ତୋର ଭଣଜା କୋଳକୁ ଓହ୍ଲାଅ
ସବୁ ଫୁଲକୁ ଓହ୍ଲାଅ ମୋର ବାଲାଇରାଣୀ -।।୪।।

⁂⁂⁂

# ଅଇଲିଗୀତ୍

(ଚଇତ ପରବରେ ଉଭୟ ପୁରୁଷ ଓ ନାରୀ ମିଶିକରି ବୋଲୁଥିବା ଗୀତ)

ଆସ୍‌ନା ଯାହନା ଟଟାଇବାସ୍‌ନା
ସିହନା ଦରିଲା କଷି
ଆମିକେ ଦେଖ୍‌କରି ମୁହଁ ହଲାଇ ଦେଲାସ୍
କାଇ କଥାଗଲି ନଶି ।।୦।।
କେଚ୍‌ଲା କେଉଁଲି ମଲ୍ଲୀ ମାଙ୍ଗ୍‌ରୀ
ମରୁଆଟି କେତେସ୍‌ବାସ
ଜାଇଁହୁଲ ସାଙ୍ଗ୍ ପୀରତି କର୍‌ଲେକ୍
ଚଂପା ହୁଲ ଯାଇନ୍ଦେ ନାଶ ।।୧।।
ଉତମା ତୁମୁଡି ହଳିଆ ଭୂଇଁ
କୁନ୍‌ଗାଁର୍ ନୁନୀ ତୁଇ
ଦୁଇ ଦୋନା ବାତ୍ ଚୁକାଇ ଖାଇଲୁସ୍
କେବେ କମାଇରଲୁସ୍ ତୁଇ ।।୨।।
ବାଉଁଶ୍ ମାରଲେ ଯୋଡିକେ ଯୋଡି
କୁଂଜ ବଣେ ବୁଲି ବୁଲି
ଆମି ଗଲା ବାଟେ ରୋଦନ୍ କରା
ଚୂଛାଭୂୟେଁ ଉଲ୍ଜି ଉଜି ।।୩।।

ଗବାର୍ ବୋଡାଇ ମାର୍‌ଲେଟେକା
ପାତରୁ ଶାଗ୍ ଭେକା ଭେକା
ଗୀତ୍ କୁଡିଆଣୀ ହଳାଉଁଲି
ହୋଇବାଟେ ଛଣେକ୍ ଛେକା ॥୪॥
ଅନ୍‌କା ମଇଁରି ପୀତଲ୍ ସଂସି
ଡାବୁ ଦରି ବାରମାସୀ
ଶାଳୀ ଟୋକି ସାଙ୍ଗେ ବଙ୍ଗାର୍‌କେ ନ ଯାତାର୍
ଭାଟ ଭାଟ ବଲତେର୍ ଇଦ୍ ॥୫॥

ଓଡ଼ିଆ ଅନୁବାଦ :

ଆସୁଥାଅ ଯାଉଥାଅ ତୋଟାରେ ବାସନା
ସିଅନା କଷି ଧରିଲା
ଆମକୁ ଦେଖିକରି ମୁହଁ ଫୁଲେଇଲ
କେଉଁକଥା ଖରାପ ଲାଗିଲା
କୋଚିଲା କେଉଁଲି ମଲ୍ଲୀ ମାଳତୀ
ମରୁଆରେ କେତେ ବାସ
ଜାଇ ଫୁଲ ସାଙ୍ଗେ ପୀରତି କଲେ
ଚଂପାଫୁଲ ଯିବ ନାଶ ॥୧॥
ଉତ୍‌ମା ତୁତୁମି ପଡିଆ ଭୂଇଁ
କେଉଁ ଗାଁର ଝିଅ ତୁହି
ଦୁଇ ଦୋନା ଭାତ ଠକି ଖାଇଦେଲ
ରୋଜଗାର ନ କରି ଖାଇଲ କାହିଁ ॥୨॥
ବାଉଁଶ କାଟିଲି ଯୋଡାକୁ ଯୋଡା
କୁଂଜ ବନେ ବୁଲିବୁଲି
ଆମେ ଗଲା ବାଟେ ରୋଦନ କର
ପଡିଆ ଭୂଇଁରେ ଗଡିଗଡି ॥୩॥
ଗହୀରଜମିରେ ମାରିଲି ଚେକା
ପାତୁର ଶାଗ ଭେକା ଭେକା
ଗୀତ କୁଡିଆଣୀ ପଳେଇ ଯାଉଛି
ସେ ପଟେ ଟିକିଏ ଅଟକା ॥୪॥

ତୁମ୍ଭାର ମହୁରୀ ପିତଳ ନଳୀ
ଟଙ୍କା ଧରି ବାରମାସୀ
ଶାଳୀ ଟୋକି ସଙ୍ଗେ ବଜାର ନ ଯିବା
ଡାକୁଥିବ ଜ୍ୱାଇଁ ଜ୍ୱାଇଁ ॥୫॥

⁂

## ବଂଜ୍‌ଡୀ ଗୀତ୍‌

ଟାଇଁକରି ଉହୁଡୁଲି ଟାଙ୍ଗ୍‌ଡି ସିଆଡି
ରସକରି କାନ୍ଦୁଲି ଖୁଡି ନିଆଡି
ଏଇଟା କାକ୍‌ଡା ଦୁଇଟା ଦାଡା
ଚାବ୍‌ଲା ଚିନା ନାଇଁ
କୁନ୍ ଗାଁର ଦାଙ୍ଗ୍‌ଡୀ
ଜାଣା ଚିନା ନାଇଁ
ହାଟୀବେଡା ମଦ୍ ଖାଇଁ ଖାଇଁ
ସବୁ ସରାଇଲି
ଇନ୍ଦ୍ରାବତୀ ଆଇଲାଗିନେ
କୁଲି ହଡାଇଲି

ଓଡ଼ିଆ ଅନୁବାଦ :

ଫାଟିଗଲା ସିଆଳୀ ଫଳ ଟାଇଁକରି
ଲୁହ ଗଡାଇ କାନ୍ଦିଲା କୁଡି ନିଆଳି ।
ଗୋଟିଏ କଙ୍କଡା ଦୁଇଟା ଗୋଡ
କାମୁଡିଲା ଚିହ୍ନ ନାହିଁ ।
କେଉଁ ଗ୍ରାମର ଧାଙ୍ଗ୍‌ଡୀ ତୁହି
ତୋର ପରିଚୟ ନାହିଁ ।
ଦଶମାଣ ଜମିକୁ ମଦ ପିଇ ପିଇ
ସବୁ ସାରି ଦେଲି ।
ଇନ୍ଦ୍ରାବତୀ ଯୋଜନା ଆସିଲାପରେ
କୁଲି କରିବାକୁ ବାହାରିଗଲି ।

⁂

# ପୁଷ୍ ହରବ୍ ରିଂଜଡୀ ଗୀତ୍

ସିଆଡି ହତାରୁ ସଡ଼କୁ ଚୁଙ୍ଗା
କୋଲାଇ ଚାଉଲେ ଧୂଆଁ
ଇତି ନିଆଁଇ କଲାଇ ନିଆଁ ନିଟିଡେ କାଇ
ଆଶାକରାହୁଂଟ୍ ଯାଓ୍ୱା
ଚେଡିରାଶି ମେଣ୍ଡା ରାଶି
ଅଉଡା ଗଚେ ଗଟୁ ବିଡାଗଚେ ଗଟୁ
କଟେକ୍ ଶାଶୁରେଡି ଶୁଶୁରା ରେଡି କାଇ
ନୁନୀ ମାରେନେଶି ଯଟୁ
ସଡକ୍ ବାଟାର୍ ରେଙ୍ଗଟି ଗଡା
ବାଙ୍ଗ୍‌ଟି ଗଡ୍‌ଗଡ଼ା
ବଂଜଡ଼ୀ ନୁନୀର ଆଡୁଲାଡ଼ାର୍
ହାଙ୍କେର୍ ଜଡ଼ାବଡ଼ା
ବଂଜଡୀକେ କାଇନିକ୍
ମାନୁଲିହ ବାଙ୍ଗ୍‌ଟି ଗଡ୍ ବଡା
ଠଇଁଲା ମାରୁ ଖଡେ  କିନ୍ଦ୍ରା ମାରୁ ଖଡେ
କାଇବ ଆଟୁ ବସୁଲି ହୋ ଖଣ୍ଡା ମାଡି ତଡେ
କାଇବ ଆଟୁ ବସୁଲିହୋ ଡଙ୍ଗା ମାଡି ତଙ୍କେ
ହାଙ୍କେରୁ ଗେନି ଦିନ୍ଦେ ନୁନୀ
ଆଟୁବାଙ୍ଗା ବେଡେ
ହିତୁଡୁ ଚିହଣା ହିନ୍ଦାଇନ୍ଦେ
ବଡୁକସା ତଡେ

ଓଡିଆ ଅନୁବାଦ :

ସିଆଳୀ ପତର ସଳଖ ପିକ୍‌କା
ଖେଳାଇ ଛାଡୁଛି ଧୂଆଁ
ଏଠିନ୍ୟାୟ କଲେ ତୁଟିବ ନାହିଁ
ଆସ କୋରାପୁଟ୍ ଯିବା

ଛେଲି ଗୋଠ ମେଣ୍ଢଗୋଠ

ଅଁଳା ବାହାଡା ଗଛତଳେ ଗୋଠ

କେତେ ଶାଶୁଥିବେ କେତେ ଶ୍ୱଶୁରଥିବେ

ଝିଅ ଭଲକରି ଗୋଡ଼ ପକାଇବୁ

ସଡ଼କ ବାଟର ଉପରେ ଗୋଡି

ଗୋଡ଼ି ଆବଡ଼ା ଖାବଡ଼ା

ବଂଜତୀ ଝିଅର ହାତ ହଲାଇବା

ମୁଦି ତାର ଯୋଡା ଯୋଡା

ବଂଜତୀକୁ ସୁନ୍ଦର ଦିଶୁଛି

ବଙ୍କା ଗୋଡ ବଙ୍କା

ଡୁଡୁଙ୍ଗା ବଜାଇବା ଧିରେ କେନ୍ଦରା ବଜାଇବା ଧିରେ

କି ହାଟ ବସୁଛି ହେ କଣ୍ଡାମାଳୀ ପର୍ବତ ତଳେ

କି ହାଟ ବସୁଛି ହେ ଡଙ୍ଗା ମାଳୀ ତଳେ

ମୁଦିକିଣି ଦେବି ଲୋ ଝିଅ

ହାଟ ସାରିଲା ବେଳେ

ପିତଳର ମୁଣ୍ଡଚପା ପିନ୍ଧାଇ ଦେବି

ତୋର ବଡ ଖୋସାରେ ।

⁂

# ବୁଢୀ ନ ଯାଇଁ ଗୀତ୍

ମୁଇଁ ବୁଢୀ ନ ଯାଇଁକୁଲି ନ ଯାଇଁ

ମୁଇଁ ଡ଼ଙ୍ଗୁର୍ ନମାରି ଗଡ୍ଦୀ ନମାରି

କି ନଜାଣ୍ତାକ ଲୋକ୍ କିଁନବୁଲ୍ତା ଲୋକ୍

ମେମର୍ ସରପଞ୍ଚ୍ ମନ୍ ରିଲାଇଁ ଲାଗିଦ୍

କି ନ ଯାଇ କିନୁ ବୁଲେ ଆଡ୍ ନଇଲା ଲୋକ୍

ଗୋଡ୍ ନଇଲା ଲୋକ ରାଗି ରାଗି ବୁଲୁନ୍ଦ୍

ଓକିଲ ବାବୁ କଇଲାଇଁ ଇନ୍ଦୀରାଗାନ୍ଧୀ ମାକେ କଇଲାଇଁ

ଇ ଲୋକ୍‌କେ ପେନସନ୍ ଦିଆସ୍ ବଲ୍‌ଲାଇଁ ।।

ଓଡିଆ ଅନୁବାଦ :

ମୁଁ କୁଲିମଜୁରୀ କରିବି ନାହିଁ
ମୁଁ ପାହାଡ ପର୍ବତରେ ଚାଷ ମଧ କରିବି ନାହିଁ
କୁଆଡେ ଯିବିନାହିଁ କେଉଁଆଡେ ବୁଲିବି ନାହିଁ
ମେମ୍ବର ସରପଞ୍ଚ ସବୁ ଥିବା ଲାଗି
କୁଆଡେ ନ ଯାଏ କୁଆଡେ ନ ବୁଲେ ହାତ ନଥିବା ଲୋକ
ଗୋଡ଼ ନଥିବା ଲୋକ ଘୁସୁରି ଘୁସୁରି ବୁଲିବ
ଓକିଲବାବୁ କହିଲେ ଇନ୍ଦିରାଗାନ୍ଧୀ ମା କହିଲେ
ଏଇ ଲୋକମାନଙ୍କୁ ପେନ୍‌ସନ୍ ଦିଆଯିବ ବୋଲି ।

⁂⁂⁂

# ଡଙ୍ଗରିଆଁ ଗୀତ୍

ଡୁଡୁଙ୍ଗା ଦରତିଆର ଗୀତ୍ କଉଁତି
ଡଙ୍ଗର ଡାର୍ ଲୋକ୍
ସାରଙ୍ଗୀ ବାଜାଉତି ଆମି ହରଜା ଲୋକ୍
ସାରଙ୍ଗୀ ଗୀତ୍ ସାରଙ୍ଗୀ ଗୀତ
ଆସାରେ ନୁନୀମନ୍ ଗୀତ୍ କଉଁ
ନାଟ୍ କରୁ ଶରଦାରେ ସୁନ୍ଦୁର୍‌ରେ
ସଦାର୍ ଗିନେ ଆଜି ଆଜି
ଆଜି ଚନେକ୍ ଆବେ ଅଡି ଗୋଟେକ୍
ଶରଦାକରୁ ସୁନ୍ଦୁର୍ କରୁ ତରତଣ୍ଡାର
ମୋର୍ ତଣ୍ଡେ ତର୍ ତଣ୍ଡାର୍ ମୋର୍ ତଣ୍ଡେ
ଶରଦା କରୁ ସୁନ୍ଦୁର୍ କରୁ ଗଡିଲୋକ୍
କୁଡିଲୋକ୍ ବେଣୀମନ୍ ବାଇମନ୍
ଶରଦାକେ ଶୋବାକେ ଗୀତ୍ କଉଁ
ନାଟ୍ କରୁ ଦାଦିଗାଁଓ୍ୱେ ମାମୁଁ ଗାଁଓ୍ୱେ
ଟୋକିରାଶି ହିଲାରାଶି ରିଲାଇଁ ଲାପି
ଶରଦା କଲାଇଁ ସୁନ୍ଦୁର କଲାଇଁ
ଗୀତ୍ କଇଲାଇଁ ନାଟ୍ କରୁଲାଇଁ
ହରଜା ଗାଉଁ ଶରଦା କଲାଇଁ ସୁନ୍ଦୁର୍ କଲାଇଁ

ରିଲାଇଁ ଲାଗି ଖାଇଲାଇଁ ଲାଗି
ଦଙ୍ଗ୍‌ଡାମନ୍ ଦଙ୍ଗ୍‌ଡୀମନ୍
ସଙ୍ଗେ ମିଶ୍‌ଲାଇଁ ସଙ୍ଗେ ବିତ୍‌ଲାଇଁ
କଥା କଉଁ ନାଟ୍ କରୁ
ଆମେ ଦଙ୍ଗ୍‌ଡା ଦଙ୍ଗ୍‌ଡୀ ଲୋକ୍ ।

ଓଡିଆ ଅନୁବାଦ :

ଡୁଡୁଙ୍ଗା ଧରି ଗୀତ ଗାଇବୁ
ପାହାଡ଼ିଆ ଅଞ୍ଚଳର ଲୋକେ
ସାରଙ୍ଗୀ ବଜାଇ ଗୀତ ଗାଇବୁ
ଆମେ ପରଜା ଲୋକ
ଆସ ହେ ଝିଅମାନେ ଗୀତ ଗାଇବା
ହସ ଖୁସିରେ ଆମେ ନାଟ କରିବା
ଗୋଟିଏ ଓଳି ଗୋଟିଏ ଦିନ
ଖୁସି ପାଇଁ ଆଜି ଆମେ ଗାଇବା
ହସଖୁସିରେ ତୁମ ତୁଣ୍ଡରୁ ମୋର ତୁଣ୍ଡକୁ
ମୋର ତୁଣ୍ଡରୁ ତୁମ ତୁଣ୍ଡକୁ
ଆମ୍ଭେ ମିଶି ହସଖୁସି କରିବା
ହେ ସାଙ୍ଗମାନେ ! ହେ ଭାଇମାନେ !
ମନ ଆନନ୍ଦରେ  ଗୀତ ଗାଇବା
ମାମୁଁ ଗାଆଁ ଦାଦୀଗାଆଁରେ ନାଚ କରିବା
ପୁଅ ଦଳ ଦଳ ଝିଅ ଦଳ ଦଳ ଥିଲେ
ସଭିଏଁ ମିଶି ହସ ଖୁସି ହେଲେ
ଗୀତ ଗାଉଛନ୍ତି ନାଚ କରୁଛନ୍ତି
ପରଜାଗାଆଁ ହସ ଖୁସିରେ ଭରିଛି
ଧାଙ୍ଗଡା ଧାଙ୍ଗଡୀମାନେ ସବୁ ଗୀତ ଗାଇଲେ
ସାଙ୍ଗରେ ମିଶିଲେ ସାଙ୍ଗରେ ଭେଟିଲେ
ଗପ କହିଲୁ ନାଟ କରିଲୁ
ଆମେ ଯୁବକ ଯୁବତୀମାନେ ।

⁂⁂⁂

# ନୂଆକତାର ଗୀତ୍

(ନୂଆ ଖାଇବା ସମୟର ଗୀତ)

ଆଲ ମାରି ମାମାଣି
ସଲମାରି ଗୁଣ୍ଡେରି
ଶୁଣ ଶୁଣୁ ମେଣାତି
ଜାଣୁ ଜାଣୁ ସନାତି
ସତ୍‌କତ୍‌ତା ସତ୍‌ତିଆହ
ଟେଙ୍ଗାମାରି ସତିଆହ
କହି କଲିମୁ ବଡେ ଜାଡ୍ ରଇଲିସୁ
ଜାଲି ଶଗୁଡୁହ ଡୁକା ଡୁକା ସୁଗୁଡୁ
ଆଜି ରାତି ଶଗୁଡୁହ
ଆଜି ବେଡୁ ମୁଇଁଦାନୁ
ବସୁଲହ ମାମାଣି ଉଟ୍‌ଲହ ଗୁଣ୍ଡେରି
ଅୟ ଅୟ ମେଣାହ ଅୟ ଅୟ ଦୁଦୁ ବାଇ ।

ଓଡିଆ ଅନୁବାଦ :

ଆଲୋ ମୋର ସଙ୍ଗାତ
ଆଲୋ ମୋର ଗୁଣ୍ଡେରୀ
ଶୁଣ ଶୁଣ ମୋର ମାମୁଁ ପୁଅ ଭାଇ
ଜାଣି ଯାଅ ଜାଣିଯାଅ ସୁନାଧନ
ସତ କଥା ସତ ହେ
ପୁରାପୁରି ସତ ହେ ।
କଲି କରୁଥିଲୁ ବଡ ଆଣ୍ଟୁ ଥିଲୁ
ଜାଲି ଶଗଡରେ ଡୁକା ଶୁଗଡ
ଆଜି ରାତି ଶଗଡ ହେ
ଆଜି ଅଦକ ମୁଁ ଧନ
ବସିଲୁ ହେ ସଙ୍ଗାତ
ଉଠିଲୁ ହେ ସଙ୍ଗାତ
ହଉ ହଉ ମାଉସୀ ପୁଅ ଭାଇ ।

***

# ଲନ୍ଦି ଯାତ୍ରା ଯାତା ଗୀତ୍

କାରଙ୍ଗା ଲନ୍ଦି ବଲାଇଁ କାଇଁ ନୂନୀ
କାରଙ୍ଗା ଲନ୍ଦି ବଲାଇଁ
ସବୂଲକ୍ ବାରଓ୍ୱା ନୂନୀ ବାରଓ୍ୱା
ଦେକୁଲା ପର୍ ଯୁଆ କାଇଁ ଆଲେ
ଚିନୁଲା ପର୍ ଯୁଆ କାଆ ଆଲେ
ନୂନୀ ନାଚଲ୍ ପର୍ ଯୁଆ କାଇଁ
ଆସାରେ ମାତୁ ଅଲେ ଦରା କାଇଁ
ଆସା ଦାଉଣି ଅଲେ ଦରା କାଇଁ ।
ଲୁଲୁ ଚୁଆରୁ ପାଣି ଚୁଆରୁ
ଆରି ଗଟେକ୍ ଦରି ଆସୁ କାଇଁ
ଆମାର୍ ବାଇ ଆରିଗଟେକ୍ ଦରିଆସୁ କାଇଁ
ଲନ୍ଦିରେ ଡାଣ୍ଡେ ଯୁବକ କାଇଁ
ଆଲେ ଡେମ୍ବୁସା ଡାଣ୍ଡେରୁ କାଇଁ
ମରି ମେଣା ଲନ୍ଦିରେ ଡଣ୍ଡେରୁ କାଇଁ
ମରି ଗରିଆ ଚେଣା ଡେମ୍ବୁସା ଡଣ୍ଡେରୁ କାଇଁ
ଦମକ୍ ଡଙ୍ଗରେ ମରଲା ବାରିଆ ଉତ୍‌ରାଇ ଆଣିଦିଆ
ଗୋରୀ ଗଡି ନାଚୁଲି କାଇଁ ଲୁନୁ
ସୁତୁରାଇଁ ଆଣି ଦିଆ କାଇଁ
ଆଲେ ରଞ୍ଜାଇରେ ଆଣିଦିଆ
ଗୋରୀ ଗଡି ସୁତୁରାଇଁ ଆଣିଦିଆ କାଇଁ ।

ଓଡ଼ିଆ ଅନୁବାଦ :

କାରଙ୍ଗା ଗାଁରେ ନନ୍ଦିଯାତ୍ରା ବୋଲି କହିଲେ
ଝିଅ ନନ୍ଦିଯାତ୍ରା ବୋଲି କହିଲେ
ସବୁ ଲୋକ ବାହାର ହୁଅ,
ଦେଖିଲା ପରି ଯିବା ଚିହ୍ନିଲା ପରି ଯିବା

ନାଚ କଲାପରି ଯିବା ଆସରେ
ଆସ ମାଲ ହୋଇ ଧରାଧରି ହୁଅ
ଧାଡିରେ ଧରାଧରି ହୁଅ ।

ଝରଣା ପାଣି ଝରଣା ପାଣି
ଆଉ ଗୋଟିଏ ଯୁବତୀକୁ ଆସିବା ଧରି
ଆମର ଭାଇ ଆଉ ଗୋଟିଏ ଝିଅ ଧରି ଆସିବା
ନନ୍ଦି ଦାଣ୍ଡରୁ ଆଉ ଡେମ୍‌ସା ଦାଣ୍ଡରୁ
ଆଉ ଗୋଟିଏ ଯୁବତୀକୁ ଧରିଆସିବା

ପାହାଡ ଶିଖରେ ଶିକାର ବାରହା ସେଠାରୁ ଆଣିଦିଅ
ଗୋରୀ ନାଚୁଛି ଯିବା ତ..
ତାକୁ ମନାଇକରି ଆଣିଦିଅ
ତାକୁ ବୁଝାଇ କରି ଆଣିଦିଅ
ସୁତୁରାଇ କରି ଆଣି ଦିଅ ।

***

# କାମା ଗୀତ୍

## ବିବାହର କୌତୁକ ଗୀତ(୧)

କନିଆର୍ ଉବାସି ହାନ୍ଧା କାନା
ବରର୍ ଉବାସି ହାନ୍ଧା କାନା
କନିଆର୍ ଆସି ଲୋଡକାନୀ
ବରର ଆସି ଲୋଡ କାନା ।
ଶୁଣ୍ ଶୁଣ୍ ଯୋଗୁରେ ଡେଲି
ଶୁଣଶୁଣ୍ ମୁଟେକ୍ ହିରି ।
ଶୁଣ୍ ଶୁଣ୍ ଘର୍‌ରୁ ମାତା
ଶୁଣ୍ ଶୁଣ୍ ଘରରାରୁ ପିତା ॥

ରାଣୀରେ ଢାଡାତେଲୁ ଛଗାଇଲାଇ

କିସାରେ ଢଡା ଢଗାଇଲା ।

**ଓଡିଆ ଅନୁବାଦ:**

କନିଆର ବାପ ଚେପ୍‌ଟା କାନା

ବରର ବାପ ଚେପ୍‌ଟା କାନା

କନିଆ ମାଆର ଲମ୍ବା କାନ

ବରମାଆର ଲମ୍ବା କାନ

ଶୁଣ ଏକଥା ଶୁଣ ଶୁଭଖୁଣ୍ଟ !

ଶୁଣ ଶୁଣ ମୁଠାଏ ବିରି

ଶୁଣ ଶୁଣ ଘରର ମାତା

ଶୁଣ ଶୁଣ ଘରର ପିତା

ରାଣୀଜଡା ତେଲ ଲଗାଇଲା

କେଉଁଜଡା ତେଲ ଲଗାଇଲା ।

***

## ବିବାହରେ ବରଯାତ୍ରୀଙ୍କ ଗୀତ(୨)

କାମା -ମା-ବାବୁ ଦନୁରଇ

ଶୁଳାମା ଦନୁରଇ

କାମାରଇ କାମା ଗଡିରଇ

କାମା ମା ଶୁଳାମା ଗଡିରଇ ।

କାମା - ମା - ବାବୁ ଦନୁରାଇ

ବାଇରେ ହରୁ ରାଜିଆ

ଦାଦାରେ ଦୁରୁ ଦେଶୀୟ

ଆଇକି-ହଚିଆଛୁଲିସ୍

କି ହଚୁଲି ଆଚୁଲିସୁ

କି କେଟୁଲି ଆଚିସୁଛୁ ।

ଆଇ ବାଇରେ ହରୁ ରାଜିଆ

ଦାଦାରେ ଦୁରୁ ଦେଶିୟା

ଦାଦାରେ ଦୂରୁ ଦେଶିୟା
ଆଇ ବିକି ହାଜେରୁ ମାରୁକେ୍
ଟାଣିଲୋ ଲୋଟା ଢିକୁକେ
ହଟୁଲେ କାୟମର୍ ଦିନିର୍ ।

ଓଡିଆ ଅନୁବାଦ :

ହେ ସାମନ୍ତ ହେ ବାବୁ ଧନସବୁ
ଶୁଣ ଧନସବୁ
ହେ ମୋର ସାଙ୍ଗ ସାଥୀମାନେ
ଶୁଣମୋ ସାଙ୍ଗସାଥୀମାନେ
ହେ ସାମନ୍ତ ବାବୁ ମାନେ
ହେ ଭାଇ ପରଦେଶିୟା
ହେ ଦାଦା ପରଦେଶିୟା
ଆସି ପହଞ୍ଚିଗଲି ଆସି ପହଞ୍ଚି ଗଲି
ଆସିଗଲି ହେ ପରଦେଶିୟା ଭାଇ
ହେ ପରଦେଶୀୟା ଭାଇ ।
ଦେ ଦାଦା ପର ଦେଶିୟା
ଆସିଛି ମୁଁ ମୁଦି ମାଗିବା ପାଇଁ ।
ଜୋର ଜବରଦସ୍ତ ମୁଦି ମାଗିବା ପାଇଁ
ହେ ପରଦେଶିୟା ଭାଇ ।

***

## ବିବାହ ଗୀତ(୩)

(ବିବାହ ବେଦୀରେ ବନ୍ଦାଣ ସମୟରେ ଯୁବକ ଯୁବତୀମାନେ ଗାନ କରିଥାନ୍ତି)

କାମାମା ବାବୁଧନୁ
ସୁତାମା ଢିଆ ଦନୁକାଇଁ
ଆମିଜୁଡି ଖଜି ଖଜି ବୁଲୁଲୁ
ଆମି ଘଡି ଖଜି ଖଜି ବୁଲୁଲୁ
ଆମି ଇନ୍ଦା ଖାଉଁ ଆମି ମଦ୍‌ଖାଉଁ
ଆମି ଶର୍‌ଦା କୁରନ୍ଦ୍ ଆମି ଗୀର୍‌ଦା କରୁନ୍ଦ୍
ଆଜି ଆଜି ଗଟେକ୍ ଦିନ୍ ଗଟେକ୍ ଦିନ୍

ଆଜି ଆଜି ଗାଇ ଗଠାଣି ଆଜି ଆଜି ଛେଡି ଗଠାଣି
ଆଜି ଆଜି ମାନାଇ ଗଠାଣି
କାଲିକେ ମାଛ ଗାଡେ ଯାଉଁନ୍ଦ୍
କାଲିକେ କନ୍ଦା ଖଡି ଯାଉଁନ୍ଦ୍
କେଦାରୁ ଆଣୁନ୍ଦ୍ ଆମେ ଦାରୁ ଆରୁନ୍ଦ୍
କେ ହତାର୍ ଆଣୁନ୍ଦ୍ ଏ ଘଡିରୟ ଘଡିରୟ
ଏ ସେନାରୟ ସୋନାରୟ
ସାଟେ ସରୁଣୁ ଲାଗୋବେ
ଆମି ଉଠି ଯାଉନ୍ଦ୍ବେ
ତୋର୍ ସାଙ୍ଗେ ଗାଟି ନଉନ୍ଦ୍ବେ
ତୋର୍ ସାଙ୍ଗେ ଲାଡି ନଉଁନ୍ଦ୍ବେ
ଆମେ ବାରି ଯାଉନ୍ଦ୍ବେ
ଆଶାକାଇ ଦନୁ ଆସାବେ
ନାଇଁ ନାଶୁ ଗଡି ନାଶୁବେ
ଆମେ ଯାଉନ୍ଦ୍ବେ ଆମର୍ ଗରେ ଯାଉନ୍ଦ୍ବେ

**ଓଡ଼ିଆ ଅନୁବାଦ :**

କୁହ କୁହ ବାବୁଧନହେ
ଶୁଣ ଶୁଣ କନ୍ୟା ରତନ
ଆମେ ମିଶି ଖୋଜି ଖୋଜି ବୁଲୁଛୁ
ଆମେ ମିଶି ଖୋଜି ଖୋଜି ବୁଲୁଛୁ ।
ଆମେ ହାଣ୍ଡିଆ ପିଇବା ପୁଣି ମହୁଲୀ ପିଇବା ।
ଆମେ ମଉଜ୍ କରିବା ପୁଣି ଖୁସି ହୋଇବା ।
ଆଜି ଆଜି ଗୋଟିଏ ଦିନ ଗୋଟିଏ ଦିନ ।
ଆଜି ଆଜି ଗାଈଗୋଠ
ଆଜି ଆଜି ଛେଳି ଦଳ
ଆଜି ଆଜି ଲୋକ ସମୂହ
ଆସନ୍ତା କାଲି ମାରିବାକୁ ନଦୀକୁ ଯିବା ।
ଆସନ୍ତା କାଲି କନ୍ଦା ଖୋଳିବାକୁ ଯିବା
କିଏ କାଠ ଆଣିବକୁ ଯିବ ହେ ସାଙ୍ଗ ।
କିଏ ପତ୍ର ଆଣିବାକୁ ଯିବ ହେ ସାଙ୍ଗ

ଷାଠିଏ ପ୍ରଣାମ କରିଣ
ଆମେ ଉଠି ଯାଉଛୁ
ତୋ ସାଙ୍ଗରେ ଆଉ ଭେଟ ହେବୁ
ତୋର ସାଙ୍ଗରେ ଆଉ ଗେଲ ନ ହେବୁ ।
ଆମେ ବାହାରି ଯାଉଛୁ ।
ଆସହେ ସାଙ୍ଗେ ଆସ ହେ
ଆସିବିନି ସାଙ୍ଗ ଆସିବିନି
ଆମେ ଆମର ଘରକୁ ଚାଲି ଯିବୁହେ ।

❋❋❋

## (୪)

ଜୁଲୁ ଦାଡେ ନିଆଡି କୁଡିନିଆଡି
ଡଣ୍ଡେ ବାରୁବେ ବାଟେ ବାରୁବେ
କୁଡି ଦାଙ୍ଗ୍‌ଡା ବାଡ୍ ନିଆଡ଼ି କୁଡି ନିଆଡି
ଦାଡ୍ ଦାଙ୍ଗ୍‌ଡ଼ି ଖୁଡି ଦାଙ୍ଗ୍‌ଡି
ଦାଡ୍ ନିଆଡି ଖୁଡି ନିଆଡି
ଦାଡ୍ ଦାଙ୍ଗ୍‌ଡି ବୁଟା ଦାଙ୍ଗ୍‌ଡି
ସାଇ ମୁଣ୍ଡେ ସକ୍‌ଡି ମୁଣ୍ଡେ ହୁଣି
ଉତୁର୍‌ତେ ଆସୁ ଗସୁର୍‌ତେ ଆସୁ
ଇ ସାଇ ବିତ୍‌ରେ ହଡା ବିତ୍‌ରେ
ତିନି କଲି ଦଣ୍ଡ୍‌କେ ଚାରିକଲି ବାଟ୍‌କେ
ମୁଇଁ ବୁଲି ଯାଏଁନ୍ଦ୍ ଚାଲି ଯାଏଁନ୍ଦ୍
ଇ ଗାଁ ବିତ୍‌ରେ ସାଇ ବିତ୍‌ରେ
ମୁଇଁ ଚାଲିଯାଇନ୍ଦ୍ ବୁଲିଯାଇନ୍ଦ୍
ବନ୍ଦାମୁଦୁଲୀ ଗାଉଁ ଚନ୍ଦାନ୍ ଯାନୀ କାଉଁ
ହାତ୍ ନାଇଁ ଗୋଡ୍ ନାଇଁ ରାଙ୍ଗିଯାଇନ୍ଦ୍ ତରଙ୍ଗି ଯାଇନ୍ଦ୍
ମୁଇଁ ଶର୍‌ଦାକେ ସୁନ୍ଦୁର୍ କେ
ମୋର ଜୀବନ୍ ନେରେ ହରାଣ୍ ନେରେ
ଦଙ୍ଗଡା ରାଶି ଦଙ୍ଗଡୀ ରାଶି ବୁଲ୍‌ଲେକ୍ ସରି
ମକେ ମୁଡ୍‌କେ ଜୀବନ୍ ନତଉଁରେ

ବୁଲ୍ ବୁଲ୍ ହର୍ ଲାଗେଦ୍ କେଲ୍ କେଲ୍ ହର୍ ଲାଗେଦ୍

ଶରଦା ବିତ୍‌ରେ ସୁନ୍ଦୁର୍ ବିତ୍‌ରେ

ମୁଇଁ ହାଜାଇତି କାଇଁକି ବୁଲ୍‌ତି କାଇଁକି

ତାକାର୍ ସଙ୍ଗ୍ ସଙ୍ଗ୍ ମୁଇଁ ଶରଦା ଅଇତ ସୁନ୍ଦୁର୍ ଅଇତି

ଗାଡ୍ ଦଙ୍ଗ୍‌ଡା ସାଙ୍ଗ୍ ଖୁଡ଼ି ଦଙ୍ଗ୍‌ଡା ସାଙ୍ଗ୍

ଓଡ଼ିଆ ଅନୁବାଦ :

ଚାଲ ଚାଲ ଦାଡେ ନିଆଡ଼ି କୁଡ଼ିନିଆଡ଼ି

ଦାଣ୍ଡକୁ ବାହାରିବା ବାଟକୁ ବାହାରିବା

କୁଡ଼ି ଯୁବକ ବାଡ଼ି ନିଆଡ଼ି କୁଡ଼ିନିଆଡ଼ି

ଦାଣ୍ଡ ଯୁବତୀ, କୁଡ଼ି ଯୁବତୀ

ଦାଣ୍ଡ ଯୁବତୀ, କୁଡ଼ି ଯୁବତୀ

ଡେଙ୍ଗା ଯୁବତୀ ଗେଡ଼ୀ ଯୁବତୀ

ସାଇ ମୁଣ୍ଡରେ ସଡକ ମୁଣ୍ଡେ ପୁଣି

ବାହାରି ଆସିବା ଓହ୍ଲାଇ ଆସିବା

ସାଇ ଭିତରେ ଦାଣ୍ଡ ଭିତରେ

ତିନି ସାଇ ଦାଣ୍ଡକୁ ଚାରି ସାହି ବାଟକୁ

ମୁଁ ବୁଲିଯିବି ମୁଁ ଚାଲିଯିବି

ଏ ଗାଆଁର ସାହି ଭିତରେ

ମୁଁ ଚାଲିଯିବି ମୁଁ ବୁଲିଯିବି

ବଦାମୁଦୁଲୀ ଗାଆଁକୁ ଚନ୍ଦନ ଜାନୀ ଗାଆଁକୁ

ହାତନାହିଁ ଗୋଡନାହିଁ ଗୁରୁଣ୍ଡି ଘୁଷୁରି ହୋଇ ଯିବି

ମୁଁ ଶରଧାରେ ସୁନ୍ଦରରେ

ମୋର ଜୀବନ ଆତ୍ମାକୁ ନେଇଯାରେ

ଯୁବକଦଳ ଯୁବତୀ ଦଳ ବୁଲିଲେ

ମୋର୍ ଜୀବନ ରହୁନାହିଁ

ବୁଲିଯା ବୁଲିପା ଭଳି ମୋତେ ଲାଗିବ ଖେଳ ଖେଳ ପରି ଲାଗିବ

ଶରଧା ପାଇଁ ସୁନ୍ଦର ପାଇଁ

ମୁଁ ବୁଲିବାପାଇଁ ଯାଇଥାନ୍ତି କି
ତାଙ୍କ ସାଙ୍ଗରେ ମୁହିଁ ହସଖୁସି କରିଥାନ୍ତି
ଗାଡ ଯୁବକ ସାଙ୍ଗେ କୁଡି ଯୁବକ ସାଙ୍ଗେ

⁂

## (୫)

ମସିହଦୂର୍ ଯିଲୁ କାଇଲୁ
କାନ୍ଦା ଚରେନ୍ଦା ମାଚ୍ କାକ୍ଡା
ବନ୍ଦାମୁଦୁଲି ଗାଉଁ ଚନ୍ଦାନ୍ ଯାନି ଗାଉଁ
କାନ୍ଦା କଣ୍ଡେ କାଇଲୁ ମାଚ୍ ଦର୍ଡେ କାଇଲୁ
ମୁଣ୍ଡାବାନ୍ଦ୍‌ଲୁ ମାଚ୍ ଚିଚ୍‌ଲୁ
ବୁଟିଂଶାବଡ୍ ବୁଟି କଡ୍‌କି ଦେଲୁ କାନ୍ଦା ଖଣ୍ଡଲୁ
ଯିଲୁ କାଇଲୁ ବଡେ କାକୁଲ୍‌ତି
ବଡେ ଇନ୍‌ସତା
ଗରେ ରନ୍ଦାନାଇଁ ସାଡେ ବାନ୍ଦାନାଇଁ
ଚାନି ହିରିନାଇଁ କୁଡେ ମାଟିନାଇଁ
ସନ୍ କରି କାଇଲୁ ସନ୍ କରି ଢୀଇଁଲୁ
ମାମୁଁ ଗାଉଁ ଦାଦୀ ଗାଉଁ ଢୀଇଁଲୁ କାଇଁଲୁ
ଦେଶ୍ ଦର୍‌ଲାଇଁ ରାଜି ଦରଲାଇଁ
ଆବିଆକା ବନ୍ ବସ୍‌ତେ ଅଇଲ୍
ସରକାର୍ ଅଇଲାଇଁ ଲେଖାହଡା କଲାଇଁ
ଇରିଣ୍‌କି ବାଡି ନିଆଁ ବଲାଇଁ
ତୁମି ଢିଓ୍ଵାକାହା ତବେ ସୁସ୍‌ଥା ଉଆସ୍
ତୁମି ମାଚ୍ କାକ୍ଡା ଚାଡା
ଡଙ୍ଗୁର୍ ଗଡ୍‌ଦି ମାରା ଆର୍ କାହା ଢିଓ୍ଵା ବୋଲି
ବନ୍ଦା ମୁଦୁଲି ଚନ୍ଦାନ୍ ଜାନୀ

ଓଡିଆ ଅନୁବାଦ :

ମସିପଦର ଗାଆଁରେ ଆମେ ରହିଲୁ
କନ୍ଦା ମୂଳ ମାଛ କଙ୍କଡା ଆମେ ଖାଇଲୁ

ବଦାମୁଦୁଲି ଗାଆଁ ହେ ଚନ୍ଦାନ୍ ଜାନୀ ଗାଆଁ

କନ୍ଦା ଖୋଳି ଖାଇଲୁ ମାଛଧରି ଖାଇଲୁ

ହିତ ବାନ୍ଧିଲୁ ମାଛ ଧରିଲୁ

ଭଙ୍ଗା ଶାବଳ ଓ ଭଙ୍ଗା କୋଡିଧରି କନ୍ଦା ଖୋଳିଲୁ

ବଞ୍ଚି ରହିଅଛୁ ବହୁତ କଷ୍ଟରେ

ଆମେ ବହୁତ ହିନସ୍ତାରେ

ଘରେ ରନ୍ଧାନାହିଁ ଗୁହାଳରେ ବନ୍ଧାନାହିଁ

ଚାଳରେ ଛଣ ନାହିଁ କାନ୍ଥରେ ମାଟିନାହିଁ

ସେହିପରି ଖାଇଲୁ ସେହିପରି ବଂଚିଲୁ

ମାମୁଁ ଗାଆଁରେ ଦାଦା ଗାଁରେ ବଂଚି ରହିନ୍ଥୁ

ଦେଶ ଧରିଲେ ରାଜ୍ୟ ଧରିଲେ

ବର୍ତ୍ତମାନ ବନେ ଆମେ ରହିଲୁ

ସରକାର ଆସିଲେ ଲେଖାପଢା କରିଲେ

ଋଣ କି ନିଅ ବୋଲି କହିଲେ

ତୁମେ  ଖାଇ ବଞ୍ଚ ତାହେଲେ ରହିବ ସୁସ୍ଥ

ତମେ ମାଛ କଙ୍କଡା ଧରିବା ଛାଡ

ପାହାଡ ପର୍ବତରେ ଚାଷକରି ଖାଇ ରୁହ

ବଦାମୁଦୁଲି ଚନ୍ଦନଜାନୀ ।

⁂⁂⁂

# ପୁଷ୍ ହରବ୍ ଗୀତ

## ପୌଷ ପର୍ବ ଗୀତ (୧)

ଆଲୁ ମାମାଣି ଆଲୁକାଇଁ

ଖେଟିଲା ଦାଦି ଗାଁଓ୍ୱେ ହୁଂଚୁଲା ମାମୁଁ ଜାଗାଇଁ

ଇନ୍ଦା ଚକୁନି ଧରୁତେ ଖାଉଁଲାଇ ମାମୁଁରଇ...

ଖେଟୁଲା ଦାଦି ଖେଟୁଲା

ହଂଚୁଲା ମାମୁଁ ହଂଚୁଲା

ଦାଦୀ ଆଇଲାରୁ ଗିନେ
ମାମୁଁ ହଂଚୁଲାରୁ ଗିନେ
ସରୁଦା କଲା ଆଜି
ଗିରୁଦା କଲା ଆଜି
ସୁନାହୁଲୁ ହୁଟୁଲି
ରୂପା ହୁଲୁ ହୁଟୁଲି
ସରୁଦା କଲା ଦାଦାରଇ
ଗିରୁଦାକଲା ମାମୁଁରଇ
ମଦୁକାତେ ବାୟା ଅଇଲା
ଲନ୍ଦା କାଇତେ ଚନ୍ଦା ଅଇଲୁ ।

ଓଡିଆ ଅନୁବାଦ :

ହେ ମାଁ ଧନ ହେ ବାପା ଧନ,
ପହଞ୍ଚିଲ ବାବୁଗାଁକୁ
ପହଞ୍ଚିଲ ମାମୁଁଙ୍କାଗାକୁ ।
ହାଣ୍ଡିଆ ଦୋନାଧରି ପିଉଛନ୍ତି ମାମୁଁହେ ।
ପହଞ୍ଚିଲା ଦାଦା ପହଞ୍ଚିଲା
ପହଞ୍ଚିଲା ମାମୁଁ ପହଞ୍ଚିଲା ।
ଦାଦା ଆସିବା ପାଇଁ
ମାମୁଁ ପହଞ୍ଚିଲା ପାଇଁ ।
ଶରଧା କଲେ ଆଜି
ସେନେହ କଲେ ଆଜି ।
ସୁନା ଫୁଲ ଫୁଟିଲା
ରୂପା ଫୁଲ ଫୁଟିଲା
ଆନନ୍ଦ ଦେଲା ଦାଦା ହେ
ଖୁସିହେଲୁ ମାମୁଁ ହେ ।
ମଦ ପିଇ ବାୟା ହେଲୁ
ହାଣ୍ଡିଆ ପିଇ ଟାହିଟାପରାକଲୁ ।

***

## ପୁଷ୍ ହରବ୍ ରିଂଜଡୀ ଗୀତ୍ (୨)

ସିଆଡି ହତାରୁ ସଡ୍‌କୁ ଚୁଙ୍ଗା
କୋଲାଇ ଚାଡ୍ରୁଲେ ଧୂଆଁ
ଇତି ନିଆଁଇ କଲାଇ ନିଆଁ ନିଚିଡେ କାଇ
ଆଶାକରାହୁଂଟ୍ ଯାଓ୍ୱା
ଚେଡିରାଶି ମେଣ୍ଡା ରାଶି
ଅଉଡା ଗଚେ ଗଟୁ ବିଡାଗଚେ ଗଟୁ
କଟେକ୍ ଶାଶୁରେତି ଶୁଶୁରା ରେତି କାଇ
ନୁନୀ ମାରେନେଶି ଯଟୁ
ସଡକ୍ ବାଟାର୍ ରେଙ୍ଗଟି ଗଡା
ବାଙ୍ଗ୍‌ଟି ଗଡ୍‌ଗଡ଼ା
ବଂଇଡ଼ୀ ନୁନୀର ଆତୁଲାଡ଼ାର୍
ହାଙ୍କେର୍ ଜଡ଼ାବଡ଼ା
ବଂଇଡୀକେ କାଇନିକ୍
ମାନୁଲିହ ବାଙ୍ଗଟି ଗଡ୍ ବଡା
ଠଇଁଲା ମାରୁ ଖଡେ  କିନ୍ଦ୍‌ରା ମାରୁ ଖଡେ
କାଇବ ଆଟୁ ବସୁଲି ହୋ ଖଣ୍ଡା ମାଡି ତଡେ
କାଇବ ଆଟୁ ବସୁଲିହୋ ଡଙ୍ଗା ମାଡି ତଙ୍କେ
ହାଙ୍କେରୁ ଗେନି ଦିନ୍ଦେ ନୁନୀ
ଆଟୁବାଙ୍ଗା ବେଡେ
ହିତୁଡୁ ଚିହଣା ହିନ୍ଦାଇନ୍ଦେ
ବଡୁକସା ତଡେ

ଓଡିଆ ଅନୁବାଦ :

ସିଆଳୀ ପତର ସଇଖ ପିକ୍‌କା
ଖେଳାଇ ଛାଡୁଛି ଧୂଆଁ
ଏଠିନ୍ୟାୟ କଲେ ତୁଟିବ ନାହିଁ
ଆସ କୋରାପୁଟ୍ ଯିବା

ଛେଳି ଗୋଠ ମେଣ୍ଢଗୋଠ

ଅଁଳା ବାହାଡା ଗଛତଳେ ଗୋଠ

କେତେ ଶାଶୁଥିବେ କେତେ ଶ୍ୱଶୁରଥିବେ .

ଝିଅ ଭଲକରି ଗୋଡ଼ ପକାଇବୁ

ସଡ଼କ ବାଟର ଉପରେ ଗୋଡି

ଗୋଡ଼ି ଆବଡ଼ା ଖାବଡ଼ା

ବଂଙ୍ଗତୀ ଝିଅର ହାତ ହଲାଇବା

ମୁଦି ତାର ଯୋଡା ଯୋଡା

ବଂଙ୍ଗତୀକୁ ସୁନ୍ଦର ଦିଶୁଛି

ବଙ୍କା ଗୋଡ ବଲା

ଡୁଡୁଙ୍ଗା ବଜାଇବା ଧିରେ କେନ୍ଦରା ବଜାଇବା ଧିରେ

କି ହାଟ ବସୁଛି ହେ କଣ୍ଡାମାଳୀ ପର୍ବତ ତଳେ

କି ହାଟ ବସୁଛି ହେ ଡଙ୍ଗା ମାଳୀ ତଳେ

ମୁଦିକିଣି ଦେବି ଲୋ ଝିଅ

ହାଟ ସାରିଲା ବେଳେ

ପିରଳର ମୁଣ୍ଡଚପା ପିନ୍ଧାଇ ଦେବି

ତୋର ବଡ ଖୋସାରେ ।

⁂⁂⁂

## ପୌଷପରବ ଗୀତ/ପୁସ୍ ହରବ୍ ଗୀତ୍(୩)
## (ପୌଷ ପର୍ବ ଗୀତ)

ଙ୍କରୁଣ୍ଣୁ ମାଡି ଚେଡ଼େ ମାଡି ଙ୍କରୁଣ୍ଣୁ

ଙ୍କରୁଣ୍ଣୁ ଚିପା ଚେଡେ ଚିପା ଙ୍କରୁଣ୍ଣୁ ।

ନିଶାଣି ମୁ ମୁଣ୍ଡାକେ ହ ମାନୁ ମାଗିଗଲୁ

ଆତା ପାଟୁକେ ପାଦେ ପଡି ପଡିଗଲୁ ।

କଟୁଦେ କଟୁଦେ କଟୁ ବରଇ

ଡିସାଦେ ଡିସାଦେ ଡିସା ବରଗ ।

ଦେଶ ଶୁ ବୁଲୁକେ ଆଚେପ ସନା
ରାଜି ବୁଲୁକେ ଆଚେରେ ଜାନ
ଗୋତୁକେ କାଟା ବା ନାସରେ ସନା
ମୁଣ୍ଡୁକେ ଲଟା ବା ନାସରେ ଜାନି
କେଲି ଯାଅଁଇ କେଲି ଯାଅଁଇ ଲମା ଦଙ୍ଗୁଡା
ବୁଲି ଯାଅଁଇ ଡାଡୁ ଦଙ୍ଗ୍‌ଡା
ପୁଷେ ନୁନିବା ଡାକୁ ଆଇଲି
ମାଗେ ନୁନିବା କୁଦୁ ଆଇଲି ।
ଯୁଆ ନୁନୀ ନାଚୁକେ ଯୁଆ
ଯୁଆ ହୋ ନୁନୀ ଗୀତୁ ବେକୁଆ ।

**ଓଡିଆ ଅନୁବାଦ:**

ଝରଣ ମାଳି ଚଢେଇ ମାଳି ଝରଣ ।
ଝରଣ ଚିପା ଚଢେଇ ଚିପା ଝରଣ ।
ଗ୍ରାମ ଦେବତୀଙ୍କୁ ଆଦେଶ ମାଗିଗଲୁ
ପିଉସୀ ନାନୀର ପାଦେ ଜୁହାର କଲୁ ।
ଖଟଦେ ଖଟଦେ ଖଟ ଦଉଡି
ଦିଶିବ ଦିଶିବ ଦିଶା ଦଉଡି
ଦେଶ ବୁଲିବାକୁ ଅଛିରେ ସାଙ୍ଗ
ରାଇଜ ବୁଲିବାକୁ ଅଛି ରେ ଝିଅ
କୁଣିଆ ଯିବାକୁ କଣ୍ଡା ଲଟା ସାଙ୍ଗ ସରୁ ନାହିଁରେ
ମୁଣ୍ଡକୁ ଲଟା ବା ଜଟି ମଧ୍ୟ ପୂଜାରୀ ସରୁ ନାହିଁରେ
ଖେଳି ଯିବା ଖେଳି ଯିବା ସାଙ୍ଗ ଯୁବକ
ବୁଲିଯିବା ବୁଲିଯିବା ଅବିବାହିତ (ଡିନ୍‌ଡା) ଯୁବକ
ପୌଷ ଝିଅ ମଧ୍ୟ ଡାକିବାକୁ ଆସିଲା
ମାଘ ଝିଅ ମଧ୍ୟ ଡାକି ଆସିଲା
ଯିବା ଝିଅ ନାଚିବାକୁ ଯିବା
ଯିବାରେ ଝିଅ ଗୀତ ଗାଇବା ।

***

## (୪)

### ପୁଷ୍ ପରବରେ ଲନ୍ଦା ଖାଇ ସାରିବା ପରେ ଉଭୟ ଧାଙ୍ଗଡା ଧାଙ୍ଗଡୀ ଗୀତ ବୋଲିଥାନ୍ତି

ଧାଙ୍ଗଡା - ସତ୍‌ତ୍ରୁ କାତ୍‌ତା ସତ୍‌ତିଆ
ଟେଙ୍ଗ୍‌ଲଗେ ମାର୍‌ଲା ହାତ୍‌ତିଆ...
କଇଦିନ୍‌ନୁନୀଗା
ହାଗୁଜାରୁ ଗୀତୁ ହୁସୁମାସୁ ହରବୁ...

ଧାଙ୍ଗଡୀ - କଉତବେ ବାଇରେ ଶୁଣି ଦକୁବେ
ହଗୁଜାରୁ ଗୀତୁ ଅଲେ ଜାଣି ଦକୁବେ
ମୁଇଁ ଚାରି ଚିରା ଡଗ୍‌ଗାଇ
ଚାରିମାଡି ଉଦ୍‌ଦ୍ରୁଡି
ଖେଟି ଗଲେ ବାଇରେ
ହଚ୍ଛିଗଲେ ନିନ୍ନାରେ
ଆଜି ବଲି ଦାକୁବେ ଗୀତାରୁ ବାସାମନ୍
ସରୁଦାରୁ କତ୍‌ତାମନ୍

ଧାଙ୍ଗଡା - ବଲି ଦାକିନ୍ଦ୍ ନୁନୀଗା
କଇଦାକିନ୍ଦ୍ ନୁନୀଗା
ଶୁଣିଦକୁ ତବେ ନୁନୀଗା
ଜାଣିଦକୁ ବେଣୀଗା
ଡଙ୍ଗୁରେଚାଗୁଲେ ମାର୍‌ଲେ ଗିର୍‌ଲିଉଞ୍ଜି
ଦିକ୍‌କିକରି ଦଙ୍ଗୁଡି ତରଙ୍ଗୀ ଯୁଡିଁଲିସ୍ ନୁନୀଗା

ଧାଙ୍ଗଡୀ - ଦକୁତବେ ନୀନାରେ ଶୁଣୁକିନା ବାଇରେ
ଆଜି କଇଦିନ୍ଦେ ତକେ ବଲି ଦିନ୍ଦେ ତକେ
ହଗୁଜାରୁ ଗୀତୁ ହୁସୁହରୁବ୍ ମାସୁ
ଆଜି ଲନ୍ଦା କାଇ କରି ମହୁ ଭଞ୍ଜିକରି
ମାଡ଼ିଗଲେ ନୁନୀଗା ତୁଡିଗଲେ ବେଣୀଗା
ନସୁଲେହେ ନସବେ ହିଟୁ ଲେହେ ହିଟବେ

ଓଡିଆ ଅନୁବାଦ :

ଧାଙ୍ଗଡା - ସତ କଥା ସତିଆ
ଟାଙ୍ଗିଆରେ ଲାଗିଥିବ ପାତିଆ
ପୌଷ ପରବର ପରଜା ଗୀତ
କହିଦେବ ଝିଅ ହେ

ଧାଙ୍ଗଡୀ - କୁହ ତେବେ ଭାଇହେ ଶୁଣିବା
ପରଜାର ଗୀତ ହେଲେ ଜାଣିବା
ମୁଁ ଚାରିଟି ପାହାଡ ଡେଇଁ ଆସି
ପହଞ୍ଚିଲି ଭାଇ ହେ
ହସ ଖୁସି କଥା ଗୀତରେ ସବୁ
ଆଜି କହିଦିଅ ହେ

ଧାଙ୍ଗଡା - ଗାଇ ଶୁଣାଇବି ଝିଅ ହେ
କହି ଦେଉଛି ଝିଅ ହେ
ଶୁଣ ତେବେ ଝିଅ ହେ
ଜାଣି ରଖ ଭଉଣୀ ହେ
ଜଙ୍ଗଲକୁ ଯାଇ କାଟିଲି ଗିରଲିରଞ୍ଜା
ଦେଖି କରି ପଛକୁ ଘୁଞ୍ଚୁଥା ଝିଅ ହେ

ଧାଙ୍ଗଡୀ - ଦେଖ ଶୁଣ ତେବେ ଭାଇହେ
ଆଜି ତୁମପାଇଁ କହିବି ତୁମ ପାଇଁ ଗାଇବି
ପଉଷ ପରବର ପରଜା ଗୀତ
ତୁମ ପାଇଁ ଗାଇ ଶୁଣାଇଲି
ଆଜି ହାଣ୍ଡିଆ ମହୁଲି ପିଇ ମାତାଲ୍ ହେବି
ଖରାପ ହେଲେ ହେଉ ପରବଟି ହେଲେ ହେଉ ।

⁂

## (୫)
## ପୌଷ ପର୍ବ ଗୀତ

ଧାଙ୍ଗଡା - ହାଗ ମାଡି ଉହୁରେ ଦକ୍କୁକିନା ନୁନୀଗା
ଅଇରାମାରି ଆଛେ ବଟ୍ଣୀ ଅଇ ଆଛେ

ହାଇଅଲେ ଐରାବତ୍‌ତୁ ହାଇ ଅଲେ ନାଗୁସାହା
ଚିନ୍ନୁକିନା ନୁନୀଗା ଜାଣୁକିନା ବେଣୀଗା
ଡାଗୁବୁସି ଦକୁବେ ଆଙ୍ଗ୍‌ଟିବୁସି ଦକୁବେ
ଉଟେତ୍ କାଇକି ନୁନୀଗା ଚୁଲୁବୁଲେତ କାଇକି ବେଣୀଗା

ଧାଙ୍ଗଡୀ - କାଇ କତ୍‌ତା କଇନ୍ଦେ କାଇ ଗୀତ୍‌ତୁ ବୋଲୁନ୍ଦେ
କଇ ଦେଖିନ୍ଦ୍ ବାଇରେ କଇ ଦେଖିନ୍ଦ୍ ନୀନାରେ
ମୁଇଁ ଜାଣ୍‌ଲା ଆତେକ୍ ଶୁଣ୍‌ଲା ଆତେକ୍
କଇ ଦେଖିନ୍ଦ୍ ବାଇରେ ଶୁଣି ଦେଖିନ୍ଦ୍ ନୀନାରେ
ଗଗୁ ଦୁଆରି ହେ ଡିସୁଲିସ୍ ବାଇ
ଅବେ ନୁନୀ ଜାଣ୍‌ଲେକ୍ ବେଣୀ ଶୁଣ୍‌ଲେକ୍
ତୋକେ ମୋକେ କାଇ ହାଇ ନୁନୀ ଶୁଣ୍‌ଲେକ୍ ସରି
କରେଜ୍‌କାଇ ନିକାନ୍ନକରେ ଇଜ୍ୟାଇ

ଓଡିଆ ଅନୁବାଦ :

ଧାଙ୍ଗଡା - ସେହି ପାହାଡ ଉପରକୁ ଦେଖ ଦେଖ ଝିଅହେ
ଅଇରାମାରି ଅଛି ଗୁଡେଇ ହୋଇଅଛି
ସେହି ଐରାବତକୁ ସେହି ନାଗସାପକୁ
ଚିହ୍ନିଛ ଝିଅ ହେ ଜାଣିଛ କି ଭଉଣୀ
ବାଡି ଛୁଇଁ ଦେଖିବା ଆଙ୍ଗୁଳି ମାରି ଦେଖିବା
ଉଠିବ ଝିଅହେ ଚଳଚଞ୍ଚଳ ହେବ ଭଉଣୀ ହେ

ଧାଙ୍ଗଡୀ - କି ଗୀତ ଗାଇବି କି କଥା କହିବି
କହି ଦେଖିବି ଭାଇ ଭଉଣୀ ହେ
ମୁଁ ଜାଣିଛି ଏତିକି ଶୁଣିଛି ଏତିକି
କହି ଦେଖିବି ଭାଇହେ ଶୁଣି ଦେଖିବି ଝିଅହେ
ବିବାହିତାପରି ଦେଖାଯାଉଛି ହେ ଭାଇ
ଏବେ ଝିଅ ଜାଣିଲ କି ଭଉଣୀ ଶୁଣିଲ କି ?
ତୁମକୁ ଆମକୁ ଜାଣିଲେ ଭଲ ହେବ ନାହିଁ ।

❋❋❋

(୬)

ଏନୂନୀ ଏବେଣୀ ମୋର୍ ଗର୍ନାଇଁ ଦୁଆର୍ ନାଇଁ
ତୁଇ ଡିର୍ନାଇଁ ଚିତ୍ତା କର୍ନାଇଁ

ଆଜି ଗୀତ୍ କରୁବେ ନାଟ୍ କରୁବେ
ଅତେ କାଇ ହାଇଁ ଡିରୁଲିସ୍କି ନୂନୀ

କେଲାରୁ ଗୀତ୍ କରୁ ଡିରୁ ନାଇଁ
ଏଇ ଚାରି ଦିବସେ ଏଇ ରାତି କାଡେ

ଦେଖୁକିନା ନୂନୀଗା ଚିନ୍ନୁ କିନା ବେଣୀଗା
ଟୋଡି ହାକାଇ କରି ମେସୋ ହାକାଇକରି

ବସ୍ଲା ଇତି ମାମୁଁମନ୍ ବସ୍ଲା ଇତି ଦାଦୀମନ୍
ହିଟି ଗଲେକ୍ ନୂନୀଗା ନସ୍ସି ଗଲେକ୍ ନୂନୀଗା

ହାଇ ମାମୁଁ କଅବେ ହାଇ ବାଦି ବଲବେ
ନସ୍ସୀ ଗଲେକ୍ ସରି ଡିଟ ଗଲେକ୍ସରି

ଧାଙ୍ଗଡୀ– ହାଇ ମାମୁଁ ଶୁଣବେ ହାଇ ଦାଦି ଜାଣବେ
କଇଦେଉଁ ବାଇରେ ବୋଲୁବେ କାଇ ନୀନାରେ

କଇ ଦକ୍କୁବେ ତବେ ବଲ୍ଲିଦକ୍କୁବେ ତବେ
ହରୁଦାରୁ କତ୍ତାମନ୍ ହରୁଜାରୁ ଗୀତ୍ତୁ ମନ୍

ରାଜିଉବ୍ଜୁଲା ଦିନ୍ ହୁରତିଉବ୍ଜୁଲା ଦିନ୍
ଆମାର୍ ହର୍ଜାର୍ ବାସା ଆମାର୍ ହର୍ଜାର୍ ଗୀତ୍ତୁ

ଚଙ୍କୁରଙ୍ଗୁ ଗୀତୁ ମନ୍ ଚଙ୍କୁରଙ୍ଗୁବାସାମନ୍
ଇରିମନ୍ନକମ୍ବାଇ ଇରିମନ୍ ନକ୍ବାଇ

ହାଇ ମାମୁଁ ଶୁଣ୍ଲୋକ୍ ସରି ହାଇଦାଦି ଜାଣଲୋକ୍ ସରି
ଆମ୍ କାଇ ବଲି କଉତି କାଇ ବୋଲି ବଲ୍ତି

ଓଡିଆ ଅନୁବାଦ :

ଯୁବକ – ଏ ଝିଅ ଏ ଭଉଣୀ ମୋର ନାହିଁ ଘରଦ୍ୱାର
ତୁମେ ଡରନାହିଁ ଚିନ୍ତା ନ କର

ଆଜି ଗୀତ ଗାଇବା ଆଉ ନାଚ କରିବା
ଏତେ କାହିଁକି ଡରୁଛ ଝିଅ

ଖେଳ ଖେଳିବା ଗୀତ ଗାଇବା ଡରିବା ନାହିଁ
ଏହି ଚାରି ଦିବସରେ ଏହି ରାତ୍ର ସମୟରେ
ଦେଖ ହେ ଝିଅ ଚିହ୍ନିଥାଅ ହେ ଭଉଣୀ
ଦାଢି ପାଚିଛି ପୁଣି ନିଶ ପାଚିଛି
ବସିଛନ୍ତି ମାମୁଁମାନେ ବସିଛନ୍ତି ଦାଦିମାନେ
ଉଠିଗଲେ ଝିଅହେ ଖରାପ ହେବ ଝିଅ ହେ ।
ସେହି ମାମୁଁ କହିବେ ସେହି ଦାଦି ବୋଲିବେ ।
ଖରାପ ହୋଇଗଲା ଖରାପ୍ ହୋଇଗଲା ହେ

ଯୁବତୀ - ସେହି ମାମୁଁ ଶୁଣିବେ ସେହି ଦାଦି ଜାଣିବେ
କହିଦେବା ଭାଇହେ କହି ଦେବା ଝିଅ ହେ
କହି ଦେଖିବା ତେବେ ଗାଇ ଦେଖିବା ତେବେ
ପରାଜାର କଥାମାନ ପରଜାର ଗୀତମାନ
ରାଜ୍ୟ ସୃଷ୍ଟି ହେଲାଦିନ ପୃଥିବୀ ସୃଷ୍ଟି ହେଲା ଦିନ
ଟାହିଟାପରା ଗୀତ ଟାହିଟାପରା ଭାଷାଶୁଣିଲେ
ସେହି ମାମୁଁ ଶୁଣିଲା ପରେ ସେହି ଦାଦି ଜାଣିଲା ପରେ
ଆମକୁ କ'ଣ ନ କହିବେ କ'ଣ ନ ଭାବିବେ ।

***

## (୭)

ଇରି ଚାରି ହଲିଆ ଇରିଚାରି ଚୁଜାଇ
ବଲିକର କଉତି ବଲିକର ବଲୁତି
ହାଇଜ ମାମୁଁମନ୍ ହାଇଜ ଦାଦିମନ୍
ଅବେ କଇଁ ଦିନ୍‌ଗା ନୁନୀ ଶୁଣିଦେକ୍‌ଗା ନୁନୀ
ଅବେ ସତ୍‌ତୋ ଅଲେ କଅତୁ
ଅବେ ମିଚ୍‌ଚା ଅଲେ ବଲୁତୁ
ହାଇଜ ମାମୁଁମନ୍ ହାଇଜ ଦାଦୀମନ୍
ବାଇଜ ବସ୍‌ଲାଇତି ନୀନାମନ୍ ଉଠ୍‌ଲାଇତି
ଏ ନୁନୀ ଗା ଏବେଣୀ ଗା
ତୁମାରୁ ଆତ୍‌ତା ଅଲେ ତୁମାରୁ ମାଆ ଅଲେ

କୂଦ୍‌ଦାଣ୍ଣୁ କରୁଲି ଦାକାଣ୍ଣୁ କରୁଲି
ବନେ ମଲୁର୍ ଡାକୁଲି କନ୍‌ନେ କୁକ୍‌ଡା ବାସୁଲୀ
ମଣ୍ଡିଆ ଅଲେ ରୁଚୁସି ଦାନ ଅଲେ କଟୁସି
ଚୁଲି ଢଏ ଦାରାଉସି ନୁନୀ ଆଦାଣ୍ ବସାଉସି
ହାଏ ଆତତା କଉଁଲି ହାଏ ନୀନା ବଲୁଲି
ଯୁ ବେଗା ନୁନୀ ଯୁ ବେଗା ବେଣୀ
ବେଡ୍ ଉଦ୍‌ଦେ ଅଇଲିବେ ସକାଡ୍ରୁ ହାଇଲିବେ
ଲୁ ବେଗା ନୁନୀ ଲୁବେଗା ବେଣୀ

**ଓଡିଆ ଅନୁବାଦ :**

ଏଇଟା ଚାରିପଲିଆ ଏଇଟା ଚାରି କାଲି
ଭଲ କରି ଗାଇବେ ଭଲକରି କହିବେ
ସେହି ମାମୁଁମାନେ ସେହି ଦାଦିମାନେ
ଏବେ କହି ଦେବି ଝିଅ ଶୁଣିଦେଖ ଝିଅହେ
ଏବେ କିଛି ସତ ହେଲେ କୁହ
ଏବେ କିଛି ମିଛି ହେଲେ କୁହ ତୁମ୍ଭେ
ସେହି ମାମୁଁମାନେ ସେହି ଦାଦିମାନେ
ଭଉଣୀମାନେ ବସିଛନ୍ତି ପିଲାଏ ଛିଡାହୋଇଛନ୍ତି
ଏ ଝିଅହେ ଏ ଭଉଣୀହେ
ତୁମର ମାଇଁ ହେଲେ ତୁମାର ମାଆଁ ହେଲେ
ବଣରେ ମୟୂର ଡାକୁଛି ଚାଲ କୋଣରେ କୁକୁଡା ଡାକୁଛି
ମାଣ୍ଡିଆ ହେଉ ଅବା ଧାନ ହେଉ କୁଟିବୁ
ଚୁଲରେ ନିଆଁ ଜଳେଇବୁ ହାଣ୍ଡି ବସେଇବୁ
ସେହି ମାଇଁ କହୁଛି ସେହି ନାନୀ କହୁଛି
ପଳାଇ ଯାଅ ଝିଅ ପଳାଇ ଯାଅ ଭଉଣୀ
ସୂରୁଜ ଉଇଁଲାଣି ସକାଳ ହେଲାଣି
ପଳାଇଯାଅ ଝିଅ ପଳାଇଯାଅ ଭଉଣୀ ।

***

## (୮)

## ଧାଙ୍ଗଡା ଧାଙ୍ଗଡୀମାନେ ସନ୍ଧ୍ୟାବେଳେ ମାତିକରି ଗୀତ ବୋଲିଥାନ୍ତି

ରାଇମାଲି ଅଟାଲ୍ ଆଛେହ
ଚିଙ୍ଗାମାଲି ଆଟାନ୍ଦ୍ ଆଛେହ
ବାମି ମଣ୍ଡିଆ ଆଇଦେହ
କନ୍ନାଇ ଦାନ୍ ଆଇଦେହ
ବୁଣୁଲେହ ବୁଣୁଲେହ ବଦାମୁଦୁଲୀ ଚନ୍ଦାନ୍ ଜାନୀ
ବୁଣୁଲେହ ରାଣି ହାଣ୍ଡୁକା କାମ୍ଲାଇ
କୁଜିହାଣ୍ଡୁ କାମ୍ଲାଇ
ବୁଣୁଲେ ବାମି ମଣ୍ଡିଆ ଗଜା ନମିଲି
କୁଜି ହାଣ୍ଡୁକା କାମଲାଇ ବଦାମୁଦୁଲୀ ଜାଗୁ ନଯାମ୍ଲା
ରାଣୀ ହାଣ୍ଡୁକାକେ ଟହସି ମାରି ଉଡାମ୍ଲା
ରାଣୀ ହାଣ୍ଡୁକା କୁଜି ହାଣ୍ଡୁକା ଗଛେ ବସୁଲା
ବଦାମୁଦୁଲି ଗରେ ଆସୁଲା
ଟକି ବସୁଆ ଆଛେକାଇ ରତା ଚଉଁରିଆଛେ ।

ଓଡିଆ ଅନୁବାଦ :

ରାଇମାଳି ମଟାଳ ଜମି ଅଛି ହୋ
ଚିଙ୍ଗାମାଳି ମଟାଳ ଜମି ଅଛି ହୋ
ଛୋଟ ମାଣ୍ଡିଆ ଚାଷ ହେବ ହେ
ଛୋଟ ଧାନ ଚାଷ ହେବ ହେ
ଆଉ ବୁଣିଲେ ହେ ବଦା ମୁଦୁଲି ଚନ୍ଦନଜାନୀ
ରାଣୀ କାପ୍ତା ଖାଉଛନ୍ତି
ଛୋଟ କାପ୍ତା ଖାଉଛନ୍ତି
ସାନ ମାଣ୍ଡିଆ ବୁଣିଲେଗଜା ବାହାରୁ ନାହିଁ
ସାନ କାପ୍ତା ଖାଆନ୍ତି ବଦାମୁଦୁଲି ଜଗିବାକୁ ଯାଉନାହିଁ

ରାଣୀ କାପ୍ତାକୁ ଶବଦ କରି ଘଉଡାଇଲା
ରାଣୀ କାପ୍ତା ଛୋଟ କାପ୍ତା ପଛେ ବସିଲେ
ବଦା ମୁହୁଲି ଘରକୁ ଆସିଲା
ସୁନାର ମୁଦି ସୁନ୍ଦର ଦିଶିଲା ।

ॐॐॐ

## (୯)
## ପୌଷ ପର୍ବରେ ଉଭୟ ଧାଙ୍ଗଡା ଧାଙ୍ଗଡୀ ଗାଉଥିବା ଗୀତ

ଧାଙ୍ଗ୍ଡା: ଦାନୁରେ କରୁବା ମାଣ୍ଡିଆ କରୁବା
କାଇଁ ଦାନୁ କରୁବା,
ପୁଷୁ ହରୁବ୍ ଲାଗି ଆଚେ କରୁ ସରୁଦା
କାଇଁ କରୁ ସରୁଦା

ଧାଙ୍ଗଡୀ : ଦାନୁରେ କରୁତା ମାଣ୍ଡିଆ କରୁତା
କାଇଁ ଦାନୁ କରୁତା
ତୁମି ଆମି ମିଶଲା ଦିନ୍କରୁ ସରୁଦା
କରୁ ଗିରଦା

ଧାଙ୍ଗ୍ଡା : ଦାବୁ ପିରି କାଟି ଆଣୁ ଦାବୁ ଦରାଣେ
କରିଆ ସୁକୁଆ ପଡାଇ ଆଣୁ ମଦୁଦୁକାଣେ
କାଇଁ ମଦୁଦୁକାଣେ ।

ଧାଙ୍ଗ୍ଡୀ : ଚେମ୍ପିହୁଲ ମଲିହୁଲ ଗୁଡି ହୋଲିନି
ଗାଡି ହୋଲିନି
ଯୁଆବେ କାଇଁ ଆମାର ବାଇ ରାତି ହୋଲିନି ।

ଧାଙ୍ଗ୍ଡା : ମଙ୍ଗୁର ମୁଟା ବିରୁ ନାଇଁ ଚେଣ୍ଡି ବୁରେଦେ
ବେଡା ବେଡି ବାଉର ନୁନୀ ଯୁ ଖାରା ଜୁରେଦେ
କାଇଁ ବେଡୁ ଜୁରେଦେ ।

ଧାଙ୍ଗ୍ଡୀ : ବାସା ଗରେ ଆସ୍‌ସି ଆମାର୍ ବାଇ ଆସି
ଆୟା ଆବା ଶୁଣି ଗାଲେ ଜାଣି ଗାଲେ
ଦାରିଆ ଟେଙ୍ଗୁ କାସି ମୁଣ୍ଡି ପାସା କାସି

ଓଡ଼ିଆ ଅନୁବାଦ :

ଯୁବକ : ଧାନ କରିବା ମାଣ୍ଡିଆ କରିବା
ଧାନ ଚାଷ କରିବା
ପୁଷ ପରବ ଚାଲିଛି ଶରଧା କରିବା
ହସ ଖୁସି କରିବା

ଯୁବତୀ : ଧାନ କରିବା ମାଣ୍ଡିଆ କରିବା
ଧାନ ଚାଷ କରିବା
ତୁମେ ଆମେ ମିଶିଲା ଦିନ ଶରଧା କରିବା
ହସ ଖୁସି କରିବା

ଯୁବକ : ଦାବ ଛଣ କାଟି ଆଣିବା ଦାବ ଦରାଣେ
ଖରିଆ ଶୁଖୁଆ ପୋଡି ଆଣିବା
ମଦ ଦୋକାନରେ ମଦ ଦୋକାନରେ

ଯୁବତୀ : ଶିମ୍ବଫୁଲ ମଲ୍ଲିଫୁଲ ଗୁନ୍ଥିଦେଉଛି
ଗୁନ୍ଥିଦେଉଛି
ଚାଲ ଯିବା ଆମର ଭାଇ ରାତି ହେଉଛି
ରାତି ହେଉଛି

ଯୁବକ : ମୟୁର ପୁଚ୍ଛ ମୁଠାକୁ ଏଣେ ତେଣେ ନ କରିବ
ବେଗି ବେଗି ବାହାର ଝିଅ
ଖରା ବଢ଼ିବ ବେଳ ଗଢ଼ିଯିବ

ଯୁବତୀ : ବସା ଘରକୁ ଆସିବୁ ଯିବୁ ଆମର ଭାଇ
ମା, ବାପା ଜାଣିଗଲେ ଶୁଣି ଗଲେ
ଧାରୁଆ ଠେଙ୍ଗାରେ ମାଡ ଖାଇବୁ
ଟାଙ୍ଗିଆ ପଶାରେ ମାଡ ଖାଇବୁ ।

❋❋❋

## ରିଞ୍ଜୋଡୀ ଗୀତ୍

ପୌଷ ପୂର୍ଣ୍ଣମୀ ରାତିରେ ଉଭୟ ଧାଙ୍ଗ୍ଡା ଧାଙ୍ଗ୍ଡୀ ଗୀତ ଗାଇଥାନ୍ତି (୧)

ମଜୁରୁ ମଜୁରୁ ହକ୍‌କି ମଜୁରୁ
କୁଟ୍‌ଟେ ବସି ନାଚ୍‌ହ ତୁଇ ମଜୁରୁ

ସିଗେ ବସି ନାଚ୍‌ରେ ତୁଇ ମଜୁରୁ
ହକ୍‌କି ମେଲି ନାଚ୍‌ରେ ତୁଇ ମଜୁରୁ
ଡେଣା ମେଲି ନାଚ୍‌ରେ ତୁଇ ମଜୁରୁ
ଟାହ୍‌ଡି ମାଡି କଦ୍‌ଦୁ ନୁନୀ ଡାଇତୁ ତୁରୁତୁରୁ
ଟଇଁଲା ବାଜା ବାଜାଇଦିନ୍ଦେ ମୁଇଁବ ହରଜାଗୁରୁ
ଜାଟିଦାରୁ ଗୁଦୁଗୁଦା ହେକୁ ଅଦାଣେ
ପଇଁରି ମାଞ୍ଜା ବାଜୁଲି କାଇନିମାନେ
ସାନ୍ନୁ ଗାଡୁ ଗଡାଗଡା ବଡୁଗାଡୁ ଗଡା
ଆଇଲେ ଆଉ ନଇଲେ ନାଇଁ ବାନ୍ଦିରିନ୍ଦେ ଜଡା
ତିନି ଜୁଡି ଇଟିଆ ଚେଡେ ବାଡୁ ମେଡାଇଁ
ଦନାତୁନ୍ନି ଜାଗିରେବେ ହେକୁ ବେଡାଇଁ
ବୁର୍‌ସୀ ହାଣି ମାରୁଲୀ ଡଙ୍ଗୁର୍ କଲ୍‌କାଇଁ
କଡିଆ କାଓ୍ୱା ଲାଗାଇ ଦିଲେ ଚୁମ୍ପୁହାନ୍ଦାଇଁ
ବଂଜଡୀ ମନ୍‌କେ ଜମ୍ପାଇ ଦିଲେ ବାଜ୍‌ଲା ଟେଣାଇଁ
ହିୟାକୁ ହତାରୁ ଲସ୍‌ଲସିଆ ଲସୁଣ୍ଡୁହତାରୁ ଠିଆ
ଆମି ଆଇଲୁ ଆଚୁ ଡଙ୍ଗୁରୁ ଡିଆ ସହୁରୁ ଚାଉଡୁ କିଆ

ଓଡିଆ ଅନୁବାଦ :

ମୟୁର ମୟୁର ପକ୍ଷୀ ମୟୁର
ଖୁଣ୍ଟରେ ବସି ତୁହି ନାଚୁ ମୟୁର
ପଥରରେ ବସି ନାଚରେ ତୁହି ମୟୁର
ଡେଣାମେଲି ନାଚରେ ତୁହି ମୟୁର
ତାଳିମାରି ପାଟିକଲେ ଖେଦିବ ତରତର
ଡୁଗ୍‌ଡୁଗୀ ବାଜାଇ ଦେବି ମୁହିଁ ପରଜାଗୁରୁ
ସରୁକାଠ ଜାଳିଦେଲେ ପେଜ ହେବ ହାଣ୍ଡିଆ
ମାଜିଲେ ପାଉଁଜି ବାଜିବ ଭଲ
ସାନ ନଈ ପାଣି ଗୋଳିଆ ବଡନଈ ପାଣି ଗୋଳିଆ
ଆସିଲେ ଆସ ନହେଲେ ନାହିଁ ବାନ୍ଧିଥିବି ଟଙ୍କା
ଷାଠିଏଟି ଘରଚଟିଆ ବସିଛନ୍ତି ବାଡରେ
ଦନା ସିଇଁ ଜଗିଥିବୁ ବେଡାରୁ ଫେରିବା ଯାଏଁ

ପାହାଡ ଉପରେ ଝିପି ଝିପି ପଡେ ବରଷା ପାଣି
କଲାକାଉ ଫାସେ ଯିବରେ ପଡି
ବଂଜଡୀମାନଙ୍କୁ ଭାଙ୍ଗିଲା ଚଣା ଦେଲି
ପିଆଜ ପତର ଲସଲସିଆ
ରସୁଣ ପତର ଠିଆ
ଆମେ ଆସିଅଛୁ ପାହାଡ ଡେଇଁ
ସରୁ ଚାଉଳ ଖିଆ ।

⁂⁂

(୨)

ତତୁରାଜିର୍ ମଉଲ୍ ଗଛେ
ଚଗଲୀ ଗଛେ ଗଇଁ
ଉଲ୍‌ଟି ହାଲ୍‌ଟି ନେଦେଖ୍ ବଂଜଡା
ଡକୁରୁଦି ନଇଁ
କୀରାଗଡି ମାଚାଇକାଇ ଉକୁଣୀ ଦେକାଦେକି
ଡିଷାବତୁ ମାଗ୍‌ଲା କନିଆ ଅବେ ବାଟବାଟି
ହୁସୁକନୁ ଉଦୁଲିରେ ହୁନିହୁରେ ନାଇଁ
କାଇବା ଆଇଦି ହାଇଲି ତକେ ଟିଟିକୁରେ ନାଇଁ
ଗଡାଯୁରେ ନାଇଁ
ହରୁଦାରୁ ନାଟୁ ବୋଲିରେ ବଂଜଡୀ
ଦେଶେ ଗଲି ଗିରୁଗିଡି
ଟଇଁଲଶ ବାଜା ବାଜାଇ ଦିନ୍ଦେ
ବାଜାସାନୁ ଟିଡୁବିଡି.......
କୁମ୍‌ଡା ମାଡୁ ଚେମି ମାଡୁ
ଅଇଲି ଗାଟାଗାଟି
ବଂଜଷୀ କେନେଶ ବତୁ
ଅଇଗଲି ରାତି..........

ଓଡିଆ ଅନୁବାଦ :

ତଳରାଇଜର ମହୁଲ ଗଛେ
ଗଛରେ ଚଢିଲା ଗୋଧି

ବୁଲିବୁଲି ନଦେଖ ଯୁବକ
ତୁମ ସ୍ତ୍ରୀ ମୁହିଁ ନୁହଁ
ଗୋଡିପଥର ପରେ ଛାମୁଡିଆ ତଳେ ଉକୁଣୀ ଦେଖାଦେଖି
ଅବିବାହିତ ବେଳେ ମାଗଣା କନିଆ ଏବେ ବଛାବଛି
ପଉଷ ଚାନ୍ଦ ଉଇଁଲାରେ ପୁନେଇ ହୋଇନାହିଁ
କେଉଁ ମା ତୋତେ ଜନମ ଦେଲା ଗଳାଟାଣ ହୋଇନାହିଁ
ପରଜାର ନାଟ ବୋଲିହେ ବଂଜଡୀ
ଦେଶକୁ ବାଜଣା ବାଜିଲା
ତୁଡୁଙ୍ଗା ବାଜା ବଜାଇ ଦେବି
ତା ସଙ୍ଗେ ବଜାଇ ଦେବି ନାଗରା
କଖାରୁଲତା ଶିମ୍ବଲତା
ହେଲେ ଛନ୍ଦା ଛନ୍ଦି
ବଂଜଡୀକୁ ନେଲା ବେଳକୁ
ହୋଇଗଲା ରାତି ।

⁂⁂⁂

(୩)

ଗାଡୁ କଣ୍ଡି କଣ୍ଡି ମରୁଦା ମାଡୁ
ମାରିନିଲି ବଡୁଗାଡୁ
ରୁହା କାଡୁ ବଲ୍‌ଲି ହିନ୍ଦାଇ ଦଲେ
ମାଗୁରୁ ମାଚାରୁ ଆଡୁ
ସୁରୁ ସୁରୁ ଚାଟି ଅକରୁଲି ମାଟି
ବଲଦ ଛଗୁଲି ଗାଟି
ହରୁଜା ବୁଣୁଲା ବିସୁରୁ ଟାଟି
ବାମି ମାଚୁ ଗଟା ଗଟି
ଟିକ୍‌ରା ଡଙ୍ଗ୍‌ରେ ବୁଣ୍‌ଲେ ରାଇ
ସର୍‌ତେ କାଇଲି ଗାଇ
ଗାଇ ଗାଇ ବଲ୍‌ଲି କଦ୍‌ତେ ନିଲି
ତରୁ ବଡୁ ବାଇ

ଗାଡୁ ତେନୁହାରୀ ବିଚୁଲେ ନିଲି
ଗରିଆ ଆଣ୍ଡି ଝିଲ୍ଲିମିଲ୍ଲି
ଗରିଆ ଆଣ୍ଡି ତଡେ ଦୁଇ ସରାମାଲି
ଗେନ୍ ଦିନ୍ଦେ କଂଙ୍ଗା ଲୁଲି
ଆଣାବେ କଡୁକି ବାନ୍ଦୁବେ ମୁଣ୍ଡା
ଦମୁକି ଦମୁକି ଇଣ୍ଡା
ନନୀ ହାଚୁ ବାଟେ କିର କି ତୁଠି
ଟୋକି ବଡେ କୁସକୁଟି ।

ଓଡିଆ ଅନୁବାଦ :

ନଈ କୂଳ କୂଳ ମରୁଦା ମାଳ
ଭାସିଗଲି ବଡ ନଈରେ
ରୂପାଖଡୁ ବୋଲି ପିନ୍ଧାଇ ଦେଲି
ମାଗୁର ମାଛର ହାତରେ
ଛୋଟ ଛୋଟ ପିମ୍ପୁଡି କାଢିଲେ ମାଟି
ବଳଦ ଚଢିଲେ ଘାଟି
ପରବାମୁଣିଲେ ବିସର ତାଟି
ବମ୍ବି ମାଛ ଗୋଟି ଗୋଟି
ଟାଙ୍ଗରା ଭୂଇଁରେ ବୁଣିଲେ ରାଇ
ଖାଇଗଲେ ସବୁ ଗାଈ
ଗାଈ ଗାଈ ବୋଲି ଘଉଡାଇ ଦେଲି
ତୋର ବଡ ଭାଇ
ନଈ ସେପାରୀରେ ବିଝୁଲି ନିଛି
ଗଡ଼ିଆ ହାଣ୍ଡି ଝିଲ୍ଲିମିଲ୍ଲି
ଗଡିଆ ହାଣ୍ଡି କଡେ ଦୁଇ ସରାହାର
କିଣିଦେବି କଂଙ୍ଗା ଲୁଲି (କାନର ଗହଣା)
ଆଣରେ କୋଡି ବାନ୍ଧିବା ହିଡ
ଧୁମୁକ୍ ଧୁମୁକ୍ ଚାଲ
ଝିଅ ପଛ କାନି ଖଣ୍ଡିଆ ତୁଠି
ଟୋକି ବହୁତ କୁସକୁଟି (ରାଗିବା) ।

***

## (୪)

## ପୌଷ ପର୍ବ ସମୟରେ ଉଭୟ ପୁଅ ଝିଅ ଗୀତ ଗାଇଥାନ୍ତି

ଆଟାଡେ ବୁଣୁଲେ ସିର୍‌ଲି ମିର୍‌ଲୀ
ବେଡାଇ ବୁଣୁଲେ ଜିହ୍ନା
ଜିହ୍ନା ଦାନୁ କାଇ ଚ ମାସ ରେଉଁ
ଉଦିଆ ଜନ୍ନ କି ଯାଉଁ
ହୁଷ୍ଣୁ ଜନ୍ନୁ ଉଦୁଲି ହୁନିହୁରେ ନାଇଁ
କାଇ ଆଇଦି ହାଇଲି ତକେ ହେଟୁହୁରେ ନାଇଁ
ଆମା ଦାଡେ ଆମୁଟି
ଟାକୁ ବାଡେ କଷା
ଟଇଁଲା ବାଜା ବାଜାଇ ଦିନ୍ଦେ
ମାତୁଦରି ଆଶା
ଅଦ୍ରି ଗଲି କଣ୍ଡି ବଂଜଡୀ
ବସ୍‌ତି ଗଲି କଣ୍ଡି
ଲଗେ ଲଗେ ନାଉଁ ବଂଜଡୀ
ହାଇଦେ ସାରଙ୍ଗୀ ଡଣ୍ଡି
ରିଟୁ ରାଟା ଗାଡି ଚାଲୁଲୀ
ବଂଜଡୀ ନୁନୀ ଦକ୍‌କି କରି ଆତୁ ଲାଡୁଲୀ ।

ଓଡିଆ ଅନୁବାଦ :

ମଟାଳେ ଜମିରେ ବୁଣିଲି ସୁଆଁ
ଖାଲ ଜମିରେ ବୁଣିଲି ଜିହ୍ନା
ଜିହ୍ନା ଧାନ ଖାଇ ଛ'ମାସ ରହୁ
ପୁନେଇ ଦିନକୁ ଯିବା
ପୁଷ ଜହ୍ନ ଉଇଁଲା ପୁନେଇଁ ହୋଇନାହିଁ
କିପରି ଜନମିଲୁ ବେକ ସିଧା ନାହିଁ
ଆମ୍ବ ତ ବହୁତ ଆମ୍ବିଲା
ଟାକୁଆ ବହୁତ କଷା
ଡୁଡୁଙ୍ଗୀ ବାଜା ବଜାଇ ଦେବି
ମେଳି ହୋଇ ଆସ

ପଡିଗଲେ ଖଣ୍ଡି ବଂଜଡୀ
ଭୁସୁଡି ଗଲେ ଖଣ୍ଡି
ପାଖକୁ ପାଖକୁ ଆସ ନାହିଁ
ବାଜିବ ସାରଙ୍ଗୀ ଦଣ୍ଡି
ସର୍ ସର୍ ସର୍ ଗାଡି ଚାଲିଲା
ବଂଜଡୀ ଝିଅକୁ ଦେଖି ହାତ ଠାରିଲା ।

⁂⁂⁂

## ଡେଶା ଗୀତ

### ଦଶହରା ପରେ ଜାନୀ ମୁଦୁଲୀଙ୍କୁ ସମ୍ମାନସୂଚକ ଫୁଲ ହାରଦେଇ ଝିଅମାନେ ଗୀତ ବୋଲନ୍ତି(୧)

ଅଟିରୁ କୁଦୁହିଲା ହଦ୍‌ରିଯାରେ କୁକୁଡାକଣ୍ଠ
ଜାନୀକୁଡି ନିଶାଣମୁଣ୍ଡା କୁଆରି ଲାଗ୍
ନାନୀ କାଇଲି ଗୁଣାଗୁଣା
କଡ୍‌ସା କାଇଲି ଗୁଣା
ମଲା ଗଲା ଡୁମାଡାଣି
କାନୁ ଡେରି ଶୁଣା
ଗାଟିମୁଣ୍ଡାର୍ ସିଆଡି
ଡିଭ ଡିଆ ଗଡି
ଡେସା ମଦଡ୍ ବାଜୁଲି ମାର୍‌ଲିଆରେ
ରାଙ୍ଗାଇ ଆଣୁ ରେଡି
ବେଙ୍ଗା ବଙ୍ଗୋ କଟ୍‌ଣୀ କଡିଆ ବେଙ୍ଗା
ଇନ୍ଦା ସୁସ୍‌ରା ବାଇକେଦାର୍ ମୁଇଁ କଡିନ୍ଦେ ବେଙ୍ଗା
ଚାଲି ଯଇ ରସୁରସା ବେଙ୍ଗା କଷି ମିଶା
ତୋର୍ ନାନଦି କାନ୍ଦତେ ଦିଲି ନାସିର ବସୁଆ ମିଶା
କୁଲ୍ଲା କି କୁଲ୍ଲା ହିଲ୍ଲା କୁଆରି କୁଲ୍ଲା
କାକେ ଦଖ୍‌ଲା କାକେ ନାଇଁ କୁଆରି କଲ୍ଲା
ଇସୁଗସୁ ଇସୁ ଗସୁ କୁକୁଡାରୁ କେଶୁ
ଟୋକି ମୁଆଁ ଜାଡେ ହସୁ ମୁଏଁ ନାଇଁ ମେଶୁ

ସାକୁଦାରୁ କାଟିନ୍ଦେ ଅତ୍‌ରା କରିନ୍ଦେ
ହଦ୍ରିଆବ ମଲେକ୍ ସରି ଯତ୍‌ରା କରିନ୍ଦେ ।

**ଓଡିଆ ଅନୁବାଦ :**

ପରଜା ଧରିଛି ଆଣ୍ଠିରେ ଖୁଦ କୁକୁଡା କାଉ ପାଇଁ
ଝାନୀକୁଡି ନିଶାଣ ମୁଣ୍ଡାକୁ ଜୁହାର କରିବା ପାଇଁ

ପୋକ ଖାଇ କଣା ହୋଇଲା ବତା
ପୋକ ଖାଇ କଢି କଣା ହୋଇଲା

ମଲାଗଲା ଭୂତପ୍ରେତ ଡାଆଣୀ
କାନ ଡେରି ଶୁଣ

ଘାଟି ମୁଣ୍ଡର ଶିଆଳୀ ଗଛ
କଅଁଳିଆ ଡାଳ

ମୃଦଙ୍ଗ ବାଜିଲେ ଡେସା ନାଚରେ
ଝିଅମାନେ ପାଦ ପକାନ୍ତି ଧିରେ

ଗଛରେ ଫଳିଛି ବଡ ବାଇଗଣ
ପୁଅକୁ ଧର ଶଶୁରହେ ମୁହଁ ତୋଳିବି ବାଇଗଣ

ଛାଲିକାଠରେ ଜିଳିଲେ ନିଆଁ ପୋଡିବ ବାଇଗଣ
ତୋର ନାନୀ ରାନ୍ଧି ଦେଲାକି ନାକଫୁଲ ମିଶାଇଣ

କୁଲା ତ କୁଲା ଛୋଟକୁଲା ଉଆଲିଫିଙ୍ଗା କୁଲା
କାହାକୁ ଦେଖିଲା କି ନାହିଁ ଜୁହାର କଲା

ନଇଁ ନଇଁ ହୋଇ ନାଚନ୍ତି କୁକୁଡାର କେଶ
ମାଇ ମୁହାଁ ତୋତେ ବାଘଖାଉ ତୋର ମୁଖେ ନାହିଁ ନିଶ

ସାଲୁଗଛ କଟିକରି ନିଆଁ ଜଳାଇବି
ପରଜା ମରିଗଲେ ତୋତେ ବଳିଦେବି ।

⁂⁂⁂

(୨)

କିଡ୍‌କା ହୁଲୁ ଗୁଡିନ୍ଦେ ସୁତାଇ ସାନ୍ଦିନ୍ଦେ
ମାର୍‌ଲିଆରି ମଲେକ୍‌ସାରି ଗୀତେ କାନ୍ଦିନ୍ଦେ

ନାରୀ ଗାଓ୍ୱାଁର୍ ଚିଟୁକ୍‌ମାଟି ବାରିବାଟାର୍ ହିଣ୍ଡା
କନ୍ନିଆ ଆଣି ନେଦେ ତିନି ମରୁସିବେ ଡିଣ୍ଡା
ଯାତା ହାଣ୍ଡ୍‌କା ଗୁରୁଲି କିର୍‌ଚି ରଞ୍ଜୋ ବସି
ଡିଣ୍ଡା ରାଣ୍ଡୁଲା କାନ୍ଦୁଲା ଅଡ୍ରି ତଡେ ବସି ହିଣ୍ଡା ତଡେ ବସି
ତଡ୍ଡୁ ସାଇ ଉହୁରିସାଇ ଡେକି ଗଡ୍ଡୁଗଡା
ମଢାଇ ମଜାଇ ବସ୍‌ତେନେରେ ହାଇଦେ ଗଡ୍ଡୁବଡା
ଲୁବୁଡା କି ଲୁବୁଡା ଜନା ଲୁବୁଡା
ଡେଶାମାଡେ ଆଇଲା ଆଛେ ହିଟି କୁବୁଡା
ସାଇ ସ ରାତି ସରାତି ବିଲାଇ ମୁଣ୍ଡେ ବତୀ
ବେଣ୍ଡ୍‌ରି ଗଲି ନିଦ୍ରାବତୀ ବାଇଦି ଗଲା ସତ୍‌ତୀ
ଦାବୁହିରି କାଟିନ୍ଦେ ଦାବୁଦରାଣେ
ହେଡିର୍ ହଚ୍ଚିଆ ବେଟିନ୍ଦେ ଯିବି ବେରାଣେ
ହୁଲୁଟାଇ ହାଲୁଟାଏ ବିରି ଯିକିନ୍ଦେ
ହୃଷ୍ଟୁମାସେ ଆସିନ୍ଦେ ବେଣ୍ଡ୍‌ଦୀରୁ ହାଇଁ
ସୁକୁଲା ହତ୍‌ତାରୁ ଆଉ ଆଉ କଲ୍‌ଲି
କାଇବ ହଡା କୁନ୍ଦୁଲା ଆଉବୁ ବଲ୍‌ଲୀ
ଆଉ କକ୍‌କି ବଲ୍‌ଲୀ
କନ୍ନାରୁ ଗୁଟମଲ୍ଲୀ ବିରିଅଇ ଗଲ୍ଲି
ଦୁଙ୍ଗିଆ କଣ୍ଡେକ୍ ଦିତିକ୍ ନୁନୀ ଦୁରିଅଇଁ ଗଲ୍ଲି ।

ଓଡ଼ିଆ ଅନୁବାଦ :

କୁନ୍ଦଫୁଲକୁ ସଜାଇ ସୂତାରେ ଗୁନ୍ଥିବି
ପରଜା ମରିଗଲେ ଗୀତରେ କାନ୍ଦିବି
ନାରୀ ଗାଆଁର ଚିକ୍‌ଟା ମାଟି ବାଡିପଟର ପିଣ୍ଡା
କନିଆ ଆଣି ଦେବେ ନାହିଁ ମରିଯିବୁ ଦିଣ୍ଡା
ଢାଡା ପକ୍ଷୀ ରବିବ ଗଛ ଡାଳେ ବସି
ଡିଣ୍ଡାରାଣ୍ଡୁଆ କାନ୍ଦିବ ପିଣ୍ଡା ତଳେ ବସି

ତଳ ସାହି ଉପର ସାହି ଢିଙ୍କି ଗଡୁଗଡା
ମଝିରେ ମଝିରେ ବସିବୁ ନାହିଁ ବାଜିବ ଗୋଡବଳା
ପେନ୍ଥାକୁ ପେନ୍ଥା ମକାର ପେନ୍ଥା
ଡେଣା ମେଳେ ଆସିଲେ ଟିକେ ନଇଁଯିବ
ସାଇମୁଣ୍ଡେ ଜଳାଇବ ଦୀପ ବୁଲି ସାରା ରାତି
ଭଉଣୀ ମଲା ବସନ୍ତରେ ଭାଇକୁ ହେଲା ମଲା ଫାସି
ସମତଳ ପାହାଡରୁ ଛଣ କାଟିବା
ପେଡି ଲୁଗା ପିନ୍ଧି ସଭାକୁ ଯିବା
ଓଲଟା ପାଲଟା କରି ବିରିଗଛ କାଟିବେ
ପୁଷ୍ପମାସେ ଆସୁଛି ଭଉଣୀକୁ ବିକିବେ
ଶୁଖିଲା ପତର ଶବଦ କଲା
କେଉଁ ଲୋକ ଡ଼ାକିଲା ଆସିବ ବୋଲି
କାନର କାନଫୁଲ ଦୋହଲିଗଲା
ଧୂଆଁଟିକେ ଦେଇଥାନ୍ତି ଟିକେ ଦୂର ହୋଇଗଲା ।

***

(୩)

ମଲାଗଲା ଡୁମାଇଡାଣି କାନଡେରି ଶୁଣା
ନାକ ଡେରିଶୁଣା
ଅଟିରୁ କୁଦୁହିଲା କୁକଡ଼ା କାଉ
ସାଇଲରି ଆଲାଇଲରୀ ତିନିବଟି ଆଡୁଡ଼ରୁନ୍
ଆଇରି ସରୁ ସରୁ
ଲୋକାରୁ ମାଇଛି ଦକିକରି
କାଇଁ ମେରୁ ମେରୁ
ତଡୁ ସାଇ ଉହୁରି ସାଇ ଡେକି ଗଡୁଗଡା
ମୋରି ସନେ ଲାଡିନୋ ହାଇଦେ ଗୋଡୁଗୋଡା
ଆଇଲା ବାଟାରୁ ଟର୍‌ଲିଆମା ଆଇଲିକି ନାଇଁ
ଗୋଡମାରି ଚାଡାକଲେ ହାଇଲିକି ନାଇଁ
ଆଲାଇଲୋରୀ ସାଇଲୋରୀ

ଲୋରୀ ସେ ଲୋରୀ ଲଦୂଲଦି ବୋଡାଇଁ
ହାକାଇଲି ଦଣ୍ଡା ତରୀହୁଣୀ ଗିଙ୍ଗଲେ ଡ଼ିଣ୍ଡା

ରହାମୁଣ୍ଡା ମାଗିନ୍ଦେ ଦମ୍‌କି ଦକିନ୍ଦୋତା
ମାଲାମନ୍ଦୁ ନାକାହତା ଦଙ୍ଗୁଡା ଦକିନ୍ତା

ବାଟାରୁ ବରୁଗ ଚୁଉଚ୍ କି ଅଇଲା ଚେରୁ
ଅସବିଇଂସେ ମାଇଜିନାଇଁ ଉଚ୍‌କି ଅଭତେ ମରୁ

ଆମ୍ବାବଡେ ଆମ୍ବିଡି ତୁମ୍‌ଡି ଟାକୁ ବଡେ କଷା
ଇମ୍‌ଡାବାଡେ ହେ ଅସାର୍ ଲୋକାର୍ ମାଇଜି ଅଶା ।

ଓଡ଼ିଆ ଅନୁବାଦ :

ପ୍ରେତଆତ୍ମାଗଣ କାନଦେଇ ଶୁଣ
ନାକ ଦେଇ ଶୁଣ

ପଣତରୁ ଖୁଦସବୁ କୁକୁଡାଖାଇଲା
ସାଇଲରୀ ଆସିଲେ ଲରୀ ତିନିବଟି ଆଡୁତରୁନ୍

ଆସିଲା ଘୁଞ୍ଚିଯାଅ ଘୁଞ୍ଚିଯାଅ
ଅନ୍ୟ ଲୋକର ସ୍ତ୍ରୀଙ୍କୁ ଦେଖିକରି

କଣ ପାଇଁ ଲସର ପସର ହେଉ
ତଳସାହି ଉପରସାହି ଡିଙ୍କି କୁଟାକୁଟି

ମୋର ଧନରେ ନୁଙ୍ଗୁରା ନ ହୁଅ ବାଜିବ ଗୋଡବଳା
ସେ ପାଖ ଆମ୍ବଗଛରୁ ଆମ୍ବ ଆସିଲା କି ନାଇଁ

ଢେଲାମାରି ଶବ୍ଦହେଲା ବାଜିଲାକି ନାହିଁ
ଆଇଲା ଲୋରୀ ସାଇଲୋରୀ......

ସନ୍ତ ସନ୍ତିଆ ଜମିରେ ଲୋରୀ ତ ଲୋରୀ
ପକାଇଲି ଆଖୁ ତୋ ପାଇଁ ଅବିବାହିତ ରହିଲି

ମୁଣ୍ଡା ସାରୁ ପୋତିବି ଟିକିଏ ହଲେଇ ଦେଖିବି
ନିର୍ବନ୍ଧ ମହୁଲୀ ନକର ପାନ ବରକୁ ମୁଁ ଦେଖିସାରେ

ବାଟ ବରଗଛର ଓହଳିଲା ଚେର
ଏଇ ବୟସରେ ସ୍ତ୍ରୀ ନାହିଁ ଫାସି ଦେଇ ମର

ଆମ୍ବ ବହୁତ ଆମ୍ବିଲା କୋଇଲି ବଡ କଷା
ସ୍ତ୍ରୀଲୋକକୁ ନ ଦିଅ ବେଶୀ ଖଟା ପେଟ ବ୍ୟଥା ।

***

## (୪)

ନୂଆ ଆଣ୍ଡି ଦଇଲେ ଯିକ୍‌ରା ବରଇ ଗଲ୍‌ଲି

କତ୍‌ତି ଦିନ୍ ନଇଁସେ କତ୍‌ତା ବାରଇଲି

ବାଲିହାଟାଇ ମାରଲେ ମୂଷା ଗଡ୍‌ଡିଆ ଅଇଁଗଲି

ହିଲ୍ଲାବଡୁ ମାଗ୍‌ଲା କନ୍ନିଆ ଦଦିଆ ଅଇଁଗଲି

ହାଟ୍‌ଲା ହୁଟ୍‌ଲି ତରଲ୍ଲା କୁଡେ ଆଡ୍ କରୁ

ହସ୍‌ଣା ମୁଣ୍ଡି ଆଇଲେ ସରି ମକେ ଲାଡ୍ କରୁ

କୁଲାଇ କାଟ୍‌ଲେ ଲାଉ ଡାଲାଇ କାଟ୍‌ଲେ ଲାଉ

ତରାଇଦି ନାଉଁସଙ୍ଗାଇଲି ଡଲ୍ଲାହେଟା ନାଉଁ

ମୁଇଁ ଦାଙ୍ଗ୍‌ଡୀ ରିଲେଗିନେ ନାଉଁ ସଙ୍ଗାଇଲି ବାଙ୍ଗୀହୁଲୁ ନାଉଁ

କୀରା ଗଡି ମାଚାଇଁ ଉକ୍‌ଣୀ କାଚାକାଚି

ହିଲ୍ଲାବଡେ ରଞ୍ଜାରଞ୍ଜି ଆବେ କାଇ ବାଚାବାଚି

ଚିଲ୍ଲାମାତା ମାରଲେ ଆଚି କିଁ ଜାତାରି

ଆତେ ଦରଲେ ଚାଓ୍ୱଡ୍‌ବାଡି ମଶାଣୀ ଜାତାରି

ମକୁର୍ ମୁଠା ଉଲୁଠା ବିତ୍‌ରେ କୁଟୁକୁଟା

ଉଦୁଡିଆ ଜୁ ବଲ୍‌ଲେ ଦରଲି ହୁଟୁହୁଟା

ଚେଡିରାଶି ମେଣ୍ଡାରାଶି ଆଓହଶ ଗଚେ ଗଚୁ

ଶାଶୁରେଡି ଶତ୍‌ରୀ ରେଡି ମାରିନେଶୀ ଜଚୁ

ଚେଡି ଲେଣ୍ଡି ଚିଡଟାଡା ମେଣ୍ଡାଲେଣ୍ଡି ଚିଡ

ମଦ୍‌ଡିଆ ବାଇକେ ଜଡା ମାଇଜି ମିଡ ।

ଓଡିଆ ଅନୁବାଦ :

ନୂଆ ହାଣ୍ଡି ଧୋଇଲି ଖପରା ବାହାରି ଗଲା

କେତେ ଦିନୁ ହୋଇନି କଥାଟି ବାହାରିଲା

ବାଲି ଏଡାଇ ମାରିଲି ମୂଷା ଗଡିଆ ହୋଇଗଲା

ପିଲାଦିନୁ ଆଣିବା କନିଆ ବାଡିଆ ହୋଇଗଲା

ଫଟାଫାଟି ତରଲା କାନ୍ଥରେ ଝୁଲାଇଲା

ଝିଅ ସହ ପଳେଇଗଲା ମୋତେ ଲାଜ ଲାଗିଲା

କୁଲାଏ ଲାଉ କାଟିଲ ଲାଏ କାଟିଲି ଲାଉ

ତୋର ମାଆ ନାଆଁ ଦେଲେ ବଡ ପେଟା ବୋଲି

ମୁଁ ଧାଙ୍ଗୁଡୀ ଥିବାରୁ ତୋତେ ନାଆଁ ଦେଲି ହରଗୌରୀ

ବଡ ଥାକ ମଞ୍ଚାରେ ଉକୁଣୀ ଦେଖାଦେଖି

ପିଲାବେଳେ ମନରାଜି ଏବେ ହେଲେ ବଛାବଛି

ଛୋଟ କଣ୍ଟା ହାଣିଲେ କୁଆଡେ ଯିବି

ହାତେ ଧରିଲେ ଚାଉଳବାଡି ମଶାଣୀ ଯିବି

ମୟୁର ପରମୁଠା ଓଲଟା ଭିତରେ କୁଟୁକୁଟା

ପୁଅ ସହ ପଳେଇଗଲେ ଡର ଲାଗୁଛି ମୋତେ

ଛେଳି ଗୋଠ ମୋଣ୍ଢାଗୋଠ ଅଁଳା ଗଛ ପାଖରେ ଗୁଣ୍ଡ ହେଲେ

ଦେଢଶାଶୁ ଶାଶୁଥିବେ ପାଦ ନ ବଜାଇ ଚାଲିଲେ

ଛେଳି ଲେଣ୍ଡି ମେଣ୍ଢାଲେଣ୍ଡି ପଡ଼ିଯିବ ତଳେ

ମୃଦଙ୍ଗ ବାଜାଇବା ଭାଇକୁ ଦୁଇ ମାଇପ ମିଳିବ ।

***

(୫)

ଲିସ୍‌କେ ଲିସାଇଲା ହିଲ୍ଲା ହଦ୍ରିଆରେ

ଲିସ୍‌କେ ଲିସାଇଲା

ଦିନେକ୍ ଆଇଲା ଡେଶାମାଡେ ହଦ୍ରିଆରେ

ଉକ୍‌ଣୀ ମିଶାଇଲା

ଏସୁର୍ ମଣ୍ଡିଆ ମଡିନ୍ଦେ ମରନ୍ନେମେର

ଗରେ ଆଇଲା ବିଲାଇମୁଆଁ ରେଅନେ ରେଅ

ମଣ୍ଡିଆ ବାଡାର୍ ମନ୍ନିଆ ଚାଡି ବେଟ୍‌ଲେ ମଜାରାତି

କାଇବ ହଡା ଏତାଇଲା ଟଣ୍ଡ୍ ହାଡ୍‌ଲେ ରାତି

କରେଣ୍ଡାକି କରେଣ୍ଡା ହାଣି କରେଣ୍ଡା
ଡେଶାମାଡେ ଅଇଲା ଆଛେ ସୁକ୍‌ଲା ଚରେନ୍ଦା
ହତୁହଡା ଦାନ୍ ବେଦ୍‌ନା ହାଲିମ୍ ହତାର୍ ଦନା
କାଶିଅଲେ ଦିନ୍ଦେ ମରିଇଟା ଦନା ମରି ସକ୍‌ଡି ଦନା
କଦୁମୁକି କଦୁମୁ ହାକ୍‌ଲା କଦୁମୁ
ଅସ୍‌ବଇଁଶେ ମାଇଙ୍କିନାଏ ବାଟେ ଉଦୁମୁ
ଆମାର୍ ଗାଡେ ବେଙ୍ଗୁନାଇଁ ଦଙ୍ଗ୍‌ଡା ଡ଼େଙ୍ଗୁ ନାଇଁ
ଆମାର୍ ଗାଡେ ମାଛୁ ନାଇଁ ଦଙ୍ଗ୍‌ଡୀ ବାଛୁ ନାଇଁ
ରାଣୀ ଛାଡା କିସାଛାଡା ଗଡେ ହୁଟାଉଁ
ଉଦୁଡିଆ ଗଲେକ୍ ସରି ମକେ ଉଟାଉଁ

ଓଡ଼ିଆ ଅନୁବାଦ:

ଅଙ୍କେଇ ବଙ୍କେଇ ଆସିଲା ଡଙ୍ଗରିଆ
ଅଙ୍କେଇ ବଙ୍କେଇ ଦେଲା
ଦିନକ ପାଇଁ ଢେଶା ମେଳେ ଆସିଲା
ଆମ ମୁଣ୍ଡରେ ଉକୁଣୀ ମିଶାଇ ଦେଲା
ଏ ସନ ମାଣ୍ଡିଆ ମଳିବି ମରୁ ବା ନ ମରୁ
ଘରେ ଆସିଛି ବିଲେଇ ମୁହାଁ ରହୁକି ନ ରହୁ
ମାଣ୍ଡିଆ କ୍ଷେତରେ ମାନାଇ ଛତୁ ତୋଳିଲି ଅଧରାତିରେ
କେଉଁ ବିଚରା ମନେ କଲା ଆଁ ଫାଡିଲା ରାତିରେ
ମଳାକୁ ମଳା ପାଣି ହାଣ୍ଡିର ମଳା
ଡେଶା ମେଳରେ ଆସିଛି ଚରନ୍ଦା (ଜଙ୍ଗଲୀ କନ୍ଦା)
ବହଳ ମାଣ୍ଡିଆ ଜାଉ କଅଁଳ ପତର ଦନା
ଖାଇବ ବୋଇଲେ ଖାଅ ଏଇଟି ମୋର ଦନା
ଏଇଟି ମୋର ଶଂଖଡି ଦନା
କଦମ୍ବ ଫଳକୁ କଦମ୍ବ ଫଳ ପାଚିଲା କଦମ୍ବଫଳ
ଏଇ ବୟସରେ ଘରଣୀ ନାହିଁ ବାଟରେ କରୁଛୁ ଗୋଳ
ଆମ ନଈରେ ବେଙ୍ଗ ନାହିଁ ଯୁବକ ଡେଙ୍ଗା ନୁହେଁ
ଆମ ନଈରେ ମାଛ ନାହିଁ ଯୁବତୀ ଡେଙ୍ଗୀ ନୁହେଁ
ରାଣୀ ଜଡା ଟାଆଁସ ଜଡା ପାଦରେ ଫୁଟାଇବୁ
ଉଦୁଲିଆ ଯିବ ଯଦି ମୋତେ ଉଠାଇବୁ ।

***

(୬)

ଲୋରୀ କକରୀ ବ ହିଲ୍ଲା ଲୋରୀ କକରୀ
ହାତ୍‌ଲି ଜାଉ ରାନ୍ଧ୍ ତେରିଲା କାଇଲା ରାଦ୍‌ଡି
ଚିତ୍‌ରା କାବ୍‌ରା ବଣ୍ଡିଆ ଗାଇ ଗାଣି ବିତ୍‌ରେ ନାଇଁ
ଅସ୍ ବିଇଁଶେ ମାଇଜି ନାଇଁ କାଉରା ବେଦୁଆ ହାଇଁ
ଜୟ ହୁରୁ ବଜାରେ ନଡିଆ ଗଛୁଟିଆ
ଦେଶୁ ଦେଶୁ ବୁଲୁଲା ନକି ବାତୁକିଆ
ମାଡିନ୍ଦେ କି ମାଡିନ୍ଦେ ମାଟି ମାଡିନ୍ଦେ
ମଜ୍ଜାଇ ମଜ୍ଜାଇ ବସ୍‌ତେନେରେ ଡାସ୍‌ଣେ ମାଡିନ୍ଦେ
ହାଟାକି ହାଟା କୁଇସାତାରୁ ହାଟା
ଦଙ୍ଗ୍‌ଡା ଦଖ୍‌ଲେ ନିକସେ ଆସାରୁ ଅଟା
ଜିତ୍‌ରି ଯାତ୍‌ରା ମୁଣ୍ଡୁକେ ହନ୍ନିଆ ନଇଲାରି
ରାଜି ରାଜି ବୁଲୁଲା କନ୍ନିଆ ନଇଲାରି
ଏକ୍ ସରିଆ ବାନାଲୁଗା କେବ କଲ୍ଲାରୁ
ବେଣ୍ଡୁନ୍ଦି କଡୁଗୁଦି ସେବା କଲ୍ଲାରୁ
ଅଡ୍‌କି ହାଡି ରାଇ କନ୍ଦାଡି ଟିଆ ହାଡି ଡିତୁ
ତୋରି ମନୁ ଆଛେ ଅଲେ ଗାତୁ ବାଟେ ବିତୁ
ମଉଁଲାରୁ କୁଟିକୁଟି ଠଡ଼ାରୁ କୁଟି
ଦଙ୍ଗ୍‌ଡୀ ଯାଉଲି ହଣତ୍ ବିଛି ଦଙ୍ଗ୍‌ଡା ଯାଉଲା ଗୁଜି
ଗୁସୁରାକୁ ଦଶୁଦଶୁ ମଦତୁକେ ମେଶୁ
ହିଲ୍ଲାବତୁ ନାଇଁଲୁସୁ ଅବେକାଇ ଗୁଣୁ
ଗାଇ ବାନ୍ଧ୍‌ତା କଟା କୁଟା ହନ୍ଦ୍ ବାନ୍ଧ୍‌ତା କୁଟା
ଡେଶାମାଡେ ଆଇଲା ଆଛେ ଡେବ୍‌ରି ଆତୁ ଟୁଟା

ଓଡିଆ ଅନୁବାଦ :

ଲୋରୀ କକରୀ ହୋ ! ପିଲା ଲୋରୀ କକରୀ
ହାଣ୍ଡିରେ ଜାଉ ରାନ୍ଧୁଥିଲା ଖାଇଲା ରାମୁଡି
ଚିତ୍ରିତ ଟିକଲି ଗାଈ ଗୋଠ ଭିତରେ ନାହିଁ
ଏଇ ବୟସରେ ଘରଣୀ ନାହିଁ କାଙ୍ଗାଳ ଗୁଣ ପାଇଁ
ଜୟପୁର ବଜାରରେ ନଡିଆଗଛ ଠିଆ
ଦେଶ ଦେଶ ବୁଲୁଛି ନଖ୍ୟ ଭାତଖିଆ

ମାଡିବି କି ମାଡିବି ମାଟି ମାଡିବି
ମଝିରେ ମଝିରେ ବସ ନାହିଁ ଇଡେଇ ମାଡିବି
ପଟାକି ପଟା କୁଆଁ ଶାଳର ପଟା
ଯୁବକ ଦେଖିଲେ ଭଲରେ ଓସାରୁ ଅଣ୍ଟା
ଅଲରା ବଲରା ମୁଣ୍ଡରେ ପାନିଆ ନାହିଁ
ରାଜ୍ୟ ରାଜ୍ୟ ବୁଲୁଛି ବାଡୁଅ ଥିବା ପାଇଁ
ଏକ କାନିଆ ଛିଟଲୁଗା କେବେ ସଜାଉଛି
ଭଉଣୀ ସ୍ତ୍ରୀ ସେବା କଲା ଦିନଠାରୁ
ଆଡକି ପଟେ ରାଇ ଠିଆ ପଟେ ରାଣି
ନଦୀ ପଟେ ଆସି ତମର ମନ ଯଦି ଅଛି
ମହୁଲ କୁଞ୍ଚି କୁଞ୍ଚି ଟୋଲଫଳ କୁଞ୍ଚି
ଯୁବତୀ ଯାଉଛି ପଣତ ବିଞ୍ଚି ଯୁବକ ଯାଉଛି ଘୁଞ୍ଚି
ଘୁଷୁରୀକୁ କୁଣ୍ଡାପେଜ ମର୍ଦ୍ଦଳକୁ ମହଣ
ପିଲାଦିନୁ ନ ଆସିଲୁ ଏବେ କି ତୋର ଗୁଣ
ଗାଇ ବାନ୍ଧିବାର ଖୁଣ୍ଟା ଆଉ ହଳବାନ୍ଧିବାର ଖୁଣ୍ଟା
ଡେଶାମାଳେ ଆସିଛି ବାମହାତ ଥୁଣ୍ଟା ।

***

## ଚଇତ୍ ହରବ୍ ଗୀତ୍
### ଚୈତ୍ର ପର୍ବ ଗୀତ(୧)

ଆସୁଲାଇ ଧାଙ୍ଗୁଡ଼ିରାଣି ଆସୁଲାଇ
ତୁମାରୁ ଲାଗି ଦାଦି ଚୁଙ୍ଗାଧର୍‌ତେ ଆସୁଲୁ
ବାଡୁଦୁଙ୍ଗିଆ ବାବୁରଇ
ଦାଡୁ ଦୁଙ୍ଗିଆ ବାବୁରଇ
ମାରୁଲି ଲଲୁ ମାରୁଲି
ମାରୁଲି ଦାଦି ମାରୁଲି
କେଟୁ ଦେଲି ଦାଦିରଇ
ହଟୁ ଦେଲେ ମାମୁଁରଇ
ଗରେ ଗଲେ ଦାଦିରଇ
ଇସୁଡା ବାଦିନଉ

ମାରା ଦାରା ଦାଦିନଇ
ନାଇଁନୁନୀ ନାଇଁ ନାଇଁ
ନାଇଁ ବେଣୀ ନାଇଁ ନାଇଁ
ମାରା ଦାରା ଆମେ ନଉଁକାଇ ।

ଓଡିଆ ଅନୁବାଦ :

ଆସିଲେ କିଶୋରୀଦଳ ଆସିଲେ
ତୁମର ପାଇଁ ଦାଦା ପିକା ଧରି ଆସିଲେ ।
ବାଡିରୁ ଧୂଆଁପତ୍ର ବାବୁ ହେ
ବାଡିରୁ ଧୂଆଁପତ୍ର ବାବୁ ହେ ।
ବରଷା ବରଷୁଛି ପାଣି ବରଷୁଛି
ବରଷୁଛି ଦାଦା ବରଷୁଛି ।
ପହଞ୍ଚି ଗଲେ ଦାଦା ହେ
ପହଞ୍ଚି ଗଲେ ମାମୁଁ ହେ ।
ଘରଘରକୁ ଗଲେ ଦାଦା ହେ
ଈର୍ଷା କରନାହିଁ ବାବୁ ହେ ।
କଳିଗୋଳ କରନାହିଁ ଦାଦା ହେ
ନାହିଁ ସାନ ଭଉଣୀ ନାହିଁ ନାହିଁ ।
ନାହିଁ ବଡ ଭଉଣୀ ନାହିଁ ନାହିଁ ।
କଳିଗୋଳ ଆମ୍ଭେ ହେବୁ ନାହିଁ ॥

⁂⁂⁂

(୨)

ସରଗୀହତାରୁ ଚିହି ସୁତିହା
ଆମେ ଆଇଲୁ ଆଛୁ ଡଙ୍ଗର ଡିଆଁ
ସହୁର୍‌ଚାଓ୍ୱଲ୍ ଦିଆ........
ସହୁର୍ ଚାଉଳ ଲବ୍ ଲାଗ୍ ଲେକ୍
ଡାବୁ ଦେନ୍ ଗେନ୍‌ତେ ଦିଆ
ଡାବୁ ଦେନ୍ ଦେନ୍ ହଇସାଦେନ୍
ଛିଡିସଙ୍ଗ୍ କତ୍‌ତେନେମ୍

ଓଡିଆ ଅନୁବାଦ:

ଶାଳୁଆ ପତର୍ ଅଟେ କଅଁଳ
ଆମେ ଆସିଲୁ ତେଇଁ ଡଙ୍ଗର
ସରୁ ସରୁ ଦିଅ ଚାଉଳ
ସରୁ ଚାଉଳ ଦେଖି ହୋଇଲା ଲୋଭ
ପଇସା ଦେବି କିଣାଇ ଦିଅ
ଟଙ୍କା ଦେବ ଦେବ ପଇସାଦେବ
ଯୋଡି ସଙ୍ଗେ ଧରି ଚାଲି ଆସିବ

⁂⁂⁂

(୩)

ଆମ୍‌ଟି ଝିମ୍‌ଟି ହଣସ୍ ମହୁର୍
ସୁଆଦ୍‌ରେ ବର୍‌କଲି
ତୁମି କଇଲା ପରା କଇବି ବୋଲି
ହେଲାରେ ପାଶୋରି ଦେଲୁସ୍ ॥୦॥
ଉଡ୍‌ଲା କାପ୍‌ତା ବସ୍‌ଲା ତେଲେ
ତେଲର୍ କାପ୍‌ତା ଉଡେ
ତୋକେ ଦେଖିକରି ଜୀବନ୍ ଝୁରେ
କାଇଁଘିନେ ଯିବି ତା ଗରେ ॥୧॥
ଉଚ ବାଲି ପଟା କମ୍‌ଲା ଟଟା
କୁଜି ଆମ୍‌ଗଚ୍ ତେକି
ଆମ୍‌କେ ଦେଖିକରି ଦୁଙ୍ଗିଆ ମାଗିତେରେଲାସ୍
ଯୁବା ବୟସକେ ଦେଖି.... ୨
ଗାଇବି କିନ୍ଦ୍‌ରୀ ଲଖଣ୍ ପତି
ଅନ୍ତେ ବିଡାବିଡି କନ୍ଦ୍‌ନୀ ଜାତି
ବାରବାଇ ଅଟେ ବିମା
ମୁଙ୍ଗ୍‌ଲ୍ ମହୁରିଆ ଫୁଙ୍କ୍ ତେର୍‌ଲେ
ନାଚେ ସୁନା ଧରେ ଡୁମା
ଗାଡ୍ ତେନପାରି ବାମନ୍ ଚଚ୍‌ରା
ଗାର୍‌ଦେଲା ମାଇଁ କାପୁ

ତର ବଡ ଭଇନୀ ଉପର୍ ଦେଖୁ
ତୁଇ ଆକା ଅଇଁଆ ଚାପୁ... ॥୪॥
ଗାଆ ଗାଆ ମାର୍ ଗାଆ ରତନ୍
ଗାଅ ତବେ ଶୁନୀ ଦେଖୁ
ଗାଇଲେକ୍ ଥରେ ଛନେକ୍ ଥିବି ।
ନ ଗାଇଲେ ଫେରିଯିବି ...॥୫॥

ଓଡିଆ ଅନୁବାଦ:
ଆମ୍ବଟି ଆମ୍ବିଳା ପଣସ ମଧୁର
ସୁଆଦରେ ବରକୋଳି
ତୁମେ କହିଲାପରି କହିବି ବୋଲି
ହେଲାରେ ପାଶୋରି ଦେଲୁସ୍
ଉଡିଲା କାବତ ବସିଲା ଡ଼ାଳେ
ଡ଼ାଳର କାବତ ଉଡେ
ତମକୁ ଦେଖି ମୋ ଜୀବନ ଝୁରେ
କାହିଁ ପାଇଁ ମୁହିଁ ଘରକୁ ଯିବି
ତମକୁ ଦେଖି ମୋ ଜୀବନ ଝୁରେ
ଉଚ୍ଚ ବାଲିପଟା କମଲା ତୋଟା
କୁଜି ଆମ୍ବଗଛ ଦେଖି
ଆମକୁ ଧୂଆଁପତ୍ର ମାଗିଲ ତମେ
ଯୁବା ବୟସକୁ ଦେଖି
ଗାଇବି କିନ୍ଦରାଗୀତ ଲକ୍ଷଣ ପଢି
ଅଣ୍ଟେ ଭିଡାଭିଡି କନ୍ଧଣିଜାତି
ମୁଣ୍ଡୁଲୁ ମହୁରିଆ ମହୁରୀ ଫୁଙ୍କିଲେ
ନାଚେ ସୁନାଧର ଆତ୍ମା
ନଦୀ ସେପଟେ ବ୍ରାହ୍ମଣ ଚଟରା ଗାଁ
ଅଣ୍ଡାଦେଲା ମାଇ କାପୁ (ଚଢେଇ)
ତମ ବଡ ନାନୀ ଉପର ମୁହିଁ
ତୁମେ ଏକ ବେଙ୍ଗ ଥାପୁ

ଗାଆ ଗାଅ ମୋର ରତନ
ଗାଅ ଟିକେ ଶୁଣିଦେଖୁ
ଗାଇଲେ ଟିକିଏ ରହିଥିବି ମୁହିଁ
ନ ଗାଇଲେ ଫେରିଯିବି ।

⁂⁂⁂

# ଧାଙ୍ଗ୍ଡା ଧଙ୍ଗ୍ଡୀ ଗୀତ୍

ମସିହଦୁର୍ ବୁଡାରଜା ହଡ୍ହୁଜା
ବାଲ୍‌ବାଜା ଖନ୍ଦୁଲ୍ ବାଜା
ହଡ୍ ହିନ୍ଦା ଲୁଦୁର ହିନ୍ଦା
କଡ୍‌ବାଙ୍ଗା ସିକ୍‌ଡିବାଙ୍ଗା
ଚାହାହାତୁର୍ ମୁଡାହାତାରୁ
ହଡ୍‌ହୁଜା ବୁଡାରଜା
ଡିଣ୍ଡାରଜା ଉଡିଆ ରଜା
ଡିଣ୍ଡା ନକଡ୍ ଉଡିଆନକଡ୍
ବୁଡା ବଇର୍ କୁନାବଇର
ମାଉଲ୍ ମାଇ ସାକୁଲାଇ ।

ଓଡିଆ ଅନୁବାଦ :

ମସିପଦର ବୁଢାରଜା ପୋଡୁ ପୂଜା
ବାଇ ବାଜା କାନ୍ଦୁଲ ବାଜା
ଘୁଙ୍ଗୁରପେନ୍ଥା ପିନ୍ଧୁଥିବା
ଖୁଣ୍ଟ ଭାଙ୍ଗୁଥିବା ଶିକୁଳୀ ଛିଣ୍ଡାଉଥିବା
ଚମ୍ପା ପତର ମୂଳା ପତର୍
ପୋଡୁପୂଜା ବୁଢାରଜା
ଅବିବାହିତ ରାଜା ଓଡିଆରଜା
ଅବିବାହିତ କୁହନାହିଁ ଓଡିଆ କୁହନାହିଁ
ବୁଢାବଇର୍ କୁନାବଇର୍
ମାଉଲ୍ ମାଇ ସାକୁଲାଇ ।

⁂⁂⁂

(୨)

ସେରି କଇଲାଇଁ ଦଙ୍ଗ୍‌ଡାମନ୍‌
ଦଙ୍ଗ୍‌ଡାମନ୍‌ କଇଲାଇଁ ଲାଗି
ଆଉ କାଇଁ ନୂନୀ ଗୀତ୍‌ କଉଁ
କତ୍‌ତାକଉଁ ବଲ୍‌ଲାଇଁ
ସଙ୍ଗେ ମିଶୁ ସଙ୍ଗେ ବିଡୁ
ଗୀତ୍‌ କଉଁ ନାଟ୍‌କରୁଁ
ଶର୍‌ଦାକରୁ ସୁନ୍ଦୁର୍‌ କରୁ
ଆତ୍‌ ନଇଲା ଲୋକ୍‌ ଗଡ୍‌ ନଇଲା ଲୋକ୍‌
ତୁଇ ଗରେ ବସ୍‌ତେରେସ୍‌ କି
ତୁଇ ନ୍ଦକ୍‌ଲେକ୍‌ ନେଗେଲେକ୍‌
ମୋର ସଙ୍ଗସଙ୍ଗ୍‌ ଆଉ ବୁଲୁ
ଶରଦା କରି ସୁନ୍ଦୁର୍‌ କରି ଲୁକାଇଁ ନୂନୀ
ବୁଲୁକାଇଁ ନୂନୀ ଗରେ ବସ୍‌ତେନେରେ
କାନି କରମ୍‌ଲାଗେଦ୍‌ ଦିୟାଦରମ ଲାଗେଦ୍‌
ଯୁବ୍‌ବେ ସଙ୍ଗ୍‌ ସଙ୍ଗ୍‌ ଆଉବେ ବୁଲ୍‌ବେ
ଏ ନୂନୀ ଆଉଯୁ ବଲ୍‌ଲାଇଁ ଆର୍‌
କୁତେ ନିଲାଇଁ ସଙ୍ଗାର୍‌ ଲୋକ୍‌
ମୁଇଁ ବଲ୍‌ଲେ ହିଲାଲୋକ୍‌ ସାନ୍‌ଲୋକ୍‌
ମୁଇଁ କତା ନଜାଣି ମୁଇଁ ଗୀତ୍‌ ନିସିକି ବଲ୍‌ଲେ
ମୁଇଁ ନାଶିବାଇମନ୍‌ ମୁଇଁ ଗୀତ୍‌ ଜାଣ୍‌ବାର ନାଇଁ
କତା ଶିଖ୍‌ଲାର୍‌ ନାଇଁ ବଲ୍‌ଲେ ଆର୍‌
ବାଇମନ୍‌କେ କଇଲେ ମୁଇଁ ହିଲାଲୋକ୍‌ ସାନ୍‌ଲୋକ୍‌
ଆତ୍‌ କଲିଲୋକ୍‌ ଗାତ୍‌ ଚଟି ଲୋକ୍‌
ମୁଁ ଗୀତ୍‌ ନଜାଣି କଥା ନଜାଣି

ଓଡିଆ ଅନୁବାଦ :

ଯୁବକମାନେ କହିଲେ ପୁଣି
ଆମେ ଡାକିବା

ଆସ ହେ ଝିଅ ଗୀତ ଗାଇବା
ଗପ କରିବା
ସାଙ୍ଗହୋଇ ଆମେ ଗୀତ ଗାଇବା
ହସ ଖୁସି ହୋଇ ନାଚ କରିବା
ହାତ ନାହିଁ ଗୋଡ଼ ନାହିଁ ବୋଲି
ତୁମେ ଘରେ ବସିଥିବ
କୁଆଡେ ବୁଲି ନଗଲେ କିନ୍ତୁ
ମୋ ସାଙ୍ଗରେ ବୁଲି ଯିବ
ହସଖୁସି କରି ଯିବା ହେ ଝିଅ
ବୁଲିବା ଝିଅ ଘରେ ବସି ନରୁହ
ମୋତେ ଦୁଃଖ ଲାଗିବ ଦୟା ହେବ
ଆସ ମୋ ସଙ୍ଗେ ବୁଲିବାକୁ ଯିବ
ଡାକି ନେଲେ ମୋ ସାଙ୍ଗର ଲୋକେ
ମୁଁ କହିଲି ପିଲାଲୋକ ସାନଲୋକ
ମୁଁ ଗପ ଜାଣି ନାହିଁ ଗୀତ ଜାଣି ନାହିଁ
ନାଇଁ ଭାଇମାନେ ମୁଁ ଗୀତ ଜାଣିନାହିଁ
ଛୋଟ ପିଲା ମୁହିଁ ଗପ ଶିଖି ନାହିଁ
ହାତ ମୋର ନାହିଁ ଗୋଡ ମୋର ନାହିଁ
ମୁଁ ଗୀତ ଜାଣିନାହିଁ ମୁଁ ଗପ ଜାଣି ନାହିଁ ।

***

## (୩)

କାଟାକଡି ହାତ୍‌ତାରେ ବାଇ
ହାଣି ନତ୍‌ତାରେ ।
କାଜଲୀ ନୁନୀ ବାରୀ ଗଲି
ମନୁ ନତ୍‌ତାରେ ଜୀବନୁ ନତ୍‌ତାରେ
ତଲ୍‌ଲେ ଧର୍‌ଲେ ମାଛ ମୁଣ୍ଡା
ଉହୁରେ ଛଗ୍‌ଲୀ ଗଡା
କାନ୍ଧୁନାଇରେ କାଳିଆ ହାଣୀ
ବାନ୍ଧିଆଛି ଯୋଡା ଚିଣ୍ଡାଇ ଅଛି ଯୋଡା

କାଇ ଚଡ଼ଇ କୀରା
କୁହାଇ ବସୁଲି
ନୁନୀ ମନ୍‌ନାର ଟଲ୍‌କ ମାରା
ନୁନୀମନ୍‌ନାର ଟହଲୀ ମାର୍‌ରା
ମନ୍‌କେ ନାଆ ସୁଲି
କାନ୍ କେ ନା ଆସୁଲି ।
ଆମ୍ବୁ ଗାଣ୍ଣୁ ଜାମ୍ବୁ ଗାଣ୍ଣୁ ଭିତ୍‌ତୁରେ
ନୁନୀ ମନ୍‌ନାର୍ ଗାଡୁମାରା ନିତ୍‌ତୁରେ
ନୁନୀ ମନ୍‌ନାର୍ ହାଜେଗୁ ମାରା ନିତ୍‌ତୁରେ
ଛି ଲିନ୍ଦି କୁକୁଡ଼ା କନ୍
ଛିଲି ଘେନାଇ ଦେବା ମନ୍
ଛି ଲିନ୍ଦି କୁକୁଡ଼ା କନ୍
ଗୁଗ ଘେନାଇ ଦେବା ମନ୍

ଓଡିଆ ଅନୁବାଦ :

କଣ୍ଡା କୋଳି ପତରରେ ଭାଇହେ
କେବେ ପାଣି ରହେ ନାହିଁ
କାଇଲ ଝିଅ ପଳେଇ ଗଲା
ମନ ରହୁ ନାହିଁ ପ୍ରାଣ ରହୁନାହିଁ
ତଳେ ମାଛ ଧରିବା ପାଇଁ ହିଡ କଲେ
ଗୋଳିଆ ପାଣି ଉପରକୁ ଗଲା
କାନ୍ଦ ନାହିଁ ହେ କାଳିଆ ପାଣି
ଯୋଳା ବାନ୍ଧି ଚିଣ୍ଡାଇ ଦେଇଛି
କେଉଁ ପକ୍ଷୀ କେଉଁ ଚଢେଇ
ଉଇହୁଙ୍କା ଉପରେ ବସିଛି
ଝିଅମାନଙ୍କର ଟୋହଲ ମାରିବା
ଝିଅମାନଙ୍କର ତାଳି ମାରିବା
ମନକୁ ପସନ୍ଦ ହେଉ ନାହିଁ
କାନକୁ ଭଲ ଶୁଣା ଯାଉନାହିଁ
ଆମ୍ବବଣ ଜାମ୍ବୁବଣ ଭିତରେ
ଝିଅମାନଙ୍କର ବଳା ମାଗିବା ସବୁଦିନ
ଝିଅମାନଙ୍କର ମୁଦି ମାଗିବା ସବୁଦିନ

ଚି ଲନ୍ଦି କୁକୁଡ଼ା ରହିବା କୋଣ
କାନଫୁଲ କିଣିଦେବାକୁ ମନ
ଚି ଲନ୍ଦି କୁକୁଡ଼ା ରହିବା କୋଣ
କାନଫୁଲ କିଣିଦେବାକୁ ମନ ।

***

## ବାଲାଇମତା ଖେଡ୍ ଗୀତ୍

*(ଆଶ୍ୱିନମାସରେ ଜହ୍ନରାତିରେ ଗାଁ ଝିଅମାନେ ସମବେତ ହୋଇ ଗୋଟିଏ ଝିଅକୁ କେନ୍ଦ୍ରକରି ଚତୁର୍ଦ୍ଦିଗରେ ବସିଥାନ୍ତି । ବିଭିନ୍ନ ଫୁଲର ନାମରେ ଗୀତ ବୋଲିଥାନ୍ତି । ଗୀତ ମାଧ୍ୟମରେ ମଝିରେ ବସିଥିବା ଝିଅକୁ ମାତାଇ କରନ୍ତି । ମାତାଇ ଝିଅକୁ 'ବାଲାଇରାଣୀ' କହନ୍ତି । ସମବେତ କଣ୍ଠରେ ଝିଅମାନେ ଗୀତ ବୋଲି ବାଲାଇରାଣୀକୁ କୌତୁକିଆ ଆଦେଶ ଦେଇଥାନ୍ତି । ପରିଶେଷରେ ଗଞ୍ଜେଇ ଓ ମରିଚ ଫୁଲ ନାମରେ ଝିଅକୁ ମାତାଇ କରିଥାନ୍ତି)*

କୁମ୍ଡା ଫୁଲେତ ବଡେରାଗ୍
ଆମର୍ ବାଲାଇ କେ ଲାଗ୍
ସର୍ଗିଫୁଲେତ ବଡେ ରାଗ୍
ଆମର ବାଲାଇ କେ ଲାଗ୍
ଆମ୍ ଫୁଲେତ ବଡେ ରାଗ୍
ଆମର ବାଲାଇ କେ ଲାଗ୍
ଚେମି ଫୁଲେ ତ ବଡେ ରାଗ୍
ଆମର୍ ବାଲାଇ କେ ଲାଗ୍
କାକ୍ଡି ଫୁଲେ ତ ବଡେ ରାଗ୍
ଆମର୍ ବାଲାଇ କେ ଲାଗ୍
ମଲ୍ଲୀ ଫୁଲେ ତ ବଡେ ରାଗ୍
ଆମର୍ ବାଲାଇ କେ ଲାଗ୍
ଲାଉ ଫୁଲେ ତ ବଡେ ରାଗ୍
ଆମର୍ ବାଲାଇ କେ ଲାଗ୍
ବାତ୍ରୀ ଫୁଲେ ତ ବଡେ ରାଗ୍
ଆମର୍ ବାଲାଇ କେ ଲାଗ୍

ଚମ୍ପା ହୁଲେ ତ ବଡେ ରାଗ୍
ଆମର୍ ବାଲାଇ କେ ଲାଗ୍
ଚାଉଲ୍ ଧୁଆ ହୁଲେ ତ ବଡେ ରାଗ୍
ଆମର୍ ବାଲାଇ କେ ଲାଗ୍
ମଣ୍ଡାହୁଲେ ତ ବଡେ ରାଗ୍
ଆମର୍ ବାଲାଇ କେ ଲାଗ୍
କାସନ୍ ହୁଲେ ତ ବଡେ ରାଗ୍
ଆମର୍ ବାଲାଇ କେ ଲାଗ୍
ମନ୍ଦାର୍ ହୁଲେ ତ ବଡେ ରାଗ୍
ଆମର୍ ବାଲାଇ କେ ଲାଗ୍
ଛାମ୍ ହୁଲେ ତ ବଡେ ରାଗ୍
ଆମର୍ ବାଲାଇ କେ ଲାଗ୍
କରୁଣା ହୁଲେ ତ ବଡେ ରାଗ୍
ଆମର୍ ବାଲାଇ କେ ଲାଗ୍
ହଣସ୍ ହୁଲେ ତ ବଡେ ରାଗ୍
ଆମର୍ ବାଲାଇ କେ ଲାଗ୍
କଦ୍ଲୀ ହୁଲେ ତ ବଡେ ରାଗ୍
ଆମର୍ ବାଲାଇ କେ ଲାଗ୍
ଗନ୍ଧ୍‌ରୀ ହୁଲେ ତ ବଡେ ରାଗ୍
ଆମର୍ ବାଲାଇ କେ ଲାଗ୍
ଧାନ୍ ହୁଲେ ତ ବଡେ ରାଗ୍
ଆମର୍ ବାଲାଇ କେ ଲାଗ୍
କଲ୍‌ଥ ହୁଲେ ତ ବଡେ ରାଗ୍
ଆମର୍ ବାଲାଇ କେ ଲାଗ୍
ଅଳ୍‌ସୀ ହୁଲେ ତ ବଡେ ରାଗ୍
ଆମର୍ ବାଲାଇ କେ ଲାଗ୍
ଝୁଡୁଙ୍ଗ୍ ହୁଲେ ତ ବଡେ ରାଗ୍
ଆମର୍ ବାଲାଇ କେ ଲାଗ୍
ଗଞ୍ଜାଇ ହୁଲେ ତ ବଡେ ରାଗ୍
ଆମର୍ ବାଲାଇ କେ ଲାଗ୍
ମିରିଚ୍ ହୁଲେ ତ ବଡେ ରାଗ୍
ଆମର୍ ବାଲାଇ କେ ଲାଗ୍

ଓଡିଆ ଅନୁବାଦ:

କଖାରୁ ଫୁଲରେ ରାଗ ବହୁତ
ଆମର ବାଲାଇରାଣୀକୁ ଧରତ
ଶାଳଫୁଲରେ ତ ରାଗ ବହୁତ
ଆମର ବାଲାଇରାଣୀକୁ ଧରତ
ଆମ୍ବ ଫୁଲରେ ତ ରାଗ ବହୁତ
ଆମର ବାଲାଇରାଣୀକୁ ଧରତ
ଶିମ୍ବ ଫୁଲରେ ତ ରାଗବହୁତ
ଆମର ବାଲାଇରାଣୀକୁ ଧରତ
କାକୁଡି ଫୁଲରେ ତ ରାଗ ବହୁତ
ଆମର ବାଲାଇରାଣୀକୁ ଧରତ
ମଲ୍ଲୀ ଫୁଲରେ ତ ରାଗ ବହୁତ
ଆମର ବାଲାଇରାଣୀକୁ ଧରତ
ଲାଉ ଫୁଲରେ ତ ରାଗ ବହୁତ
ଆମର ବାଲାଇରାଣୀକୁ ଧରତ
ବାତ୍ରୀ ଫୁଲରେ ତ ରାଗ ବହୁତ
ଆମର ବାଲାଇରାଣୀକୁ ଧରତ
ଚମ୍ପା ଫୁଲରେ ତ ରାଗ ବହୁତ
ଆମର ବାଲାଇରାଣୀକୁ ଧରତ
ଚାଉଳଧୁଆ ଫୁଲରେ ତ ରାଗ ବହୁତ
ଆମର ବାଲାଇରାଣୀକୁ ଧରତ
ଗେଣ୍ଡୁ ଫୁଲରେ ତ ରାଗ ବହୁତ
ଆମର ବାଲାଇରାଣୀକୁ ଧରତ
କୁସୁମ ଫୁଲରେ ତ ରାଗ ବହୁତ
ଆମର ବାଲାଇରାଣୀକୁ ଧରତ
ମନ୍ଦାର ଫୁଲରେ ତ ରାଗ ବହୁତ
ଆମର ବାଲାଇରାଣୀକୁ ଧରତ

ଜାମୁ ଫୁଲରେ ତ ରାଗ ବହୁତ
ଆମର ବାଲାଇରାଣୀକୁ ଧରତ
କରୁଣା ଫୁଲରେ ତ ରାଗ ବହୁତ
ଆମର ବାଲାଇରାଣୀକୁ ଧରତ
ପଣସ ଫୁଲରେ ତ ରାଗ ବହୁତ
ଆମର ବାଲାଇରାଣୀକୁ ଧରତ
କଦଲୀ ଫୁଲରେ ତ ରାଗ ବହୁତ
ଆମର ବାଲାଇରାଣୀକୁ ଧରତ
ଗନ୍ଧରୀ ଫୁଲରେ ତ ରାଗ ବହୁତ
ଆମର ବାଲାଇରାଣୀକୁ ଧରତ
ଧାନ ଫୁଲରେ ତ ରାଗ ବହୁତ
ଆମର ବାଲାଇରାଣୀକୁ ଧରତ
କଲଥ ଫୁଲରେ ତ ରାଗ ବହୁତ
ଆମର ବାଲାଇରାଣୀକୁ ଧରତ
ଅଇସୀ ଫୁଲରେ ତ ରାଗ ବହୁତ
ଆମର ବାଲାଇରାଣୀକୁ ଧରତ
ଝୁଡୁଙ୍ଗ ଫୁଲରେ ତ ରାଗ ବହୁତ
ଆମର ବାଲାଇରାଣୀକୁ ଧରତ
ଗଞ୍ଜେଇ ଫୁଲରେ ତ ରାଗ ବହୁତ
ଆମର ବାଲାଇରାଣୀକୁ ଧରତ
ଲଙ୍କା ଫୁଲରେ ତ ରାଗ ବହୁତ
ଆମର ବାଲାଇରାଣୀକୁ ଧରତ ।

***

(୨)

**ବାଲାଇରାଣୀକୁ ଅନ୍ୟ ଖେଳାଳୀମାନେ ଯେଉଁଭଳି ଆଦେଶ ଦେବେ ସେ ସେହିଭଳି କାର୍ଯ୍ୟକରିବାକୁ ବାଧ୍ୟ ହେବ**

ମୋର୍ ବାଲାଇ ରୁସିଲା
କଦ୍‌ଡୀ ଗଚ୍‌କି ବୁସିଲା
ମୋର୍ ବାଲାଇ ରୁସିଲା
ସଲହ୍ ଗଚ୍‌କି ବୁସିଲା
ମୋର୍ ବାଲାଇ ରୁସିଲା
ଆମ୍ବା ଗଚ୍‌କି ବୁସିଲା
ମୋର୍ ବାଲାଇ ରୁସିଲା
ସାଲ ଗଚ୍‌କି ବୁସିଲା
ମୋର୍ ବାଲାଇ ରୁସିଲା
ମଉଲ ଗଚ୍‌କି ବୁସିଲା
ମୋର୍ ବାଲାଇ ରୁସିଲା
ହଣସ୍ ଗଚ୍‌କି ବୁସିଲା
ମୋର୍ ବାଲାଇ ରୁସିଲା
ଜାମ୍ ଗଚ୍‌କି ବୁସିଲା
ମୋର୍ ବାଲାଇ ରୁସିଲା
କାସନ୍ ଗଚ୍ କି ବୁସିଲା
ମୋର ବାଲାଇ ରୁସିଲା
ଡୁମ୍ବର୍ ଗଚ୍‌କି ବୁସିଲା
ମୋର ବାଲାଇ ରୁସିଲା
ଅର୍‌ଡା ଗଚ୍‌କି ବୁସିଲା ।

**ଓଡିଆ ଅନୁବାଦ:**

ମୋର ବାଲାଇ ରୁସିଲା
କଦଳୀ ଗଛକୁ ଭୂଷିଲା
ମୋର ବାଲାଇ ରୁସିଲା
ସଲପ ଗଛକୁ ଭୂଷିଲା
ମୋର ବାଲାଇ ରୁସିଲା
ଆମ୍ବ ଗଛକୁ ଭୂଷିଲା

ମୋର ବାଲାଇ ଗୁସିଲା
ସାଜଗଛକୁ ଭୂଷିଲା
ମୋର ବାଲାଇ ଗୁସିଲା
ମହୁଲ ଗଛକୁ ଭୂଷିଲା
ମୋର ବାଲାଇ ଗୁସିଲା
ପଣସ ଗଛକୁ ଭୂଷିଲା
ମୋର ବାଲାଇ ଗୁସିଲା
ଜାମୁ ଗଛକୁ ଭୂଷିଲା
ମୋର ବାଲାଇ ଗୁସିଲା
କୁସୁମ ଗଛକୁ ଭୂଷିଲା
ମୋର ବାଲାଇ ଗୁସିଲା
ଡିମିରି ଗଛକୁ ଭୂଷିଲା ।
ମୋର ବାଲାଇ ଗୁସିଲା
ହରିଡା ଗଛକୁ ଭୂଷିଲା ।

***

(୩)

ଆମ୍ଭା ଡିର୍ ଡିର୍ କସୁମ୍ ଡିର୍
ଖେଦିନେର୍ ନାକ୍‌ଟିବିର୍
ଆମ୍ଭା ଡିର୍ ଡିର୍ କୁସୁମ୍ ଡିର୍
ଖୋଜି ଆଣ୍‌ରେ ନାକ୍‌ଟିବିର୍
ଆମ୍ଭା ଡିର୍ ଡିର୍ କୁସୁମ୍ ଡିର୍
ହଡାଉତେ ଯାରେ ନାକ୍‌ଟିବିର୍
ଆମ୍ଭା ଡିର୍ ଡିର୍ କୁସୁମ୍ ଡିର୍
ବାନ୍ଧ୍‌ତେ ଆଣ୍‌ରେ ନାକ୍‌ଟିବିର୍
ଆମ୍ଭା ଡିର୍ ଡିର୍ କୁସୁମ୍ ଡିର୍
ଖେଦିନେର୍ ନାକ୍‌ଟିବିର୍
ଆମ୍ଭା ଡିର୍ ଡିର୍ କୁସୁମ୍ ଡିର୍
କିନ୍ଦ୍‌ରି ବୁଲ୍‌ରେ ନାକ୍‌ଟିବିର୍
ଆମ୍ଭା ଡିର୍ ଡିର୍ କୁସୁମ୍ ଡିର୍
କାନ୍ଦ୍‌ତେ ବୁଲ୍‌ରେ ନାକ୍‌ଟିବିର୍

ଆମ୍ବା ଡିର୍ ଡିର୍ କୁସୁମ୍ ଡିର୍
ହାଣି ଗଦ୍‌ଡାଉରେ ନାକ୍‌ଟିବିର୍
ଆମ୍ବା ଡିର୍ ଡିର୍ କୁସୁମ୍ ଡିର୍
ମାଣ୍ଡିଆ ଗରରେ ନାକ୍‌ଟିବିର୍
ଆମ୍ବା ଡିର୍ ଡିର୍ କୁସୁମ୍ ଡିର୍
ଦାନ୍ କୁଟ୍‌ରେ ନାକ୍‌ଟିବିର୍

**ଓଡ଼ିଆ ଅନୁବାଦ :**

ଆମ୍ବ ଡାଳ ଡାଳ କୁସୁମ ଡାଳ
ଖେଦିଯାରେ ନାକ୍‌ଟିବିର୍
ଆମ୍ବ ଡାଳ ଡାଳ କୁସୁମ ଡାଳ
ଖୋଜିଆଣରେ ନାକ୍‌ଟିବିର୍
ଆମ୍ବ ଡାଳ ଡାଳ କୁସୁମଡାଳ
ଦୌଡି ଦୌଡି ଯାରେ ନାକ୍‌ଟିବିର୍
ଆମ୍ବ ଡାଳ ଡାଳ କୁସୁମଡାଳ
ବାନ୍ଧି ଆଣରେ ନାକ୍‌ଟିବିର୍
ଆମ୍ବ ଡାଳ ଡାଳ କୁସୁମ ଡାଳ
ଖେଦିଯାରେ ନାକ୍‌ଟିବିର୍
ଆମ୍ବ ଡାଳ ଡାଳ କୁସୁମ ଡାଳ
ଘୂରି ବୁଲ୍‌ରେ ନାକ୍‌ଟିବିର୍
ଆମ୍ବ ଡାଳ ଡାଳ କୁସୁମ ଡାଳ
କାନ୍ଦି ବୁଲ୍‌ରେ ନାକ୍‌ଟିବିର୍
ଆମ୍ବ ଡାଳ ଡାଳ କୁସୁମ ଡାଳ
ପାଣିରେ ଗାଧୋଇ ଦେରେ ନାକ୍‌ଟିବିର୍
ଆମ୍ବ ଡାଳ ଡାଳ କୁସୁମ ଡାଳ
ମାଣ୍ଡିଆ ପେଶି ଦେରେ ନାକ୍‌ଟିବିର୍
ଆମ୍ବ ଡାଳ ଡାଳ କୁସୁମ ଡାଳ
ଧାନ କୁଟୁରେ ନାକ୍‌ଟିବିର୍ ।

❀❀❀

# ଉପଦେଶ ଧରାଣି ଗୀତ୍

ପୁଅର ଶ୍ୱଶୁର ମଦଖାଇ ମାତିଗଲେଣି । ଝିଅଜ୍ୱାଇଁଙ୍କୁ ଭଲକରି ଖାଇବା, ରହିବା ପାଇଁ
ଗୀତ ମାଧ୍ୟମରେ ଉପଦେଶ ଦେଉଛନ୍ତି

(୧)

ମାତୁଲ ମାତୁଲୁ ବୁଡୀ ମାତୁଲୁ ମାତୁଲୁ କାଇଁ
ଟୋକି ଜୁଆଇଁ ଘରେ ଆସୁ ଡେରିଲେ
ମଦୁକାତାଇ ଦିଲା ମକେ
ଲନ୍ଦା କାତାଇ ଦିଲା ମକେ
ଦାଗୁଡୀ ନାଇଁ ଇତି କାଇଁ ଦାଗୁଡ଼ା ନାଇଁ ଇତିରେ
ଜ୍ୱାଆଇଁ ଘରୁ ଆସୁତେ ଟୋକି ଗରୁନା କେଟୁତେ
ସକାତୁ ହାଓ ଇତିରେ ଲନ୍ଦାର ବାୟା କରୁଲି
ମଦୁନୁ ଚନ୍ଦା ଅଇଲି
ସୋନେ ମାଡି ସୋନେ ମାଡି କାଇଁ
ଟୋଟି ଲାଗି ହିନ୍ଦିଲି ଆଗେ ମାତି
ସୋନା ବା ନାଦିଲେ ଆଚିରେ ଜୁଆଇଁ
ଜୁଆ ଖେଲୁ ନଯାରେ ତୁଇ
ଶୁଣ୍ଡି ମଦୁ କାଇ କାଇ ଜୁଆଇଁ
ଟୋକିର୍ ସୋନା ଶୁଣ୍ଡିଗର୍ ନେନେବେ ତୁଇ
ଦୁଃକୁ ସୁକୁ କର୍‌ତେ କା କାଇ ଜୁଆଇଁ ତୁଇ
କାହାତରୁ ଆସୁ ଚୁତୁଡେ ହୁଚିଡ଼ଁ
ହାଇଁଚି କବାତୁ କରୁତେ ତୁମି କାହା
ଡାଣ୍ଡାରୁ ଲୋକୁବାକୁର୍ କତ୍‌ତା ନେ ଦେରାକାଇ
ଦୁଃକୁ ଜିଉଁଣା କାହା କାଇ ଜୁଆଇଁ
ଉଡା ଟୁଟା ନଓ୍ୱା ତୁମି
ଆତ୍‌ତେକୁ ଗିନାକୁ କଇଲୁ କାଇଁ ଜୁଆଇଁ ଟୋକେ
ନାଇଁ ଉବା ଜିଦିଆକା ନିକ୍ ନାଇଁ

ଓଡିଆ ଅନୁବାଦ :

ମାତିଲି ମାତିଲି ବୁଢୀ ହେ ମାତିଲି ମାତିଲି
ଝିଅଙ୍କାଇଁ ଘରକୁ ମୁହିଁ ଆସିଥିଲି

ମହୁଲୀ ପିଆଇ ଦେଲେ ମୋତେ
ଲନ୍ଦା ଚଖାଇ ଦେଲେ ମୋତେ

ଯୁବତୀ ନାହିଁ କି ଯୁବକ ନାହାଁନ୍ତି ଏଠାରେ
ପହଞ୍ଚିଗଲି ଆସି ଝିଅ ଙ୍କାଇଁ ଘରେ

ରାତି ପାହି ଆସି ସକାଳ ହେଲା
ହାଣ୍ଡିଆ ବାଇଆ କଲା ମଦ ଚନ୍ଦା କଲା

ସାଙ୍ଗସାଥି ସାଙ୍ଗସାଥି ସାଙ୍ଗସାଥି ହେ
ଝିଅତ ସୁନା ମୁଦି ହାର ପିନ୍ଧିଛି ହେ

ସୁନାରୂପା ଦେଇଅଛୁ ହେ ଜ୍ବୁଆଇଁ
ଜୁଆ ଖେଳିବାକୁ ନ ଯାଅ ତୁହି

ଶୁଣ୍ଡି ମଦ ପିଇ ପିଇ ହେ ଜ୍ବୁଆଇଁ
ଝିଅର ସୁନାକୁ ଶୁଣ୍ଡି ପାଶେ ଦିଅ ନାହିଁ

ସୁଖେ ଦୁଃଖେ ଚଳି ଯାଅ ହେ ଜୁଆଇଁ
ମୁଣ୍ଡର ଝାଳକୁ ତୁଣ୍ଡରେ ମାରି

କାମ ଦାମ କରି ଚଳ ହେ ଜୁଆଇଁ
ଦାଣ୍ଡ ଲୋକଙ୍କ କଥା ଶୁଣ ନାହିଁ

କରମ ଆଦରି ଚଳ ହେ ଙ୍କାଇଁ
କଳିଗୋଳ କେବେ କରନାହିଁ

ଏତେକ କଥା ମନେ ରଖ ହେ ଜୁଆଇଁ
ବାପା ହେ ତମ ଝିଅ ଭଲ ନୁହଇଁ

⁂⁂⁂

## (୨)

ମଦଖାଇ ସବୁ ସଂପତ୍ତି ଜ୍ୱାଇଁ ହରାଇ ବସିଛି । ତାର ଶାଶୁ ଶ୍ୱଶୁର ଝିଅ ଜ୍ୱାଇଁକୁ ନିଜ ଘରକୁ ଡାକି ଆଣି କିଛି ଉପଦେଶ ଦେବା ସହିତ ବଞ୍ଚିବାର ରାହା ଦେଖାଉଛନ୍ତି

ନେ ଜୁଆଇଁ ନେ କାଇଁ ଶିରୁଭଲା ଡାବୁ ନେ ଜୁଆଇଁ
ଦୁଇ ହଜାର ଟଙ୍କା ନେ କାଇ ଜୁଆଇଁ
ହାଁଚୁ ତୁଲା ସୋନା ନେକାଇଁ ଜୁଆଇଁ
ଘର ସଂସାର୍ କରତେ କାକାଇ ଜୁଆଇଁ
ମଦୁହାଣି ତୁଇ ଚାଡୁ ତେ ଜୁଆଇଁ
ମଦୁହାଣି ଜୁଇ ଚାଡୁ
ନିଶାଣୁ ମୁଣ୍ଡା ଲାଗେ ଜୁକାଇ ଜୁଆଇଁ
ମଦୁ ଚାଡାଇନ୍ ତୋକେ
ମଦୁ ଚାଡ୍‌ଲେ ହୁଣିକାଇଉବା ଜିଦିନିକ ନାଇ ମକେ
ହାଇଟି କଲେକ୍‌କି କବାଡୁ କଲେକ୍ ଟିକୁଣା ନାଇଁ ତାକେ
ଗୁଜୁରୁ ଗୁଜୁରୁ ଅଇଲାଗେଦ୍‌ଦିନ୍‌କେ
ତାରୁ କାତ୍‌ତା ଶୁଣୁନାହାର୍‌ତେ ମଦୁ କାଉଁଲେ ଦିନ୍‌କେ
ନାଇଁ ନାଇଁ ନାଇଁ ଆୟା
କାଇ ନେବେଲି ତାକେ
ହାନ୍ଦିହାନ୍ଦି ମୁକେ କଇ ଦେଉଁଲା
ଉଣା ଶୁଣାଉକେ ମକେ
ମଦୁଇନ୍ଦା କାଇ କରି କାଇ
ମାରାହିଟା କରିଦ୍‌ବେ ମକେ
ନାଇଁ ନୁନୀ ନାଇଁ ନାଇଁ
ନିଶାଣୁ ମୁଣ୍ଡା ଲାଗେ ନେଉଁନ୍‌ବେ
ଯାନିକେ କୁଦୁତେ ଆଣୁନ୍‌ବେ
ବୁଦୁଲି କୁଦୁତେ ଆଣୁନ୍‌ବେ
ବଗିହା ଦେରୁତେ ଆଣୁନ୍‌ବେ
ଯାହାର୍ ହିଲାମନ୍ ଦରୁତ୍‌ତେ ଆଣାବେ ।

ଓଡିଆ ଅନୁବାଦ :

ନିଅ ହେ ଜ୍ୱାଇଁ ଖୁଚୁରା ପଇସା ନିଅ
ନିଅ ହେ ଜ୍ୱାଇଁ ଦୁଇ ହଜାର ଟଙ୍କା ନିଅ
ପାଞ୍ଚ ତୋଳା ସୁନା ହେ ନିଅ
ଭଲ କରି ଘର ସଂସାର କର
ଛାଡି ଦିଅ ମଦପାନ ହେ ଜ୍ୱାଇଁ
ଛାଡିଦିଅ ମଦପାନ
ନିଶାଣିମୁଣ୍ଡା ପାଶେ ଯିବା ହେ ଜ୍ୱାଇଁ
ଛାଡିଦିଅ ମଦପାନ
ମଦ ଛାଡିଦେଇଥାନ୍ତି ବାପା ମୁହିଁ
ତୁମ ଝିଅ ଭଲ ନୁହଁ
ସୁଖଶାନ୍ତି ତାକୁ ମିଳୁନାହିଁ ଜମା
ଯେତେ କଲେ କାମଦାମ
ଚିଡି ଚିଡା ହୋଇ ଚଲୁଅଛି ନିତି
ବୁଝିପାରୁ ନାହିଁ କିଛି
ତାହାରି କଥାକୁ ସହି ନପାରି
ମୁହିଁ ସିନା ମଦ ପିଉଛି
ନାଇଁ ମାଆ ନାଇଁ ମାଆ ତୁମେ ଶୁଣ
ତାକୁ କିଛି ମୁହିଁ କହି ନାହିଁ
କାନ୍ଦି କାନ୍ଦି ତୋତେ କହି ସେ ଦିଅଇ
ମୋତେ ଗାଳି ଶୁଣାଇବା ପାଇଁ
ମଦ ହାଣ୍ଡିଆ ପିଇବେ ପେଟେ
ମାର୍ ପିଟ୍ କରିବେ ମୋତେ ।
ନାଇଁ ଝିଅ ନାଇଁ ଝିଅ ହେ
ନିଶାଣି ମୁଣ୍ଡା ପାଶେ ଯିବା ହେ
ଯାନି କୁଡି ପାଖକୁ ଆସିବା ହେ
ମୁଦୁଲି କୁଡି ପାଖକୁ ଆସିବା ହେ
ବାରହା ଧରି ଆସିବା ହେ
ପିଲାମାନେ ଧରି ଆସ ହେ ।

⁂⁂⁂

# ମଦ୍ ଚାଡୁକେ ଗୀତ୍

## ଗ୍ରାମ ଦେବତାଙ୍କ ନିକଟରେ ମଦ ଛାଡିବା ପାଇଁ ଗୀତ(୧)

ନାଇଁ ଉବା ନାଇଁ ଉବା
ମଦ୍ ଛାଡାଉ ଦିଆଉସ୍ କି ମକେ
ନାଟୁ କରି କରି ମଦୁ ଛାଡିନ୍ ବେ ମୁଇଁ
ଗୀତ ଗାଇ ଗାଇ ମଦୁ ଛାଡିନ୍‌ବେ ମୁଇଁ
ଶୁଣିମଦୁ କାତ୍‌ତେ ବାୟା ଆଇନ୍‌ବେ ମୁଇଁ
ନାଇଁ ଜୁଆଇଁ ନାଇଁ ଜୁଆଇଁ ନାଇ କାଇଁ
ନାଇଁ ଜୁଆଇଁ ନାଇଁ ନାଇଁ ତୋର୍ ବଲୁର ହାଇଁ
ମଦ ଛଡାଉ ଦେଉଁଲୁ
ନିଶାଣ ମୁଣ୍ଡା ଲଗେ ମୁଣ୍ଡିଆ ମାରୁ କାଇ ଜୁଆଇଁ
ଜାନି ମୁଦିଲି ଆତୁ ଦକାଇଁ ଜୁଆଇଁ
ଉଡୁତି ବୁଡୁତି କୁଆରକରୁ ତବେ ମୁଣ୍ଡିଆ ମାରୁ ତୁଇ
ଆକୁତୁ କାଡାଇ ଦିଲାବେ କୁଡୁଡା
ମୁଦୁଲି ଦଗୁଲା ଆଚେ
ଆଣୁରେ ହିଲାମନ୍ ଗୁଷୁରା
ଦୁହୁନି ହୁଡାଇ ଦିଲାବେ ଜାନୀ
ଦାକୁକାଇ ମୁଦୁଲିବାଇ ହୁଜା କରୁବେ ତୁଇ
ଆକୁତୁକାଡାଇ ଦିଲାବେ ଗୁଷୁରା
ଆକୁତୁ କଡାଇ ଦିଲାବେ
ହୁଜୁବେ ମୁଦୁଲିବାଇ

ଓଡିଆ ଅନୁବାଦ :

ନାହିଁ ବାପା ନାହିଁ ବାପା
ମଦପାନ ଛାଡ଼ିବା ପାଇଁ

ନାଟ କରି କରି ମଦ ଦେବି ମୁହିଁ ଛାଡ଼ି
ଗୀତ ଗାଇ ମଦ  ଦେବି ମୁହିଁ ଛାଡି
ଶୁଣ୍ଡି ମଦ ପିଇ ବାୟା ହୋଇଛି
ନାହିଁ ଜୁଆଇଁ ନାହିଁ ହେ ଜୁଆଇଁ
ସେଥିପାଇଁ ସିନା କହୁଛୁ
ତୁମରି ଭଲ ପାଇଁ
ମଦ ପିଇବାକୁ କରୁଛୁ ମନା
ତୁମରି ମଙ୍ଗଳ ପାଇଁ
ନିଶାଣୀ ମୁଣ୍ଡା ପାଖକୁ ଯାଇଁ
ପ୍ରଣିପାତ କର ଜ୍ୱାଇଁ
ଜାନୀ ମୁଦୁଲିକୁ ପ୍ରଣାମ ଜଣାଅ
ପୁରୁବ ପଶ୍ଚିମେ ନମସ୍କାର କର
ଅକ୍ଷତ ଖାଇଥିବା କୁକୁଡାକୁ
ଧରିଛନ୍ତି ମୁଦୁଲିବାବୁ
ଆଣରେ ପିଲାମାନେ ଘୁଷୁରୀ
ଧୂପ ଦେଲେଣି ଜାନୀ ବାବୁ
ଦେଖି ପୂଜାକର ମୁଦୁଲିବାବୁ
ଆଗରୁ ଖାଇଲା ଘୁଷୁରୀ ଅକ୍ଷତ ସବୁ ।

***

(୨)

ମଦୁଲନ୍ଦା ସାଙ୍ଗେରେ ନୁନୀ ମିଶୁରେ ନୁନୀ
ଗୁସୁର ହୁଡୁଗା ଅଇଲିବେ ହୁଲାମନ୍ ଅଲେ ଆଣାବେତବେ
ଚକନିଧନା ଅଇଲିବେ କାଇ ଦାଦାମାଇ ବେଟୁତେନିଆ
ତୁମି ଦାଦା ବାବୁମନ୍ ହୁଡୁଗା ମଦୁବୁଲାଅବେ
ନାଚି ଡାଗାଇ କାଉଁବେ ଜୁଆଇଁ ଆଜି ମଦୁ ଚାଡୁଲା
ବାଇବେଣୀ ସବୁ ଜମୁତେରିଆ ମନ୍ଦକେନଦିଆସ୍ ଡାକେ

ଉରୁଗାହାଟ୍‌ତେ ମରେ ତାକେ
ନାଇଁ ନୁନୀ ନାଇଁ ନାଇଁ ଆଜି ଗୁଡି ଗୁଡି କାଅଣ
ମଦୁ ଚାଡାଇଦିଲୁ ତାକେ
ଗରେ ଗଲେ କାଇ ଜୁଆଇଁ ମାରାହିଟାନଓ୍ୱା ତୁମି
ଶୋଇତୁ ହାରମାଣ୍ କରାଇଲୁ ତୋକେ
ମାତୁଲେ ମାତୁଲେ ମୁଇଁ କାଇରି ନ ଜାଣୁଲେ ମୁଇଁ
ସକାଡ୍ ଭାବ୍‌ଣ ମୁଇଁ କାଇଉବା
ତବେ ବାତାଅଦିଆ ମକେ
ଯା ଟଙ୍କା ସୋନା କାଇଉବା
ଜିତିକେ ମୋଟୁ ବାନ୍ଦୁତେ ଦିଆସ୍
ଯା କାରୁବାରୁ କରେଦେ
ଶନିବାରୁ ଆଟେ ଯାଇଦେ

ଓଡିଆ ଅନୁବାଦ:

ମହୁଲିହାଣ୍ଡିଆ ସାଙ୍ଗରେ ଝିଅ ମିଶିବାରେ
ବାରହା ବଜାଆସିଲାଣି  ପିଲାଏ ଆଣରେ
ଚଉପଦି ଆସିଲାଣି ମାଲ କାଡି ନିଅ ହେ
ଭାଇମାନେ ବଜା ଓ ମହୁଲୀ ବାଣ୍ଟି ଦିଅହେ
ନାଚି କୁଦି ଆମେ ଭୋଜି ଖାଇବା
ଜୁଆଇଁ ଆଜିଠାରୁ ମଦ ଛାଡିଲା
ଭାଇ ଭଉଣୀ ସବୁ ଆଜି ଶୁଣ
କେହି କେବେ ଆଉ ମଦ ନ ଦିଅ
ଛାତିଫାଟି ତାର ପ୍ରାଣ ତ ଯାଉ
ନାହିଁ ଝିଅ ନାହିଁ ଆଜି ଟିକିଏ ପିଉ
ମଦ ପିଇବା ଆଜି ଛଡେଇ ଦେଲେ
ଘରକୁ ଗଲେ ଝଗଡ଼ା ନକର
ସପଥପାଠ କରାଇଲୁ ତୁମକୁ
ମାତିଛି ମୁଁ କି ଜାଣିପାରେ ନାହିଁତ
ସକାଳ ହୋଇଲେ ହେ ବାପା
ତମେ ମୋତେ ବଜାଇ ଦିଅ ।

ଟଙ୍କା ସୁନା ଯାହା ଅଛି ହେ ବାପ
ବୁଜୁଲା ବାନ୍ଧି ଝିଅକୁ ଦିଅ
ଯାହା ଯେଉଁ କରବାର କରିବ
ଶନିବାର ଦିନ ହାଟକୁ ଯିବ ।

⁂⁂⁂

## ଖେଡ୍ ଗୀତ୍
### (ଖେଳ ଗୀତ-୧)

ଓଟିରୁ ଖୁଦୁହିଲା ସରିଆରେ
କୁକୁଡା କାଅ
ଛାନୀକୁଡି ନିଶାନ୍ ମୁଣ୍ଡା
ମାରଲିଆରେ ଛୁଆରୁଲାଗ ।
ଜାଲି କାଇଲି ଗୁଣା ଗୁଣା
କଲ୍‌ସା କାଇଲି ଗୁଣା
ମଲା ଗଲା ଡୁମା ଡାଣୀ
କାନୁ ଡ଼େରି ଶୁଣା
ଗାଡି ମୁଣ୍ଡାର୍ ଛିଉଆଳି
ଲିଉଲିଆ ଗଡି
ଡେଶା ମଦଲ୍ ବାଜୁଲି
ହଦ୍‌ରିଆରେ ରାଙ୍ଗଇ ଆଗୁରେଡି ।
ଗୁଚାଇଦେ କି ଗୁଚାଇନ୍ଦେ ଡେସା ଗୁଚାନ୍ଦେ
ଡିମ୍‌ଡି ଗୁଚାନ୍ଦେ ।
ବାଇ ବେଣୀ ହିଣ୍ଡା ବସା
ଚିକ୍‌ଣ ହୁଚାନ୍ଦେ ବାଇ ତେଲୁ ଜାଗାଇନ୍ଦେ
ଶୁକ୍‌ଲା ହାତାରୁ ଆଉ ବାଇ କଲି
କାଇ ବହୁତ୍ କୁଦୁଲା ଆଉବାଇବଲି ।

ଓଡିଆ ଅନୁବାଦ:

ପଣତ କାନୀରୁ ଖୁଦ ସବୁ
କୁକୁଡା ପକ୍ଷୀ ଖାଉ ।

ଛାନୀକୁଡି ନିଶାଣୀ ମୁଣ୍ଡା
ସମସ୍ତଙ୍କୁ ନମସ୍କାର କରୁଅଛୁ ।
ବଡାକୁ ଖାଇଲା କାଠପୋକ
କଳସାକୁ ଖାଇଲା କାଠପୋକ ॥
ପ୍ରେତଆତ୍ମାଗଣସବୁ
କାନଦେଇ ଶୁଣ
ଘାଟି ଉପରେ ଥିବା ସିଆଳୀଲତା
କଅଁଳିଆପତ୍ର ଶୁଣ ।
ଗମ୍ଭିର ଶବ୍ଦରେ ମୃଦଙ୍ଗ ବାଜୁଛି
ହେ ହରିଆ ଧିରେ ଧିରେ ପାଦପକାଇଆସ
ଘୁଞ୍ଚାଇବି ଘୁଞ୍ଚାଇବି ଛାନ୍ଦରେ ଘୁଞ୍ଚାଇବି
ଶବ୍ଦରେ ଘୁଞ୍ଚାଇବି
ଭାଇ ଭଉଣୀମାନେ ପିଣ୍ଡାରେ ବସ
ତେଲ ଲଗାଇବି ତେଲ ଲଗାଇ ଦେବି ।
ଶୃଙ୍ଖଳାପତ୍ର କହିଲାଆସ ଭାଇ,
ବଡଭାଇ କହିଲା ଆସ ଭାଇ ॥

***

(୨)

ଇଡିଗଟା ବରାହିଲା ଗୁଦୁଗୁଦାଇଁ
ଡାଣ୍ଡେ ବାରୁଲେକ୍ ନୁନୀ ଆକି ମାରୁଲି,
ହାଏତାର୍ ହାଏ, ନୁନୀ ଡଣ୍ଡେ ନବାରି,
ଇସୁଡାବାଦୁ ଅସି ନୁନୀରେ
ଇସୁଡା ବାଦା ଅସିକାଇରେ
ସେତାରୁ ହାଇଁକା ଦାଦା ଡାଣ୍ଡେ ନବାରି
କନାରୁ ବାଡ୍‌ନିମୁଟା ଅଇଲି କୁଟ୍‌କୁଟା,
ଆସାରେ ଦାଦାମନ୍ କଡିକଡୁ ଯୁ
ହୁରୁନିହାତାର୍ ତାରୁ ହୁଲୁ ଆଣୁବେ

କାନେ ହିନ୍ଦୁତେ ନାଟ କରୁବେ
କାନେ ହିନ୍ଦୁତେ କେଲା କରୁବେ
ଗରେ ଗଲେ ଶାରୀ ଉଡାଉଡି ନଉଁ
ଗରେ ଗଲେ ନୁନୀ ଉଡା ଉଡି ନଉଁ
ଗୀତୁ କରୁ ନୁନୀ କାକେ ନ କଉଁ ତୁଇ
ଡାଣ୍ଡେ ବାର୍‌ଲେକ୍‌ଶାରୀ ମୋକେ ଲାଜ୍ କରତି
ଆୟା ଆବାକେ ନ ଶୁଣାଉସି ତୁଇ
ବୁ-ବାଇମନୁକେ ଇସ୍‌ଡା ବାଦୁ କରସି

ଓଡିଆ ଅନୁବାଦ:

ଟିକି ବାର୍‌ହା ଛୁଆ ଘଉଡେଇ ଦେଇ
ଦାଣ୍ଡେ ବାହାରିଲେ ଝିଅ ଆଖି ମାରଇ
କଳିଗୋଳ ହେବ ଝିଅ ଦାଣ୍ଡେ ନ ଯାଅ
କଳିଗୋଳ ହେବ ହେ ।
ସେଇଥିପାଇଁ ଦାଦା ହେ ଦାଣ୍ଡକୁ ଯିବିନି
କୋଣର ଚାଞ୍ଚୁଣୀ ବିଡା ଟୁକୁରା ହେଲାଣି
ଆସ ଆସ ଭାଇମାନେ କୋଳି ତୋଳିଯିବା
ପୁରନୀ ଗଛର ଫୁଲ ପତର ଆଣିବା
କାନରେ ଲଗାଇ ଆମେ ନାଚ କରିବା
କାନରେ ଲଗାଇ ଆମେ ଖେଳ ଖେଳିବା
ଘରକୁ ଯାଇ କଳିଗୋଳ ନ କରିବା
ଘରକୁ ଯାଇ ମିଳିମିଶି ଆମେ ଚଳିବା
ଗୀତ ଗାଇବା ଝିଅ କାହାକୁ ନ କହିବ
ଦାଣ୍ଡକୁ ବାହାରି ଗଲେ ମୋତେ ଲାଜ ଲାଗିବ
ବାପା ମାଆଙ୍କୁ ନ ଜଣାଇ ତୁମେ
ଭାଇଭଉଣୀମାନଙ୍କୁ ହିଂସା ନ କରିବ ।

***

# ଢେମ୍‌ଶା ନାଟ୍ ଗୀତ୍

## ଚଇତିପର୍ବ ସମୟରେ ଧାଙ୍ଗଡୀମାନେ ଧାଙ୍ଗଡାମାନଙ୍କୁ ଟାହିଟାପରା କରି ଗାଉଥିବା ଗୀତ(୧)

ଅଇଲି ଅଇଲି ଅଇଲି ବଲାରେ
ସମାଶର ହାଟର୍ ଲାଟିଆବାଜି ଗଡ୍ ଗଡାଇଲି ଆଜି
ଏବେକୁଣ୍ଡା ଡଲା ପାପଡ୍‌ତେ ନେଲା
ନାରୀ ଗାଁ ଚରା ମୁଲ୍ଲା
ସମା୍‌ର ହାଟ ଖଡ୍‌ଙ୍ଗା ଲଡୁ
ଜୁମାଇ ଚାଡ୍ରୁରେ
ଆମ୍ ଧରେ କୁଟେ ଜାମ୍ ଧରେ କୁଟେ
କାଠରଗଡାର୍ ଦାଙ୍ଗଡାମନ୍‌କେ ନିଶ୍ ନାଇଁ ଫୁଟେ
ନେଡିଆ ଖପେରା ନେଡିଆ ଖପେରା
କାଠର୍‌ଗଡାର୍ ଦାଙ୍ଗ୍‌ଡାମନ୍ ଅବ୍‌କା ଡକ୍‌ରା
ଜନା ଲିଆ ଲିଆ ଜନା ଲିଆ ଲିଆ
କାଠର୍ ଗଡାର୍ ଦାଙ୍ଗ୍‌ଡାମନ୍‌କେ ନେବି ଉଦ୍‌ଲିଆ
ଚାଲ୍‌ନିଆନା ଚାଲ୍ ନିଆନା କୁଣ୍ଡା ଚାଲାଉ
କାଠର୍‌ଗଡାର୍ ଦାଙ୍ଗ୍‌ଡାମନ୍‌କେ କୁଣ୍ଡା କୁଆଉ

ଓଡିଆ ଅନୁବାଦ :

ଅଇଲି ଅଇଲି ଅଇଲି ବଲାରେ
ସୋମବାର ହାଟର ଛାଟିଆବାଜି ଗଡ ଗଡାଇଲି ଆଜି
ଏଇଟି କୁଣ୍ଡାଡାଲା ଝାଡି ନେଲା
ନାରୀ ଗାଆଁ ଚରାମୂଲା
ସୋମବାର ହାଟର ବଡମୁଆଁ
ଅଧିଖ ଜମାଇ ଦେଲା
ଆମ୍ବ ଫଳେ ଥୁଣ୍ଟାଗଛେ ଜାମୁ ଫଳେ ଥୁଣ୍ଟାଗଛେ
କାଠରଗଡା ଯୁବକମାନଙ୍କର ଉଠିନାହିଁ ନିଶ

ନଡିଆ ଖୋଲ୍‌ପା ନଡିଆ ଖୋଲପା
କାଠରଗଡା ଯୁବକମାନେ ସମସ୍ତେ ବୁଢା
ମକା ଖଇ ମକା ଖଇ ମକା ଖଇ
କାଠରଗଡାର ଯୁବକମାନଙ୍କୁ ଉଦ୍‌ଲିଆ ନେଇଯିବି
ଚାଲୁଣୀ ଆଣ ଚାଲୁଣୀ ଆଣ କୁଣ୍ଡାଚଲାଇବା
କାଠରଗଡାର ଯୁବକମାନଙ୍କୁ କୁଣ୍ଡା ଖୁଆଇବା ।

❋❋❋

## (୨)

ଗାଡୁ କରପାଣେ ଯୋଡି କରପାଣେ
ମୁଆଁର ହାଣୀ ବାଙ୍ଗଗଲୀ ନୁନୀ
ଦେକ୍‌ଖୁ ଦେରୁହାଣେ ଚିହ୍ନୁ ଦେରୁହାଣେ
ଉଡି ଗଲି କିଆ ବସ୍‌ସି ଗଲିକିଆ
ନୁନୀମନ୍ ଟଲ୍‌କ ଗୋଟେକ୍ ଦିଆ ।।
କାଲୁହାଡି ଦାମ୍‌ନ୍‌ଯୋଡି ଝିରୁଝିର୍‌ରାହାଣୀ
ମାଛୁଡିମ୍ବୁରାଣୀ କାକ୍‌ଡାଡିମ୍ବୁ ରାଣୀ
ମ୍‌ଲା ମାଛୁ ଦେବି କୁଇଲା ଡିମ୍ବୁ ଦେବୀ
ନାଆଁ ହଡି ଯିବି ଲିଙ୍ଗା ହଡିଯିବି ।।
ବୋଲୁକଟୁ ଦିଆ ବୋଲୁ ଦିସାଦିଆ
ଉଜାଳ ହାଅଇତି ସକାଲ୍ ହାଅଇତି ।
ହୁରୁ ଢାଳେ ବସ୍‌ଲା ହିଲା
ହୁରୁ ନେଅ ବୋଲି
ଗୋଡି ମାରି ଚାଳା କଲି
ଘର୍‌ରେ ଯଅ ବୋଲି କଟାଇ ଯଅ ବୋଲି
ସାରିଆ ହୁଲୁ ଘର୍‌ରେ ଯଅ ବୋଲି
କଟାଇ ଯଅ ବୋଲି
ଏତେ ଜେନ୍ଦୁ ଲେନ୍ଦା ନୁନୀ ଦଇଲା ଗନ୍ଧା
ଘର୍‌ର ଯଅ ଜବାଲି କଟାଇ ଯଅ ବୋଲି
ଢେଟୁ ହାଣି ମାରୁଲି
ମାଳି ରେଟୁକେ

ତୁଲିଆ ମୁଣ୍ଡେ ବାରା ଦେଖୁ ନୁନୀ
ବଡାବେଟୁକେ ଚାତି ବେଟୁକେ
ହାଣୀବାସୁ ନାଳା ସୁସୁରାଦୀହାଲା
ଯୁଆଁ ଦେଖିଲା ହରା ଯୁଆଁ ଚିହ୍ନିଲା ହରା
ଜେଟୁ ହାଣୀ ମାରୁଲି ବାଇ
ବିଜୁଳି ମାଲକାଇ
ଡକୁରାଦୀ କେଟୁଲାରେ ନୁନୀ
ଟାଙ୍ଗୀ ମାଲ୍‌କାଇ ବାଇ ଟାଙ୍ଗୀଆ ମାଲ୍‌କାଇ
ଏ ଦେ ଲିଟୁ ଲିଛା ନୁନୀ ଢାଲି ବିଛା
ଟାଙ୍ଗୀ ମାଲ୍‌କାଇ ଟାଙ୍ଗିଆ ମାଲ୍‌କାଇ
ଛଲି ଦାନୁ କଟି ଆଣୁ ରେଙ୍ଗୀଆ ମଶଲେ
କେତେଦିନୁ ଡାରାଗାଇ ଖାସିନୁନୀ
ଧାଙ୍ଗ୍‌ଲା ରସୋଲେ ଧାଙ୍ଗ୍‌ଲୀ ରଶୋଲେ ।
ସାଳୁଧାରୁ କନେରେଅ ତୋରୀ ମନେ
ଧାଙ୍ଗ୍‌ଲା ରୋଶଲେ ଧାଙ୍ଗ୍‌ଲୀ ରୋଶଲେ
ଧାନୁ ଖଟ୍‌ଲେ ତୁସ୍‌କେ ତୁସ୍‌ସା
ମାଣ୍ଡିଆ ଖଟ୍‌ଲେ କଣ୍ଡା
ଇ ଗାଉଁଆର ନୁନୀମନ୍ ଇ ଗାଉଁଆର ବେଣୀମନ୍
ନିତ୍‌ରେ ରାନ୍ଦ୍‌ତି ଅଣ୍ଡା
ନିତ୍‌ରେ ଗାଟ୍‌ତି ରୁଟି ।
ବଙ୍ଗ ଘୋଡି ନିତ୍‌ରେ ରାନ୍ଦତି ଅଣ୍ଡା
ଢିଲି କିଡା ନିତ୍‌ରେ ରାନ୍ଦ୍‌ତି ରୁଟି (ଘୋଷା)

ଓଡିଆ ଅନୁବାଦ :

ଧନୀ ଗଣ୍ଡ ଭିତରେ ଝରଣାର ଗଣ୍ଡ ଭିତରେ
ମୁହଁରପାଣି କମି ଗଲା ଝିଅ
ଆଇନାରେ ଦେଖିଦିଅ ହେ ଝିଅ
ଉଡିଗଲା କିଆ ବସିଗଲା କିଆ
ଝିଅମାନେମୁଦି ଗୋଟେ ଦିଅ (ଘୋଷା)
କାଲପାଡି, ଦାମନଯୋଡି ନିର୍ମଳପାଣି
ମାଛ ଅଣ୍ଡା ରାଣୀ କଙ୍କଡା ଅଣ୍ଡାରାଣୀ

ମଲା ମାଛକୁ ଦେବି ପଚା ଅଣ୍ଡାକୁ ଦେବି
ନାଆଁ ଧରି ଯିବି ସ୍ମରଣ କରି ଯିବି

ଭଲ କଣ୍ଠ ଦିଅ ଭଲ ସ୍ୱାର ଦିଅ
ରାତି ହେଉଅଛି ଏଠି ସକାଳ ହେଉ

ବଢ଼ି ପାଣିରେ ବସିଲା ପିଲା
ଭସାଇ ନେବ ବୋଲି

ଗୋଡି ପକାଇ ଶବଦ କରିଲା
ଘରକୁ ଯାଉ ବୋଲି ଦ୍ୱାରକୁ ଯାଉ ବୋଲି

ସାରିଆ ଫୁଲ ଘରକୁ ଯାଉ ଦ୍ୱାରକୁ ଯାଉ ବୋଲି
ଏଇଟି ଓଦା ଓଦା ଝିଅ ସପାକଲା ମୋଟା ଲୁଗା

ଘରକୁ ଯାଉ ଦ୍ୱାରକୁ ଯାଉବୋଲି
ଖରାଦିନ ବର୍ଷା ହେଲା
ପାହାଡ ଉପରକୁ

ବାଡିପଟେ ବାହାରୀ ଦେଖିବା ଝିଅ
ବତା କାଢିବା ପାଇଁ ଛତା କାଢିବା ପାଇଁ

ପାଣି ପାଉଁଶର ପୋଲା ଦେଢସୁର ସାହି
ଜାଣିବା ଚିହ୍ନିବା ପରି ଦେଖିବା

ଖରା ଦିନରେ ବର୍ଷା ହେଉଛି
ଚିକ୍‌ମିକ୍ ବିଜୁଳି ମାରଇ

ତୁମର ସ୍ୱାମୀ ପହଞ୍ଚିଲା ଝିଅ
ଟାଙ୍ଗୀୟା ବୁଲାଇ ଟାଙ୍ଗୀ ବୁଲାଇ

ଏଇଟି ଟିପ୍‌ଟାପ୍ ଝିଅ ପଣତ ହଲାଇ
ଟାଙ୍ଗୀ ବୁଲାଇ ଟାଙ୍ଗିୟା ବୁଲାଇ (ଘୋଷା)

ଅଗରେ ଥିବା ଧାନକୁ କୁଟିଆଣ
ନାଲିଆ ମୁଷଳରେ

କେତେ ଦିନ ଡେଇଁ ଡେଇଁ ଖାଇବୁ
ଯୁବା ଯୁବତୀଙ୍କ ସାଙ୍ଗରେ

ସାଜଗଛର କଠଆଉ କୋଣରେ ତୋ ମନରେ
ଯୁବା ଯୁବତୀଙ୍କ ସାଙ୍ଗରେ

ଧାନ କୁଟିଲେ ଚଷୁକୁ ଚଷୁ
ମାଣ୍ଡିଆ କୁଟିଲେ କୁଣ୍ଡା
ଏଇ ଗାଁ ଝିଅ ଭଉଣୀମାନେ
ନିଇତି ରାନ୍ଧିବେ ମାଣ୍ଡିଆ ତୋମ୍ପା
ନିଇତି ତିଆରି କରିବେ ତୋମ୍ପା
ବଞ୍ଚ ଘୋଡୀ ନିତି ରାନ୍ଧିବେ ତୋମ୍ପା
ଢିଲିକିଡା ନିତି ରାନ୍ଧିବେ ତୋମ୍ପା ।

***

# ସାଇଲଡୀ ଖେଡ୍ ଗୀତ୍
## (ସାଇଲଡ଼ି ଖେଳଗୀତ)

ରିଚିଙ୍ଗ୍ ରାଚାଙ୍ଗା ମାଡିଙ୍ଗ୍ କାଟା
କୁଟୁ ମାଡୁସି ରିଂଙ୍ଗଡା କାଟାମାଡୁଦି କାଙ୍ଗଡା
କୁଟି ମାଡିନ୍ଦେ ହଚ୍ଚେ
କାଟା ମାଡ଼ିନ୍ଦେ ହଚ୍ଚେ
ଗୋଟେକ୍ ଯାମୁରା କଡିନ୍ଦେ
ଗୋଟେକ୍ ମାଡିଙ୍ଗ୍ କଡିନ୍ଦେ
ରାତିତ ଗୁଇଁଗାଇଁ ଦିବ୍‌ସେ କଙ୍ଗାରୁ
ଡ଼ିଲାଣି ଦେଏରେ ଆପା ଡିଲାଣି ଦେ
ଆରେ ବରିଆ କଡୁଟା ରାଇ ରତନ୍‌ମା'ଟି
ଆରେ ବରିଆ ଯୁଯୁଟା ହୁନୀଙ୍ଗନ୍ନର ରାତି
କନ୍ଦୁଲ୍ ଯାଟି ଯାଟିଅଣା ଗଲିଅପା
ଗଲିସିପା ସୁଲୁରୁଇ ଯିପା ।

**ଓଡିଆ ଅନୁବାଦ :**

ଭଲକରି ଚାଲ ମାଡିବୁ କଣ୍ଟା
କଣ୍ଟାମାଡିବୁ ବାବୁଧନ ମାଡିବୁ କଣ୍ଟା
କଣ୍ଟାମାଡିଲେ ମାଡିବି ପଛେ
ମଣ୍ଡା ମୁହଁ ମାଡିବି
ଗୋଟିଏ ପିଙ୍ଗୁଳି ତୋଳିବି ନିଶ୍ଚେ
ଗୋଟିଏ ଲେମ୍ବୁ ତୋଳିବି

ରାତିରେ ଘୁଁ ଘାଁ ଦିନରେ କଙ୍ଗାରୁ
ମେଲାଣୀ ଦେଏଲୋ ନାନୀ ମେଲାଣୀ ଦେ
ଆରେ ଘୁଷୁରୀ ମାଟି ଖୋଳିବା
ଆରେ ଘୁଷୁରୀ ପୂନେଇ ଜହ୍ନ ରାତିରେ ଲାଗିବା (ଗଣ୍ଡଗୋଳ)
କାନ୍ଦୁଲ କାଟି କାଟିବାନାନୀ ଗଲିନାନୀ
ଗଲି ସିପା ସୁଲୁରୁଇ ଯିପା ।

***

(୨)

କାଡି ବେଡାର୍ ରପାଦାନ୍
ଗାଦାର୍ ବେଡାର୍ କଷା ବଇଲି ଯେ
ତିନ୍ ଦୁକାଣର୍ ଚିଙ୍ଗ୍‌ଡି ଚପା
ନଅ ଦୁକାଣର୍‌ପଟା ବଇଲି ଯେ
ପଟା ଫିଙ୍ଗି ଫିଙ୍ଗି ବଅଁଳାଇ ଆଣ୍‌ଲା
ପୋଖ୍‌ନାଗୁଡିଆ ନାଟ ବଇଲି ଯେ
ଆମ୍ ଦରିଗଲା ଡାଲି ଡୁମରି
ହଣସ୍ ଦରିଲା କଲେ
ତୁରୁଞ୍ଜିଗୁଡିଆ ବଂଧୂ କାନ୍ଦ୍‌ଲା
ବୁଟା ବଦ୍‌ଲୀର ତଲେ
ନାଇଁ କାନ୍ଦ୍ ନାଇଁ କାନ୍ଦ୍ ମତେ ବିଚାରି
ଆସାବେ ଗର୍ ପାଚାରି
ବାଟର ବନ୍ଧ୍ ନିଲିଆ ପାନି
କୁମି କୁଆଡି ମଲା ଯେ
ଡେଙ୍ଗୀ କଜରୀ ମଲା ଯେ
ଦେଖାନି ତୁମର ତୁଆଲ୍ ଧରା ବୟସ୍ ଗଲା ଯେ

ଓଡିଆ ଅନୁବାଦ :

ଢିପ ଜମିର ରୂଆଧାନ
ଖାଲ ଜମିରେ ଘାସ ହେଲା ଯେ
ତିନି ଦୋକାନରୁ ଚିଙ୍ଗୁଡି କିଣିଲା
ନଅଟି ଦୋକାନରୁ ପଟା ବୋହିଲା ଯେ

ପଟା ଫିଙ୍ଗି ଫିଙ୍ଗି ଖସାଇ ଆଣିଲା
ପୋଖନାଗୁଡିଆ ନାଚ ହେଲା ଯେ
ଡିମିରି ଆମ୍ବ ଫଳିଲା ଡାଳେ
ପଣସ ଫଳିଲା ଗଣ୍ଡିରେ
ତୁରୁଞ୍ଜିଗୁଡିଆ ବଂଧୁ କାନ୍ଦିଲା
ଛୋଟ ବଦ୍‌ଲୀଗଛର ତଳେ
ନ କାନ୍ଦ ନ କାନ୍ଦ ମୋତେ ବିଚାରି
ଆସିବି ଘର ପଚାରି
ବାଟର ବନ୍ଧେ ନେଳିଆ ପାଣି
କୁମି କାଠର ଢୁଆଳି ମଲା ଯେ
ଡଙ୍ଗୀ ଖଜୁରୀ ଗଛ ମଲାଯେ
ଦେଖ ହେ ତୁମର ଯୁବା ବୟସ ଗଲା ଯେ
ଡ଼େଙ୍ଗା ଖଜ୍‌ରୀ ଗଛ୍‌ମଲି
ତୋର୍ ଧଙ୍ଗଡ଼ା ବୟସ୍ ଗଲି ।

***

# ବେଣ୍ଟ୍ ଗୀତ

## (ଜଙ୍ଗଲକୁ ଯିବା ସମୟର ଗୀତ)

ଲୋରୀଲୋ ଲୋରୀ ଲୋରୀ ବୁଲାଇନ୍ଦେ
ଆମ୍ବା ପତର ଝିଲିମିଲିଲା
ଲିମ୍ବ ପତର ଝିଲିମିଲିଲା
କଟ୍‌ରା ମାରି ଆରୁ ଧାଙ୍ଗୁଡା
ସମର ମାରି ଆଣୁ ଧାଙ୍ଗୁଡା
ବେଟୁ ଧାଙ୍ଗୁଡା ବେଟୁ ବୁଲାଇନ୍ଦେ
ଲୋରୀ ଧାଙ୍ଗୁଡା ଲୋରୀ ବୁଲାଇନ୍ଦେ
ସମର ବିନ୍ଧି ଆଣୁ ଧାଙ୍ଗୁଡା
କଟ୍‌ରା ମାରି ଆଣୁ ଧାଙ୍ଗୁଡା
ମଜୁରାର୍ ବେଣ୍ଟ ନାଇଁ ନାଇଁ
କଟରାର ବେଣ୍ଟ ନଇଲି

ତଣ୍ଡେ ଦାନ୍ତୁନ୍ ନାଇଁ ହ

ବୁକୁ କେ ମାରି ଯାନ୍ଦ୍‌ବେ

ସଡଗଡ୍ ରାତି ଅଇଲି

କେଟ୍ଲୁରେ ଧନୁ ରଇ

ପେଟେ ଅରୁଣ୍ ନ ଅଇଲି

ଚାରି ଗୋଟୁ ଡଙ୍ଗୁର୍ ଚାହୁଁତେ

କେଟୁଲେରେ ମାଲୁରଇ

କେଟୁଲେରେ ଧନୁରଇ.......

ଓଡିଆ ଅନୁବାଦ:

ଲୋରୀ ଲୋ ଲୋରୀ ଲୋରୀ ବୁଲାଇବି

ଆମ୍ବପତର ଝିଲିମିଲିଆ

ଲିମ୍ବ ପତର ଝିଲିମିଲିଆ

କୁଟୁରା ମାରି ଆଣ ଧାଙ୍ଗଡା

ସମ୍ବର ମାରି ଆଣ ଧାଙ୍ଗଡା

ଶିକାର ଯୁବକ ଶିକାରକୁ ଯିବ

ଲୋରୀ ଧାଙ୍ଗୁଡା ଲୋରୀ ବୁଲାଇବ

ସମ୍ବର ମାରି ଆଣ ହେ ଧାଙ୍ଗଡା

କୁଟୁରା ମାରି ଆଣ ହେ ଧାଙ୍ଗଡା

ମୟୂର ଶିକାର ମିଳିଲା ନାହିଁ

କୁଟୁରା ଶିକାର ମିଳିଲା ନାହିଁ

ଦାନ୍ତ ଘଷି ନାହୁଁ

କିପରି ଉପାସେ ଶୀକାର କରିବୁ

କିଟି କଟି ରାତି ହେଲାଣି ଆସି ପହଞ୍ଚି ନାହିଁ ମୋ ଧନରେ

ପେଟକୁ ମୋର ଅନ୍ନ ନ ଗଲା ଚାରିଟି ଡଙ୍ଗର ବୁଲି ଆସିଲୁ

ପହଞ୍ଚି ଗଲୁ ଧନରେ

ପହଞ୍ଚିଗଲୁ ବାବୁ ଧନରେ ।

⁂⁂⁂

ଲୋରୀକି ଲୋରୀ ଲୋରୀ ଦାଙ୍‌ଡା
ବେଟ୍ ବୁଲାଇନ୍ଦେ
ଚିନ୍ଦି କେ ଚିନ୍ଦି ଜ୍ଞାନୀବାବୁକେ
ଚିଙ୍ଗୁଡ଼ିତେ ବିନ୍ଧୁନ୍
ସମର ବିନ୍ଦି ଆଣୁ ଦାଙ୍‌ଡା
କଟ୍‌ରା ବିନ୍ଦି ଆଣୁ ଦାଙ୍‌ଡା
ଆଛେ ଅଲେ ଆଛେ ବୋଲା
ନାଇଁ ଅଲେ ନାଇଁ ବୋଲି
ହୁରୁବାର୍ ବାରା ଲାଗ୍ ମାଗୁ ଆଇଲୁ
ହୁରୁବାର୍ ନୀତି ଲାଗି ମାଗୁ ଆଇଲୁ
କୁକ୍‌ଡାର ଚାରା ଲାଗି ମାଗୁ
ଆଇଲୁ ଇବ୍‌ନାକାରା
ବାରାଉ ବାରାଉ ସୀତା କନିଆ
ବାରାଉ ବାରାଉ ଲକ୍ଷ୍ମୀ କନିଆ
ମୁଣ୍ଡେ ଓଢ଼ଣା କାରି ବାରାଉ
ଶିଯେ ଯାଇନ୍ଦେ ବୋଲି ନ କାନ୍ଦୁ
କୁଟେ ଯାଇନ୍‌ବେ ବୋଲିନ୍ କାନ୍ଦୁ
ମା'ର କଡେ ଯାଇବସିନ୍
ବାବୁର କଡେ ଯାଇ ବସିନ୍

ଓଡିଆ ଅନୁବାଦ :

ଲୋରୀ କି ଲୋରୀ ଲୋରୀ ଧାଙ୍‌ଡା
ଶିକାର ପାଇଁ ବୁଲିବ
ଚିନ୍ଦି କେ ଚିନ୍ଦୁ ଜ୍ଞାନୀବାବୁକୁ
ଗଳିଗଲା ପରି ବିନ୍ଧିବ
ସମର ମାରି ଆଣୁ ଧାଙ୍ଗଡା
କୁଟୁରା ମାରି ଆଣୁ ଧାଙ୍‌ଡା

ଅଛି ବୋଲି ଅଛି କୁହ

ନଥିଲେ ତ ମନାକର

ପୂର୍ବପ୍ରଥା ଅନୁସାରେ ମାଗି ଆସିଲୁ

ପୂର୍ବ ନିୟମ ଅନୁସାରେ ମାଗି ଆସିଲୁ

କୁକୁଡା ଖାଇବା ପାଇଁ ମାଗିବାକୁ ଆସିଲୁଁ

ଲୋଭ କରିବ ନାହିଁ

ବାହାର ବାହାର ସୀତା କନିଆ

ବାହାର ବାହାର ଲକ୍ଷ୍ମୀ କନିଆ

ମୁଣ୍ଡରେ ଓଢଣୀ ଦେଇ ବାହାର

ପତର ଉପରେ ଯିବ ବୋଲି ନ କାନ୍ଦ

ଖୁଣ୍ଟରେ ଯିବ ବୋଲି ନ କାନ୍ଦ

ମାର କୋଳେ ଯାଇ ବସିବ

ବାପାର କୋଳେ ଯାଇ ବସିବ ।

⁂⁂⁂

# ଢଗଢମାଳି

ପ.୧. ଇରି ଗୋଟେ ନିନି ଚେଡେ ।
ସାତ୍ ଭଉଁରୀ ହାଟିଆ ହିନେଦ୍ ------------------------ ହିଆଜ୍

ଓ. ଛୋଟ ଝିଅଟି ସାତ ପରସ୍ତ ଲୁଗା ପିନ୍ଧିଛି ------------------ ପିଆଜ

ପ.୨. ମିଟ୍ ମିଟ୍ କରି ଆଖ୍ଣ ମାରୁଲି କାଇରି ? ------------- ସକ୍ ଘଟିକା

ଓ. ମିଟି ମିଟି କରି ଆଖି ମାରୁଛି କିଏ ? ------------------ ଘଣ୍ଟିକା

ପ.୩. ଇତ୍‌ନୁ ମାରିଲି କାଣ୍ଡ୍ ନରଙ୍ଗ୍‌ପୁରର୍ ଦାଣ୍ଡ୍
ଗଛହତର୍ ସାକ୍ଷୀ
ଗଟେ ବଳଦ୍‌ର ତିନ୍‌ଟା ଆଖ୍ଣି ------------------------ ନେଡିଆ

ଓ. ଏଠାରୁ ମାରିଲି କାଣ୍ଡ ନବରଙ୍ଗପୁରର ଦାଣ୍ଡ
ଗଛପତର ସାକ୍ଷୀ, ଗୋଟିଏ ବଳଦର ତିନୋଟି ଆଖି ---------- ନଡିଆ

ପ.୪. ଚାମ୍ ଟାଣ୍ ଟାଣ୍ ହୁଞ୍ଜେକ୍ ------------------ ଖରା ଚାରିମାସ
କିଚୁମ୍ କାଚାମ୍ ହୁଞ୍ଜେକ୍ ------------------ ଶୀତ ଚାରିମାସ
ଟହଡ୍ ଟାହାଡା ହୁଞ୍ଜେକ ------------------ ବର୍ଷା ଚାରିମାସ

ପ.୫. ଚୁନ୍ ଗର୍‌କେ ବାଟ୍ ନାଇଁ----------------------------- ଗାର୍

ଓ. ଚୁନ ଘରକୁ ବାଟ ନାହିଁ----------------------------- ଅଣ୍ଡା

ପ ୬. ଇଟିରରେ ଭୁର୍‌ଷା କୀଡା
ମୁଇଁ ଯାଇନ୍ଦ୍ ଟିକ୍‌ରା ହାଡା------------------------ ବିରିବୁଟା

ଓ. ଏଠାରେ ରହରେ ସଁବାଳୁଆଁ
ମୁଁ ଯାଉଅଛି ଦୂର ଗାଁ ------------------------ ବିରିବୁଦା

ପ. ୭. ତଡ୍‌ବାଟାର୍ ଡେଙ୍ଗାଡମ୍
କାଡେଙ୍ଗେ ରମ୍ ---------------------------- ମଉଲ୍

ଓ. ତଳରାଇଜର ଡେଙ୍ଗାଡମ୍ଭ
ଟାର କଳିଜାରେ ରୁମ ------------------------ ମହୁଲ

ପ. ୮. ଇଡ଼ିଇଡ଼ି କାଟା ମଗ୍ ମଗ୍‌ବାସ୍

ଇ ଦନ୍ଧା ନଜାଣ୍‌ଲେ ଛ ମାସ୍ ---------------------- ହଣସ୍

ଓ. ସରୁସରୁକଣ୍ଟା ମହ ମହ ବାସ

ଏଇ ଢଗ ନ ଜାଣିଲେ ସଜ୍ଞା ଛଅ ମାସ ------------------ ପଣସ

ପ. ୯. ହାଣିଲଗେ ଜନମ୍ କଲି ମା

ହାଣି ଛୁଇଲେକ୍ ମରେଦ୍ ---------------------------- ନଣ୍

ଓ. ପାଣିରେ ଜନମ ତାର

ପାଣି ଛୁଇଁଲେ ମରଣ୍ ତାର -------------------------- ଲୁଣ

ପ. ୧୦. ଆଇସି ସୁନ୍ଦ୍‌ରୀ ଜିସି ଚାବ୍‌ରୀ --------------------- ମିରିଚ

ଓ. ମାଆ ସୁନ୍ଦରୀ ଝିଅ ରାମ୍ଫୁଡ଼ି ------------------------ ମରିଚ

ପ. ୧୧. ହଲ୍‌କା ଗଛେ ଚିଲହା ନାଚେ ------------------------ ଜୀବ୍

ଓ. ପୋଲା ଗଛରେ ଛେଲି ନାଚେ ------------------------ ଜୀଭ

ପ. ୧୨. ଡେଙ୍ଗ୍ ସର୍ଗି ମୁଣ୍ଡେ ମଟ୍

କୁନ୍ତି ଯାତା ଗଡ୍ ------------------------------ ଯନ୍ଦ୍‌ରୀ

ଓ. ଡେଙ୍ଗ ଶାଳ ମୁଣ୍ଡରେ ବୁଜୁଲା

କୁଆଡେ ଯିବା କୁଣିଆ ------------------ (ବାଜରା) ଖେଡିକନ୍ହା

ପ. ୧୩. କଲିଙ୍ଗ୍ ବାଟାର୍ ଡେଙ୍ଗୀ ମଇଁଷି

ଦୁଇବାଟେ ଦୁଦ୍ ଦେଇସି ------------------- ସଲଦ୍ ଗଚ୍

ଓ. କଳିଙ୍ଗ ଦେଶର ଡେଙ୍ଗା ମଇଁଷି

ଦୁଇ ବାଟରେ ଖିର ଦେଉଛି ------------------- ସଲପ ଗଛ

ପ. ୧୪. ସାନ୍ ହିଲା ଚାର୍ ହାତ୍ ଗଡ୍‌କି ଗିତୁଲି ------------------ କୋଟ୍

ଓ. ହାତନାହିଁ ଗୋଡ ନାହିଁ ନାହିଁ ତାର ମଥା

ମଣିଷକୁ ଗିଳିଦିଏ ବିଚିତ୍ର ଏ କଥା ------------------ କମିଜ

ପ.୧୫. କଲିଙ୍ଗ୍ ବାଟାର୍ ମଇଁଷି
ଶିଙ୍ଗେ ଚାରା ଖାଇସି ———————————— କାକ୍‌ଡା
ଓ. କଳିଙ୍ଗ ଦେଶର ମଇଁଷି
ଶିଙ୍ଗରେ ଚାରା ଖାଉଛି ———————————— କଙ୍କଡା

ପ.୧୬. ଗଚ୍ ଲଦ୍‌କା ହୁଲ୍ ଝୁମ୍‌କା
ଖାଇଲେକ୍ ସୁରତି ମନ ହୁରତି ———————————— ଦୁଙ୍ଗିଆ
ଓ. ଗଛଲଦକା ଫୁଲ ଝୁମ୍‌କା ————————————
ଟାଣି ଖାଇଲେ ମନ ପୁରତି ———————————— ଧୂଆଁପତ୍ର

ପ.୧୭. ଗୁଡ୍ ଗାଡ୍ ବୁଡ୍ ବାଡ୍ ବାଦାଇ ବୁଣା
ସକାଡ୍ ହାଇଲେକ୍ ହାଁଚ୍ ମାଣ୍ ଦୁଣା ———————————— ହାଣି ବନ୍ଧାଡ୍
ଓ. ଘୁଡ୍ ଗାଡ୍ ଘୁଡ୍‌ଘାଡ୍ ଭଦଇ ବୁଣା
ସକାଳ ହେଲେ ପାଞ୍ଚମାଣ ଉଣା ———————————— ପଟଳାଝାଡା

ପ.୧୮. କୁରଚା କୁରଚି ଦର୍‌ଲି ବେଙ୍ଗା
ଖୁରଞ୍ଚା ଆଟାତେ
କନ୍‌କା ବହଡା ଛିଡାଉତେନିଲା
ବିଲ୍‌କୁଲ୍ ନେହେଡେ ———————————— ମୁଣ୍ଡ
ଓ. ମେଞ୍ଚା ମେଞ୍ଚା ହୋଇ ଧରିଲା ଫଳ ———————————— ଶେଷ ଅଟାରେ
କେଉଁ ବିଚରା ଛିଣ୍ଡାଇ ନେଲା
ତଳେ ନ ପଡିଲା ଫଳରେ———————————— ମହୁ

ପ.୧୯. ଦୁଇ ହାତ୍‌ତେ ଚିର୍‌ତାର୍
ଆକି ନ ଦେଖ୍‌ତେ ହୁରାଉତାର୍
ମନ୍ ହୁରଲେକ୍ କଢ୍‌ତାର୍ ————(କୁକ୍‌ଡା ହକି ଲଗେ କାନ୍ କୁଣ୍ଡାଉତାର୍)
ଓ. ଦୁଇ ହାତରେ ଚିରି
ଆଖି ନ ଦେଖୁଣୁଭରି
ମନ ପୁରିଲେ ବାହାର କରି ———— (କୁକୁଡା ପକ୍ଷୀଦ୍ୱାରା କାନ କୁଣ୍ଡାଇବା)

ପ. ୨୧.ଥିବ ପାଟିଆଟା ଲାଗ୍‌ଥିବ ମୋଟାଟା

ଦୁଇଙ୍ଗ ଟେକ୍‌ତେ ମାର୍‌ତାରି ------------------------ କୁଡ୍‌କି

ଓ. ପାଟିଆଟି ଥାଇ ବେଣ୍ଟଲାଗିଥିବା

ଦୁଇବାହୁଟେକି ହାଣାଯାଏ ------------------------ କୋଦାଳ

ପ.୨୨. ଇଡିଟା ନୁନୀପିଲା ସାତ୍‌ଭର୍ ଲୁଗା ପିନ୍ଧିସି ------------------ ହିଆଜ୍

ଛୋଟ ଝିଅଟି ସାତପରସ୍ତ ପିନ୍ଧିଥାଏ ------------------ ପିଆଜ

ପ.୨୩. ରଙ୍ଗ୍ ରଙ୍ଗ୍ ଖାଇସି ଧବ୍ ଧବ୍ ଉଗାଲିସ୍ ---------ମାଣ୍ଡିଆ ଘରିବା ଯତ୍‌ତା

ଓ. ଲାଲ ବର୍ଣ୍ଣଖାଏ ଧଳାବର୍ଣ୍ଣର ଝାଡା କରେ ------------ ମାଣ୍ଡିଆ ପେସିବା

ପ.୨୪. ଇଡିଟା ନୁନୀ ପିଲା ପେଣ୍ଡେକ୍ ଧାତୁନ୍ କରିସି ---------- (ଚୂଲି / ଦାଗ୍ର)

ଓ. ଛୋଟ ଝିଅଟି ପେଣ୍ଡଏ ନ୍ କାଠିରେ ଦାନ୍ତ ଘଷେ । ------ (ଚୂଲି / କାଠ)

ପ.୨୫. ସୁରୁ ସୁରୁ ପତର୍ ଲାଖ୍ ଲାଖ୍ ବାଟି

ଇ ଦନ୍ଦାକେ ନ ଛିନ୍‌ଲେ ନାକ୍ କାଟା କୁଟି ------------ ଅଁଳା / ପତର୍

ଓ. ସରୁ ସରୁ ପତର୍ ଲକ୍ଷ ଲକ୍ଷ ବାଟି

ଏଇ ଢଗ ନ ଜାଣିଲେ ନାକ କଟାକୁଟି ------------------ ଅଁଳା

ପ.୨୬.ଜିଖ୍‌ଲେ ଜିଇସି ରଖ୍‌ଲେ ମର୍‌ସି ------------------ ପିକ୍‌କା / ଚୁଙ୍ଗା

ଓ. ଟାଣିଲେ ବଂଚେ ରଖିଲେ ମରେ----------------------ବିଡି ଫୁଙ୍କିବା

ପ.୨୮. ଚିଖନ୍ ହକ୍‌ଣାଇ ନିସିଲ୍ ଡାଙ୍ଗ୍

ହିଙ୍ଗିଦିଲ ଡିଙ୍ଗ୍ ଡାଙ୍ଗ୍------------------------- ଜୀବ୍ / ଦାତୁନ

ଓ. ଚିକ୍‌କଣ ପଥରରେ ଘଷିଲି ବାଡି

ଫିଙ୍ଗିଦେଲେ ଯିବ ସରି ------------------------ ଜିଭ / ଦାନ୍ତକାଠି

ପ.୨୯.ଦିଲେ ଆଚି ତକେ କାଇରି ଦେଖୁଲିସ୍ ମକେ ---------- ଜଟିଆ ଅଉଲେ

ଓ. ଦେଇଛି ତୋତେ ଓଲଟି ଦେଖ୍‌ନା ମୋତେ -------------- ଝୁଣ୍ଟିପଡିବା

ପ.୩୦.ଆବୋଲେ ଆସେବ ଯା ବୋଲେ ଯାଏଦେ -------------------କାହାଟ୍

ଓ. ଆ ବୋଲେ ଆସିବ ଯା ବୋଲେ ଯିବ--------------------- କବାଟ

ପ.୩୧.ହାତ୍‌ଥୀ ଖଢେ ମାନେକ୍ ସୋନା ------------------------------ ଜଏ

ଉ. ହାତୀ ପାଦରେ ମାଣେ ସୁନା ------------------------------ ନିଆଁ

ପ. ୩୨.ଇତି ଦଖ୍‌ଲେ ହାଇତି ନାଇଁ

ଏ ଟଙ୍କା ଦେଲେ ମିଡେ ନାଇଁ ------------------------------ ବିଜ୍‌ଲି

ଉ. ଏଠାରେ ଦେଖିଲେ ସେଠାରେ ନାହିଁ

ଶହେ ଟଙ୍କା ଦେଲେ ମିଳିବ ନାହିଁ------------------------------ ବିଜୁଳି

***


ପରଜା
ଲୋକ ସାହିତ୍ୟ